

ଚର୍ଚ୍ଚାରେ
ଚନ୍ଦୁ ଚାମ୍ପିଅନ୍
▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-2 •BHUBANESWAR •WEDNESDAY •26 JUNE 2024 •PAGE-16 •₹ 6.00

•ବର୍ଷ-୪୨ •ସଂଖ୍ୟା-୨ •ଭୁବନେଶ୍ୱର •ବୁଧବାର •୨୬ ଜୁନ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦




୪୮ ବର୍ଷ ପରେ ଲୋକସଭାରେ ହେବ ବାଚସ୍ପତି ନିର୍ବାଚନ


'ଇଣ୍ଡିଆ' ପ୍ରାର୍ଥୀ କେ. ସୁରେଶ ଓ ଏନ୍‌ଡିଏ ପ୍ରାର୍ଥୀ ଓମ୍ ବିର୍ଲାଙ୍କ ନାମାଙ୍କନ ଦାଖଲ

# ଏନ୍‌ଡିଏ-ଇଣ୍ଡିଆ ଶକ୍ତି ପରୀକ୍ଷା ଆଜି

■ **ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି):** ଲୋକସଭାରେ ଆଜି ହେବ ଶାସକ ଏନ୍‌ଡ଼ିଏ ଓ ବିରୋଧୀ ଇଣ୍ଡିଆର ଶକ୍ତି ପରୀକ୍ଷା। ନିର୍ବାଚନ ଫଳାଫଳ ପ୍ରକାଶ ପରେ ପ୍ରଥମଥର ପାଇଁ ସଂସଦରେ ମୁହାଁମୁହିଁ ହେବେ ଶାସକ-ବିରୋଧୀ। ସର୍ବସମ୍ମତ ବାଚସ୍ପତି ନିର୍ବାଚନ ପାଇଁ ଶାସକ ଦଳ ବିରୋଧୀଙ୍କୁ ମନାଇବାରେ ସକ୍ଷମ ନ ହେବାରୁ ଦେଶର ୭୫ ବର୍ଷର ଇତିହାସରେ ୪ର୍ଥ ଓ ୪୮ ବର୍ଷ ପରେ ପୁଣିଥରେ ବାଚସ୍ପତି ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ୧୯୫୨ ମସିହା, ୧୯୬୭ ମସିହା, ୧୯୭୬ ମସିହାରେ ଲୋକସଭାରେ ବିରୋଧୀ ବାଚସ୍ପତି ପ୍ରାର୍ଥୀ ଦେବାରୁ ନିର୍ବାଚନ ଅନିବାର୍ଯ୍ୟ ହୋଇଥିଲା, ଏବେ ୨୦୨୪ରେ ପୁନର୍ବାର ଇତିହାସର ପୁନରାବୃତ୍ତି ହୋଇଛି। ଶାସକ ଦଳ ପକ୍ଷରୁ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ୍ଗେଙ୍କୁ ଫୋନ୍ କରି ବାଚସ୍ପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଓମ୍ ବିର୍ଲାଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଖଡ୍‌ଗେ ଏନ୍‌ଡିଏ ବାଚସ୍ପତି ପ୍ରାର୍ଥୀଙ୍କୁ ସମର୍ଥନ ନିମନ୍ତେ ଉପବାଚସ୍ପତି ପଦ ଦାବି କରିଥିଲେ। ମାତ୍ର ଏହା ପରେ ଏନ୍‌ଡିଏ ପକ୍ଷରୁ କୌଣସି ଉତ୍ତର ମିଳି ନ ▶ପୃଷ୍ଠା-୯


**କେ. ସୁରେଶ**
କେରଳର ମାଭେଲିକାରା ଆସନରୁ ଲୋକସଭାକୁ ୮ଥର ନିର୍ବାଚିତ


**ଓମ୍ ବିର୍ଲା**
ପୂର୍ବତନ ବାଚସ୍ପତି। ରାଜସ୍ଥାନର କୋଟାରୁ ୩ ଥର ଲୋକସଭାକୁ ନିର୍ବାଚିତ

### ବିରୋଧୀଙ୍କୁ ଉପବାଚସ୍ପତି ପଦ ଛାଡ଼ିବାକୁ ଏନ୍‌ଡିଏ ନାରାଜ

### ସ୍ୱାଧୀନତାର ୭୫ ବର୍ଷ ଇତିହାସରେ ୪ର୍ଥ ବାଚସ୍ପତି ନିର୍ବାଚନ

## ରାହୁଲ ବିରୋଧୀ ଦଳ ନେତା



■ **ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି):** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଲୋକସଭାରେ ବିରୋଧୀ ଦଳ ନେତା ହେବେ। ମଙ୍ଗଳବାର ରାତିରେ ବସିଥିବା ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବୈଠକ ପରେ ଏହି ଘୋଷଣା କରାଯାଇଛି। ରାହୁଲଙ୍କ ନାମକୁ ପ୍ରୋଟେମ ସ୍ପିକର (କାମଚଳା ବାଚସ୍ପତି) ଭର୍ତ୍ତୃହରି ମହତାବଙ୍କ ପାଖକୁ ପଠାଇ ଦିଆଯାଇଛି ବୋଲି କଂଗ୍ରେସ ନେତା ▶ପୃଷ୍ଠା-୯

ରଥଯାତ୍ରା ନୀତିକାନ୍ତି, ବ୍ୟବସ୍ଥାବଳୀରେ ବାଜିଲା ମୋହର

# ନବଯୌବନ ଦର୍ଶନ ବନ୍ଦ

### ପହଣ୍ଡି ଦର୍ଶନରୁ ବି ବଞ୍ଚିତ ହେବେ ଶ୍ରଦ୍ଧାଳୁ

- ରଥଯାତ୍ରା ଦିନ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ମନା
- ନୀତିକାନ୍ତି ପାଇଁ ଆଗୁଆ ପ୍ରସ୍ତୁତ ରହିବେ ସେବାୟତ



■ **ପୁରୀ, ୨୫।୬ (ସମିସ):** ଏବର୍ଷ ବନ୍ଦ ରହିବ ନବଯୌବନ ଦର୍ଶନ। ଶ୍ରଦ୍ଧାଳୁମାନେ ବି ଏଥର ପହଣ୍ଡି ଦର୍ଶନରୁ ବଞ୍ଚିତ ହେବେ। ରଥଯାତ୍ରା ଦିନ କୌଣସି ଭକ୍ତ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିପାରିବେ ନାହିଁ। ଚଳିତବର୍ଷ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ପଡୁଛି। ତେଣୁ ଅଧିକ ନୀତିକାନ୍ତି ରହିଥିବାରୁ ଏଭଳି ନିଷ୍ପତ୍ତି ନେଇଛି ଶ୍ରୀମନ୍ଦିର ପରିଚାଳନା କମିଟି। ସେହିପରି ରଥଯାତ୍ରା ନୀତିକୁ ତ୍ୱରାନ୍ୱିତ କରିବା ପାଇଁ ସବୁବର୍ଗର ସେବାୟତଙ୍କୁ ଆଗୁଆ ପ୍ରସ୍ତୁତ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏଥିସହ ଛତିଶା ନିଯୋଗ ବୈଠକରେ ନିର୍ଘଣ୍ଟ ରଥଯାତ୍ରାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିକାନ୍ତିକୁ କମିଟି ଅନୁମୋଦନ କରିଥିବା ବେଳେ ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ବ୍ୟବସ୍ଥାବଳୀରେ ମଧ୍ୟ ମୋହର ମାରିଛି।

ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସ ପରିସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଚଳିତବର୍ଷ ଯେହେତୁ ଅଣସର ୧୩ଦିନିଆ ପକ୍ଷ ଏବଂ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ପଡ଼ିଛି; ତେଣୁ ଶୃଙ୍ଖଳିତ ନୀତିକାନ୍ତି ପାଇଁ ନିଆଯାଇଛି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ▶ପୃଷ୍ଠା-୯

# ୭୮,୦୦୦ ପଏଣ୍ଟ ଉପରେ ସେନ୍‌ସେକ୍ସ

**ଶେୟାର ବଜାରରେ ଉତ୍ସାହ**

■ **ମୁମ୍ବଇ, ୨୫।୬ (ଏଜେନ୍ସି):** ଟ୍ରାକ୍‌କୁ ଫେରିଛି ଘରୋଇ ପୁଞ୍ଜିବଜାର। ଏଥିଯୋଗୁ ବଜାର କାରବାରରେ ପ୍ରତିଷ୍ଠା ହୋଇଛି ନୂଆ ରେକର୍ଡ। ଭାରତର ଶେୟାର ବଜାରରେ ଦେଖା ଦେଇଛି ଉତ୍ସାହ। ସବୁ ପୁରୁଣା ରେକର୍ଡ ଭାଙ୍ଗି ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି ଘରୋଇ ଷ୍ଟକ୍ ବଜାର। ପ୍ରଥମ ଥର ପାଇଁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ସେନ୍‌ସେକ୍ସ ମଙ୍ଗଳବାର ୭୮,୦୦୦ ପଏଣ୍ଟ ସ୍ତର ଅତିକ୍ରମ କରିଛି। ମଙ୍ଗଳବାର କାରବାର ଶେଷ ବେଳକୁ ସେନସେକ୍ସରେ ୭୦୦ ପଏଣ୍ଟ ବୃଦ୍ଧି ଘଟି ୭୮,୦୫୩ ପଏଣ୍ଟର ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୧୮୩ ପଏଣ୍ଟ ବୃଦ୍ଧି ଘଟି ୨୩,୭୨୧ ପଏଣ୍ଟ ସ୍ତରରେ କାରବାର ଶେଷ କରିଛି। ଆଜିର କାରବାରରେ ବ୍ୟାଙ୍କ ନିଫ୍ଟିରେ ୯୦୦ ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଛି। ବ୍ୟାଙ୍କ ନିଫ୍ଟି ପ୍ରଥମ ଥର ପାଇଁ ୫୨,୦୦୦ ପଏଣ୍ଟ ସ୍ତର ପାର କରିଛି।

**ସୃଷ୍ଟି ହେଲା ଘୂର୍ଣ୍ଣିବଳୟ**

# ପାଞ୍ଚ ଦିନ ବର୍ଷିବ


■ **ଭୁବନେଶ୍ୱର, ୨୫।୬ (ସମିସ):** ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଏକ ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ଆଗାମୀ ୫ ଦିନ ଯାଏ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ପାଗ ଅନୁକୂଳ ହୋଇଛି। ଏହି ଦିନଗୁଡ଼ିକରେ ରାଜ୍ୟର କିଛି ସ୍ଥାନରେ ପ୍ରବଳ ଓ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରକୋପ ଅଧିକ ରହିବାକୁ ଥିବା ବେଳେ ୨୮ରେ ହିଁ ସର୍ବାଧିକ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ଆଲର୍ଟ ଜାରି କରିଛି। ୨୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଝାରସୁଗୁଡ଼ା, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ ଓ ବରଗଡ଼ରେ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହାଛଡ଼ା ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ଏହି ସମୟରେ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ 'ୟେଲୋ ଆଲର୍ଟ' ଜାରି କରିଛି। ଗୁରୁବାର ବର୍ଷାର ପ୍ରକୋପ ବଢ଼ିବା ସହ ଶୁକ୍ରବାର ସବୁଠୁ ଅଧିକ ପ୍ରଭାବ ରହିବ। ଘୂର୍ଣ୍ଣିବଳୟ ଯୋଗୁଁ ଗତ ୨୪ ଘଣ୍ଟାରେ ଜଗତସିଂହପୁରରେ ୪୯ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ନୟାଗଡ଼ରେ ୨୪, ଦାରିଙ୍ଗବାଡ଼ିରେ ୨୨ ଓ ଚାନ୍ଦବାଲିରେ ୨୨ ମିମି ବର୍ଷା ରେକର୍ଡ କରାଯାଇଛି।


ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

**ଚାପରେ କେନ୍ଦ୍ର**

# ଭାଙ୍ଗିବ କି 'ସ୍ୱତନ୍ତ୍ର' ନିରବତା !

- ଆନ୍ଧ୍ରକୁ ସ୍ୱତନ୍ତ୍ର ପାହ୍ୟା ଦେବାକୁ ଚନ୍ଦ୍ରବାବୁଙ୍କ ଦାବି
- ବିହାର ପାଇଁ ଲବି କରୁଛନ୍ତି ଜେଡିୟୁ ମୁଖ୍ୟ ନୀତୀଶ
- ଓଡ଼ିଶା ପାଇଁ ୧୦ବର୍ଷ ହେଲା ଦାବି କରୁଛନ୍ତି ନବୀନ
- ସ୍ୱତନ୍ତ୍ର ପାହ୍ୟା ଦାବି ପ୍ରସଙ୍ଗକୁ କଂଗ୍ରେସର ସମର୍ଥନ
- ୧୯୬୯ରୁ ପ୍ରଚଳିତ 'ସ୍ୱତନ୍ତ୍ର ରାଜ୍ୟ' ମାନ୍ୟତା
- ସତର୍କତାର ସହ ବିଚାର କରାଯାଉ: ରାଜୀବ କୁମାର





■ **ଭୁବନେଶ୍ୱର, ୨୫।୬ (ସମିସ):** ମେଣ୍ଟ ସହଯୋଗୀଙ୍କ 'ସ୍ୱତନ୍ତ୍ର' ଚାପ ଯୋଗୁଁ ଅଡୁଆରେ ପଡ଼ିଛନ୍ତି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର। କ୍ଷମତାସୀନ ଏନ୍‌ଡିଏର ଦୁଇ ସହଯୋଗୀ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଆନ୍ଧ୍ରକୁ ଓ ଜେଡିୟୁ ମୁଖ୍ୟ ନୀତୀଶ କୁମାର ବିହାରକୁ ସ୍ୱତନ୍ତ୍ର ପାହ୍ୟା ଦେବାକୁ ସରକାରଙ୍କ ଉପରେ ନିୟମିତ ଚାପ ପକାଉଛନ୍ତି। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଥିବାବେଳେ ଜେଡିୟୁ ଓ ଟିଡିପିର ଦାବିକୁ ସମର୍ଥନ ଜଣାଇଛି କଂଗ୍ରେସ। ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟରାମ ରମେଶ ବିହାର ଓ ଆନ୍ଧ୍ରକୁ 'ସ୍ୱତନ୍ତ୍ର' ପାହ୍ୟା ଦାବି ଯଥାର୍ଥ ବୋଲି ଉଲ୍ଲେଖ କରିଛନ୍ତି। ତେଣୁ ଚାପଗ୍ରସ୍ତ ଏନ୍‌ଡିଏ ସରକାର 'ସ୍ୱତନ୍ତ୍ର' ପ୍ରସଙ୍ଗରେ ନିରବତା ଭାଙ୍ଗିବ କି ବୋଲି ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ପ୍ରସଙ୍ଗରେ ଏକ ପ୍ରମୁଖ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ନିତି ଆୟୋଗର ପୂର୍ବତନ ଅଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ବିଭିନ୍ନ ରାଜ୍ୟର ଏକ ଦୀର୍ଘକାଳୀନ ଦାବି। ତେବେ ଏ ସମ୍ପର୍କରେ ନିଷ୍ପତ୍ତି ନେବା ସମୟରେ ବିଭିନ୍ନ ଦିଗ ଓ ସମ୍ପୃକ୍ତ ରାଜ୍ୟର ଆର୍ଥିକ ସ୍ଥିତିକୁ ଅତ୍ୟନ୍ତ ସତର୍କତାର ସହ ଅନୁଧ୍ୟାନ କରାଯିବାର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ତାହା ଆର୍ଥିକ ଅସମାନ୍ତର ସ୍ଥିତି ସହ ସରକାରଙ୍କ ଉପରେ ଅଧିକ ଅର୍ଥନୈତିକ ଚାପ ସୃଷ୍ଟି କରିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ପୂର୍ବରୁ ଏହି ପ୍ରସଙ୍ଗରେ ଓଡ଼ିଶା ମଧ୍ୟ ଦାବିଦାର ରହିଛି।

ପ୍ରାକୃତିକ ଦୁର୍ବିପାକର ଚିର ସହଚର ଓଡ଼ିଶା ପ୍ରତିବର୍ଷ ବନ୍ୟା, ବାତ୍ୟା, ମରୁଡ଼ି ଆଦି ବିପର୍ଯ୍ୟୟକୁ ସାମ୍ନା କରୁଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର କ୍ଷୟକ୍ଷତି ରାଜ୍ୟର ଆର୍ଥିକ ମେରୁଦଣ୍ଡ ଉପରେ ଆଘାତ ଦେଉଛି ଏବଂ ରାଜ୍ୟବାସୀ ମଧ୍ୟ ପ୍ରଭୁତ କ୍ଷତି ସହୁଛନ୍ତି। ଗତ ୨୫ ବର୍ଷ ମଧ୍ୟରେ ଓଡ଼ିଶା ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ସାମୁଦ୍ରିକ ଝଡ଼, ବନ୍ୟା, ମରୁଡ଼ିକୁ ସାମ୍ନା କରିଛି। ହାରାହାରି ଦେଖିଲେ ଓଡ଼ିଶା ପ୍ରତିବର୍ଷ କୌଣସି ନା କୌଣସି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏଣୁ ଓଡ଼ିଶାର ଦୀର୍ଘ ଦିନର ନାର୍ଯ୍ୟ ଦାବିକୁ ବିଚାରକୁ ନିଆଯାଇପାରେ ବୋଲି ରାଜନୈତିକ ବିଷାରଦମାନେ ମତବ୍ୟକ୍ତ କରିଛନ୍ତି।

ବିପର୍ଯ୍ୟୟ ଆଧାରରେ ଓଡ଼ିଶାକୁ 'ସ୍ୱତନ୍ତ୍ର' ରାଜ୍ୟ ମାନ୍ୟତା ଦେବାକୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତତ୍‌କାଳିନ ବିଜେଡି ସରକାର ବାରମ୍ବାର କେନ୍ଦ୍ର ନିକଟରେ ଦାବି କରି ଆସିଛନ୍ତି। କେନ୍ଦ୍ରରେ ୟୁପିଏ ସରକାର ସମୟରେ ରାଜ୍ୟ ବିଜେପି ନେତାମାନେ ମଧ୍ୟ ବିଜେଡି ସହିତ ସ୍ୱର ମିଳାଇଥିଲେ। ମାତ୍ର ଯେବେଠାରୁ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ▶ପୃଷ୍ଠା-୯




## ଆଜିର ଇତିହାସ

- ୧୪୯୮ - ଚୀନ୍‌ରେ ପ୍ରଥମ ଥର ପାଇଁ ଟୁଥ୍‌ବ୍ରସ୍ ତିଆରି କରାଗଲା ।
- ୧୮୩୮ -'ବନ୍ଦେ ମାତରମ୍'ର ରଚୟିତା ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀଙ୍କ ଜନ୍ମ ।
- ୧୯୧୯ - ଆମେରିକାରେ 'ନ୍ୟୁୟର୍କ ଡେଲି ନ୍ୟୁଜ୍'ର ପ୍ରକାଶନ ଆରମ୍ଭ ହେଲା ।
- ୧୯୮୨- ଏୟାର ଇଣ୍ଡିଆର ପ୍ରଥମ ବୋଇଂ ଗୌରୀଶଙ୍କର ମୁମ୍ବାଇରେ ଦୁର୍ଘଟଣାଗ୍ରସ୍ତ ।
- ୨୦୦୦- ବାଂଲାଦେଶକୁ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ୍ କାଉନ୍‌ସିଲ୍ ପୂର୍ଣ୍ଣ ସଦସ୍ୟତା ପ୍ରଦାନ କଲା ।
- ୨୦୦୪- ଫିଲ୍ମ ନିର୍ମାତା ଯଶ୍ ଜୋହରଙ୍କ ଦେହାନ୍ତ ।

# ଇନ୍ଦ୍ରଦେବଙ୍କୁ ପତ୍ର

ପ୍ରବଳ ଗରମରେ ସିଝୁଛି ସାରା ଦେଶ । ଅନେକ ରାଜ୍ୟରେ ପାରଦ ୪୦ ଡିଗ୍ରୀ ଉପରେ ରହିଛି । ଫଳରେ ଲୋକେ ଘରୁ ବାହାରିବା କଷ୍ଟକର ହୋଇ ପଡ଼ିଛି । ଉତ୍ତର ପ୍ରଦେଶ କାନପୁରରେ ମଧ୍ୟ ଭୀଷଣ ଗରମ ଅନୁଭୂତ ହେବାରେ ଲାଗିଛି । ପାଖାପାଖି ୫୦ ଦିନ ହେଲାଣି ଭୀଷଣ ଗରମ ଅନୁଭୂତ ହେବା ସହ ଏଠାରେ ତାପମାତ୍ରା ୪୫ ଡିଗ୍ରୀରେ ପହଞ୍ଚିଛି । ଯାହାର ଫଳସ୍ୱରୂପ ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ନିକଟରେ ବିଲହୋରର ଜନୈକ ଓକିଲ ଅତୁଲ ସାନୱାରେ ଅସହ୍ୟ ଗରମରୁ ମୁକ୍ତି ପାଇବା ପାଇଁ ଇନ୍ଦ୍ରଦେବଙ୍କୁ ଚିଠି ଲେଖିଛନ୍ତି । ଯାହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଅତୁଲଙ୍କ କହିବାନୁଯାୟୀ, ବିଗତ କିଛିଦିନ ହେଲାଣି କାନପୁରରେ ଭୀଷଣ ଗରମ ଅନୁଭୂତ ହେବାରେ ଲାଗିଛି । ଯେଉଁଥିପାଇଁ ସ୍ଥାନୀୟ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି । ତେଣୁ ସାଧାରଣ ଲୋକଙ୍କ ଦୁଃଖକୁ ଦେବରାଜ ଇନ୍ଦ୍ରଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ ଏହି ଚିଠି ଲେଖିଥିବା କଥା କହିଛନ୍ତି । ସେ ଏହି ପତ୍ର ମାଧ୍ୟମରେ ଇନ୍ଦ୍ରଦେବଙ୍କୁ ମୁଷଳ ଧାରାରେ ବର୍ଷା କରିବାପାଇଁ ନିବେଦନ କରିଛନ୍ତି ।

ଅତୁଲ ଏହି ଚିଠିରେ ଲେଖିଛନ୍ତି- 'ଆଶା କରୁଛି ଆପଣ କୁଶଳରେ ଥିବେ, ମୁଁ ମଧ୍ୟ ଏଠାରେ ଭଲରେ ଅଛି । ଆପଣଙ୍କ ଆଶୀର୍ବାଦ ପୃଥିବୀପୃଷ୍ଠରେ ଥିବା ସମସ୍ତ ପ୍ରାଣୀଙ୍କ ଉପରେ ରହିଛି । କିନ୍ତୁ ଜୁନ୍ ମାସର ଅସହ୍ୟ ତାତି ଲୋକଙ୍କୁ ବ୍ୟତିବ୍ୟସ୍ତ କରିପକାଇଲାଣି । ଅସହ୍ୟ ତାତିରେ ଅନେକ ଲୋକଙ୍କର ମୃତ୍ୟୁ ହେଲାଣି । ତେଣୁ ଲୋକଙ୍କୁ ଏଥିରୁ ରକ୍ଷା କରିବା ପାଇଁ ବର୍ଷା ହେବା ନିହାତି ଆବଶ୍ୟକ । ଯଦ୍ୱାରା ମାନବ ଜାତିର ରକ୍ଷା ହୋଇପାରିବ । ଦୟାକରି ପ୍ରଭୁ,ଆପଣ ପବନଦେବଙ୍କୁ ଅଧିକ ଜୋରରେ ପବନ ବହିବାକୁ ଆଦେଶ ଦିଅନ୍ତୁ । ଆପଣଙ୍କୁ ଅନୁରୋଧ, ମୁଷଳ ଧାରାରେ ବର୍ଷା କରାନ୍ତୁ । ଏହାଦ୍ୱାରା ମାନବ ଜାତିର କଲ୍ୟାଣ ହେବ । ଆଉ ଏକ ବିଶେଷ ଅନୁରୋଧ, କୁଆପଥର ବୃଷ୍ଟି ନ କରି କେବଳ ବର୍ଷା କରାନ୍ତୁ ।' ଏହି ଚିଠି ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଅନେକ ଏଥିରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି- 'ଏଭଳି ଗରମରୁ କେବଳ ଇନ୍ଦ୍ରଦେବ ହିଁ ରକ୍ଷା କରିପାରିବେ ।'







# କାର୍ତ୍ତିକ୍‌ଙ୍କ ପ୍ରଶଂସାରେ ଶତମୁଖ ଭିକି-କ୍ୟାଟ୍ରିନା

ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟ୍ୟନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଚନ୍ଦୁ ଚାମ୍ପିୟନ୍' ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି । ବଲିଉଡ୍ ସେଲିବ୍ରିଟିମାନେ ମଧ୍ୟ ଫିଲ୍ମରେ କାର୍ତ୍ତିକ୍‌ଙ୍କ ଅଭିନୟର ପ୍ରଶଂସା କରୁଛନ୍ତି । ନିକଟରେ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଫିଲ୍ମର ପ୍ରଶଂସା କରିଥିଲେ । ସେ ଇନ୍‌ଷ୍ଟାଗ୍ରାମ୍‌ରେ ଫିଲ୍ମର ପ୍ରଶଂସା କରି ଲେଖିଥିଲେ ଯେ, 'କବିର୍ ମୋତେ ଫିଲ୍ମଟି ପସନ୍ଦ ଆସିଛି । ଆପଣ ଜଣେ ଭଲ କାହାଣୀକାର । ଆପଣ ଏଭଳି ଏକ ପ୍ରେରଣାଦାୟକ କାହାଣୀକୁ ଜୀବନ୍ତ କରିଦେଲେ । ମୁଁ ଏହି ଫିଲ୍ମ ଦେଖି ଭାବପ୍ରବଣ ହୋଇଗଲି । କାର୍ତ୍ତିକ୍ ଓ ଅନ୍ୟ କଳାକାରମାନେ ବହୁତ ଭଲ ଅଭିନୟ କରିଛନ୍ତି ।'

ଆଉ ଏବେ କ୍ୟାଟ୍ରିନାଙ୍କ ସ୍ୱାମୀ ତଥା ଅଭିନେତା ଭିକି କୌଶଲଙ୍କୁ ମଧ୍ୟ 'ଚନ୍ଦୁ ଚାମ୍ପିୟନ୍' ଫିଲ୍ମ ବେଶ୍ ପସନ୍ଦ ଆସିଛି । ଭିକି ଇନ୍‌ଷ୍ଟାଗ୍ରାମ୍‌ରେ ଫିଲ୍ମର ପୋଷ୍ଟର୍ ସେୟାର୍ କରି ଲେଖିଛନ୍ତି- 'ଫିଲ୍ମ ଦେଖି ବହୁତ ମଜା ଲାଗିଲା । କବିର୍ ସାର୍ ବେଶ୍ ସୁନ୍ଦର କାହାଣୀ ନେଇ ଆସିଛନ୍ତି । ଏହି ଫିଲ୍ମ ମନୋରଞ୍ଜନ ସହ ଲୋକଙ୍କୁ ପ୍ରେରଣା ଯୋଗାଇବ । କାର୍ତ୍ତିକ୍ ଜବରଦସ୍ତ ଅଭିନୟ କରିଛନ୍ତି । ଏଭଳି ଚମକୁଥାଅ ଭାଇ । ସଚ୍ଚା ଚାମ୍ପିୟନ୍, ମୁରଲୀକାନ୍ତ ସାର୍‌ଙ୍କୁ ସଲାମ୍ ।'

କବୀର ଖାନ ନିର୍ଦ୍ଦେଶିତ ହିନ୍ଦୀ ଚଳଚ୍ଚିତ୍ର 'ଚନ୍ଦୁ ଚାମ୍ପିୟନ' ଏକ ଭିନ୍ନ ବିଷୟବସ୍ତୁକୁ ନେଇ ନିର୍ମାଣ ହୋଇଥିବା ବେଳେ ଏହି ଚଳଚ୍ଚିତ୍ରରେ ପହିଲିମାନ ମୁରଲୀକାନ୍ତ ପେଟକରଙ୍କ ସଂଘର୍ଷ ଓ ଇଚ୍ଛାଶକ୍ତିର ବିସ୍ତୃତ ଯାତ୍ରାକୁ ସୁନ୍ଦର ଭାବେ ପରିବେଷଣ କରାଯାଇଛି । ମୁରଲୀକାନ୍ତ ହେଉଛନ୍ତି ଭାରତର ପ୍ରଥମ ପାରାଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା । ସେ ୫୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି ।

# ମାଲିକ ମାଗନ୍ତି କର୍ମଚାରୀଙ୍କୁ ବ୍ୟାଟେରିର ସ୍କ୍ରିନ୍‌ସଟ୍



ଆଜିକାଲି ସ୍ମାର୍ଟଫୋନ୍ ବିନା କୌଣସି କାମ କରିବା ସମ୍ଭବ ନୁହେଁ । ସେହିପରି ଅଫିସ୍‌ରେ ସ୍ମାର୍ଟଫୋନ୍ ବ୍ୟବହାର କରିବା କର୍ମଚାରୀଙ୍କ ପାଇଁ ସାଧାରଣ କଥା । ଅବଶ୍ୟ କିଛି କର୍ମଚାରୀ କାମ ନ କରି ଫୋନ୍‌ରେ ସମୟ ଅତିବାହିତ କରନ୍ତି । ଅନ୍ୟପଟେ କର୍ମଚାରୀମାନେ କାମ କରୁଛନ୍ତି ନା ଫୋନ୍‌ରେ ଅଧିକ ସମୟ ଅତିବାହିତ କରୁଛନ୍ତି, ସେ କଥା ଜାଣିବା ପାଇଁ ଜଣେ ମାଲିକ ଭିନ୍ନ ଏକ ଉପାୟ ଅପଣାଇଛନ୍ତି । ଚୀନ୍, ଉହାନର ଏକ କମ୍ପାନିର ମାଲିକ କର୍ମଚାରୀଙ୍କୁ ଅଫିସ୍‌ରୁ ଘରକୁ ଫେରିବା ବେଳେ ଫୋନ୍ ବ୍ୟାଟେରିର ସ୍କ୍ରିନ୍‌ସଟ୍ ମାଗିଥାନ୍ତି । ମାଲିକଙ୍କର ଏଭଳି ଆଚରଣରେ ସମସ୍ତେ ବିସ୍ମିତ ହୋଇଛନ୍ତି । ସେ ପ୍ରତ୍ୟେକ ଦିନ କର୍ମଚାରୀଙ୍କୁ ଘରକୁ ଫେରିବା ବେଳେ ବ୍ୟାଟେରିର ସ୍କ୍ରିନ୍‌ସଟ୍ ମାଗିଥାନ୍ତି । କାରଣ ବ୍ୟାଟେରି କେତେ ପରିମାଣରେ ଖର୍ଚ୍ଚ ହୋଇଛି, ତାହାକୁ ସେ ଅନୁଧ୍ୟାନ କରନ୍ତି । କେବଳ ସେତିକି ନୁହେଁ, ବ୍ୟାଟେରିକୁ ଦେଖି କର୍ମଚାରୀ ଜଣକ ପ୍ରଡକ୍ଟିଭିଟି କି ନୁହେଁ, ସେକଥା ମଧ୍ୟ ନିର୍ଦ୍ଧାରଣ କରନ୍ତି । ସେ ବ୍ୟାଟେରି ଖର୍ଚ୍ଚକୁ ଦେଖି କର୍ମଚାରୀ କାମ ନ କରି ଫୋନ୍‌ରେ ବ୍ୟସ୍ତ ଥିବେ ବୋଲି ଭାବନ୍ତି । ମାଲିକ ଜଣକ ଏହି ଉପାୟକୁ 'ପ୍ରଡକ୍ଟିଭିଟି ଏନ୍‌ହାନ୍‌ସିଂ ମେଥଡ୍' ବୋଲି କହିଛନ୍ତି । ଏହି ଉପାୟରେ କର୍ମଚାରୀଙ୍କୁ ଫୋନ୍ ସେଟିଂରେ ବ୍ୟାଟେରି ବ୍ୟବହାର ଗ୍ରାଫ୍‌ର ସ୍କ୍ରିନ୍‌ସଟ୍ ମାଲିକଙ୍କୁ ପଠାଇବାକୁ ପଡ଼ିଥାଏ । ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ସମ୍ପୃକ୍ତ ମାଲିକଙ୍କର ଲୋକେ ଖୁବ୍ ସମାଲୋଚନା କରିଛନ୍ତି ।

# ଭିନ୍ନ ଜଣେ ମଧ୍ୟସ୍ଥି

ଶାଦିରାମ ବିହାର ସହ ଅନ୍ୟ ରାଜ୍ୟଗୁଡ଼ିକରେ ବିବାହ କାର୍ଯ୍ୟ କରାଉଛନ୍ତି ।

ପୂର୍ବରୁ ବିବାହ ପାଇଁ ମଧ୍ୟସ୍ଥି ଖୋଜା ହେଉଥିଲା । ମଧ୍ୟସ୍ଥିମାନେ ଉଭୟ ବର ଓ କନିଆ ପକ୍ଷକୁ ପ୍ରସ୍ତାବ ଦେଇ ବିବାହ କରାଉଥିଲେ । ଅବଶ୍ୟ ପ୍ରତିବଦଳରେ ସେମାନଙ୍କୁ ପାରିଶ୍ରମିକ ବାବଦରେ କିଛି ଅର୍ଥ ମିଳୁଥିଲା । ଏବେ କିନ୍ତୁ ମଧ୍ୟସ୍ଥିଙ୍କ ସ୍ଥାନ ନେଇଛି ମ୍ୟାଟ୍ରିମୋନିଆଲ ସାଇଟ୍ । ଯେଉଁଠି ଅନ୍‌ଲାଇନ୍‌ରେ ଖୋଜାଚାଲିଛି ବର କନିଆ । ଏହି କ୍ରମରେ ବିହାର, ମଧୁବନୀର ନବୀନ ଝା ବର୍ତ୍ତମାନ ସୁଦ୍ଧା ପ୍ରାୟ ନଅ ଶହରୁ ଊର୍ଦ୍ଧ୍ୱ ବିବାହ କରାଇ ଚର୍ଚ୍ଚାରେ ରହିଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ 'ଶାଦିରାମ' ନାଁରେ ଜାଣନ୍ତି । ତେବେ ଶାଦିରାମଙ୍କ ସମ୍ପର୍କରେ ସବୁଠୁ ଖାସ୍ କଥା ହେଉଛି ସେ କରୁଥିବା ବିବାହଗୁଡ଼ିକରେ ଯୌତୁକ ଦିଆନିଆ ହୁଏ ନାହିଁ । ବିବାହ କରାଇବା ଶାଦିରାମଙ୍କର ଏକ ସଉକ । ସେ ଏହି ଘଟସୂତ୍ର କାର୍ଯ୍ୟ ୧୯୮୮ ମସିହାରୁ କରି ଆସୁଛନ୍ତି । ୧୯୯୨ ମସିହାରେ ସେ ଏସ୍‌ଏସ୍‌ସି କ୍ୱାଲିଫାଏ କରିଥିବା ସତ୍ତ୍ୱେ ବି ନିଜ ସଉକ ପୂରା କରିବାକୁ ଚାକିରି ବଦଳରେ ବିବାହ କରାଇବା କାର୍ଯ୍ୟକୁ ଚୟନ କରିଥିଲେ । ଯାହାକି ଏଯାବତ୍ ସେ କରିଆସୁଛନ୍ତି । ସେ କରିଥିବା ବିବାହଗୁଡ଼ିକ ସଫଳ ହୋଇଛି ।

ବାହାଘର ସିଜିନ୍‌ଗୁଡ଼ିକରେ ସେ ଗୋଟିଏ ଦିନରେ ଏକାଧିକ ବିବାହରେ ଯୋଗ ଦିଅନ୍ତି । ଶାଦିରାମଙ୍କ ପାଖରେ ଭିଜିଟିଂ କାର୍ଡ ରହିଛି । ଯେଉଁଥିରେ ବର ଓ କନିଆପକ୍ଷ ଲୋକେ ତାଙ୍କୁ ଯୋଗାଯୋଗ କରିପାରିବେ । ଏଯାବତ୍ ସେ ୯୧୪ରୁ ଅଧିକ ବିବାହ କରାଇଛନ୍ତି । ତେବେ ଭବିଷ୍ୟତରେ ସେ ୨୧୨୧ଟି ବିବାହ କରାଇବା ଲକ୍ଷ୍ୟ ରଖିଛନ୍ତି । ଯେଉଁମାନେ ବର ବା କନିଆ ଖୋଜିବାରେ ଅସଫଳ ହୋଇଥାନ୍ତି, ସେମାନେ ଶାଦିରାମଙ୍କ ପାଖରେ ପହଞ୍ଚିଲେ ୩୫ ଦିନରୁ ୧୦୫ ଦିନ ମଧ୍ୟରେ ସେ ବିବାହ କରାଇ ଦିଅନ୍ତି । ବର ଓ କନିଆ ପକ୍ଷର ଚାହିଦା ଅନୁସାରେ ସେ ପାତ୍ରପାତ୍ରୀ ଯୋଗାଡ଼ କରିଥାନ୍ତି । ତେବେ ଏଥିପାଇଁ ସେ କାହାରି ଠାରୁ କିଛି ଦାବି କରନ୍ତି ନାହିଁ । ଯିଏ ସ୍ୱଇଚ୍ଛାରେ ତାଙ୍କୁ ଯେତିକି ଦିଏ ସେ ତାକୁ ସାଦରେ ଗ୍ରହଣ କରନ୍ତି । ସେହିଭଳି ଗରିବ ଶ୍ରେଣୀର ଲୋକଙ୍କର ବିବାହ କାର୍ଯ୍ୟ ସେ ନିଜେ ତୁଲାଇଥାନ୍ତି । ଏବେ ସୁଦ୍ଧା ସେ ନିଜେ ୧୪ଟି ବାହାଘର ନିଜ ଖର୍ଚ୍ଚରେ କରାଇଛନ୍ତି ।



# ପୂଜା ପାଇଁ ନିୟମ

**କୁହାଯାଏ, ପୂଜାର୍ଚ୍ଚନାରେ ବହୁତ ଶକ୍ତି ରହିଛି । ମଣିଷ ଜୀବନରେ ଦୁଃଖ ଓ କଷ୍ଟ ଭଗବାନଙ୍କ ଆରାଧନା ଦ୍ୱାରା ଦୂର ହୁଏ । ତେବେ ଅନେକ ସମୟରେ ମଣିଷ ପୂଜାର୍ଚ୍ଚନା କରିବା ପରେ ବି ସମସ୍ୟାରୁ ମୁକ୍ତି ମିଳି ନ ଥାଏ । ତେଣୁ ପୂଜାର୍ଚ୍ଚନା କରିବା ସମୟରେ ଏହାର ନିୟମଗୁଡ଼ିକୁ ନିହାତି ପାଳନ କରିବା ଉଚିତ ।**



- ପୂଜା କରିବା ସମୟରେ ସବୁବେଳେ ଭକ୍ତିଭାବ ଓ ନିଷ୍କପଟ ମନ ନେଇ ପୂଜା କରିବା ଉଚିତ ।
- ପୂଜା ପାଇଁ ସଠିକ୍ ସ୍ଥାନ ଓ ଦିଗ ଉପରେ ଗୁରୁତ୍ୱ ଦେବା ଜରୁରୀ । ପୂଜାସ୍ଥାନ ସବୁବେଳେ ଇଶାଣ କୋଣରେ ହେବା ଆବଶ୍ୟକ । ପୂଜା କରୁଥିବା ସମୟରେ ମୁହଁ ପୂର୍ବ ଦିଗକୁ ରହିବା ଦରକାର ।
- ଭଗବାନଙ୍କ ପୂଜା ସମୟରେ ପଞ୍ଚଦେବ (ସୂର୍ଯ୍ୟ,ଶ୍ରୀଗଣେଶ, ଦେବୀ ଦୁର୍ଗା, ଭଗବାନ ଶଙ୍କର ଏବଂ ଭଗବାନ ବିଷ୍ଣୁଙ୍କୁ ) ଧ୍ୟାନ କରିବା ଆବଶ୍ୟକ ।
- ସବୁବେଳେ ପୂଜା କରିବା ପୂର୍ବରୁ ସ୍ନାନ ସାରି, ସଫା ପୋଷାକ ପିନ୍ଧିବା ଆବଶ୍ୟକ । ଏହାସହିତ ଭଗବାନଙ୍କ ପୂଜା ପବିତ୍ର ମନରେ କରିବା ଦରକାର ।
- ସବୁବେଳେ ଆସନ ଉପରେ ପୂଜାପାଠ କରନ୍ତୁ । କେତେବେଳେ ବି ଜମି ଉପରେ ବସି ପୂଜାପାଠ କରନ୍ତୁ ନାହିଁ ।
- ପୂଜାପାଠ କରିବା ସମୟରେ ଦେବୀ ଦେବତାଙ୍କ ପାଇଁ ଉଦ୍ଦିଷ୍ଟ ମନ୍ତ୍ର ଉଚ୍ଚାରଣ କରନ୍ତୁ ।
- ସକାଳେ ଓ ସଂଧ୍ୟାବେଳେ ପୂଜା କରିବା ସମୟରେ ଆଳତି କରନ୍ତୁ । ସବୁବେଳେ ଠିଆ ହୋଇ ଆଳତି କରନ୍ତୁ ।
- ପୂଜା ସରିବା ପରେ ହୋଇଥିବା ଭୁଲ୍ ପାଇଁ କ୍ଷମା ଯାଚନା କରିବା ଜରୁରି ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜକୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ବିଶେଷ କାର୍ଯ୍ୟରୁ ଲାଭ ମିଳିବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

**ପରିଚାଳନା କମିଟିର ନିଷ୍ପତ୍ତି**

# ‘ଡିଜିଟାଇଜେସନ୍’ ହେବ ଶ୍ରୀମନ୍ଦିର ରେକର୍ଡପତ୍ର

**ପୁରୀ,୨୫।୬(ସମିସ):** ଶ୍ରୀମନ୍ଦିରର ସମସ୍ତ ପୁରୁଣା ରେକର୍ଡପତ୍ରର ହେବ ଡିଜିଟାଇଜେସନ୍। କୌଣସି ରେକର୍ଡ ଦରକାର ପଡ଼ିଲେ ଆଉ ଅଣ୍ଡାଳିବାକୁ ହେବନି ଫାଇଲ କି ର୍ୟାକ୍। ଗୋଟିଏ କ୍ଲିକରେ ମିଳିଯିବ ସମସ୍ତ ତଥ୍ୟ। ମଙ୍ଗଳବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

କୌଣସି ସମୟରେ ହଠାତ୍ ଶ୍ରୀମନ୍ଦିରର କିଛି ରେକର୍ଡପତ୍ର ଦରକାର ପଡ଼ିଲେ, ସଙ୍ଗେସଙ୍ଗେ ମିଳିବା କଷ୍ଟକର ହୋଇପଡୁଛି। ଗଦାଗଦା ଫାଇଲ ଭିତରୁ କିଛି ରେକର୍ଡ ବି କାଢ଼ିବାକୁ ପଡୁଛି। ଫଳରେ ଏହା ସମୟସାପେକ୍ଷ ହେଉଛି। ବର୍ତ୍ତମାନ ଡିଜିଟାଲ ଯୁଗ। ତେଣୁ ଗଦାଗଦା ଫାଇଲ ଖେଳାଇବା ଅପେକ୍ଷା ଡିଜିଟାଇଜେସନ୍ କରିଦେଲେ ସଙ୍ଗେସଙ୍ଗେ ସବୁ ରେକର୍ଡପତ୍ର ମିଳିଯିବ। ଏହାବ୍ୟତୀତ ରେକର୍ଡପତ୍ର ବି ସୁରକ୍ଷିତ ରହିବ।



ପରିଚାଳନା କମିଟି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ମହାପ୍ରଭୁଙ୍କର ବିଭିନ୍ନ ନୀତିକାନ୍ତି, ନବକଳେବର, ବ୍ରହ୍ମ ପରିବର୍ତ୍ତନ, ବନକଲାଗି ଏମିତି ଅନେକକୁ ଡିଜିଟାଇଜେସନ୍ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଅର୍ଥାତ୍ କୌଣସି ନୀତିକାନ୍ତି ହେଉ ବା ଅନ୍ୟ କିଛିର ମୁଖ୍ୟାଂଶ ଖୋଜିଲେ ସେ ବିଷୟରେ ସମସ୍ତ ତଥ୍ୟ ସଙ୍ଗେସଙ୍ଗେ ମିଳିଯିବ। ବର୍ତ୍ତମାନ ଶ୍ରୀମନ୍ଦିର ଜମିଜମାର ଡିଜିଟାଇଜେସନ୍ ଚାଲିଛି। ତା’ ସହିତ ମନ୍ଦିରର ଅନ୍ୟାନ୍ୟ ପୁରୁଣା ରେକର୍ଡପତ୍ରର ଡିଜିଟାଇଜେସନ୍ କରାଯିବାକୁ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିବା କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ।

**ବଦଳିଛି ସରକାର**

# ପୁରୀ ବିକାଶରେ ଲାଗିଯିବ କି ବ୍ରେକ୍?

**ପୁରୀ, ୨୫।୬(ସମିସ):** ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ପରିକଳ୍ପନା କରିଥିଲେ ବିଜେଡି ସରକାର। କେବଳ ପରିକଳ୍ପନା କରିନଥିଲେ, ବରଂ ଏହାକୁ ବାସ୍ତବତାର ରୂପ ଦେବା ପାଇଁ ହାତଖୋଲା ଅନୁଦାନ ମଞ୍ଜୁର ସହ କାମ ମଧ୍ୟ ଆରମ୍ଭ କରିଥିଲେ। ଫଳସ୍ୱରୂପ ଆଜି ଅନେକ ମେଗା ପ୍ରକଳ୍ପ ପୁରୀ ମାଟିରେ ଛିଡ଼ା ହୋଇଥିବା ବେଳେ ଆଉ କେତେକର କାମ ଚାଲୁଥିଲା ଏବଂ ଆଗକୁ ମଧ୍ୟ ଅନେକ ପ୍ରକଳ୍ପ ଆରମ୍ଭ ହେବା ଲାଗି ନକ୍ସା ପ୍ରସ୍ତୁତ ସରିଥିଲା। ହେଲେ ଇତିମଧ୍ୟରେ ରାଜ୍ୟରେ ବଦଳି ଯାଇଛି ସରକାର। କ୍ଷମତାକୁ ଆସିଛି ବିଜେପି। ଆଉ ଏହାରି ଭିତରେ ଅନେକ କିଛି ପରିବର୍ତ୍ତନ ହେବାରେ ଲାଗିଛି। ସରକାର ବଦଳିଯିବା ପରେ ଶ୍ରୀକ୍ଷେତ୍ରର ବିକାଶକୁ ନେଇ ପୁରୀବାସୀଙ୍କ ମନରେ ଉଠୁଛି ପ୍ରଶ୍ନ। ବିଜେଡି ସରକାର ପୁରୀ ବିକାଶକୁ ନେଇ ଯେଉଁ ନକ୍ସା ଆଙ୍କି ଏହାକୁ ଆଗେଇ ନେଉଥିଲେ, ନୂଆ ସରକାର ସେହି ଧାରାକୁ ଆପଣାଇବେ ନା ବିକାଶରେ ବ୍ରେକ୍ ଲାଗିଯିବ; ତାକୁ ନେଇ ଦ୍ୱନ୍ଦ୍ୱରେ ଶ୍ରୀକ୍ଷେତ୍ରବାସୀ।

କିଛି ବର୍ଷ ପଛକୁ ଫେରିଗଲେ, ପୁରୀ ସହରର ରୂପରେଖରେ ଆସିଛି ବ୍ୟାପକ ପରିବର୍ତ୍ତନ। ୨୦୧୭-୧୮ ବର୍ଷରେ ତତ୍କାଳୀନ ରାଜ୍ୟ ଆରମ୍ଭ କରିଥିଲେ ‘ଅବଢ଼ା’ ଯୋଜନା। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା, ଐତିହ୍ୟ ସହର ପୁରୀର ବିକାଶ। ଫନି ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ପୁରୀ ସହରକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ଘୋଷଣା କରିଥିଲେ ବିଜେଡି ସରକାର। ଏହାକୁ ବାସ୍ତବତାର ରୂପ ଦେବା ଲାଗି ଅବଢ଼ା ଯୋଜନାରେ ପ୍ରାୟ ୨୨ଟି ପ୍ରକଳ୍ପକୁ ସାମିଲ କରିଥିଲେ। ଯେଉଁଥିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଶ୍ରୀ ସେତୁ, ମୂଷାନଦୀର ପୁନରୁଦ୍ଧାର, ବହୁତଳ ପାର୍କିଂ, ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ରଘୁନନ୍ଦନ ପାଠାଗାର, ଅଠରନଳା ଐତିହ୍ୟର ଉନ୍ନତୀକରଣ, ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ, ଯାତ୍ରୀକା ବହୁତଳ କାର୍ ପାର୍କିଂ, ବିଭିନ୍ନ ମଠର ଉନ୍ନତି ପ୍ରକଳ୍ପ ସାମିଲ କରାଯାଇଛି। ଏଥିମଧ୍ୟରୁ କେତେକ ପୂର୍ଣ୍ଣାଙ୍ଗ ରୂପ ନେଇଥିବା ବେଳେ ଆଉ କେତେକର କାମ ବାକି ରହିଛି। ତେବେ ଗମନାଗମନ କ୍ଷେତ୍ରରେ ପୁରୀ ପାଇଁ ବିଜେଡି ସରକାର ଦୁଇଟି ମେଗା ପ୍ରକଳ୍ପ ପରିକଳ୍ପନା କରିଥିଲେ। ଏହି ଦୁଇ ପ୍ରକଳ୍ପ ହେଉଛି, ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଭୁବନେଶ୍ୱର-ପୁରୀ ମଧ୍ୟରେ ଏକ୍ସପ୍ରେସ୍ ହାଇୱେ ନିର୍ମାଣ।

**■ ଆଗେଇବ ତ ପୁରୀ ବିମାନବନ୍ଦର କାମ**

**■ ଭୁବନେଶ୍ୱର-ପୁରୀ ଏକ୍ସପ୍ରେସ୍ ହାଇୱେର ଭାଗ୍ୟକୁ ନେଇ ଆଶଙ୍କା**

ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ବିଜେଡି ସରକାର ଉଦ୍ୟମ ଆରମ୍ଭ କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ପୁରୀରେ ବିମାନବନ୍ଦରର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଏଥିପାଇଁ ମୋଟ ୧, ୧୬୪.୮୩୬ ଏକର ଜମିର ଆବଶ୍ୟକତା ରହିଛି। ଏହି ଜମି ବ୍ରହ୍ମଗିରି ତହସିଲର ଗୋରୁଆଳ ପଞ୍ଚାୟତ ଅଧୀନ ସୁପସରୁବାଲି ଏବଂ ଷଣ୍ଢପୁର ମୌଜାରୁ ଅଧିଗ୍ରହଣ କରାଯାଇଛି। ଅଧିକୃତ ଜମିରେ ୯୪୩.୪୫୬ ଏକର ସରକାରୀ ଏବଂ ୨୨୧.୪୮ ଏକର ବେସରକାରୀ ଜମି ରହିଛି। ତେବେ ପୁରୀରେ ବିମାନବନ୍ଦର ପାଇଁ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟର ସବୁଜ ସଙ୍କେତ ପରେ ଜିଲ୍ଲା ପ୍ରଶାସନ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହି ଜମିକୁ ମଧ୍ୟ ପାଚେରୀ ଘେରାଇ ଦିଆଯାଇଛି। କିନ୍ତୁ ସରକାର ପରିବର୍ତ୍ତନ ପରେ ବିମାନବନ୍ଦରର ଭାଗ୍ୟ କ’ଣ ହେବ, ତାହା ଏବେ ଅସ୍ପଷ୍ଟ ରହିଛି।

ସେହିପରି ରାଜ୍ୟରେ ପ୍ରଥମଥର ପାଇଁ ଦୁଇ ବିମାନବନ୍ଦର (ବିଜୁ ପଟ୍ଟନାୟକ ବିମାନବନ୍ଦର ଏବଂ ପୁରୀରେ ପ୍ରସ୍ତାବିତ ବିମାନବନ୍ଦରକୁ)କୁ ସଂଯୋଗ କରିବା ପାଇଁ ଏକ୍ସପ୍ରେସ୍-ୱେ ନିର୍ମାଣ କରାଯିବା ଲାଗି ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ ବିଜେଡି ସରକାର। ସମ୍ପ୍ରତି ଭୁବନେଶ୍ୱର-ପୁରୀ ମଧ୍ୟରେ ୩୧୬ ନଂ. ଜାତୀୟ ରାଜପଥ ଏକମାତ୍ର ସଡ଼କପଥ ଭାବେ କାର୍ଯ୍ୟ କରୁଛି। ପ୍ରତିବର୍ଷ ପୁରୀକୁ ଆଗନ୍ତୁକଙ୍କ ସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀରେ ଏହି ରାଜପଥରେ ଗତିରୋଧ ହେଉଛି। ଦୁଇ ସହର ମଧ୍ୟରେ ଯାଇଥିବା ଜାତୀୟ ରାଜପଥରେ ଅନେକ ଜନବସତି, ବଜାର, ହାଟ ଆଦି ରହିଛି। ସେହିପରି ରଥଯାତ୍ରା ଏବଂ ଅନ୍ୟ ସମୟରେ ରାସ୍ତାରେ ଅହେତୁକ ଭିଡ଼ ପରିଲକ୍ଷିତ ହେଉଥିବାରୁ ଏକ୍ସପ୍ରେସ୍-ୱେ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ଫଳରେ ଭୁବନେଶ୍ୱର-ପୁରୀ ମଧ୍ୟରେ ଦୂରତା ୬୬ କିମିରୁ ୫୭ କିମିକୁ ହ୍ରାସ ପାଇବ। ଏହି ଏକ୍ସପ୍ରେସ୍ ୱେ’ରେ ଗାଡ଼ି ଘଣ୍ଟା ପ୍ରତି ୧୨୦ କିମି ବେଗରେ ଧାଇଁବ। ଫଳରେ ଯାତ୍ରା ସମୟ ୧ ଘଣ୍ଟା ୩୦ ମିନିଟ୍‌କୁ ହ୍ରାସ ପାଇବ। ପ୍ରକଳ୍ପ ପାଇଁ ୩, ୬୦୦ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା ବେଳେ ଏଥିରୁ ଜମି ଅଧିଗ୍ରହଣ ପାଇଁ ୧, ୦୧୦ କୋଟି ଟଙ୍କା ବ୍ୟୟ କରାଯିବ।



ଏକ୍ସପ୍ରେସ୍-ୱେ ନିର୍ମାଣ ପାଇଁ ୧୨୭୩ ଏକର ଜମି ଅଧିଗ୍ରହଣ ଆବଶ୍ୟକ ପଡ଼ିବ। ଭବିଷ୍ୟତରେ ଏହା ମେଟ୍ରୋ ରେଲ୍ ସିଷ୍ଟମ୍ ସହିତ ଯୋଡ଼ିହେବ। ଏନେଇ ଆଗତ ପ୍ରସ୍ତାବ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇ ସରକାରଙ୍କୁ ଅନୁମୋଦନ ପାଇଁ ପଠାଯାଇଥିଲା। କିନ୍ତୁ ରାଜ୍ୟରେ ଏବେ ବିଜେପି ସରକାର ଗଠନ କରିଥିବାରୁ ଉପରୋକ୍ତ ଦୁଇ ପ୍ରକଳ୍ପକୁ ନେଇ ସନ୍ଦେହରେ ଏବେ ପୁରୀବାସୀ।

# ଓଡ଼ିଶା ଫେରିବେ ମନୋଜ ଆହୁଜା

**ଭୁବନେଶ୍ୱର,୨୫।୬ (ସମିସ):** ୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ମନୋଜ ଆହୁଜା ଓଡ଼ିଶା ଫେରିବେ। କେନ୍ଦ୍ରୀୟ ଡେପୁଟେସନରୁ ଓଡ଼ିଶା ଫେରିବା ପାଇଁ କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ସବୁଜ ସଙ୍କେତ ପ୍ରଦାନ କରିଛି। ଗତ ତିନି ବର୍ଷ ହେଲା ଶ୍ରୀ ଆହୁଜା କେନ୍ଦ୍ରୀୟ ଡେପୁଟେସନ୍‌ରେ ଅଛନ୍ତି ଓ ବର୍ତ୍ତମାନ ସେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗରେ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ପତ୍ନୀ ତଥା ୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଆରତି ଆହୁଜା ମଧ୍ୟ କେନ୍ଦ୍ରୀୟ ଡେପୁଟେସନ୍‌ରେ ଅଛନ୍ତି। ଚଳିତ ମାସ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଗତବର୍ଷ ଡିସେମ୍ବର ମାସରେ ଶ୍ରୀ ଜେନା ସରକାରୀ ଚାକିରୀରୁ ଅବସର ଗ୍ରହଣ କରିବା ପରେ ପୂର୍ବ ସରକାର ତାଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି କରିଥିଲେ। ଓଡ଼ିଶା ସରକାରଙ୍କ ଅନୁରୋଧକ୍ରମେ ଶ୍ରୀ ଆହୁଜା ଓଡ଼ିଶା ପ୍ରତ୍ୟାବର୍ତ୍ତନ କରୁଥିବା ଜଣାପଡ଼ିଛି। ଏପରିସ୍ଥଳେ ଶ୍ରୀ ଆହୁଜାଙ୍କୁ ନେଇ ଓଡ଼ିଶାର ପରବର୍ତ୍ତି ମୁଖ୍ୟ ସଚିବ ବା ମୁଖ୍ୟମନ୍ତ୍ରୀଙ୍କ ସଚିବ ଭାବେ ନିଯୁକ୍ତି ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

**■ ଯୋଜନା ଓ ସଂଯୋଜନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା**

# ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତ ଲାଗି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୨୫।୬(ସମିସ):** ନୂଆ ସରକାରଙ୍କ ଉପରେ ଜନ ସାଧାରଣଙ୍କ ବହୁତ୍ ଆଶା ଆକାଂକ୍ଷା ଅଛି। ରାଜ୍ୟ ଯୋଜନା ବଜେଟ୍‌ରେ ଏହା ପ୍ରତିଫଳିତ ହେବା ଆବଶ୍ୟକ। ତେଣୁ ଏକ ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତି ନିମନ୍ତେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର ଯୋଜନା ଓ ସଂଯୋଜନ ବିଭାଗର କାର୍ଯ୍ୟ ସମୀକ୍ଷା କରିବା ଅବସରରେ ଯୋଜନା ଗୁଡ଼ିକ ଯେପରି ତୃଣମୂଳ ସ୍ତରରେ ଠିକ୍ ଭାବରେ ପହଞ୍ଚିବ ଓ ଲୋକ ଏହାର ସୁଫଳ ପାଇବେ ସେ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ପାଣ୍ଠି ସହାୟତାରେ ଖଣି ଅଞ୍ଚଳର ଜିଲ୍ଲା ଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଜିଲ୍ଲାରେ ଅବସ୍ଥିତ ମେଡିକାଲ କଲେଜ ଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ଉପରେ ସେ ଗୁରୁତାରୋପ କରିଛନ୍ତି। ଅନୁରୂପ ଭାବରେ ଦଳୀୟ ସଂକଳ୍ପ ଅନୁଯାୟୀ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ ପାଇଁ ଟାସ୍କ ଫୋର୍ସ ପ୍ରସ୍ତୁତ କରି ଅନୁଧ୍ୟାନ କରି ପ୍ରସ୍ତାବ ଦେବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେବା ସହ ସଂକଳ୍ପ ପତ୍ରର ସବୁ ପ୍ରମୁଖ ପ୍ରତିଶ୍ରୁତି ଗୁଡ଼ିକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ବିଭାଗର କାର୍ଯ୍ୟାବଳୀ ସମ୍ବନ୍ଧରେ ବିଶଦ ଭାବରେ ଅବଗତ କରାଇଥିଲେ।

**● ଡିଏମ୍‌ଏଫ୍ ପାଣ୍ଠିରେ ଖଣି ଅଞ୍ଚଳରେ ପ୍ରତିଷ୍ଠା ହେବ ଟ୍ରମା କେୟାର ସେଣ୍ଟର**

**● ଉତ୍ତର ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ସ୍ଥାପନ ଲାଗି ଟାସ୍କଫୋର୍ସ ଗଠନ**

# ସରକାରୀ ବାସଭବନକୁ ନେଇ ବିଭ୍ରାନ୍ତିକର ଖବର

**ଭୁବନେଶ୍ୱର,୨୫।୬(ସମିସ):** ବିଜେଡିର ସାଂଗଠନିକ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ବଦନାମ କରିବା ପାଇଁ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଲାଗି ପଡ଼ିଛନ୍ତି। ପ୍ରଣବ ପ୍ରକାଶଙ୍କୁ ଆବଣ୍ଟିତ ସରକାରୀ ବାସଭବନକୁ ନେଇ ନିର୍ଦ୍ଦିଷ୍ଟ କିଛି ଗଣମାଧ୍ୟମରେ ଘନଘନ ଖବର ପ୍ରସାରଣ ସହ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଯାଉଛି। ନିଜ ଆବଶ୍ୟକତା ଅନୁସାରେ ପ୍ରଣବ ପ୍ରକାଶ ଦାସ ତାଙ୍କୁ ପ୍ରଦାନ କରାଯାଇଥିବା ସରକାରୀ ବାସଭବନ ପରିସରରେ କିଛି ଅସ୍ଥାୟୀ ସମ୍ପ୍ରସାରଣ କରିଥିଲେ। ଏବେ ସେ ବାସଭବନ ହସ୍ତାନ୍ତର ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗର ନିୟମ ଅନୁସାରେ ଅସ୍ଥାୟୀ ସମ୍ପ୍ରସାରଣକୁ ହଟାଇ ଯେଉଁପରି ଅବସ୍ଥାରେ ଘର ନେଇଥିଲେ, ସେପରି ସ୍ଥିତିରେ ଫେରାଇବାକୁ ଉଦ୍ୟମ କରିଛନ୍ତି। ନିୟମ ଅନୁସାରେ ଘର ନେବା ବେଳେ ଯେଉଁପରି ସ୍ଥିତି ରହିଥିବ, ଘର ଫେରସ୍ତ ସମୟରେ ସେପରି ସ୍ଥିତି ରହିବା ଆବଶ୍ୟକ। ତେଣୁ ଅସ୍ଥାୟୀ ସମ୍ପ୍ରସାରଣକୁ ଶ୍ରୀ ଦାସ ନିଜ ଦାୟିତ୍ୱ ଓ ଖର୍ଚ୍ଚରେ ହଟାଇବା କାର୍ଯ୍ୟ ଚଳାଇଛନ୍ତି।

ମାତ୍ର ଏହାକୁ ନେଇ ଅତିରଞ୍ଜିତ ଖବର ପ୍ରକାଶ କରାଯାଉଥିବାରୁ ପ୍ରଣବପ୍ରକାଶ ଦୁଃଖପ୍ରକାଶ କରିଛନ୍ତି। ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଶ୍ରୀ ଦାସ କହିଛନ୍ତି ଯେ ବିଧାୟକ ଥିବାବେଳେ ତାଙ୍କୁ ପ୍ରଦାନ କରାଯାଇଥିବା ସରକାରୀ ବାସଭବନକୁ ନେଇ କିଛି ଗଣମାଧ୍ୟମ ବିଭ୍ରାନ୍ତିକର ଖବର ପ୍ରସାରଣ କରୁଛନ୍ତି। ତାଙ୍କ ସରକାରୀ ଘରେ ବଙ୍କର କରାଯାଇଥିବା ପରି ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ଖବର ପ୍ରକାଶ ପାଉଛି। ଏହି ଗଣମାଧ୍ୟମଗୁଡ଼ିକୁ ଭଗବାନ ସଦବୁଦ୍ଧି ଦିଅନ୍ତୁ। ସରକାରୀ ବାସଭବନ ଛାଡ଼ିବା ପାଇଁ ତାଙ୍କ ପାଖରେ ୧୫ ତାରିଖ ଯାଏଁ ସମୟ ରହିଛି। ବ୍ୟବସ୍ଥା ଅନୁସାରେ ସରକାରୀ କ୍ୱାର୍ଟର ଯେଉଁଭଳି ନିଆଯାଇଥାଏ ସେଭଳି ଫେରାଯାଏ। ଯେହେତୁ ସେ ବିଜେଡିର ସାଂଗଠନିକ ସମ୍ପାଦକ ଥିଲେ, ସାରା ରାଜ୍ୟରୁ ତାଙ୍କ ପାଖକୁ ଦଳର ନେତା, କର୍ମୀଙ୍କ ସହ ସାଧାରଣ ଲୋକମାନେ ବିଭିନ୍ନ ବିଷୟର ସମାଧାନ ନେଇ ଆସିଥାନ୍ତି। ସେମାନଙ୍କ ବସାଉଠା ପାଇଁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ କ୍ୱାର୍ଟର୍ସ ପରିସରରେ କିଛି ଅସ୍ଥାୟୀ ନିର୍ମାଣ କରାଇଥିଲେ। ସେଗୁଡିକୁ ଭାଙ୍ଗିବାରେ କିଛି ଅସୁବିଧା ନାହିଁ ବୋଲି ପ୍ରଣବ କହିଛନ୍ତି।

**ସଦ୍‌ବୁଦ୍ଧି କାମନା କଲେ ପ୍ରଣବ ପ୍ରକାଶ**

ଅପରପକ୍ଷରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସାଧାରଣ ପ୍ରଶାସନ ବିଭାଗର ଅଧିକାରୀ ସମ୍ପୃକ୍ତ କ୍ୱାର୍ଟର୍ସକୁ ଯାଇ ଯାଞ୍ଚ କରିଛନ୍ତି। ଏହାପରେ ସେ କହିଛନ୍ତି ଯେ ମୂଳ କ୍ୱାର୍ଟର୍ସ ଯେଉଁଭଳି ଭାବେ ଥିଲା, ସେମିତି ରହିଛି। କ୍ୱାର୍ଟର୍ସ ପରିସରରେ ୨ ଟି ଅସ୍ଥାୟୀ ନିର୍ମାଣ କରାଯାଇଥିଲା। ଏହାକୁ ଭଙ୍ଗାଯାଇଛି। ଅନ୍ୟପଟେ ଏହି ସରକାରୀ ବାସଭବନଟି ଏଯାବତ୍ ପ୍ରଣବଙ୍କ ଅଧିନରେ ଥିବା ବେଳେ ତାଙ୍କ ବିନା ଅନୁମତିରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶକୁ ଜିଏ ଅଧିକାରୀମାନେ ନାପସନ୍ଦ କରିଛନ୍ତି।

## ଲୋକକଥା



ଅଧା ହୋଇଲାଣି ଆଷାଢ଼ ତ ହାଏ<br>
ବରଷା ଖେଳୁଛି ଖେଳ,<br>
ହବ ହବ ବୋଲି ହଉନି କୁଆଡ଼େ<br>
ମଉସୁମୀ ଦୁରୁବଳ !<br>
ଜମି ଫାଟି ଫାଳଫାଳ<br>
ମରୁଡ଼ିକୁ କିଏ ରୋକିବହେ କହ<br>
ନିଅଣ୍ଟିଆ ହେଲେ ଜଳ !!

**ବ୍ରଡ୍‌ବ୍ୟାଣ୍ଡ ସଂଯୋଗୀକରଣ ରିପୋର୍ଟ ଉପରେ ସନ୍ଦେହ**

# ବାସ୍ତବ ସ୍ଥିତି ଆଧାରିତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୬ (ସମିସ):** ଚଳିତ ବର୍ଷ ମେ’ ମାସ ଶେଷ ସୁଦ୍ଧା ରାଜ୍ୟର ଗ୍ରାମାଞ୍ଚଳରେ ‘ବ୍ରଡ୍‌ବ୍ୟାଣ୍ଡ’ ସଂଯୋଗୀକରଣ ୯୦% ରହିଥିବା କୁହାଯାଉଛି; କିନ୍ତୁ ଏବେ ବି ଓଡିଶାର ଅଧିକାଂଶ ଗ୍ରାମରେ ଇଣ୍ଟରନେଟ ସେବା ପହଞ୍ଚି ପାରିନାହିଁ। ତେଣୁ ବାସ୍ତବରେ କେତେ ଗ୍ରାମକୁ ବ୍ରଡ଼ବ୍ୟାଣ୍ଡ ସଂଯୋଗୀକରଣ ହୋଇଛି ତାହା ଯାଞ୍ଚ କରି ରିପୋର୍ଟ ଦାଖଲ କରିବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଷଷ୍ଠ ବ୍ରଡବ୍ୟାଣ୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଭାରତ ସରକାରଙ୍କ ଦୂର ସଂଚାର ବିଭାଗ(ଡିଓଟି) ତରଫରୁ ଜାତୀୟ ବ୍ରଡବ୍ୟାଣ୍ଡ ମିଶନରେ ବାର୍ଷିକ କାର୍ଯ୍ୟକାରିତା ଯୋଜନା ଦାଖଲ କରାଯାଇଥିଲା। ବୈଠକରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ ଲୋହାନୀ, ଦୂର ସଂଚାର ବିଭାଗର ବରିଷ୍ଠ କର୍ତ୍ତୃପକ୍ଷଙ୍କ ସମେତ କମିଟିର ସଦସ୍ୟ ଥିବା ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ପ୍ରଦତ୍ତ ବିବରଣୀ ଅନୁସାରେ ରାଜ୍ୟର ଗ୍ରାମାଞ୍ଚଳରେ ବ୍ରଡ୍‌ବ୍ୟାଣ୍ଡ ସଂଯୋଗୀକରଣ ୯୦% ହୋଇଛି। ତେବେ ମୁଖ୍ୟ ସଚିବ ଏହି ରିପୋର୍ଟର ବାସ୍ତବିକତାକୁ ନେଇ ପ୍ରଶ୍ନ ଉଠାଇବା ସହ ପ୍ରକୃତରେ କେତେ କାମ ହୋଇଛି ତାହା ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିଜ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଜରିଆରେ ଅନୁସନ୍ଧାନ କରି ରିପୋର୍ଟ ପ୍ରଦାନ କରିବା ଲାଗି ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୋବାଇଲ ଟାୱାର ସମ୍ବନ୍ଧୀୟ ସମସ୍ୟା ଯଥା ଜମି ଆବଣ୍ଟନ, ରାସ୍ତା ସୁବିଧା, ପରିବେଶ ମଞ୍ଜୁରୀ ଇତ୍ୟାଦି ପ୍ରସଙ୍ଗଗୁଡ଼ିକୁ ୧୫ ଦିନ ମଧ୍ୟରେ ସମାଧାନ ପାଇଁ ସଂପୃକ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଇବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଜିଲ୍ଲାପାଳ, ଏସପି ଓ ଡିଏଫ୍‌ଓଙ୍କ ସହ ଭିଡିଓ କନଫରେନସିଂ ମାଧ୍ୟମରେ ବୈଠକ କରି ଏଭଳି ସମସ୍ୟାର ସମାଧାନ କରିବା ପାଇଁ ମୁଖ୍ୟ ସଚିବ ଦୂରସଂଚାର ବିଭାଗ କର୍ତ୍ତୃପକ୍ଷ ଏବଂ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।



ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ‘ପିଏମ୍ ଗତିଶକ୍ତି ପୋର୍ଟାଲ’ରେ ବ୍ରଡବ୍ୟାଣ୍ଡ ସଂଯୋଗ ଥିବା ଅଙ୍ଗନବାଡ଼ି କେନ୍ଦ୍ର ସମେତ ଶିକ୍ଷାନୁଷ୍ଠାନ ତଥା ପ୍ରତିଷ୍ଠାନ ସଂପର୍କରେ ତଥ୍ୟ ସ୍ଥାନିତ କରିବାକୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ବିଭାଗ, ବିଭାଗୀୟ ଶାଖା କାର୍ଯ୍ୟାଳୟ ଗୁଡ଼ିକରେ ଫାଇଭ୍-ଜି (୫-ଜି) ର ବ୍ୟବହାର ସଂପର୍କରେ ଏକ ଘଣ୍ଟିଆ ‘ଡେମୋ’ ଅଧିବେଶନ ପ୍ରଦର୍ଶନ କରି ସଚେତନ କରାଯିବ। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ସହ ଆଲୋଚନା କରିବା ସହ ସମସ୍ତ ଟେଲିକମ୍ ସେବା ପ୍ରଦାନ କାରୀ ସଂସ୍ଥା(ଟିଏସପି), ଇଣ୍ଟରନେଟ୍ ସେବା ପ୍ରଦାନକାରୀ ସଂସ୍ଥା (ଆଇଏସପି), ଭିତ୍ତିଭୂମି ସୁବିଧା ପ୍ରଦାନକାରୀ ସଂସ୍ଥା (ଆଇପି)ମାନଙ୍କ ପାଇଁ କମ୍ପୋଜିଟ୍ ବିଲିଂ ପ୍ରସ୍ତାବକୁ ସୁଗମ କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

**୧୫ ଦିନରେ ସମାଧାନ ହେବ ମୋବାଇଲ୍ ଟାୱାର ସ୍ଥାପନ ସମସ୍ୟା**

ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ସମସ୍ତ ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ୍ (ସିଓଏଆଇ) ଟିଏସପି ଏବଂ ଆଇଏସପିମାନଙ୍କୁ ସେଲ୍-ଅନ୍-ହ୍ୱିଲ୍ସ (ସିଓଡବ୍ଲୁ) ବ୍ୟବସ୍ଥା କରି କିମ୍ବା ବର୍ତ୍ତମାନର ଭିତ୍ତିଭୂମିର ଉନ୍ନତିକରଣ କରି ମୋବାଇଲ ନେଟୱାର୍କ ସଂଯୋଗରେ ଉନ୍ନତି ଆଣିବାକୁ ଅନୁରୋଧ କରାଯାଇଛି।

# ଲାଞ୍ଚ ନେଇ ଗାଙ୍ଗପୁର ରାଜସ୍ୱ ନିରୀକ୍ଷକ ଗିରଫ

**ବ୍ରହ୍ମପୁର,୨୫।୬ (ସମିସ):** ଜଣେ ବ୍ୟକ୍ତିଙ୍କ ଜମି ମୂଲ୍ୟାୟନ ପାଇଁ ୭୦୦୦ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗଞ୍ଜାମ ଜିଲା ବେଲଗୁଣ୍ଠା ତହସିଲ ଅନ୍ତର୍ଗତ ଗାଙ୍ଗପୁର ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ଗୌଡ଼। ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯିବା ସହ ତାଙ୍କ କାର୍ଯ୍ୟାଳୟ ଓ ବାସଭବନରେ ଚଢ଼ଉ କରାଯାଇଛି।



ସୂଚନା ଅନୁସାରେ, ଗାଙ୍ଗପୁର ଅଞ୍ଚଳର ଜଣେ ବ୍ୟକ୍ତି ଏକ ଜମି କିଣିଥିଲେ। ସେହି ଜମିର ମୂଲ୍ୟାୟନ ପାଇଁ ସେ ଗାଙ୍ଗପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ଏହି କାର୍ଯ୍ୟ ପାଇଁ ରାଜସ୍ୱ ନିରୀକ୍ଷକ ଶ୍ରୀ ଗୌଡ଼ ୭ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହି ଘଟଣାକୁ ନେଇ ଆବେଦନକାରୀଜଣଙ୍କ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

# ଜୁଲାଇରୁ ସକ୍ରିୟ ହେବ ‘ଲା-ନିନା’

**ଭୁବନେଶ୍ୱର,୨୫।୬(ସମିସ):** ଜୁଲାଇ ଦ୍ୱିତୀୟ ସପ୍ତାହ ସୁଦ୍ଧା ସକ୍ରିୟ ହେବ ଶୀତଳ ସାମୁଦ୍ରିକ ସ୍ରୋତ ‘ଲା-ନିନା’। ଏହାଦ୍ୱାରା ପୁଣି ଥରେ ପାଣିପାଗ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଆସିବ। ମୌସୁମୀରେ ଅବଶିଷ୍ଟ ୩ ମାସରେ ବର୍ଷାର ପରିମାଣ ସ୍ୱାଭାବିକ ରହିବ ଓ ଶୀତ ମଧ୍ୟ ସାଧାରଣ ରହିବ ବୋଲି ପ୍ରତିଷ୍ଠିତ ବୈଜ୍ଞାନିକ ଜ୍ୟାସନ ନିକୋଲ୍ସ ନିଜ ‘ଏକ୍ସ’ରେ ସୂଚନା ଦେଇଛନ୍ତି।

୨୦୨୩ ମସିହାରୁ ବିଶ୍ୱରେ ଉଷ୍ମ ସାମୁଦ୍ରିକ ସ୍ରୋତ ‘ଏଲ୍-ନିନୋ’ ସକ୍ରିୟ ରହିଥିଲା। ଏଥିପାଇଁ ପାଣିପାଗ ସ୍ଥିତିରେ ଅନେକ ବିଘଟନ ଘଟିଥିଲା। ହେଲେ ‘ଲା-ନିନା’ ସକ୍ରିୟ ହେବାପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବା ସହ ଓଡ଼ିଶା ଉପରେ ମଧ୍ୟ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆକଳନ କରାଯାଉଛି। ୨୦୨୩ ଅପେକ୍ଷା ଓଡ଼ିଶାରେ ୨୦୨୪ରେ ଗ୍ରୀଷ୍ମ ପ୍ରବାହ ଅଧିକ ରହିଥିଲା। ଲଗାତାର ଭାବେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବାରୁ ୪୦ରୁ ଊର୍ଦ୍ଧ୍ୱ ଲୋକ ଅଂଶୁଘାତରେ ପ୍ରାଣ ହରାଇଥିଲେ। ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ ଏବଂ ‘ଏଲ୍-ନିନୋ’ର ପ୍ରଭାବ ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ପୂର୍ବ ତଥ୍ୟ ଅନୁଯାୟୀ ‘ଏଲ୍-ନିନୋ’ ସରିଥିଲେ ହେଁ ଏହାର ପ୍ରଭାବ ଅଧିକ ରହିଥିଲା। ୨୦୧୫ ବର୍ଷର ‘ଏଲ୍-ନିନୋ’ର ପ୍ରଭାବ ୨୦୧୬ରେ ଅଧିକ ଅନୁଭୂତ ହୋଇଥିଲା। ବର୍ତ୍ତମାନ ଏହା ସ୍ୱାଭାବିକ ଅବସ୍ଥାରେ ଥିବା ବେଳେ ଜୁଲାଇ ବେଳକୁ ‘ଲା-ନିନା’ ସକ୍ରିୟ ହେବ। ସେ ଆହୁରି କହିଛନ୍ତି ‘ଲା-ନିନା’ ସକ୍ରିୟ ହେବା ଫଳରେ ବର୍ଷାର ପ୍ରଭାବ ଅଧିକ ଦିନ ପର୍ଯ୍ୟନ୍ତ ରହିବ। ସାଧାରଣତଃ ଓଡ଼ିଶାରୁ ଅକ୍ଟୋବର ୧୫ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସାରଣ ହୋଇଯାଇଥାଏ; କିନ୍ତୁ ଚଳିତ ବର୍ଷ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ମୌସୁମୀ ବର୍ଷାର ପ୍ରଭାବ ରହିପାରେ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

**■ ସ୍ୱାଭାବିକ ରହିବ ବର୍ଷା ଓ ଶୀତ**

**■ ଅକ୍ଟୋବର ପର୍ଯ୍ୟନ୍ତ ସକ୍ରିୟ ରହିବ ମୌସୁମୀ**

ପ୍ରଶାନ୍ତ ମହାସାଗରରେ ପ୍ରବଳ ତାତି ପାଇଁ ଜଳସ୍ତର ବୃଦ୍ଧି ହେବା ସହ ବିଭିନ୍ନ ସ୍ଥାନରେ ସମୁଦ୍ର କୂଳ ଅତିକ୍ରମ କରୁଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସ୍ଥାନରେ ବରଫ ବି ତରଳୁଛି। ଫଳରେ ଦିନକୁ ଦିନ ବିପର୍ଯ୍ୟୟ ବୃଦ୍ଧି ପାଉଛି। ଏଥିପାଇଁ ଶକ୍ତିଶାଳୀ ‘ଏଲ-ନିନୋ’କୁ ଦାୟୀ କରାଯାଇଥାଏ। ଗତ ବର୍ଷ ପ୍ରଶାନ୍ତ ମହାସାଗରରେ ସମୁଦ୍ର ତାପମାତ୍ରା ସ୍ୱାଭାବିକଠାରୁ ୨ ଡିଗ୍ରୀ ଅଧିକ ରହିବା ସହ ଏହା ‘ସୁପର ଏଲ୍-ନିନୋ’ରେ ପରିଣତ ହୋଇଥିଲା। ଫଳରେ ପାଣିପାଗ ସ୍ଥିତିରେ ଅନେକ ପରିବର୍ତ୍ତନ ଦେଖାଦେଇଥିଲା। ଗତ ବର୍ଷ ଜୁନ୍ ଶେଷ ଆଡ଼କୁ ‘ଏଲ୍-ନିନୋ’ ଦେଖାଯିବା ହେତୁ ଗରମ ଗଳୁଗୁଳି ଅନୁଭୂତ ହୋଇଥିଲା।


ADMISSION OPEN

NIIS INSTITUTE OF INFORMATION SCIENCE & MANAGEMENT

(Recognised by Govt. of Odisha & Affiliated to Utkal University)

SARADA VIHAR, MADANPUR, BHUBANESWAR-752054

Celebrating 25 Years of Excellence in Education @ NIIS

- BBA
- BCA
- B.Sc.(ITM)
- B.Sc. (Comp.Sc.)
- +3 Arts (All Hons.)
- +3 Science (All Hons.)
- +3 Commerce (All Hons.)
- B.Sc. (Biotechnology)

⇒ Special discount for Meritorious students.

⇒ In campus Hostel facilities.

Contact: 9778899990 / 9778899991

Visit us: www.niisgroup.org | E-mail: contactus@niisgroup.org

ବିଶ୍ୱର ପ୍ରଥମ ରାଷ୍ଟ୍ର

## ଚନ୍ଦ୍ରର ଅନ୍ଧକାରାଚ୍ଛନ୍ନ ଭାଗରୁ ମାଟି ଆଣିଲା ଚୀନ୍



ବେଜିଂ, ୨୫।୬ (ଏଜେନ୍ସି): ଚୀନ୍‌ର ଚନ୍ଦ୍ର ଅଭିଯାନ ଚନ୍ଦ୍ରର ଅନ୍ଧକାରାଚ୍ଛନ୍ନ ଭାଗରୁ ୨ କେଜି ମାଟି ନେଇ ମଙ୍ଗଳବାର ପୃଥିବୀକୁ ଫେରିଛି। ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚୀନ୍ ଏହି ଉପଲବ୍ଧି ହାସଲ କରିଛି। ଏହି ଅଭିଯାନ ମେ' ୩ ତାରିଖରେ ଆରମ୍ଭ ହୋଇଥିଲା। ଏହାର ୫୩ ଦିନ ପରେ ନ୍ୟାସନାଲ ସ୍ପେସ ଆଡମିନିଷ୍ଟ୍ରେସନର ଚାଙ୍ଗ'ଇ-୬ ଲ୍ୟାଣ୍ଡର କ୍ୟାପ୍‌ସୁଲରେ ନମୁନା ଧରି ସକାଳ ୧୧ଟା ୩୦ରେ ଚୀନ୍‌ର ଉତ୍ତର ଭାଗରେ ଅବତରଣ କରିଛି। କିଛି ସମୟ ମଧ୍ୟରେ ବୈଜ୍ଞାନିକ ସେଠାରେ ପହଞ୍ଚି କ୍ୟାପ୍‌ସୁଲ ଧରି ଫେରିଥିଲେ। ଏହି ଦେଶ ୨୦୩୦ ସୁଦ୍ଧା ଚନ୍ଦ୍ରକୁ ମାନବ ପଠାଇବାକୁ ଲକ୍ଷ୍ୟ ରଖିଛି। ଇ-୬ ଅଭିଯାନ ଏହାର ଅଂଶବିଶେଷ ଥିଲା। ଏ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ୧୦ଟି ଚନ୍ଦ୍ର ଅଭିଯାନ ଆଖିକୁ ଦେଖା ଯାଉଥିବା ଚନ୍ଦ୍ର ପାର୍ଶ୍ୱରେ ପହଞ୍ଚିଥିଲେ। ଏବେ ଏହି ଅଭିଯାନ କରି ଚୀନ୍ ଆମେରିକାକୁ କଡ଼ା ଟକ୍କର ଦେଇଛି। ଏହି ଅଭିଯାନର ସଫଳତା ଚୀନ୍‌ର ସ୍ୱପ୍ନକୁ ସତ କରିବାରେ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ରାଷ୍ଟ୍ରପତି ସି ଜିନପିଙ୍ଗ କହିଛନ୍ତି। ଏହା ମାଧ୍ୟମରେ ଚୀନ୍ 'ସ୍ପେସ୍ ପାୱାର' ହେବାର ନିକଟତର ହୋଇଛି।

୧୨ ଦିନ ହେଲା

## ମହାକାଶରେ ଫସିଛନ୍ତି ସୁନିତା ୱିଲିୟମ୍ସ




ନ୍ୟୁୟର୍କ, ୨୫।୬ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୁଚ ୱିଲମୋର ୧୨ ଦିନ ହେଲା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଫସି ରହିଛନ୍ତି। ପୁଣିଥରେ ଉଭୟଙ୍କ ଫେରିବା ଅଭିଯାନ ସ୍ଥଗିତ ହୋଇଯାଇଛି। ଦୁଇ ଜଣ ଯାକ ଜୁନ୍ ୬ରେ ଆଇଏସଏସରେ ପହଞ୍ଚିଥିଲେ। ସେଠାରୁ ଗତ ୧୩ ତାରିଖରେ ଫେରିବାର ଥିଲା। ତେବେ ନାସାର ବୋଇଁ ଷ୍ଟାରଲାଇନର ମହାକାଶଯାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଭିଯାନକୁ ଚତୁର୍ଥ ଥର ପାଇଁ ସ୍ଥଗିତ ରଖାଯାଇଛି। ଗତ ୯ ତାରିଖରେ ପ୍ରଥମ ଘୋଷଣା କରି ୧୮ ତାରିଖରେ ଉଭୟେ ଅବତରଣ କରିବେ ବୋଲି କୁହାଯାଇଥିଲା। ମାତ୍ର ପରେ ଏହାକୁ ଦୁଇ ଥର ବଢ଼ାଇ ୨୬ ତାରିଖ କରାଯାଇଥିଲା। ଏବେ ଆହୁରି ବିଳମ୍ବ ହେବ ବୋଲି ନାସା ପକ୍ଷରୁ କୁହାଯାଇଛି। ଉଭୟ ଆଇଏସଏସରେ ସୁସ୍ଥ ଥିବା ସୂଚନା ମିଳିଛି। ଫେରିବା ଯାନରେ ହିଲିୟମ ଲିକ୍ ହେଉଥିବାରୁ ତାହାକୁ ମରାମତି କରାଯାଉଛି।

## ୮୨୬ କୋଟିର ଠିକା ରଦ୍ଦ

ପାଟନା, ୨୫।୬ (ଏଜେନ୍ସି): ବିହାରରେ ମହାଗଠବନ୍ଧନ ସରକାର ଥିବା ବେଳେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ ଦିଆଯାଇଥିବା ୮୨୬ କୋଟି ଟଙ୍କାର ୩୫୦ଟି ଠିକା (କଣ୍ଟ୍ରାକ୍ଟ)ରେ ବଡ଼ ଧରଣର ତ୍ରୁଟିବିଚ୍ୟୁତି, ଅନିୟମିତତା ଥିବା ଜାଣି ବର୍ତ୍ତମାନର ଏନ୍‌ଡିଏ ସରକାର ସେ ସବୁକୁ ରଦ୍ଦ କରିଦେଇଛନ୍ତି। ଜନ ସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ ମନ୍ତ୍ରୀ ନୀରଜ କୁମାର ସିଂହ କହିଛନ୍ତି, ବିଭାଗୀୟ ଏନକ୍ୱାରୀରୁ ଜଣାପଡ଼ିଛି ଯେ ଠିକାଦାର ଚୟନ ପ୍ରକ୍ରିୟାରେ ଅନିୟମିତତା ରହିଛି। ଆର୍‌ଜେଡିର ଲଲିତ ଯାଦବ ଜନ ସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ ମନ୍ତ୍ରୀ ଥିବା ବେଳେ ଏହି ଅନିୟମିତତା ହୋଇଥିଲା। ସେତେବେଳେ ଜନ ସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ ୪୬୦୦ କୋଟି ଟଙ୍କାର ୧୧୬୦ଟି କଣ୍ଟ୍ରାକ୍ଟ ଦେଇଥିଲା। ସମୀକ୍ଷା ପରେ ୩୫୦ ଟି କଣ୍ଟ୍ରାକ୍ଟ ରଦ୍ଦ କରାଯାଇଛି ଓ ଅନ୍ୟ ସବୁର ଯାଞ୍ଚ ଚାଲିଛି।

## ସାର୍କ ଆକ୍ରମଣରେ ଅଭିନେତା ମୃତ

ୱାଶିଂଟନ, ୨୫।୬ (ଏଜେନ୍ସି): ହଲିଉଡ୍ ଚଳଚ୍ଚିତ୍ର 'ପିରେଟ୍ସ ଅଫ୍ ଦ କାରବିୟନ'ର ଅଭିନେତା ତଥା ସର୍ଫିଂ ପ୍ରଶିକ୍ଷକ ତମାୟୋ ପେରି (୪୯)ଙ୍କ ପରଲୋକ



ହୋଇଛି। ହୱାଇର ଗୋଟ୍ ଆଇଲାଣ୍ଡ (ଦ୍ୱୀପ) ନିକଟରେ ସର୍ଫିଂ କରୁଥିବା ସମୟରେ ତାଙ୍କ ଉପରେ ସାର୍କ ଆକ୍ରମଣ କରିଛି। ସାର୍କ ଅଭିନେତାଙ୍କୁ ଖାଇଯାଇଛି। ସାର୍କ ଆକ୍ରମଣରେ ତମାଓ ଲହୁଲୁହାଣ ହୋଇଥିବା ଦେଖି ଜଣେ ବ୍ୟକ୍ତି ଜରୁରୀକାଳୀନ ସେବାକୁ ସୂଚନା ଦେଇଥିଲେ। ପରେ ଉଦ୍ଧାରକାରୀ ଦଳ ତାଙ୍କୁ ଉଦ୍ଧାରକରି କୂଳ ଆଣି ଆସିଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହୋନଲୁଲୁ ଜରୁରୀକାଳୀନ ମେଡିକାଲ ସେବାର ସୂଚନା ଅନୁଯାୟୀ ତମାୟୋଙ୍କ ଶରୀରରେ ସାର୍କ ଆକ୍ରମଣର ଚିହ୍ନ ରହିଛି। ମୃତଦେହରୁ ଗୋଟିଏ ହାତ ଏବଂ ଗୋଡ଼ ଅଲଗା ହୋଇଯାଇଛି।

## ପୋର୍ସ ମାମଲା: ନାବାଳକକୁ ହାଇକୋର୍ଟରୁ ଜାମିନ

ପୁନେ, ୨୫।୬ (ଏଜେନ୍ସି): ସାରା ଦେଶରେ ଚର୍ଚ୍ଚାରେ ଥିବା ପୁନେ ପୋର୍ସ ହିଟ୍ ଆଣ୍ଡ ରନ୍ ମାମଲାର ନାବାଳକ ଅଭିଯୁକ୍ତକୁ ବମ୍ବେ ହାଇକୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ଜୁଭେନାଇଲ ଜଷ୍ଟିସ ବୋର୍ଡ ଆଦେଶକୁ ରଦ୍ଦ କରିଦେଇଛନ୍ତି। ନାବାଳକର ଆଣ୍ଟି (ମାଇଁ) ଙ୍କ ଆବେଦନକୁ ସ୍ୱୀକାର କରି ଅଭିଯୁକ୍ତକୁ ଶିଶୁ ସୁଧାର ଗୃହରୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଅଭିଯୁକ୍ତ ନିଜ ମାଇଁଙ୍କ ହେପାଜତରେ ରହିବେ ବୋଲି ରାୟ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ ଜୁଭେନାଇଲ ଜଷ୍ଟିସ ବୋର୍ଡର ନିର୍ଦ୍ଦେଶ ବେଆଇନ ଥିଲା। ଅଧିକାର କ୍ଷେତ୍ରରୁ ବାହାରି ନିର୍ଦ୍ଦେଶ ଦିଆଯାଇଥିଲା। ଦୁର୍ଘଟଣାକୁ ନେଇ ପ୍ରତିକ୍ରିୟା ଏବଂ ଲୋକଙ୍କ କ୍ରୋଧକୁ ଦେଖି ନାବାଳକର ବୟସ ପ୍ରତି ଧ୍ୟାନ ଦିଆଯାଇ ନ ଥିଲା। ଆଇନ ଉଲ୍ଲଙ୍ଘନ କରୁଥିବା ଅନ୍ୟ ଶିଶୁ ସହ ଯେଉଁ ଭଳି ଭାବେ ବ୍ୟବହାର କରାଯାଉଛି, ଅଭିଯୁକ୍ତ ସହ ମଧ୍ୟ ସମାନ ଭାବେ ଦେଖିବା ଉଚିତ। ଅପରାଧ ଯେତେ ଗମ୍ଭୀର ହୋଇଥିଲେ ବି ଅଭିଯୁକ୍ତର ବୟସକୁ ଅଣଦେଖା କରାଯାଇପାରିବ ନାହିଁ। ଅଭିଯୁକ୍ତ ପୁନର୍ବାସ କେନ୍ଦ୍ରରେ ଅଛି।

## ଜୁଲିଆନ ଆସାଞ୍ଜେ ମୁକ୍ତ

ଲଣ୍ଡନ, ୨୫।୬ (ଏଜେନ୍ସି): ଆମେରିକାର ଗୁଇନ୍ଦାଗିରି କରିଥିବା ଅଭିଯୋଗରେ ବନ୍ଦୀ ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ ଆସାଞ୍ଜେ (୫୨) ଦୀର୍ଘ ଦିନ ପରେ ଜେଲ୍‌ରୁ ମୁକ୍ତ ହୋଇଛନ୍ତି। ସେ ୫ ବର୍ଷ ହେଲା ଲଣ୍ଡନ ଜେଲ୍‌ରେ ଥିଲେ। ଜେଲ୍‌ରୁ ବାହାରିବା ପାଇଁ ଆମେରିକା ସରକାରଙ୍କ ସହ ଚୁକ୍ତି କରି ଗୁଇନ୍ଦାଗିରି କରିଥିବାକୁ ସ୍ୱୀକାର କରିଛନ୍ତି। ଆମେରିକା ଜିଲ୍ଲା କୋର୍ଟର ସୂଚନା ମୁତାବକ ଆସେଞ୍ଜଙ୍କୁ ବୁଧବାର ଆମେରିକାର ସାଇପନ କୋର୍ଟରେ ହାଜର କରାଯିବ। ସେଠାରେ ସେ ଗୁଇନ୍ଦା କାଗଜପତ୍ର ହାସଲ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ ବୋଲି ସ୍ୱୀକାର କରିବେ। ଏହା ପରେ ଆସାଞ୍ଜେଙ୍କୁ ୬୨ ମାସ (୫ ବର୍ଷ ୨ ମାସ) ର ଜେଲ୍ ଦଣ୍ଡ ଶୁଣାଯିବ। ଏତିକି ସମୟ ସେ ପୂର୍ବରୁ ଜେଲ୍‌ରେ କଟାଇ ଦେଇଛନ୍ତି। ସେ ବ୍ରିଟେନ ଜେଲ୍‌ରେ ୧୯୦୧ ଦିନ ହେଲା ରହିଥିଲେ। ଆମେରିକା ସହ ଚୁକ୍ତି କରିବା ପରେ ତାଙ୍କୁ ବ୍ରିଟେନର ବେଲମାର୍ସ ଜେଲ୍‌ରୁ ସୋମବାର ମୁକ୍ତ କରିଦିଆଯାଇଛି।

'ଜେଲ, ବେଲ୍, ଫିର୍ ଖେଲ୍' : ନିଟ୍ ଘୋଟାଲାକୁ ନେଇ ଇଣ୍ଡିଆ ଟୁଡେର ଷ୍ଟିଙ୍ଗ୍ ଅପରେସନ

# ୨୦୦ ରୁ ୩୦୦ କୋଟି ଟଙ୍କାର ଥିଲା କାରବାର ଲକ୍ଷ୍ୟ

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି):

ଡାକ୍ତରୀ ପ୍ରବେଶିକା ବା ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ସହ ବ୍ୟାପକ ଅନିୟମିତତାକୁ ନେଇ ଏବେ ସାରା ଦେଶରେ ବିବାଦ ତୀବ୍ର ହୋଇଛି। ବିଭିନ୍ନ ରାଜ୍ୟରେ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଏହି ଘଟଣାକୁ ନେଇ ତନାଘନା କରିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୨୫ ଜଣଙ୍କୁ ଗିରଫ କରାଯାଇସାରିଛି। ଏହାବ୍ୟତୀତ ସିବିଆଇ ମଧ୍ୟ ମଙ୍ଗଳବାର ୫ଟି ମାମଲା ରୁଜୁ କରିଛି। ତେବେ ଏହାମଧ୍ୟରେ ଏହି ଘୋଟାଲାରେ ସଂପୃକ୍ତ ଥିବା ଜଣେ ପେଷାଦାର ମାଫିଆ ନିଟ୍ ଅନିୟମିତତାକୁ ନେଇ ଇଣ୍ଡିଆ ଟୁଡେ ପକ୍ଷରୁ କରାଯାଇଥିବା ଷ୍ଟିଙ୍ଗ୍ ଅର୍ପେନରେ ଯାହା କହିଛନ୍ତି ତାହା ବିଭିନ୍ନ ମହଲକୁ ବିସ୍ମିତ କରିଦେଇଛି। ପ୍ରଶ୍ନ ପତ୍ର ଲିକ୍ ମାଫିଆ ଭାବେ ଜଣାଶୁଣା ଏହି ବ୍ୟକ୍ତି ଜଣକ ହେଉଛନ୍ତି ବିଜେନ୍ଦର ଗୁପ୍ତା। ଚଳିତ ନିଟ୍-ୟୁଜି ପରୀକ୍ଷାରେ ୭୦୦ ଛାତ୍ରଛାତ୍ରୀଙ୍କୁ ଟାର୍ଗେଟ କରାଯାଇ ଏକ ନିର୍ଦ୍ଦିଷ୍ଟ ର୍ୟାକେଟ୍ ୨୦୦-୩୦୦ କୋଟି ଟଙ୍କା କାରବାର କରିବା ଲକ୍ଷ୍ୟ ରଖିଥିଲା ବୋଲି ବିଜେନ୍ଦର ଷ୍ଟିଙ୍ଗ ଅପରେସନ ବେଳେ କହିଥିବା ଜଣାପଡ଼ିଛି। ପ୍ରଶ୍ନପତ୍ର ନିଆଯିବା ସମୟରେ ରାସ୍ତାରେ କିଭଳି ପ୍ରଶ୍ନ ବାକ୍ସ ଭଙ୍ଗାଯାଏ ଏବଂ କଳା ତାଲିକାଭୁକ୍ତ କମ୍ପାନୀଗୁଡିକ କିପରି ଟେଣ୍ଡର ପରିଚାଳନା କରନ୍ତି ସେ ବିଷୟରେ ମଧ୍ୟ ସେ କହିଛନ୍ତି। ନିଟ୍ ପ୍ରଶ୍ନପତ୍ର ଲିକ୍‌ର ମୁଖ୍ୟ ଅଭିଯୁକ୍ତ ସଞ୍ଜିବ ମୁଖିଆ ଏବଂ ଗିରଫ ହୋଇଥିବା ବିଶାଲ ଚୌରାସିଆଙ୍କୁ ଜାଣିଥିବା କହିଛନ୍ତି। ଏପରିକି ସଞ୍ଜିବଙ୍କୁ ପୁଲିସ କେବେ ବି ଖୋଜି ପାଇବ ନାହିଁ ବୋଲି ମଧ୍ୟ ଦୃଢୋକ୍ତି କରିଛନ୍ତି। ନିଟ୍ ପରୀକ୍ଷାରେ ଅନିୟମିତତାକୁ ନେଇ ତାଙ୍କର ସଂପୃକ୍ତି ରହିଥିଲା ବେଳେ ପ୍ରଶ୍ନପତ୍ର ଲିକ୍ ହେବା ସେ ଜାଣିଥିଲେ ବୋଲି ଗତ ମାର୍ଚ୍ଚରେ ପୂର୍ବାନୁମାନ କରିଥିଲେ । ଯାହାର ଏକ ଭିଡିଓ ମଧ୍ୟ ଭାଇରାଲ୍ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ନିଟ୍ ପରୀକ୍ଷା ପୂର୍ବରୁ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ନିଯୁକ୍ତି ପରୀକ୍ଷାରେ ପେପର୍ ଲିକ୍ କରି ବିଜେନ୍ଦର ବହୁବାର ଗିରଫ ହୋଇଥିଲେ। ୨୦୨୩ ଓଡିଶା କର୍ମଚାରୀ ଚୟନ ଆୟୋଗ (ଓଏସଏସସି), ବିହାର ଜନସେବା ଆୟୋଗ ଏବଂ ମଧ୍ୟପ୍ରଦେଶ ଜନସେବା ଆୟୋଗ ପ୍ରଶ୍ନପତ୍ର ଲିକ୍ ମାମଲାରେ ଜଡିତ ଥିଲେ।




## ୫ ଏତଲା ରୁଜୁ କଲା ସିବିଆଇ

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ନିଟ୍ ୟୁଜି ପ୍ରଶ୍ନପତ୍ର ପ୍ରଘଟକୁ ବିରୋଧ କରି ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ସବୁଠି ହଙ୍ଗାମା ଜାରି ରହିଛି। ବିରୋଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ରୋକିବାରେ ବିଫଳ ହୋଇଥିବାରୁ ଭର୍ତ୍ସନା କରୁଛନ୍ତି। ଏହା ମଧ୍ୟରେ ସିବିଆଇ ମାମଲାର ତଦନ୍ତ ଆରମ୍ଭ କରିଦେଇଛି। ଗୁଜରାଟ ଏବଂ ବିହାରର ଗୋଟିଏ ଲେଖାଏଁ ଏବଂ ରାଜସ୍ଥାନ ତିନି ମାମଲାରେ ଏଜେନ୍ସି ଏତଲା ରୁଜୁ କରିଛି। ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଏ ପର୍ଯ୍ୟନ୍ତ ଦେଶର ୪ ରାଜ୍ୟରୁ ୨୫ ଜଣଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ବିହାରର ୧୩ ଜଣ, ଝାଡ଼ଖଣ୍ଡ ଓ ଗୁଜରାଟରୁ ୫ ଜଣ ଲେଖାଏଁ ଏବଂ ମହାରାଷ୍ଟ୍ରରୁ ୨ ଜଣ ସାମିଲ ଅଛନ୍ତି। ଏହା ପୂର୍ବରୁ ମହାରାଷ୍ଟ୍ର ନାନ୍ଦେଡରେ ଗତ ୨୩ ତାରିଖରେ ୨ ଶିକ୍ଷକ ସଞ୍ଜୟ ତୁକାରାମ ଜାଧବ ଏବଂ ଜଲିଲ ଖାନ ଓମର ଖାନ ପଠାନ, ନାନ୍ଦେଡ଼ର ଇରନ୍ନା ମଶନାଜି କୋଙ୍ଗଲଭାଓ ଏବଂ ଦିଲ୍ଲୀର ଗଙ୍ଗାଧର ବିରୋଧରେ 'ପରୀକ୍ଷା ଆଇନ, ୨୦୨୪' ଅଧିନରେ ମାମଲା ରୁଜୁ କରିଥିଲା। ଜାଧବ ଏବଂ ପଠାନକୁ ରବିବାର ବିଳମ୍ବିତ ରାତିରେ ଗିରଫ କରାଯାଇଥିବାବେଳେ ଆଉ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଅନ୍ୟପକ୍ଷରେ ବିହାର ଇଓୟୁ ମାମଲାର ଯାଞ୍ଚ ରିପୋର୍ଟ ସିବିଆଇକୁ ପ୍ରଦାନ କରିଛି। ପ୍ରଶ୍ନପତ୍ର ପ୍ରଘଟର ମାଷ୍ଟରମାଇଣ୍ଡ ସଞ୍ଜୀବ ମୁଖିଆକୁ ଗିରଫ ଲାଗି ଇଓୟୁର ୬ଟି ଟିମ୍ ଅଲଗା ଅଲଗା ସ୍ଥାନରେ ଚଢ଼ଉ କରିଛି।

**୪ ରାଜ୍ୟରୁ ୨୫ ଗିରଫ**

ସୁପ୍ରିମକୋର୍ଟରେ ଜାମିନ ଶୁଣାଣି ପୂର୍ବରୁ ଶକ୍ତ ଧକ୍କା

## କେଜ୍ରିୱାଲଙ୍କୁ ଜେଲରେ ଗିରଫ କଲା ସିବିଆଇ



ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ସିବିଆଇ ମଙ୍ଗଳବାର ତିହାର ଜେଲରୁ ଗିରଫ କରିଛି। ଏହି ମାମଲାରେ କେଜ୍ରିୱାଲ ପୂର୍ବରୁ ଇଡି( ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଦ୍ୱାରା ଗିରଫ ହୋଇ ଗତ ଜୁନ ୨ ରୁ ତିହାର ଜେଲରେ ରହିଥିଲା ବେଳେ ପୁଣି ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି। ଯାହାକି ତାଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ନିକଟରେ ଟ୍ରାଏଲ୍ କୋର୍ଟ କେଜ୍ରିୱାଲଙ୍କୁ ଜାମିନ ମଞ୍ଜୁର କରିଥିଲେ । ଫଳରେ ସେ ଜେଲରୁ ମୁକୁଳିବା ଆଶା ବଢିଥିଲା। କିନ୍ତୁ ଟ୍ରାଏଲ କୋର୍ଟଙ୍କ ଏହି ରାୟକୁ ଇଡି ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ପରେ ହାଇକୋର୍ଟ ଏହା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ ।ହାଇକୋର୍ଟ ଚୂଡ଼ାନ୍ତ ରାୟ ଶୁଣାଇବା ପୂର୍ବରୁ କେଜ୍ରିୱାଲ ଗତକାଲି ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। କିନ୍ତୁ ହାଇକୋର୍ଟଙ୍କ ରାୟକୁ ଅପେକ୍ଷା କରିବାକୁ ସର୍ବୋଚ୍ଚ ନ୍ୟାୟଳାୟ କହିଥିଲା ବେଳେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ମଙ୍ଗଳବାର ହାଇକୋର୍ଟ ତାଙ୍କର ରାୟ ଶୁଣାଇ ଟ୍ରାଏଲ କୋର୍ଟଙ୍କ ଜାମିନ ଅନୁମତି ଉପରେ ରହିତାଦେଶ ଶୁଣାଇଥିଲେ। ଏହାପରେ ପରେ ସେହି ଦିନ ସନ୍ଧ୍ୟାରେ ସିବିଆଇ କେଜ୍ରିୱାଲଙ୍କୁ ଗିରଫ କରିଛି। ଇଡି ମାମଲାରେ କେଜ୍ରିୱାଲଙ୍କ ଜାମିନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ଶୁଣାଣି କରିବା ପୂର୍ବରୁ ସେ ସିବିଆଇ ଦ୍ୱାରା ପୁଣି ଗିରଫ ହେବା ଘଟଣା ତାଙ୍କ ପାଇଁ ଶକ୍ତ ଧକ୍କା ହୋଇଛି।

## ହସ୍ପିଟାଲ୍‌ରେ ଦିଲ୍ଲୀ ମନ୍ତ୍ରୀ ଆତିଶୀ



ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ଦିଲ୍ଲୀ ଜଳ ସମ୍ବଳ ବିଭାଗ ମନ୍ତ୍ରୀ ଆତିଶୀ ମାର୍ଲେନା ଗତ ଜୁନ୍ ୨୧ ତାରଖରୁ ଏ ଯାଏଁ ୫ ଦିନ ଧରି ଅନଶନ କରିବା ପରେ ଅତି ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଆଜି ଭୋର୍ ୩ଟା ୪୮ ମିନିଟ୍‌ରେ ହସ୍‌ପିଟାଲ୍ ଆଇସିୟୁ'ରେ ଭର୍ତ୍ତି କରାଯାଇଛି। ଦିଲ୍ଲୀର ଲୋକନାୟକ ଜୟପ୍ରକାଶ ହସ୍ପିଟାଲ୍‌ର ମେଡିକାଲ୍ ଡାଇରେକ୍ଟର୍ ସୁରେଶ କୁମାର କହିଛନ୍ତି, ଆତିଶୀଙ୍କ ରକ୍ତ ଶର୍କରା ସ୍ତର ବହୁତ ତଳକୁ ଖସିଛି। ଗତକାଲି ହସ୍‌ପିଟାଲ୍ ଟିମ୍ ତାଙ୍କୁ ଅନଶନ ସ୍ଥଳରେ ପରୀକ୍ଷା କରିଥିଲା। ତାଙ୍କର ଆଭି ନମୂନା ନିଆଯାଇଥିଲା। ଜଣାପଡ଼ିଥିଲା ଯେ ଆତିଶୀଙ୍କ ରକ୍ତ ଶର୍କରା ସ୍ତର ୩୬କୁ କମିଛି, ସୋଡିୟମ୍ ସ୍ତର ୧୨୭ ରହିଛି ଓ ସେ ଅତି ଦୁର୍ବଳ ହେଇପଡ଼ିଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପରାମର୍ଶ ଦିଆଯାଇଥିଲା କିନ୍ତୁ ହସପିଟାଲ୍ ଯିବାକୁ ସେ ମନା କରିଦେଇଥିଲେ।

● କିରନ ରିଜିଜୁଙ୍କୁ ନିଶାଣ କଲେ ପପୁ ଯାଦବ

## ଛଅ ଥରର ସାଂସଦ ମୁଁ; ମତେ ଶିଖାଇବେ କି

ନୂଆଦିଲ୍ଲୀ, ୨୫।୬ (ଏଜେନ୍ସି): ଲୋକସଭାରେ ସାଂସଦଙ୍କ ଶପଥ ନେବାକୁ ନେଇ ବିବାଦ ହୋଇଛି। ଏହାର ଅନେକ ଭିଡିଓ ସାମ୍ନାକୁ ଆସିଛି, ଯାହାକୁ ରେକର୍ଡିଂରୁ ହଟାଇ ଦିଆଯାଇଛି। ଆଜି ବିହାର ପୂର୍ଣ୍ଣିଆର ପପୁ ଯାଦବ ଶପଥ ନେଇଛନ୍ତି। ସେ ଶପଥ ପରେ ସ୍ଲୋଗାନ ଦେବାରୁ ତାଙ୍କୁ କେନ୍ଦ୍ରମନ୍ତ୍ରୀ କିରିନ ରିଜିଜୁ ଏବଂ କାମଚଳା ବାଚସ୍ପତି ତାଙ୍କୁ ଅଟକାଇ ଥିଲେ। ଏହାକୁ ନେଇ ପପୁ ଯାଦବ ରିଜିଜୁଙ୍କୁ ନିଶାଣ କରି କହିଥିଲେ ଯେ ମୁଁ ୬ ଥରର ସାଂସଦ। ଆପଣ ମତେ ଶିଖାଇବେ କି? ଆପଣ କୃପା ପାଇଁ ଜିତିଥିବେ। ମୁଁ ସ୍ୱାଧୀନ ଭାବେ ଜିତିଛି। ଚତୁର୍ଥ ଥର ପାଇଁ ସ୍ୱାଧୀନ ଭାବେ ନିର୍ବାଚନ ଜିତି ସଂସଦକୁ ଆସିଛି।

ରାଜସ୍ଥାନରେ ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ୫ ମାସରେ ୧୨ ହଜାର ଦୁଷ୍କର୍ମ ମାମଲା

ଜୟପୁର, ୨୫।୬ (ଏଜେନ୍ସି):

ରାଜସ୍ଥାନରୁ ବିଚଳତି କରିବା ଭଳି ରିପୋର୍ଟ ସାମ୍ନାକୁ ଆସିଛି। ଆଇନ ବ୍ୟବସ୍ଥାର ବିକଳ ଚିତ୍ରର ପର୍ଦ୍ଦାଫାସ ହୋଇଯାଇଛି। ସରକାର ମହିଳା ସମ୍ମାନ କଥା କହୁଥିବାବେଳେ ଦିନକୁ ଦିନ ମହିଳା ବିରୋଧୀ ଅପରାଧ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଯେଉଁ ରାଜସ୍ଥାନକୁ ଦିନେ ମହିଳାଙ୍କ ସମ୍ମାନ ଏବଂ ବଳିଦାନ ପାଇଁ ପରିଚୟ ମିଳିଥିଲା ଆଜି ସେହି ପ୍ରଦେଶରେ ନାବାଳିକା ଏବଂ ମହିଳା ସୁରକ୍ଷିତ ନାହାନ୍ତି। ଡିଡୱାନା ଜିଲ୍ଲାର ଖୁନଖୁନାରେ ଜଣେ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ, ସିକରରେ ଘରେ ପଶି ଦୁଇ ମହିଳାଙ୍କୁ ଦୁଷ୍କର୍ମ ଏବଂ ଧୋଲପୁରରେ ୩ ବର୍ଷର ଶିଶୁକୁ ମଧ୍ୟ ଅପରାଧୀ ଛାଡ଼ି ନାହାନ୍ତି। ସେହିପରି ହିଣ୍ଡୋନରେ ବଧିର ଛାତ୍ରୀଙ୍କୁ ଜିଅନ୍ତା ଜାଳିଦେବା ଘଟଣା ସମ୍ବେଦନଶୀଳ ବ୍ୟକ୍ତିଙ୍କୁ ଗଭୀର ଆଘାତ ଦେଇଛି। ରାଜସ୍ଥାନରେ ଦିନକେ ଏଭଳି ଅନେକ ଘଟଣା ଘଟୁଛି। ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ଗତ ୫ ମାସରେ ଦିନକୁ ୧୨ରୁ ଅଧିକ ଶିଶୁ ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟ ପୁଲିସ ଅପରାଧ ରେକର୍ଡରୁ ଏହି ଭୟାନକ ଚିତ୍ର ସାମ୍ନାକୁ ଆସିଛି। ବିଜେପି ଯେଉଁ ମହିଳା ସୁରକ୍ଷା ପ୍ରସଙ୍ଗ ବନାଇ କ୍ଷମତା ହାସଲ କରିଥିଲା, ସେହି ପ୍ରସଙ୍ଗରେ ସରକାର ପ୍ରଥମ ପାଞ୍ଚ ମାସରେ କୌଣସି କାର୍ଯ୍ୟ କରିନାହାନ୍ତି ବୋଲି ଏହା ଦର୍ଶାଇ ଦେଉଛି।



ରିପୋର୍ଟ ଅନୁଯାୟୀ ନୂଆ ସରକାର ଗଠନ ହେବାର ୫ ମାସ ଭିତରେ ୧୬୪୪ ନାବାଳିକା ଦୁଷ୍କର୍ମର ଶିକାର ହୋଇଛନ୍ତି। ଏହି ସମୟରେ ମହିଳା ଉତ୍ପୀଡ଼ନ ଏବଂ ନିର୍ଯାତନାର ୧୨ ହଜାରରୁ ଅଧିକ ମାମଲା ସାମ୍ନାକୁ ଆସିଛି। ଅର୍ଥାତ୍ ପ୍ରତ୍ୟେକ ଦିନ ୧୨ରୁ ଅଧିକ ଶିଶୁ ଏବଂ ୮୪ ମହିଳା ଦୁଷ୍କର୍ମ ଓ ଉତ୍ପୀଡ଼ନର ମାମଲା ରୁଜୁ କରୁଛନ୍ତି। ଚଳିତ ବର୍ଷ ଅଲୱର ଜିଲ୍ଲାରୁ ସର୍ବାଧିକ ମାମଲା ଆସିଛି। ଗତ ୫ ମାସରେ ୮୬ ଦୁଷ୍କର୍ମ ମାମଲା ରୁଜୁ କରାଯାଇଛି। ଏହା ରାଜସ୍ଥାନରେ ବଢୁଥିବା ଅପରାଧ ଏବଂ ମହିଳା ସୁରକ୍ଷା ପ୍ରତି ବଡ଼ ପ୍ରଶ୍ନ ଚିହ୍ନ ଉଠାଇଛି।

ଚଳିତ ବର୍ଷ ମେ' ମାସରେ କେବଳ ୨୯୭ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ କରାଯାଇଛି। ସେହିପରି ଜାନୁଆରୀରୁ ମେ' ୨୫ ମଧ୍ୟରେ ପୋକ୍ସୋ ଆଇନ ଅନୁଯାୟୀ ୧୧୪୪ ମାମଲା ରୁଜୁ କରାଯାଇଥିଲା। ରାଜ୍ୟରେ ୫୭ ପୁଲିସ ଜିଲ୍ଲା ରହିଛି। ଦୁଷ୍କର୍ମ ମାମଲାରେ ଅଲୱର ପରେ ବିକେନେର ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ଚଳିତ ବର୍ଷ ପ୍ରାରମ୍ଭରୁ ମେ' ୨୫ ମଧ୍ୟରେ ୬୭ ଶିଶୁଙ୍କ ସହ ଦୁଷ୍କର୍ମ କରାଯାଇଛି। ଉଦୟପୁରରେ ମେ' ମାସରେ ୧୩ ନାବାଳିକା ଦୁଷ୍କର୍ମର ଶିକାର ହୋଇଥିବାବେଳେ ଗତ ପାଞ୍ଚ ମାସରେ ୫୫ ଯୌନ ଉତ୍ପୀଡ଼ନ ମାମଲା ରୁଜୁ କରାଯାଇଥିଲା। ଏହି ଅବଧି ମଧ୍ୟରେ ଝାଲାୱଡ଼ରେ ୫୧, ଧୌଲପୁରରେ ୫୧, ହନୁମାନଗଡ଼ରେ ୪୭, ଦୌସାରେ ୪୬, ଅଜମେରରେ ୪୫, ନାଗୌରରେ ୪୨, ଭରତପୁରରେ ୪୧ ମାମଲା ରୁଜୁ ହୋଇଥିଲା। ନୂଆ ସରକାରର ପାଞ୍ଚ ମାସର ଏହି ରିପୋର୍ଟ କାର୍ଡ ଜନସାଧାରଣଙ୍କ ସହିତ ସାମାଜିକ କର୍ମୀଙ୍କୁ ଡରାଇ ଦେଇଛି।





# ଶିଳ୍ପାଞ୍ଚଳର ବିକାଶ ନା ବିନାଶ ଚାହୁଁଛି ଇଡକୋ ?

କଟକ,୨୫।୬(ସମିସ)

ଡ୍ରେନ ନିର୍ମାଣ ଆଳରେ ଜଗତପୁର ଶିଳ୍ପାଞ୍ଚଳରେ ଇଡକୋର ବେପରୁଆ ମନୋଭାବ ନେଇ ଶିଳ୍ପଦ୍ୟୋଗୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶିଳ୍ପାଞ୍ଚଳ ପରିବେଶ ସୁରକ୍ଷା ପାଇଁ ଲଗାଯାଇଥିବା ଗଛ ଗୁଡ଼ିକୁ ମଧ୍ୟ କାଟିଦିଆଯାଉଛି ବୋଲି ଓଡିଶା ଶିଳ୍ପ ସଂଘ ଅଭିଯୋଗ କରିଛି। ଏପରିକି ଶିଳ୍ପାଞ୍ଚଳ ପରିସରରେ ଗଛ ନ ଲଗାଇବାକୁ ଇଡକୋ ଡିଭିଜିନାଲ ମୁଖ୍ୟ କହିବା ବିସ୍ମୟର ବିଷୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଇଡକୋର ଏଭଳି କାର୍ଯ୍ୟ ପାଇଁ

**● ପୁରୁଣା ଡ୍ରେନ ପୋତିବା ସହ ଗଛ କାଟି ଚାଲିଛି ନିର୍ମାଣ**
**● ଓଡ଼ିଶା ଶିଳ୍ପ ସଂଘର ଆନ୍ଦୋଳନ ଧମକ**

ବିକାଶ ବଦଳରେ ଇଡକୋ ଏହାକୁ ବିନାଶ ମୁହଁକୁ ଠେଲି ଦେଉଥିବା ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ଶିଳ୍ପଦ୍ୟୋଗୀ ମାନେ ଇଡକୋ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇଛନ୍ତି। ଡ୍ରେନ ନିର୍ମାଣ ପାଇଁ ଶିଳ୍ପ ସଂସ୍ଥା ଗୁଡିକର ପାଚେରି ମୂଳ ତାଡିଚାଲିଛି ଇଡକୋ। ଏଥିସହ ଓଡିଶା ଶିଳ୍ପ ସଂଘର ଏକ ପ୍ରତିନିଧି ଦଳ ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋଙ୍କ ନେତୃତ୍ୱରେ ଉକ୍ତ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଥିଲେ। ଏହି କାର୍ଯ୍ୟରୁ ଇଡକୋ ନିବୃତ୍ତ ରହିବା ସହ ଆସନ୍ତା ୭ଦିନ ମଧ୍ୟରେ ସମସ୍ୟା ସମାଧାନ ନ କରିଲେ ଅନଶନ ପାଇଁ ସଂଘ ଚେତାବନୀ ଦେଇଛି। ଏହି ପ୍ରତିନିଧି ଦଳରେ ଅଜୟ ପଣ୍ଡା, ସୁଧାକର ସ୍ୱାଇଁ, ରାଜେଶ କାନୁନଗୋ, ବିନୋଦ ଭୁତ, ରମା ନାୟକ, ଗୌରଗୋପାଳ, ଅଶୋକ ସାହୁ, ପ୍ରଶାନ୍ତ ମହାପାତ୍ର, ରୁଦ୍ର ଆଚାର୍ଯ୍ୟ, ବିଭୁଦତ୍ତ ସାମନ୍ତରାୟ, ବିକାଶ ମହପାତ୍ର, ଦେବବ୍ରତ ଗରାବଡୁ, କୌଶିକ ପୋଦ୍ଦାର ଉପସ୍ଥିତ ଥିଲେ।











# ବିଧାୟିକାଙ୍କ ବକ୍ସ ଡ୍ରେନ୍ ଅଞ୍ଚଳ ପରିଦର୍ଶନ

କଟକ,୨୫।୬(ସମିସ)



ପୂର୍ବାହ୍ନରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୌସ କଟକ ସହରର ଜଳବନ୍ଦୀ ସମସ୍ୟାକୁ ନେଇ ବକ୍ସ ଡ୍ରେନ ସମେତ ବିଭିନ୍ନ ଛୋଟ ଛୋଟ ଡ୍ରେନ ବୁଲି ଦେଖିଛନ୍ତି। କିପରି ଜଳ ସହଜରେ ନିଷ୍କାସନ ହେବ ଏବଂ ସହରରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ନେହେବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ସେ ଆଲୋଚନା କରିଥିଲେ। ପଟ୍ଟାପୋଲଠାରୁ ଆରମ୍ଭ କରି ସୂତାହାଟ, ବାରପଥର, ମକରାବାଗ ସାହି, ଧୋବି ଲେନ, ମେରିଆ ବଜାର ଓ କେଶରପୁର ଆଦି ଅଞ୍ଚଳ ବୁଲି ଦେଖିଥିଲେ। ତୁରନ୍ତ ପଙ୍କୋଦ୍ଧାର କାର୍ଯ୍ୟ ସାରିବା ସହିତ ଯେଉଁ ସ୍ଥାନରେ ଜମି ରହିଥିବା ଅଳିଆ ଆବର୍ଜନା ଗୁଡିକୁ ସଫା କରିବା ପାଇଁ ବିଧାୟିକା କହିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ସିଏମସିର ଯୁଗ୍ମ କମିଶନର ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ସ୍ୱାସ୍ଥ୍ୟ ଅଧିକାରୀ ଡ.ସତ୍ୟବ୍ରତ ମହାପାତ୍ର, ଡ୍ରେନେଜ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଜୟ ପଣ୍ଡାଙ୍କ ସହ ଅନ୍ୟ ଯନ୍ତ୍ରୀ ମାନେ ଯୋଗଦେଇଥିଲେ। କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, କର୍ପୋରେଟର ଲିଜାରାଣୀ ରାଉତ, ଜେ କାମେଶ ରାଓ, ପୂର୍ବତନ କର୍ପୋରେଟର ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଅନିତା ନାୟକ, କଂଗ୍ରେସ ନେତା ସେକ ଜାକିର, ସେକ ଅସଲମ, ସୂର୍ଯ୍ୟକାନ୍ତ ରାଉତ, ସେକ ମିନାଜାଉଦ୍ଦୀନ, ଆର୍ଯ୍ୟବୀର ଲେଙ୍କା, ସନ୍ତୋଷ ପାତ୍ର, ସେକ ଗୁଲାମଉଦ୍ଦୀନ, ଜି ଭାସ୍କର ରାଓ, ଭାଗବତ ସ୍ୱାଇଁ, ଶେଷଦେବ ସାହୁ, ମହେଶ ରାୟ ଉପସ୍ଥିତ ଥିଲେ।

# ଡ. ସୌଭାଗ୍ୟ ମିଶ୍ରଙ୍କୁ କବି ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ

କଟକ,୨୫।୬(ସମିସ)



କବି ଅନନ୍ତ ପଟ୍ଟନାୟକଙ୍କ କାବ୍ୟସ୍ୱର କେବଳ ସଂଗ୍ରାମ ବା ମେହନତି ମଣିଷର ନ ଥିଲା, ସେଥିରେ ମଧ୍ୟ ପ୍ରେମ ପ୍ରଣୟର ଚିତ୍ର ଫୁଟି ଉଠିଥିଲା। ଜଣେ କବି ଭାବରେ ତାଙ୍କର ସିଦ୍ଧି ଓଡ଼ିଆ ସାହିତ୍ୟ ଇତିହାରେ ଅନତି କ୍ରମଣୀୟ ହୋଇ ରହିଛି ବୋଲି ଉତ୍କଳ ସାହିତ୍ୟ ସମାଜ ଓ କବି ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କବି ଅନନ୍ତ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟାରେ ଅତିଥିମାନେ ପ୍ରକାଶ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସନ୍ଧ୍ୟାର ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ ଯେ, ଅନନ୍ତ ପଟ୍ଟନାୟକଙ୍କର କାବ୍ୟ-କବିତା ଭାଷା ଦୃଷ୍ଟିରୁ ଥିଲା ବେଶ୍ ସମୃଦ୍ଧ। ସାହିତ୍ୟର ମୂଳ ଭିତ୍ତି ଭାଷା ହୋଇଥିବାରୁ, ତାଙ୍କର ସୃଷ୍ଟି ସମ୍ଭାର ସବୁଶ୍ରେଣୀର ପାଠକଙ୍କୁ ପ୍ରଭାବିତ କରିଥିଲା।

ବିଶିଷ୍ଟ ସାହିତ୍ୟ ସମାଲୋଚକ ଡ. ଗିରୀଶଚନ୍ଦ୍ର ମିଶ୍ର ସ୍ମାରକୀ ବକ୍ତୃତା ପ୍ରଦାନ କରି କହିଥିଲେ ଯେ, ଅନନ୍ତ ପଟ୍ଟନାୟକ କେବଳ ସଂଗ୍ରାମର ସାହିତ୍ୟ ସୃଷ୍ଟି କରିନାହାନ୍ତି, ତାଙ୍କ କବିତାରେ ପ୍ରେମ-ପ୍ରଣୟର ଚିତ୍ର ମଧ୍ୟ ବେଶ୍ ହୃଦୟଗ୍ରାହୀ। ଏହି ଅବସରରେ ବରେଣ୍ୟ ଅତିଥି ପ୍ରଖ୍ୟାତ କବି ଡକ୍ଟର ସୌଭାଗ୍ୟ କୁମାର ମିଶ୍ରଙ୍କୁ 'କବି ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ଉତ୍ସବରେ କବି ଡକ୍ଟର ବୈଜୟନ୍ତୀ ମିଶ୍ର, ସଞ୍ଜୟ ପରିଡା, ସୁରେଶ ନାୟକ, ଆଶିଷ ମହାପାତ୍ର, ସୁଚେତା ନନ୍ଦ ପ୍ରମୁଖ ଅନନ୍ତ ପଟ୍ଟନାୟକଙ୍କ ରଚିତ କବିତାପାଠ କରିଥିଲେ। ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ସଂପାଦକ ବିଜୟ କୁମାର ପଢ଼ିହାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ରାଧାଶ୍ୟାମ ରାଉଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସରୋଜିନୀ ମିଶ୍ର ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ଶିବାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ କବିଙ୍କ ପୁତ୍ର ଅମରେଶ ପଟ୍ଟନାୟକଙ୍କ ସମେତ ପରିବାରର ସଦସ୍ୟ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ମାନସିକ ସ୍ଥିତି ବିଗାଡୁଛି ମୋବାଇଲ୍

# ଏସସିବିରେ ବଢୁଛନ୍ତି 'ନୋ-ମୋ-ଫୋବିଆ' ରୋଗୀ

କଟକ,୨୫।୬(ସମିସ)



ମୋବାଇଲ୍ ଫୋନ୍ ଲୋକଙ୍କୁ ମାନସିକ ସ୍ତରରେ କବଳିତ କରି ରଖୁଛି। ଘଣ୍ଟା ଘଣ୍ଟା ମୋବାଇଲ ଫୋନ ବ୍ୟବହାର କରିବା ପରେ ମଧ୍ୟ ଲୋକେ ମୋବାଇଲ ଠାରୁ ଘଡିଏ ଦୂରେଇ ରହି ପାରୁନାହାନ୍ତି। ମୋବାଇଲ୍, ଏବେ ଲୋକଙ୍କୁ ମାନସିକ ରୋଗ ଆଡକୁ ଟାଣି ନେଲାଣି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ। ମୋବାଇଲ ଫୋନ୍‌ର ବହୁଳ ବ୍ୟବହାର କରି ମାନସିକ ସ୍ତରରେ ଦୁର୍ବଳ ଅବା ଅବସାଦ ଆଡକୁ ଗତି କରୁଥିବା

**● ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଆସୁଛନ୍ତି ମାସକୁ ୫ରୁ ଅଧିକ**
**● କାଉନସେଲିଂ ଓ ସିବିଟି ଥେରାପୀରେ ମିଳୁଛି ଚିକିତ୍ସା**

ଅନେକ ଲୋକେ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲ ଆସୁଛନ୍ତି। ଡାକ୍ତରୀ ବିଜ୍ଞାନରେ ଏଭଳି ରୋଗୀଙ୍କ ପାଇଁ କୌଣସି ନାମକରଣ ହୋଇ ନଥିଲେ ସୁଦ୍ଧା ଏମାନଙ୍କୁ ନୋ-ମୋ-ଫୋବିଆ ଆକ୍ରାନ୍ତ ବୋଲି କୁହାଯାଉଛି। ଏସ୍‌ସିବି ମେଡିକାଲର ଉତ୍କର୍ଷ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏଭଳି ରୋଗୀଙ୍କ ସଂଖ୍ୟା ବଢୁଛି। ପ୍ରତି ମାସରେ ୫ରୁ ଅଧିକ ନୋ-ମୋ-ଫୋବିଆ ରୋଗୀ ବଡ ମେଡିକାଲ ଆସୁଥିବା ସୂଚନା ମିଳିଛି।

ନୋ-ମୋ-ଫୋବିଆ ଅର୍ଥାତ୍ ନୋ-ମୋବାଇଲ୍-ଫୋନ୍ ଫୋବିଆ। ମୋବାଇଲ ଫୋନ୍ ବ୍ୟବହାର ବନ୍ଦ କରିବାକୁ ଡରୁଥିବା ଲୋକଙ୍କୁ ନୋ-ମୋ-ଫୋବିଆ ଆକ୍ରାନ୍ତ ବୋଲି କୁହାଯାଏ। ଯେଉଁମାନେ ମୋବାଇଲ ଠାରୁ ଦୂରେଇ ରହି ପାରନ୍ତି ନାହିଁ। କିଛି ସମୟ ପାଇଁ ଇଣ୍ଟରନେଟ୍ ସେବା ବ୍ୟାଘାତ ହେଲେ କିମ୍ବା ମୋବାଇଲ ଫୋନ୍ ବନ୍ଦ ହୋଇଗଲେ, ସେମାନେ ବ୍ୟତିବ୍ୟସ୍ତ ହୋଇ ପଡନ୍ତି। ଏକବିଂଶ ଶତାବ୍ଦୀରେ ସ୍ମାର୍ଟ ଫୋନ୍‌ର ବହୁଳ ବ୍ୟବହାର ହେଉଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବପୀଢ଼ୀ ଏପରିକି ବୟସ୍କ ଲୋକେ ମଧ୍ୟ ମୋବାଇଲ୍ ମାୟାରେ ଫସୁଛନ୍ତି। ମୋବାଇଲ୍ ବ୍ୟବହାର ଦ୍ୱାରା ଦିନର ଅଧାଧିକ ସମୟ ଅପଚୟ କରୁଛନ୍ତି। ସମୟକ୍ରମେ ସେମାନଙ୍କ ମାନସିକ ସ୍ଥିତି ଦୁର୍ବଳ ହୋଇ ପଡୁଛି ବୋଲି ଡାକ୍ତର କୁହନ୍ତି।

ଏସ୍‌ସିବି ଉତ୍କର୍ଷ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଗତ କିଛି ମାସ ହେବ ଏଭଳି ରୋଗୀ ଆସିବା ଆରମ୍ଭ କରିଛନ୍ତି। ଏହା କୌଣସି ଗୁରୁତର ରୋଗ ନୁହେଁ। କିନ୍ତୁ ସେମାନଙ୍କୁ ଦୁର୍ବଳ ମାନସିକ ସ୍ଥିତିରୁ ମୁକୁଳାଇବା ପାଇଁ ପ୍ରତିଷ୍ଠାନରେ ଚିକିତ୍ସା ବ୍ୟବସ୍ଥା ରହିଛି। ବିଶେଷକରି ନୋ-ମୋ-ଫୋବିଆ ରୋଗୀଙ୍କ କାଉନସେଲିଂ କରାଯାଉଛି। ମୋବାଇଲ ବ୍ୟବହାର କିପରି କମ୍ କରିବେ କିମ୍ବା ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣି ମୋବାଇଲ ଠାରୁ ଦୂରେଇ ରହିବେ ସେ ଦିଗରେ ସେମାନଙ୍କୁ ଟିପ୍ପଣୀ ଦିଆଯାଉଛି। ଏତଦବ୍ୟତୀତ କଗ୍ନିଟିଭ୍ ବିହେଭିଓରାଲ ଥେରାପୀ(ସିବିଟି) ଦ୍ୱାରା ସେମାନଙ୍କ ମାନସିକ ଅବସ୍ଥାରେ ଉନ୍ନତି ଆଣିବା ଦିଗରେ ଉଦ୍ୟମ କରାଯାଉଛି। ପ୍ରାୟତଃ ଏସ୍‌ସିବିରେ ଏଭଳି ଚିକିତ୍ସା ପଦ୍ଧତି ସଫଳ ହେଉଛି। ନୋ-ମୋ-ଫୋବିଆ ଆକ୍ରାନ୍ତଙ୍କ କ୍ଷେତ୍ରରେ ନିଦ୍ରାହୀନତା, ସାମାଜିକ ଦୂରତା, ସାଧାରଣ ଉଦ୍‌ବେଗ ଠାରୁ ଦୂରେଇ ରହିବା ଭଳି ଲକ୍ଷଣ ସବୁ ଦେଖାଯାଏ। ଅନେକ ଅଭିଭାବକ ମଧ୍ୟ ସେମାନଙ୍କ ସ୍କୁଲ ପଢୁଆ ଛୋଟ ପିଲାଙ୍କୁ ନେଇ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଆସୁଛନ୍ତି।

### କ'ଣ କହନ୍ତି ଡାକ୍ତର



ମୋବାଇଲ୍ ଫୋନ୍‌ର ବହୁଳ ବ୍ୟବହାର ଲୋକଙ୍କ ମାନସିକ ଅବସ୍ଥାକୁ ପ୍ରଭାବିତ କରୁଛି। ଏହା ସମସ୍ତେ ଜାଣି ସାରିଲେଣି। ଏଣୁ ଏବେ ସଚେତନ ହେବାର ସମୟ ଆସିଛି। ଘଣ୍ଟାଘଣ୍ଟା ମୋବାଇଲ ଫୋନ୍ ବ୍ୟବହାର କରିବା ଦ୍ୱାରା ଆମ ମସ୍ତିଷ୍କ କ୍ଳାନ୍ତ ହୋଇପଡେ। କ୍ଳାନ୍ତ ମସ୍ତିଷ୍କ ଅନ୍ୟ କୌଣସି କାର୍ଯ୍ୟ କରିପାରେ ନାହିଁ। ଅନ୍ୟ କାର୍ଯ୍ୟ ଠାରୁ ମଧ୍ୟ ଦୂରେଇ ରହିବାକୁ ଆମକୁ ବାଧ କରେ। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କ ଲୋକେ ମଧ୍ୟ ମୋବାଇଲରେ ଅଧିକ ସମୟ ଅତିବାହିତ କରୁଛନ୍ତି। ଯାହାକି ସେମାନଙ୍କୁ ସୁସ୍ଥ ମାନସିକ ସ୍ଥିତି ପ୍ରଦାନ କରୁନାହିଁ। ଏଭଳି କ୍ଷେତ୍ରରେ ଚିକିତ୍ସା ଅପେକ୍ଷା ସଚେତନତା ଅଧିକ ଜରୁରୀ।

■ ପ୍ରଫେସର ଡାକ୍ତର ଅଜୟ ମିଶ୍ର, ଏସ୍‌ସିବି ମେଡିକାଲ

# ସ୍ୱଚ୍ଛ ସାଥୀଙ୍କ ବିୟୋଗରେ ଶୋକସଭା

**କଟକ,୨୫।୬(ସମିସ):** ଆଜି ସନ୍ଧ୍ୟା ସମୟରେ ଗଡଖାଇ ସ୍ଥିତ ମେୟରଙ୍କ ସରକାରୀ ଆବାସରେ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ପ୍ରଭାତୀ ମହାନ୍ତିଙ୍କ ଅକାଳ ବିୟୋଗ ପାଇଁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁସାରେ ସ୍ୱର୍ଗତ ପ୍ରଭାତୀ ମହାନ୍ତି ୱାର୍ଡ ନମ୍ବର ୪୩ ଅପର୍ଣ୍ଣା ନଗର ଚାଉଳିଆଗଞ୍ଜରେ ଏକ ସ୍ୱଚ୍ଛ ସାଥି ଭାବରେ କାର୍ଯ୍ୟରତ ଥିଲେ। ଗତ ୨୦ ତାରିଖ ଦିନ ବ୍ରେନ୍ ଷ୍ଟ୍ରୋକରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ସେ ଜଣେ ସଚ୍ଚୋଟ, କର୍ମନିଷ୍ଠା ଓ କଠିନ ପରିଶ୍ରମୀ କର୍ମଚାରୀ ଥିଲେ। ତାଙ୍କର ମୃତ୍ୟୁରେ ସମସ୍ତ ସ୍ୱଚ୍ଛସାଥି, କଟକ ମହାନଗର ନିଗମ କର୍ମଚାରୀ ପରିବାର ଅମର ଆତ୍ମାର ସତଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହି ଅବସରେ ମେୟର ଶ୍ରୀ ସିଂହଙ୍କ ସହିତ ସିଏମସି ଆସିଷ୍ଟାଣ୍ଟ କମିଶନର ତ୍ରିନାଥ ବେହେରା, ଏସଆଇ ପ୍ରତାପ ମହାନ୍ତି, ପ୍ରଭାତ ପାଇଟଲ, ପିତାମ୍ବର ମଲ୍ଲିକ ସମସ୍ତ ସ୍ୱଚ୍ଛ ସାଥୀମାନେ ଉପସ୍ଥିତ ଥିଲେ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଙ୍ଗରାଜ ସ୍ୱାଇଁଙ୍କ ପରଲୋକ



**କଟକ,୨୫ ।୬(ସମିସ):** ବରିଷ୍ଠ କଂଗ୍ରେସ ନେତା ତଥା କଟକ ସଦର ବ୍ଲକର ପୂର୍ବତନ ଅଧ୍ୟକ୍ଷ ମଙ୍ଗରାଜ ସ୍ୱାଇଁଙ୍କ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ କଟକ-ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ପ୍ରିୟଜିତ ରାୟ, ସତ୍ୟାନନ୍ଦ ରାଉତ, ଅନିଲ ବେଉରା, ଦେବ ରଞ୍ଜନ ବୈଠାଲୁ, ରାଜକିଶନ୍ ସ୍ୱାଇଁ ତାଙ୍କର ଜରିପଡାସ୍ଥିତ ବାସଭବନରେ ଉପସ୍ଥିତ ରହି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକିଶୋର ସ୍ୱାଇଁ, ରାମଚନ୍ଦ୍ର ଗୋଚ୍ଛାୟତ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସ୍ୱାଇଁ, ଉରାଳି ସରପଞ୍ଚ ଅଭିଷେକ ବେହେରା, କର୍ପୋରେଟର ବସନ୍ତ ବେହେରା, ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଦେବାଶିଷ ବେହେରା, ରଞ୍ଜନ ବେହେରା, ସିଦ୍ଧାର୍ଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ସ୍ୱାଇଁ କଟକ ସଦର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଓ ପରେ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ସୁଜିତ୍ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।



# କଟକ ସିଟି

# ପ୍ରମୁଖ ରାସ୍ତା 'ନୋ ପାର୍କିଂ ଜୋନ୍' ଘୋଷିତ

**କଟକ, ୨୫।୬(ସମିସ)**

ଏଣିକି ରାସ୍ତା ପାର୍ଶ୍ୱରେ ମନଇଚ୍ଛା ଗାଡ଼ି ରଖିଲେ ଚାଳକଙ୍କୁ ଜରିମାନା ଦେବାକୁ ପଡ଼ିବ। ଏହାସହ ଗାଡ଼ିକୁ ମଧ୍ୟ ଜବତ କରି ନିଆଯିବ। ସହର ଭିତରେ ଟ୍ରାଫିକ ସମସ୍ୟାକୁ ଏଡ଼ାଇବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କମିଶନରେଟ ପୁଲିସ ମଙ୍ଗଳବାର ସହରର ପ୍ରମୁଖ ଅଞ୍ଚଳ ରାସ୍ତାଗୁଡ଼ିକୁ ନୋ ପାର୍କିଂ ଜୋନ ଭାବେ ଘୋଷଣା କରିଛି। କଟକ ଡିସିପିଙ୍କ ଏକ ଚିଠିକୁ ଆଧାର କରି ଓଡ଼ିଶା ସହରାଞ୍ଚଳ ଆଇନ ୨୦୦୩ର ଧାରା ୨୮ (ଓଡ଼ିଶା ଆକ୍ଟ ୨୦୦୭ର ଧାରା ୮) ଏବଂ କମିଶନରେଟ ପୋଲିସ(ଟ୍ରାଫିକ ଓ ପବ୍ଲିକ ଅର୍ଡର) ୨୦୦୮ର ଧାରା ୧୯ ଓ ୨୧କୁ ଆଧାର କରି ସର୍ବସାଧାରଣଙ୍କ ବାଧାମୁକ୍ତ ଗମନାଗମନ ଏବଂ ପାର୍କିଂ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନେଇ ଏକ ବିଜ୍ଞପ୍ତି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜାରୀ କରାଯାଇଛି।

ନୋ ପାର୍କିଂ ଜୋନ ଘୋଷିତ ଅଞ୍ଚଳଗୁଡ଼ିକ ହେଉଛି ମଧୁପାଟଣା ଛକରୁ ବାଦାମବାଡି ଛକ ରାସ୍ତାର ଉଭୟ ପାର୍ଶ୍ୱ, ଓଏମପି ଛକରୁ ସିଆରଆରଆଇ ଥାନା ରାସ୍ତାର ଉଭୟ ପାର୍ଶ୍ୱ, ଓଏମପି ଛକରୁ କାଳିଆବୋଦା ଛକ ଏବଂ କାଳିଆବୋଦା ଛକରୁ ଓଏମପି ଛକର ଉଭୟ ପାର୍ଶ୍ୱରେ ଥିବା ସର୍ଭିସ ରୋଡ, ମଣିମନ୍ଦିର ଛକରୁ ବେଲିଭ୍ୟୁ ଛକ/ଜୁଡିସିଆଲ ଏକାଡେମି ଛକ ଏବଂ ବେଲିଭ୍ୟୁ/ଜୁଡିସିଆଲ ଏକାଡେମି ଛକରୁ ଚହଟା ଛକର ଉଭୟ ପାର୍ଶ୍ୱ, ଚହଟା ଛକରୁ ଯୋବ୍ରା ଆନିକଟ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ, ଯୋବ୍ରା ଆନିକଟ ଛକରୁ କାଳିଆବୋଦା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍, ଓଏମପି ଛକରୁ ହାୱଡା ମୋଟର ଛକର ରାସ୍ତାର ଉଭୟ ପାର୍ଶ୍ୱ, ରାଣୀହାଟ ଛକରୁ ଖାନନଗର ଛକ ରାସ୍ତାର ଉଭୟ ପାଶ୍ୱର୍, ମାତାମଠ ଛକରୁ ଚାନ୍ଦିନଚୌକ ଛକ ରାସ୍ତାର ଉଭୟ ପାର୍ଶ୍ୱ (ଭାୟା ହାୱଡା ମୋଟର ଛକ, ବକ୍ସିବଜାର ଛକ, ଜେଲ ରୋଡ, ଚୌଧୁରୀ ବଜାର ଛକ, ବାଲୁବଜାର ଛକ, ହାଇକୋର୍ଟ ଛକ), ହାଇକୋର୍ଟ ଛକରୁ ଡିପିଓ ଗଡ଼ା ରାସ୍ତାର ଉଭୟ ପାଶ୍ୱର୍, ଗଡ଼ଗଡ଼ିଆ ମନ୍ଦିର ଛକରୁ ଚଣ୍ଡୀ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ, ସତୀଚଉରା ଛକରୁ ବିଜୁ ପଟ୍ଟନାୟକ ଛକ (ଭାୟା-ସେଲଟର ଛକ, କନିକା ଛକ) ରାସ୍ତାର ଉଭୟ ପାର୍ଶ୍ୱ, ପିଏଚଡି ଅଫିସ ଛକରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ, ଦୋଲମୁଣ୍ଡାଇ ଛକରୁ ଜେଲ ରୋଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ, ନୂଆ ଏସସିବି ଛକରୁ କ୍ଲକ ଟାୱାର ଛକ ରାସ୍ତାର ଉଭୟ ପାଶ୍ୱର୍, କ୍ଲକ ଟାୱାର ଛକରୁ ମାତୃଭବନ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ, ଯୋବ୍ରା ଆନିକଟ ଛକରୁ କଟକ ସୁଇଟ ଷ୍ଟଲ ଏବଂ ଆଇ ଲଭ କଟକରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍, ଜଗତପୁର ଗୋଲେଇ ଛକରୁ ଖଇରା ବ୍ରିଜ ଉଭୟ ପାର୍ଶ୍ୱ ରାସ୍ତା, ଜଗତପୁର ଗୋଲେଇ ଛକରୁ ବିରୂପା ବ୍ରିଜ ସର୍ଭିସ ରୋଡ ଉଭୟ ପାଶ୍ୱର୍ ରାସ୍ତାରେ ଏହି କଟକଣା ଜାରୀ କରାଯାଇଛି।



- ରାସ୍ତାକଡ଼ରେ ଗାଡ଼ି ରଖିଲେ ଜରିମାନା
- ବାଧାମୁକ୍ତ ଗମନାଗମନ ଲାଗି ପଦକ୍ଷେପ

ତେବେ ଏହି ନିର୍ଦ୍ଦେଶନାମାକୁ ଖିଲାପ କଲେ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଯଦି ଗାଡିକୁ ଜବତ କରାଯିବା ସମୟରେ କ୍ରେନ ବ୍ୟବହାର କରାଗଲେ ସେ ବାବଦ ଖର୍ଚ୍ଚ ମଧ୍ୟ ଗାଡି ମାଲିକଙ୍କୁ ଦେବାକୁ ପଡ଼ିବ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ରକ୍ତ ଶିକୁଳି ସଚେତନତା କାର୍ଯ୍ୟକ୍ରମ



**କଟକ, ୨୫।୬(ସମିସ):** ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ କଟକରେ ରକ୍ତ ଶିକୁଳି ସଚେତନତାମୂଳକ କାର୍ଯ୍ୟକ୍ରମ ଅଧକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସିଟି ହସପିଟାଲ ଚିକିତ୍ସାଧିକାରୀ ଡ. ଦେବାଶିଷ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ରକ୍ତ ଶିକୁଳି ରୋଗର କାରଣ, ଲକ୍ଷଣ ତଥା ପ୍ରତିଷେଧକ ବ୍ୟବସ୍ଥା ଉପରେ ବିଶଦ ଆଲୋଚନା କରିଥିଲେ। ଡ. ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହାୟକ ପ୍ରାଧ୍ୟାପକ ହେମନ୍ତ ମଲ୍ଲିକ କାର୍ଯ୍ୟକ୍ରମର ପ୍ରାକ ସୂଚନା ପ୍ରଦାନ କରିଥିଲେ। ସୟିଦା ଖାତୁନ ମଞ୍ଚ ପରିଚାଳନା କରିଥିଲେ ସହାୟକ ପ୍ରାଧ୍ୟାପିକା ଲୋପାମୁଦ୍ରା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ବେଶ ଉତ୍ସାହିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଡ ଅର୍ଜୁନ ନାଏକ, ଜାନକୀ ଝା, ଶବ୍ଦାଦୀ ବେହେରା, ନଗୀନା ବାନୋ, ପ୍ରୀତିପ୍ରଜ୍ଞା, ରାଜୀବ ଲୋଚନ ସାହୁ, ପ୍ରିୟଙ୍କା ସ୍ୱାଇଁ, ପ୍ରଶାନ୍ତ ନନ୍ଦ, ପ୍ରଶାନ୍ତ ମଲ୍ଲିକ, ରଶ୍ମି ରଞ୍ଜନ ଦାସ, ସୁନୀତା ଆଚାର୍ଯ୍ୟ, ତେଜସ୍ୱିନୀ ଆଚାର୍ଯ୍ୟ, ରଘୁନାଥ ଦାସ, ସତ୍ୟବାନ ପ୍ରଧାନ, ପ୍ରଭାକର ସାହୁ, ବି. ଚନ୍ଦ୍ରମା ଓ ମୀନା ଗିରି ପରିଚାଳନା କରିଥିଲେ।

## କଳା ଦିବସର ୫୦ ବର୍ଷ ପାଳନ




**କଟକ, ୨୫।୬(ସମିସ):** ସିଡିଏ ୬ ଜୟନାରାୟଣ ପାର୍କ ସମ୍ମୁଖରେ ୧୯୭୫ ଜୁନ୍ ୨୫ରେ ଇନ୍ଦିରା ଗାନ୍ଧୀଙ୍କ ଦେଶରେ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଦ୍ୱାରା କଳା ବ୍ୟାଚ୍ ପିନ୍ଧି କଳାଦିବସ ପାଳନ କରାଯାଇଛି। ସେ ସମୟରେ ଜେଲ୍ ବରଣ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଶିଶିର ଦାସ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ସଭାରେ ବରିଷ୍ଠ ସାମ୍ବାଦିକ ସତ୍ୟ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓମ୍ ପ୍ରକାଶ ରାୟ, କୃଷ୍ଣ କେଶବ ମିଶ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଦୀପ ସ୍ୱାଇଁ, ସୁବାରାଜ ଜେନା, ବିଜୟ ରାଉତରାୟ, ଡଲି ଦାସ, ପ୍ରକାଶ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଆଲୋଚନାରେ ଦୟାନିଧି ଲେଙ୍କା, ଡ.ବିଶ୍ୱଜିତ୍ ରାୟ, ସବିତା ରଞ୍ଜନ ପଟ୍ଟନାୟକ, କେଦାରନାଥ ଜାଲି, ପ୍ରଫୁଲ୍ଲ ସିଂ, ସୁଧିର ବଳ, ମାନସ ପଟ୍ଟନାୟକ, ଦୀପୁ ଭୂୟାଁ, ଡଃ.ଶୈଳଜା ନନ୍ଦିନୀ ଜେନା, ଅରୁଣ ପଣ୍ଡା, ଭବାନୀ ପ୍ରସାଦ ମିଶ୍ର, ମାନସୀ ଦାସ, ମନୋରମ ରାଉତ, କୌସ୍ତୁଭ ଚୌଧୁରୀ ଓ ଯୁଗଳ ନାୟକ ଭାଗ ନେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାତୀୟ ପଛୁଆବର୍ଗ ସଂଘର ରାଜ୍ୟ କର୍ମକର୍ତ୍ତା

**କଟକ, ୨୫।୬(ସମିସ):** ଜାତୀୟ ପଛୁଆବର୍ଗ ସଂଘ ରାଜ୍ୟ ସଭାପତି ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ସମସ୍ତ ରାଜ୍ୟ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଆଜି ଭେଟି ସମ୍ବର୍ଦ୍ଧନା ଦେବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଓଡ଼ିଶାରେ ୬୦ ପ୍ରତିଶତ ପଛୁଆବର୍ଗ ଜାତି ବସବାସ କରୁଥିବା ବେଳେ ମୌଳିକ ଅଧିକାରରୁ ସେମାନେ ବଞ୍ଚିତ ହେଉଛନ୍ତି। ଯେଉଁଥି ପାଇଁ ସେମାନଙ୍କ ଆର୍ଥିକ, ସାମାଜିକ, ଶିକ୍ଷାଗତ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ବିକାଶ ହେଉନାହିଁ। ଗତ ସରକାର ଜାତିଗତ ଜନଗଣନା ନାମରେ ପ୍ରହସନ କରିଥିଲେ। ଓଡ଼ିଶାର ପଛୁଆବର୍ଗ ଜାତିକୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ରାଜ୍ୟରେ ଘରକୁ ଘର ଯାଇ ସମସ୍ତ ଜାତିର ଜାତିଗତ ଜନଗଣନା କରିବା ସହ ପଛୁଆବର୍ଗଙ୍କ ସଂଖ୍ୟା ନିର୍ଣ୍ଣୟ କରିବା ଏବଂ ଶିକ୍ଷା, ନିଯୁକ୍ତି, ବିଭିନ୍ନ ସରକାରୀ ଲାଭଦାୟକ କ୍ଷେତ୍ର ଓ ରାଜନୈତିକସ୍ତରରେ ପଛୁଆ ବର୍ଗ ଜାତିମାନଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଇତ୍ୟାଦି ଦାବି ସମୂହ ସମ୍ବଳିତ ଏକ ଦାବି ପତ୍ର ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ପ୍ରତିନିଧି ଦଳରେ ପଛୁଆବର୍ଗ ନେତା ମିତ୍ରଭାନୁ ମହାକୁଡ, ସୁଧାଂଶୁ ନାଏକ, କାର୍ତ୍ତିକ ଚନ୍ଦ୍ର ବେହେରା, ବିନୋଦ ପରିଡ଼ା ଓ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।



### ଏସ୍‌ସିବିରେ ଅଭାବନୀୟ ଘଟଣା

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ

**କଟକ, ୨୫।୬(ସମିସ):** ଏସ୍‌ସିବି ମେଡିକାଲରେ ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ନପାଇ ପ୍ରାଣ ହରାଇଛନ୍ତି ଜଣେ ରୋଗୀ। ପ୍ରାୟ ୧୨ ଘଣ୍ଟା ପଡ଼ି ରହିବା ପରେ ମଧ୍ୟ ତାଙ୍କୁ ଚିକିତ୍ସା ମିଳି ନଥିଲା। ମଙ୍ଗଳବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ଘଟଣାକୁ ନେଇ ମେଡିକାଲରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଅନ୍ୟପକ୍ଷରେ ଏ ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଘଟଣାରୁ ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ବେତାଳି ଗ୍ରାମର ବୃଦ୍ଧା କଲରେଇ ମଲ୍ଲିକ। ବୟସ ୬୫ବର୍ଷ ହେବ। ହଠାତ୍ ଅସୁସ୍ଥ ହୋଇ ପଡ଼ିଥିବା କଲରେଇଙ୍କୁ ଭଦ୍ରକ ମେଡିକାଲରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସୋମବାର ରାତି ପ୍ରାୟ ୧୦ଟାରେ କଲରେଇଙ୍କୁ ଏସ୍‌ସିବି ମେଡିକାଲ ଅଣାଯାଇଥିଲା। କାଜୁଆଲିଟିରେ ଭର୍ତ୍ତି ହୋଇଥିଲେ କଲରେଇ। ତାଙ୍କ ଭ୍ୱାଇଁ ଭାଗବତ ମଲ୍ଲିକଙ୍କ ଅଭିଯୋଗ ଅନୁସାରେ, କାଜୁଆଲିଟିରେ କୌଣସି ଚିକିତ୍ସା କରାଯାଇ ନଥିଲା। ବିଳମ୍ବିତ ରାତିରେ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ରାତି ଯାକ ଯନ୍ତ୍ରଣାରେ କଲରେଇ ଛଟପଟ ହୋଇଥିଲେ ସୁଦ୍ଧା କୌଣସି ଚିକିତ୍ସା କରାଯାଇ ନଥିଲା। ଚିକିତ୍ସା ଅବହେଳା ଯୋଗୁଁ କଲରେଇ ପ୍ରାଣ ହରାଇଛନ୍ତି ବୋଲି ତାଙ୍କ ଭ୍ୱାଇଁ ଅଭିଯୋଗ ଉଠାଇଛନ୍ତି।

## ବର୍ଷାରେ ଜଳାର୍ଣ୍ଣବ କଟକ ସହର

















## ଗଡ଼ା ଚାଲିଛି ତିନିରଥ...

# ରଥ ଉପରକୁ ଉଠିଲା ବଡ଼ଧରା ପୋଟଳ



**ପୁରୀ, ୨୫।୬(ସମିସ):** ରଥଯାତ୍ରାର ଆଦ୍ୟପର୍ବ ସ୍ନାନଯାତ୍ରା ଶେଷ ହୋଇଥିବା ବେଳେ ଠାକୁର ଏବେ ଅଣସରରେ ଅଛନ୍ତି। ଆଉ ମାତ୍ର ୧୧ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ରଥଖଳାରେ କାମ ଆଗେଇ ଚାଲିଛି। ମଙ୍ଗଳବାର ତିନିରଥର ମୂଳ କଇଁଚି ପଡ଼ିଛି। ଏହି କଇଁଚି ଚାରିନାହାକା ଭିତର ଦୁଇପାର୍ଶ୍ୱର ଚାରିନାହାକା ମୂଳରୁ ଗରଗରା ସହିତ କ୍ରସ ପରି ଫିଟିଙ୍ଗ କରାଯାଇଛି। ସେହିପରି ପ୍ରଥମ ଭୂଇଁ ଚାରିକାଠର ଉଭୟ ପାର୍ଶ୍ୱରେ କଇଁଚି ଫିଟିଙ୍ଗ ହୋଇଛି। ରଥର ଉପରିଭାଗ ନ ଦୋହଲିବା ପାଇଁ କଇଁଚି ବା କ୍ରସ ଫିଟିଙ୍ଗ କରାଯାଏ। ସେହିପରି ତିନିରଥକୁ ବଡ଼ଧରା ପୋଟଳ (ଏହି ପୋଟଳ ୧୩ ପରସ୍ତ ବିଶିଷ୍ଟ। ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ। ଏହାର ଗଠନଶୈଳୀ ଶ୍ରୀମନ୍ଦିର ଶୀର୍ଷ ଭାଗ ଅଂଶ ପରି ଦୃଶ୍ୟମାନ ହୁଏ) ଉଠିଛି। ପ୍ରତ୍ୟେକ ରଥର ତୃତୀୟ ଭୂଇଁ ଉପରେ ମହାରଣା ଏବଂ ଭୋଇ ସେବକ ଏହାକୁ ସେଟିଙ୍ଗ କରିଛନ୍ତି। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ପଛଆଣି ଢମକ ଚାରି ନାହାକାକୁ ଲାଗି କଣ୍ଟା ବାଡ଼ିଆ ଶେଷ ହୋଇଛି। ଚାରି ନାହାକା ଉଭୟ ପଟରେ ମୂଳ କଇଁଚି ବାଡିଆ ସରିଛି। ଏଥିସହ ପ୍ରତି ରଥର ଚାରିପାର୍ଶ୍ୱରେ ତାଗ ବା ବଟନ ବାଡ଼ିଆ ଆରମ୍ଭ ହୋଇଛି। ଏହି ତାଗ ବାଡିଆ ପରେ ପଟା ବାଡ଼ିଆ କାମ ଆରମ୍ଭ ହେବ। ତିନିରଥର କନକମୁଣ୍ଡି ନିର୍ମାଣ ସହ କଳସ ପିଣ୍ଡି ତିଆରି ଚାଲିଛି। ରଥରେ ବଡ଼ଧରା ପୋଟଳ ସେଟିଂ ପରେ ବାକି ପୋଟଳଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରତ୍ୟେକ ରଥର ୪ଟି ଲେଖାଏଁ ଧ୍ୱଜବତା ନିର୍ମାଣ ସରିଥିବା ବେଳେ ଦ୍ୱାରଗୁଡ଼ିକରେ ନାଟଗୋଡ଼ ସଂଯୋଗ ପାଇଁ ୮ଟି ଲେଖାଏ ଗାରେଡ଼ି ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ଚାରପରିଛାରେ ଚିତ୍ର ଖୋଦେଇ ଶେଷ କରିବା ସହ ନାଟ ଗୋଡ଼ଗୁଡିକରେ ରୂପ ଖୋଦେଇ କରୁଛନ୍ତି। ଚିତ୍ରକାର ସେବକମାନେ ପ୍ରତ୍ୟେକ ରଥର ବାହ୍ୟ ଅଂଶରେ ଧଳା ପ୍ରାଇମର ଦେବା ସହ ରଥର ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ଏବଂ ଠେକେରା ବାଡ଼ରେ ରଙ୍ଗ ଦେଉଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ କଇଁଚି କଣ୍ଟା ନିର୍ମାଣ ସହ ପୋଟଳ ପାଇଁ ଗୋଡ଼ିଛାଲ କଣ୍ଟା ତିଆରି କରୁଛନ୍ତି।

## ଏମିତି ଚାଲିଛି 'ଡିଜିଟାଲ ଇଣ୍ଡିଆ'

# ବିଶୋଇର ୫୦ ଗାଁରେ ନେଟ୍‌ୱର୍କ ମରୁଡ଼ି

**ବିଶୋଇ,୨୫।୬ (ସମିସ):** 'ଡିଜିଟାଲ ଇଣ୍ଡିଆ'କୁ ନେଇ କେନ୍ଦ୍ର ସରକାର ଡିଣ୍ଡିମ ପିଟୁଛନ୍ତି। ପ୍ରତି ପଞ୍ଚାୟତ ଏପରିକି ଗାଁ ଗାଁକୁ ଇଣ୍ଟରନେଟ୍ ସଂଯୋଗ କରାଯାଇଛି ବୋଲି କହି ନିଜ ପିଠି ଥାପୁଡ଼ଉଛନ୍ତି। କିନ୍ତୁ ସରକାରଙ୍କ ଦାବିଠାରୁ ବାସ୍ତବ ଚିତ୍ର ଯେ କେତେ ଭିନ୍ନ, ତାହାର ଆଉ ଏକ ଦୃଶ୍ୟ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ୍‌ରୁ ସାମ୍ନାକୁ ଆସିଛି। ଅତ୍ୟାଧୁନିକ ୪-ଜି, ୫-ଜି ସେବା ତ ଦୂରର କଥା; ଏହି ବ୍ଲକ୍‌ର ୫୦ରୁ ଉର୍ଦ୍ଧ୍ୱ ଗାଁରେ ମୋବାଇଲ୍ ନେଟ୍‌ୱର୍କ ବି ଆସୁନି। ବ୍ଲକର ୧୩ଟି ପଞ୍ଚାୟତରେ ୧୫୦ରୁ ଅଧିକ ଗାଁ ରହିଥିବା ବେଳେ ଏନ.ବି ପୋଖରିଆ, ଖଡ଼ମବେଡା, କୁଡ଼ିଆ, ବାଉତିବେଡା ଓ ବନେଇକଳା ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁରେ ଆଜିଯାଏ ଗୁରୁତର ନେଟ୍‌ୱର୍କ ସମସ୍ୟା ଲାଗି ରହିଛି। ଫଳରେ ଜରୁରୀ ପରିସ୍ଥିତି ସମୟରେ ଆମ୍ବୁଲାନ୍ସ, ପୁଲିସ୍ କିମ୍ବା ଦମକଳବାହିନୀକୁ ଏହି ଗ୍ରାମବାସୀମାନେ ଖବର ଦେଇପାରୁନାହାନ୍ତି।



- ଦୁଇ ଦଶନ୍ଧି ହେଲା କାର୍ଯ୍ୟକ୍ଷମ ହୋଇପାରୁନି ମୋବାଇଲ୍ ଟାୱାର୍
- ନେଟ୍‌ୱର୍କ ପାଇଁ ପାହାଡ଼ ଚଢୁଛନ୍ତି ଅଞ୍ଚଳବାସୀ
- ଜଙ୍ଗଲରେ ବି ବନ୍ଧାଯାଇଛି ମଞ୍ଚା

ନେଟ୍‌ୱର୍କ ସମସ୍ୟା ଦୂର ପାଇଁ ଖଡ଼ମବେଡା ପଞ୍ଚାୟତ ଅଧୀନ ତଥା ବ୍ଲକ କାର୍ଯ୍ୟାଳୟରୁ ମାତ୍ର କିଛି ଦୂରତାରେ ଥିବା ବାଡୁଣିଆ ଗ୍ରାମରେ ଗତ ୨୦୦୪ରେ ଲକ୍ଷାଧିକ ଟଙ୍କାର ବ୍ୟୟ ବରାଦରେ ଏକ ବିଏସ୍‌ଏନ୍‌ଏଲ ଟାୱାର ବସାଯାଇଥିଲା। କିନ୍ତୁ ଇତିମଧ୍ୟରେ ୨୦ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ବର୍ତ୍ତମାନ ଏହି କାର୍ଯ୍ୟାଳୟ ଭୂତକୋଠି ପାଲଟିଛି। କାର୍ଯ୍ୟାଳୟରେ ଭିତରେ ଗଛଲତା ଉଠି ବଣ ପାଲଟିବା ସହିତ ଟାୱାରର ବିଭିନ୍ନ ସରଞ୍ଜାମ ଚୋରି ମଧ୍ୟ ହୋଇଗଲାଣି।

ସୂଚନାଯୋଗ୍ୟ, ବର୍ତ୍ତମାନ କୃଷିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ସହ ସମସ୍ତ ସରକାରୀ ଦପ୍ତରରେ ଅନଲାଇନ ଜରିଆରେ ସବୁ କାମ ହେଉଛି। କିନ୍ତୁ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଏଠାରେ ଏସବୁ କାମରେ ବାଧା ଉପୁଜୁଛି। ସେହିପରି ବିଦ୍ୟାର୍ଥୀମାନେ ମଧ୍ୟ ନେଟ୍‌ୱର୍କ ସମସ୍ୟା ଯୋଗୁ ବିଭିନ୍ନ ସମସ୍ୟା ଭୋଗୁଛନ୍ତି।

କରୋନା ମହାମାରୀ ସମୟରେ ଅନଲାଇନ୍ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଥିଲା। କିନ୍ତୁ ସେତେବେଳେ ବି ନେଟ୍‌ୱର୍କ ସମସ୍ୟା ଯୋଗୁଁ ଏହି ଅଞ୍ଚଳର ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିଲେ। ତେଣୁ ଅନଲାଇନ୍ ଶିକ୍ଷା କିମ୍ବା ଅନ୍‌ଲାଇନ୍ ଫର୍ମପୂରଣ, ପରୀକ୍ଷାଫଳ ଦେଖିବା ଆଦି ଶିକ୍ଷା ସମ୍ବନ୍ଧୀୟ କୌଣସି କାର୍ଯ୍ୟ ସମ୍ପାଦନ କରିବାକୁ ହେଲେ, ଛାତ୍ରଛାତ୍ରୀମାନେ ବିପଦପୂର୍ଣ୍ଣ ଭାବରେ ପାହାଡ଼ ଉପରେ ଚଢ଼ି ଉଚ୍ଚ ଚଟାଣ ସ୍ଥାନ କିମ୍ବା ଗଛ ଉପରେ ଚଢ଼ି ଅନଲାଇନ୍ ଶିକ୍ଷା ଗ୍ରହଣ କରୁଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀମହଲ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସାଂସଦ ମମତା ମହାନ୍ତ ଏଠାକାର ନେଟ୍‌ୱର୍କ ସମସ୍ୟା ସଂପର୍କରେ ବହୁବାର ରାଜ୍ୟସଭାରେ ଉପସ୍ଥାପନ କରିଥିଲେ ହେଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିପରି ସାରସକଣା ପ୍ରାକ୍ତନ ବିଧାୟକ ଡାକ୍ତର ବୁଦାନ ମୁର୍ମୁ ମଧ୍ୟ ଅଞ୍ଚଳବାସୀଙ୍କଠାରୁ ବହୁବାର ଅଭିଯୋଗପତ୍ର ପାଇବା ପରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଚିଠି କରିଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଏହି ପ୍ରସଙ୍ଗର ତର୍ଜମା ପାଇଁ ଦୂରସଞ୍ଚାର ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହାନିର୍ଦ୍ଦେଶକ ନିଜାମୁଲ ହକଙ୍କ ନେତୃତ୍ୱରେ ଏକ ବିଭାଗୀୟ କେନ୍ଦ୍ରୀୟ ଟିମ ଏହି ଅଞ୍ଚଳକୁ ଆସି ତର୍ଜମା କରିବା ପରେ ରଙ୍ଗାମାଟିଆଠାରେ ଏକ ନୂତନ ମୋବାଇଲ ଟାୱାର ସ୍ଥାପନ ସହ ଦୀର୍ଘ ଦିନରୁ ବାଡୁଣିଆ ଗ୍ରାମରେ ଅଚଳ ଭାବେ ପଡ଼ିଥିବା ବିଏସଏନଏଲ ଟାୱାରକୁ କାର୍ଯ୍ୟକ୍ଷମ କରିବା ଏବଂ ୪-ଜିକୁ ପରିବର୍ତ୍ତନ କରିବା ପାଇଁ ରିପୋର୍ଟ ଦେଇଥିଲେ। ପରେ ୧୭.୩.୨୦୨୨ରେ କେନ୍ଦ୍ର ମନ୍ତ୍ରାଳୟ ପକ୍ଷରୁ ଚିଠି କରାଯାଇ ଶ୍ରୀ ମୁର୍ମୁଙ୍କୁ ସୂଚନା ମଧ୍ୟ ଜାରି କରାଯାଇଥିଲା। ଇତିମଧ୍ୟରେ ୨ବର୍ଷ ବିତି ଯାଇଥିଲେ ସୁଦ୍ଧା ଦୁଇଟି ସ୍ଥାନରେ ଟାୱାର୍ କାର୍ଯ୍ୟକ୍ଷମ କେବଳ ସରକାରୀ କାଗଜପତ୍ରରେ ସୀମିତ ରହିଛି।

ବନେଇକଳାର ଆଇନଜୀବୀ ବନମାଳୀ ଗିରି କହିଛନ୍ତି ଯେ ବନେଇକଳା ପଞ୍ଚାୟତରେ ନେଟ୍‌ୱର୍କ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଥିବାରୁ ଏଠାକାର ଅଞ୍ଚଳବାସୀ ଡିଜିଟାଲ ସେବାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ମେଧାବୀ ଛାତ୍ରଛାତ୍ରୀ ପ୍ରଭାବିତ ହୋଉଛନ୍ତି। ମୁଁ ଟାକ୍ସ ବିଭାଗରେ କାର୍ଯ୍ୟ କରୁଥିବାରୁ କୌଣସି ଅନଲାଇନ କାର୍ଯ୍ୟ ପାଇଁ ହେଲେ ମୁଖ୍ୟ ଦପ୍ତର ବନେଇକଳା ନଚେତ ନେଟ୍‌ୱର୍କ ଆସୁଥିବା ଦୂର ସ୍ଥାନକୁ ଯିବାକୁ ପଡୁଛି।

ବିଧାୟକ ଭାଦବ ହାଁସଦାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଏହି ୨ଟି ଅଞ୍ଚଳରେ ନୂତନ ଟାୱାର ସ୍ଥାପନ ନିମନ୍ତେ କେନ୍ଦ୍ରରୁ ଟାୱାର ସରଞ୍ଜାମ ଆସିବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହିତ ଖୁବଶୀଘ୍ର ଏହି ଅଞ୍ଚଳରେ ଟାୱାର ସ୍ଥାପନ କରାଯିବ।

ଉଲ୍ଲେଖଯୋଗ୍ୟ, ଦୁଇ ଦିନ ତଳେ ଦୈନିକ 'ସକାଳ'ରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ କାଦବସନ୍ତ ଅଞ୍ଚଳରେ ମୋବାଇଲ୍ ନେଟ୍‌ୱର୍କର ବିକଳ ଚିତ୍ର ପ୍ରକାଶ ପାଇଥିଲା।

# ଓଟିଇଟି ପାଇଁ ୫୦ ପ୍ରତିଶତ ବଢ଼ିଛି ଆବେଦନ ଫି'

**ଭୁବନେଶ୍ୱର, ୨୫।୬(ସମିସ):** ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପାଇଁ ଆବେଦନ ଫି ବଢ଼ିଛି। ପୂର୍ବବର୍ଷ ତୁଳନାରେ ପ୍ରାୟ ୫୦ପ୍ରତିଶତ ବୃଦ୍ଧି କରାଯାଇଛି। ଦୁଇ ବର୍ଷ ପରେ ବିଜ୍ଞପ୍ତି ବାହାରିବା ଓ ମୋଟା ଅଙ୍କର ଆବେଦନ ଫି' ଧାର୍ଯ୍ୟ କରିବାକୁ ନେଇ ଆଶାୟୀମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଶହଶହ ଆଶାୟୀ ଆବେଦନ ଫି' ହ୍ରାସ ପାଇଁ ଦାବି କରୁଛନ୍ତି। ସୂଚନା ଅନୁଯାୟୀ, ଓଟିଇଟି ପାଇଁ ୨୪ତାରିଖରୁ ଆବେଦନ ଆରମ୍ଭ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କୁ ଗୋଟିଏ ପେପର ପାଇଁ ଆବେଦନ କରିବାକୁ ୬ଶହ ଟଙ୍କା ଓ ଦୁଇଟି ପେପରକୁ ୯ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଅନ୍ୟବର୍ଗର ପିଲାଙ୍କ ପାଇଁ ଗୋଟିଏ ପେପରକୁ ୯ଶହ ଓ ଦୁଇଟି ପେପରକୁ ୧୪ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଶେଷଥର ପାଇଁ ୨୦୨୨ ମସିହାରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅନ୍ୟ ବର୍ଗର ପିଲାଙ୍କ ଗୋଟିଏ ପେପର୍ ପାଇଁ ୬ଶହ ଟଙ୍କା ଥିଲା। ଏହାକୁ ଚଳିତ ବର୍ଷ ୫୦ ପ୍ରତିଶତ ବୃଦ୍ଧି କରି ୯ଶହ ଟଙ୍କା କରାଯାଇଛି। ଅନୁରୂପ ଭାବେ ଦୁଇଟି ପେପର୍ ପାଇଁ ୯ଶହ ଟଙ୍କା ଥିଲା। ଯାହାକୁ ୪୦ ପ୍ରତିଶତ ବଢ଼ାଇ ୧୪ଶହ ଟଙ୍କା କରାଯାଇଛି। ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କୁ ମାତ୍ରାଧିକ ଫି' ବୃଦ୍ଧି ପାଇଁ ବହୁ ଆଶାୟୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପ୍ରଶ୍ନ କରିଛନ୍ତି। ପାଠପଢ଼ା ପାଇଁ ସଂଘର୍ଷ କରୁଥିବା ବହୁ ଗରିବ ପିଲା ଆବେଦନ କରିବାରୁ ବଞ୍ଚିତ ହେବେ ବୋଲି ଅନେକ କହିଛନ୍ତି। ଫି' ବୃଦ୍ଧି କରି ଛାତ୍ରଛାତ୍ରୀଙ୍କୁ ବୋର୍ଡ ଶୋଷଣ କରୁଥିବା ମଧ୍ୟ ଅଭିଯୋଗ ଆଣି ସରକାର ହସ୍ତକ୍ଷେପ କରିବାକୁ ଅନେକ ଦାବି କରିଛନ୍ତି।

**ସାମାଜିକ ଗଣମାଧ୍ୟମରେ ଆଶାୟୀଙ୍କ ତୀବ୍ର ପ୍ରତିକ୍ରିୟା**

ପରିବା ଦର ବଢ଼ିଲା ବୋଲି ଓଟିଇଟି ପରୀକ୍ଷା ଫି' ବଢ଼ାଇଲେ କେମିତି ହେବ ବୋଲି ଲକ୍ଷ୍ମୀଧର ନାମକ ଜଣେ 'ଏକ୍ସ' ୟୁଜର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ପୁଣି ଆନସାର କି' କୁ ଚ୍ୟାଲେଞ୍ଜ କଲେ ପ୍ରତି ପ୍ରଶ୍ନ ପିଛା ୫ଶହ ଲେଖାଏଁ ଫି ଧାର୍ଯ୍ୟ କରିବା ବୋର୍ଡର କ୍ରୁରତା ବୋଲି ଅନ୍ୟ ଜଣେ ୟୁଜର ଲେଖିଛନ୍ତି।

## ବାଲେଶ୍ୱରରେ ଗୋଷ୍ଠୀ ସଂଘର୍ଷ ଘଟଣା

# ଏବେ ଖାଲି ରାତିକର୍ଫ୍ୟୁ

**ବାଲେଶ୍ୱର, ୨୫।୬(ସମିସ):** ଆସନ୍ତାକାଲି (ବୁଧବାର)ଠାରୁ ବାଲେଶ୍ୱର ସହରରେ କେବଳ ରାତିରେ କର୍ଫ୍ୟୁ ବଳବତ୍ତର ରହିବ। ଦୁଇଦିନ ତଳେ ସହଦେବଖୁଣ୍ଟା ଥାନା ଅଞ୍ଚଳରେ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ ହୋଇଥିଲା। ଆସନ୍ତାକାଲିଠାରୁ ଟାଉନ୍ ଥାନା ଅଞ୍ଚଳରେ ମଧ୍ୟ ଏହି ଅବଧିରେ କର୍ଫ୍ୟୁ କୋହଳ ହେବ। ଫଳରେ କେବଳ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ। ଅପରପକ୍ଷେ, ବାଲେଶ୍ୱର ସହରରେ ପୁନର୍ବାର ଶାନ୍ତି ଫେରାଇ ଆଣିବା ପାଇଁ ମାଇକ୍ରୋ ଶାନ୍ତି କମିଟି ଗଠନ କରାଯାଇଛି। ଗୋଟିଏ ଗୋଟିଏ ସ୍ଥାନକୁ ନେଇ ଏହି ଶାନ୍ତି କମିଟି ଗଠନ ହେବା ସହ ଲୋକମାନଙ୍କ ସହ ଆଲୋଚନା କରାଯିବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲ୍ଲା ଏବଂ ପୁଲିସ ପ୍ରଶାସନର କର୍ମଚାରୀମାନେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହାୟତାରେ ଲୋକମାନଙ୍କୁ ବୁଝାସୁଝା କରି ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ କରିବେ।

ଗତକାଲିଠାରୁ ଇଣ୍ଟରନେଟ ସେବା ସ୍ୱାଭାବିକ ହୋଇଥିବା ବେଳେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ବିଶେଷ ଘଟଣା ଘଟିବାଠାରୁ ଗୋଟିଏ ସପ୍ତାହ ଧରି ବିଭିନ୍ନ ଲୋକମାନଙ୍କୁ ନେଇ ଆଲୋଚନା ମଧ୍ୟ ଚାଲୁ ରହିଛି। ତେବେ ଗୁଜବ କିମ୍ବା କୌଣସି ପ୍ରକାର ଫେକ୍ ନ୍ୟୁଜ୍ ନ ଦେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

ଏସ୍‌ପି ସାଗରିକା ନାଥ କହିଛନ୍ତି ଯେ ଘଟଣା ଘଟିବାଠାରୁ ଆଜି ପର୍ଯ୍ୟନ୍ତ ମୋଟ ୨୪ଟି ମାମଲା ରୁଜୁ ହୋଇଥିବା ବେଳେ ଏଥିରେ ମୋଟ ୯୧ଜଣ ଗିରଫ ହୋଇଛନ୍ତି। ଏଥିସହ ଗୋଟିଏ ସାଇବର ମାମଲାରେ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ମାଇକ୍ରୋ ଶାନ୍ତି କମିଟି ଗଠନ କରାଯିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ବ୍ୟକ୍ତିବିଶେଷ ସମସ୍ତଙ୍କ ସହ ଆଲୋଚନା କରାଯିବା ସହ ସହରରେ ସମ୍ପୂର୍ଣ୍ଣ ଭାବେ ଶାନ୍ତି ଫେରାଇ ଆଣିବା।

- ଗଠନ ହେଲା ମାଇକ୍ରୋ ଶାନ୍ତି କମିଟି ଗଠିତ
- ୨୪ଟି ମାମଲାରେ ୯୧ଗିରଫ

# ରାସ୍ତା ଉପରେ ଓଲଟିଲା କାର୍; ୨ ମୃତ

**ପାଇକମାଳ, ୨୫।୬(ସମିସ):** ପାଇକମାଳ-ପଦ୍ମପୁର ରାସ୍ତାର ଗୌଡରଝୁରି ଓ ଭଗତପୁର ମଧ୍ୟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୨ଜଣ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଖରିଆରରୋଡ୍‌ର ବି. ବାଲକ୍ରିଷ୍ଣା ରାଓ (୪୭) ଓ ଘନଶ୍ୟାମ ପାଣ୍ଡେ (୪୮)। ଅପରପକ୍ଷେ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ପରମାନନ୍ଦ ସାହୁ (୪୪)ଙ୍କୁ ରାୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁସାରେ, ମଙ୍ଗଳବାର ବାଲକ୍ରିଷ୍ଣା, ଘନଶ୍ୟାମ ଓ ପରମାନନ୍ଦ ଗାଈ କିଣିବା ପାଇଁ ଏକ କାର୍‌ରେ ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍‌ରୁ ପଦ୍ମପୁର ଆଡ଼କୁ ଯାଉଥିଲେ। ଦିନ ପ୍ରାୟ ସାଢ଼େ ୧୨ଟାରେ ଗୌଡରଝୁରି ଓ ଭଗତପୁର ମଧ୍ୟରେ ଉକ୍ତ କାର୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଏହି ଅଘଟଣ ଘଟିଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆମ୍ବୁଲାନ୍ସରେ ନେବା ବାଟରେ ଆଉ ଜଣଙ୍କର ମୃତ୍ୟୁ ଘଟିଥିଲା। ପାଇକମାଳ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

- ଅଗଷ୍ଟ ଶେଷ ସୁଦ୍ଧା ଚିଠା ଚିଲିକା ନୀତି ହସ୍ତାନ୍ତର

# ହାଇକୋର୍ଟଙ୍କୁ ଜଣାଇଲେ ଦୁଇ ବିଶେଷଜ୍ଞ


**କଟକ, ୨୫।୬(ସମିସ):** ଆର୍ଦ୍ରଭୂମି ସୁରକ୍ଷା ତଥା ଚିଲିକାରେ ବେଆଇନ ଚିଙ୍ଗୁଡ଼ିଘେରି ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି ହୋଇଛି। ଦୁଇ ବିଶେଷଜ୍ଞ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରଣାଳୟର ପ୍ରାକ୍ତନ ପରାମର୍ଶଦାତା ଡ.ଭି.ସମ୍ପଥ ଓ ସିଡିଏ(ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ)ଙ୍କ ପକ୍ଷରୁ ସାଉଥଏସିଆ ୱେଟଲାଣ୍ଡ ଇଣ୍ଟରନ୍ୟାସନାଲର ନିର୍ଦ୍ଦେଶକ ଡ. ରିତେଶ କୁମାର ଆଜି ଭର୍ଚୁଆଲ ମାଧ୍ୟମରେ ହାଇକୋର୍ଟରେ ହାଜର ହୋଇ ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ଚିଠା ଚିଲିକା ନୀତି ଚୂଡ଼ାନ୍ତ କରାଯାଇ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି। ସେହିପରି ସମସ୍ତ ପକ୍ଷଙ୍କ ସହ ଆଲୋଚନା କରାଯାଇ ମତାମତ ନିଆଯାଉଛି ଏବଂ ଚିଠା ନୀତି ପ୍ରସ୍ତୁତ ପରେ ବି ମତାମତ ନିଆଯାଇ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଉଭୟ କହିଥିଲେ। ଆସନ୍ତାକାଲି ଏହି ମାମଲାର ପୁନଃ ଶୁଣାଣି ହେବ। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ବିଚାର କରୁଛନ୍ତି।

# ଅଲାରନାଥ ମନ୍ଦିରରେ ଶୃଙ୍ଖଳିତ ଦର୍ଶନକୁ ନେଇ ଜନସ୍ୱାର୍ଥ ମାମଲା

**କଟକ, ୨୫।୬(ସମିସ):** ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥଙ୍କ ଶୃଙ୍ଖଳିତ ଦର୍ଶନକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଭକ୍ତମାନେ ଉପଯୁକ୍ତ ଭାବେ ଦର୍ଶନ କରିପାରୁ ନଥିବା ନେଇ ଆବେଦନରେ ଉଲ୍ଲେଖ କରାଯାଇଛି। ବିଶେଷକରି ଗତବର୍ଷ ରଥଯାତ୍ରା ବେଳେ ଶ୍ରୀଅଲାରନାଥଙ୍କ ଶୃଙ୍ଖଳିତ ଦର୍ଶନ ପ୍ରସଙ୍ଗରେ ହାଇକୋର୍ଟ ୨୦୨୩, ଜୁନ୍ ୮ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ଚଳିତବର୍ଷ କାର୍ଯ୍ୟକାରୀ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଗତ ଜୁନ୍ ୨୩ରୁ ଶ୍ରୀଅଲାରନାଥଙ୍କ ଅଣସର ଦର୍ଶନ ଆରମ୍ଭ ହୋଇଛି। ଅର୍ଗଳିରୁ ଶ୍ରୀଅଲାରନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଏହି ଜରୁରୀ ପ୍ରସଙ୍ଗରେ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଆବେଦନକାରୀ ନୃସିଂହ ଜେନା। ମାମଲାରେ ରାଜ୍ୟ ସରକାର, ପୁରୀ ଜିଲ୍ଲାପାଳ, ଏସ୍‌ପି, ଦେବୋତ୍ତର କମିସନର, ବ୍ରହ୍ମଗିରି ତହସିଲଦାର, ଥାନା ଆଇଆଇସି ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ପତ୍ନୀହନ୍ତାକୁ ଆଜୀବନ ଜେଲ୍

**ଚମ୍ପୁଆ, ୨୫।୬(ସମିସ):** ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସରୋଜ କୁମାର ଦାଶ ମଙ୍ଗଳବାର ଜଣେ ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲା, ମଙ୍ଗଲୁ ମୁଣ୍ଡା। ୧୩ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଏବଂ କେମିକାଲ ରିପୋର୍ଟକୁ ଭିତ୍ତି କରି ଦଫା ୩୦୨ରେ ମଙ୍ଗଲୁକୁ ଆଜୀବନ ଓ ୨୦୧ରେ ତିନିବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି।



ସୂଚନା ଅନୁସାରେ, ସ୍ତ୍ରୀ ବାମାଇ ମୁଣ୍ଡା ଓ ୪ ଛୁଆଙ୍କ ସହ ମଙ୍ଗଲୁ ସେରେଣ୍ଡା ଜଗଦାସାହିରେ ରହୁଥିଲା। ସେ କୌଣସି କାମଧନ୍ଦା କରୁନଥିଲା। ଓଲଟି ବାମାଇଙ୍କ ରୋଜଗାରରେ ମଦ ପିଇ ବୁଲୁଥିଲା। ଏପରିକି, ଟଙ୍କା ପାଇଁ ସେ ବିଭିନ୍ନ ସମୟରେ ବାମାଇଙ୍କୁ ମାରପିଟ୍ କରୁଥିଲା। ଗତ ୨୦୨୨ ଫେବୃଆରୀ ୨୭ ତାରିଖ ଦିନ ବେଳା ଏହି କଥାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେବାରୁ ଏକ ପେଚ୍‌କେସ୍‌ରେ ସେ ବାମାଇକୁ ମାଡ଼ ମାରି ନିର୍ମମ ଭାବେ ହତ୍ୟା କରିଥିଲା। ମାଆର ଚିତ୍କାର ଶୁଣି ପିଲାମାନେ ଉଠିପଡ଼ିବାରୁ ମଙ୍ଗଲୁ ରକ୍ତଲଗା ପେଚ୍‌କେସକୁ ଫିଙ୍ଗିଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏ ସଂପର୍କରେ ବାମାଇଙ୍କ ଭାଇ ଏତୁଆ ଚାତାର ବଡବିଲ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ନଂ ୩୬/୨୨ଏକ ମାମଲା ରୁଜୁ କରି ମଙ୍ଗଲୁକୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମଧୁସୂଦନ ପତି ଏହି ମାମଲା ପରିଚାଳନା କରୁଥିଲେ।

## ଥାନା ଭିତରେ ସାପଧରାଳିଙ୍କ ମୃତ୍ୟୁ ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ପିସିସିଏଫ୍

**ସୁବଳୟା/ସୋନପୁର, ୨୫।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଭିତରେ ସୋମବାର ଜଣେ ସାପ ଧରାଳିଙ୍କ ମୃତ୍ୟୁ ଘଟଣାରେ ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସାପ ଧରି ଜଙ୍ଗଲରେ ନ ଛାଡ଼ି ଥାନା ପରିସରକୁ କାହିଁକି ଅଣାଯାଇଥିଲା ଏବଂ ସାପ ଖେଳାଇବାକୁ କିଏ ତାଙ୍କୁ ଅନୁମତି ଦେଇଥିଲା, ସେନେଇ ତଦନ୍ତ ହେବ ବୋଲି ସେ କହିଛନ୍ତି। ଏ ସଂପର୍କରେ ଶ୍ରୀ ନନ୍ଦ ସୋନପୁର ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଏହି ଅବସରରେ ପିସିସିଏଫ ଶ୍ରୀ ନନ୍ଦ କହିଛନ୍ତି, ସାପ ଧରାଳିଙ୍କୁ ତାଲିମ ଦେବା ପାଇଁ ବନ ବିଭାଗ ଏକ 'ସର୍ପ ଆପ୍' ଆଣିବ। ଏସଆରସି ଓ ବନ୍ୟପ୍ରାଣୀ ପିସିସିଏଫଙ୍କ ସହଯୋଗରେ ଏହି ତାଲିମ ପ୍ରଦାନ କରାଯିବ। ତାଲିମ ବ୍ୟବସ୍ଥା ସହ ତାଲିମପ୍ରାପ୍ତ ସାପ ଧରାଳିଙ୍କୁ ସାପଧରା କିଟ୍ ଯୋଗାଇ ଦିଆଯିବ।

ସୂଚନା ଅନୁସାରେ, ଗତକାଲି ଚମ୍ପାମଳ ଗାଁର ଜଣଙ୍କ ଘରୁ ଏକ ନାଗ ସାପ ବାହାରିଥିଲା। ମେଣ୍ଡାମାଳ ଗାଁର ଗୌର କୁମ୍ଭାର ସାପଟିକୁ ଉଦ୍ଧାର କରି ଏକ ପ୍ଲାଷ୍ଟିକ ଜାରରେ ଧରି କୌଣସି କାମରେ ଥାନାକୁ ଯାଇଥିଲେ। ତେବେ ଥାନାରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ଆଗରେ ସାପକୁ ଡବାରୁ ବାହାରକରି ସାପ ଖେଳ ଦେଖାଇଥିଲେ। କିଛି ପୁଲିସ୍ କର୍ମଚାରୀ ଛିଡ଼ା ହୋଇ ଖୁସିରେ ସାପ ଖେଳର ମଜା ନେଉଥିଲେ। କେହି କେହି ମୋବାଇଲରେ ଭିଡିଓ ଉତ୍ତୋଳନ ମଧ୍ୟ କରୁଥିଲେ। ତେବେ ସାପକୁ ପୁଣି ଡବା ଭିତରେ ପୂରାଇବା ବେଳେ ଗୌରଙ୍କ ହାତକୁ ନାଗଟି ଚୋଟ ମାରିଥିଲା। ତାଙ୍କୁ ପୁଲିସ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ତେବେ ଥାନା ପରିସରରେ ସାପ ଖେଳକୁ ପୁଲିସ କାହିଁକି ବାରଣ କଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ହୋଇଛି।

### କାହା ଅନୁମତିରେ ଥାନାରେ ହୋଇଥିଲା ସାପ ଖେଳ?

ପୁଲିସ ବନ୍ୟଜନ୍ତୁ ସୁରକ୍ଷା ଆଇନ ବିଷୟରେ ଅବଗତ ନୁହେଁ କି ବୋଲି ବରିଷ୍ଠ ଆଇନଜୀବୀ ଶ୍ୟାମାଓଁ ପ୍ରସାଦ ମିଶ୍ର ପ୍ରଶ୍ନ କରିଛନ୍ତି। ସାପ ଖେଳ ଦେଖାଇବା ପାଇଁ ଗୌରଙ୍କୁ ଯେଉଁ ପୁଲିସ୍‌ମାନେ ଉସୁକାଇଥିଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସେ ଦାବି କରିଛନ୍ତି। ତେବେ ଗୌରଙ୍କ ପରିବାର ଲୋକେ ମଧ୍ୟ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅପରପକ୍ଷେ, ଏହି ଘଟଣାରେ ବୀରମହାରାଜପୁର ଏସଡିପିଓ ବାସୁଦେବ ଛତ୍ରିଆ କହିଛନ୍ତି ଯେ ନିଜର ଅସାବଧାନତା ଯୋଗୁଁ ଗୌରଙ୍କୁ ସାପଟି ଦଂଶନ କରିଥିଲା। ଏହି ଘଟଣାରେ ପୁଲିସର କୌଣସି ଭୁଲ ନାହିଁ। ସାପ ଖେଳ ନ ଦେଖାଇବା ପାଇଁ ପୁଲିସ୍ କର୍ମଚାରୀମାନେ ତାଙ୍କୁ ବାରଣ କରିଥିଲେ।

- ଅନ୍ଧବିଶ୍ୱାସର କରୁଣ ପରିଣତି

# ଗୁଣିଆ ଭରସାରେ ଚାଲିଗଲା ସାପକାମୁଡ଼ା ରୋଗୀର ଜୀବନ

**ହାଟଡ଼ିହୀ, ୨୫।୬(ସମିସ):** ଗୁଣିଆ ଭରସାରେ ଚାଲିଗଲା ସାପକାମୁଡ଼ା ରୋଗୀର ଜୀବନ। ଜଣେ ସାପ କାମୁଡ଼ା ରୋଗୀଙ୍କୁ ମେଡିକାଲ ନେବା ପରିବର୍ତ୍ତେ ପରିବାରଲୋକ ଗୁଣିଆ ପାଖକୁ ନେଇ ପାଖାପାଖି ୪ ଘଣ୍ଟା ନଷ୍ଟ କରିବାରୁ ଏପରି ଏକ ଅଭାବନୀୟ ଘଟଣା କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ଜାବିନପୁର ଗ୍ରାମରେ ଘଟିଛି। ମୃତକ ହେଲେ, ଗ୍ରାମର ମାନସ ମୁଣ୍ଡା(୩୦)। ସୋମବାର ସେ ଘରେ ଶୋଇଥିବା ବେଳେ ରାତି ପ୍ରାୟ ସାଢ଼େ ୧୨ଟାରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଏହା ଜଣାପଡ଼ିବା ପରେ ପରିବାରଲୋକ ମାନସଙ୍କୁ ମେଡ଼ିକାଲ ନେବା ବଦଳରେ ପ୍ରଥମେ ଗୁଣିଆ ପାଖକୁ ନେଇଥିଲେ। ସେଠାରେ ପ୍ରାୟ ୪ଘଣ୍ଟା କାଳ ଗୁଣିଆର ମନ୍ତ୍ରତନ୍ତ୍ର କସରତ କରିଥିଲା। ତେବେ ମାନସଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଗ୍ରାମର ଅଭିଜିତ ସେନାପତିଙ୍କ ସହଯୋଗକ୍ରମେ ତାଙ୍କୁ ମଙ୍ଗଳବାର ଭୋର ୪ଟାରେ ପ୍ରଥମେ ଶାଳଣିଆଁ ଗୋଷ୍ଠୀ ଚିକିତ୍ସାଳୟ ଏବଂ ସେଠାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ନନ୍ଦିପଦା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ନନ୍ଦିପଦା ପୁଲିସ ନଂ.୧୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ସମ୍ପର୍କରେ ତଦନ୍ତ ଚଳାଇଛି।

# ବାଳାଶ୍ରମଗୁଡ଼ିକର ସ୍ଥିତି ସୁଧାରିବାକୁ କି' ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

**କଟକ, ୨୫।୬ (ସମିସ):** କଟକ ଖପୁରିଆସ୍ଥିତ ଉତ୍କଳ ବାଳାଶ୍ରମରୁ ଏକ ବାଳକ ନିଖୋଜ ହେବା ସଂକ୍ରାନ୍ତରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ତେବେ ଖାଲି କଟକ ବାଳାଶ୍ରମ ନୁହେଁ, ରାଜ୍ୟର ସମସ୍ତ ବାଳାଶ୍ରମଗୁଡ଼ିକର ସ୍ଥିତି ସୁଧାର ପାଇଁ କ'ଣ ପଦକ୍ଷେପ ନିଆଯାଉଛି, ତାହା ସତ୍ୟପାଠ ଜରିଆରେ ଜଣାଇବାକୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୁଲିସ ଡିଜିଙ୍କ ପକ୍ଷରୁ କଟକ ସମେତ ଅନ୍ୟ ବାଳାଶ୍ରମ ଗୁଡିକରୁ ନିଖୋଜ ଥିବା ୫ଜଣ ଅନ୍ତେବାସୀଙ୍କ ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ପୂର୍ବରୁ ଦିଆଯାଇଥିବା ସତ୍ୟପାଠ ଅନୁସାରେ ସାରା ରାଜ୍ୟରେ ୫୭ ନିଖୋଜ ଶିଶୁଙ୍କ ମଧ୍ୟରୁ ୫୨ଜଣଙ୍କୁ ଉଦ୍ଧାର କରାଯାଇଥିଲା। ବାକି ୫ଜଣଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି କୁହାଯାଇଥିଲା। ୫ଜଣଙ୍କ ମଧ୍ୟରୁ ଅଦ୍ୟାବଧି ୪ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ପୁରୀର ବାଳାଶ୍ରମରୁ ୨୦୧୮ ଅଗଷ୍ଟ ୨୩ରେ ନିଖୋଜ ଜଣେ ଅନ୍ତେବାସୀଙ୍କୁ ଠାବ କରାଯାଇ ନଥିବା ସତ୍ୟପାଠରେ ଉଲ୍ଲେଖ ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ହିଁ ନିଖୋଜ ଅନ୍ତେବାସୀଙ୍କୁ ଉଦ୍ଧାର କରିବାରେ ପୁଲିସ ସକ୍ଷମ ହୋଇଥିବା ନେଇ ଖଣ୍ଡପୀଠ ଉଦବେଗ ପ୍ରକାଶ କରିଥିଲେ।

- ମହିଳା ଓ ଶିଶୁ ବିକାଶ ବିଭାଗକୁ ରିପୋର୍ଟ ତଲବ
- ୫ ନିଖୋଜ ଅନ୍ତେବାସୀଙ୍କ ସମ୍ପର୍କରେ ଡିଜିପିଙ୍କ ସତ୍ୟପାଠ

ଅନ୍ୟପଟରେ କଟକରୁ ନିଖୋଜ ବାଳକକୁ ଦୀର୍ଘ ୯ ମାସ ପରେ ପୁଲିସ ଠାବ କରି ଆଜି ହାଇକୋର୍ଟରେ ହାଜର କରାଇଥିଲା। ସମ୍ପୃକ୍ତ ବାଳକକୁ କଟକ ସିଏନ୍‌ବିଟିରୁ ଗତ ୨୩ ତାରିଖରେ ପୁଲିସ ଉଦ୍ଧାର କରିଥିବା ଦର୍ଶାଇଥିଲା। ସେହିପରି ସମ୍ପୃକ୍ତ ବାଳକର ଥଇଥାନ ଓ ଭବିଷ୍ୟତ ପ୍ରସଙ୍ଗରେ କଟକ ଜିଲ୍ଲାପାଳ ମଧ୍ୟ ଏକ ରିପୋର୍ଟ ଦାଖଲ କରିଥିଲେ।

ସକାଳ
THE SAKALA

## ଲୋକସଭା ବାଚସ୍ପତି ନିର୍ବାଚନ ପ୍ରସଙ୍ଗ

# ବିରୋଧୀମେଣ୍ଟର ଅଯଥା ବଳକଷା ଜିଦ୍

ନୂତନ ଲୋକସଭା ଗଠନ ସହିତ ନୂଆ ବାଚସ୍ପତି ନିଯୁକ୍ତିର ଏକ ମହନୀୟ ପରମ୍ପରା ଭାରତରେ ରହିଛି। ଦେଶରେ ସଂସଦୀୟ ଗଣତନ୍ତ୍ର ପ୍ରବର୍ତ୍ତିତ ହେବା ପରଠାରୁ ଏହାକୁ ମିଶାଇ ଚତୁର୍ଥ ଥର ପାଇଁ ଲୋକସଭାର ଗରିମାମୟ ପଦ ବାଚସ୍ପତି ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସଂଖ୍ୟାଗରିଷ୍ଠ ଦଳ ବା ଶାସକ ମେଣ୍ଟର ପ୍ରସ୍ତାବକ୍ରମେ ବାଚସ୍ପତି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇ ଆସୁଥିଲେ। ବିରୋଧୀ ଦଳ ସହଯୋଗ ଯୋଗାଇ ଏହି ପରମ୍ପରାକୁ ଆଗକୁ ବଢ଼ାଇ ଆସୁଥିଲେ। ଅଷ୍ଟାଦଶ ଲୋକସଭାର ବାଚସ୍ପତି ପଦ ପାଇଁ ଏନ୍‌ଡିଏ ମେଣ୍ଟର ପ୍ରାର୍ଥୀ ଭାବେ ପୂର୍ବତନ ବାଚସ୍ପତି ବିଜେପି ସାଂସଦ ଓମ୍ ବିର୍ଲା ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ବିରୋଧୀ 'ଇଣ୍ଡି' ମେଣ୍ଟର କଂଗ୍ରେସ ପ୍ରାର୍ଥୀ କେ ସୁରେଶ ଏହି ପଦ ପାଇଁ ମଙ୍ଗଳବାର ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବୁଧବାର ୧୧ଟାରେ ଦୁଇଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ଏବଂ ଲୋକସଭାରେ ଶାସକ ଏନ୍‌ଡିଏର ସଦସ୍ୟ ସଂଖ୍ୟା ୨୯୩ ଥିବାରୁ ଓମ୍ ବିର୍ଲା ନିର୍ବାଚିତ ହେବା ସୁନିଶ୍ଚିତ।

ବାଚସ୍ପତି ପଦ ପାଇଁ ନିର୍ବାଚନ ପ୍ରକ୍ରିୟା ଲାଗି 'ଇଣ୍ଡି' ମେଣ୍ଟର ମୁଖ୍ୟ କଂଗ୍ରେସ ଓ ଏହାର ଅନ୍ୟତମ ସହଯୋଗୀ ଡିଏମ୍‌କେକୁ ଦାୟୀ କଲେ ଅତ୍ୟୁକ୍ତି ହେବ ନାହିଁ। ସଂଖ୍ୟାଦୃଷ୍ଟିରୁ ବାଚସ୍ପତି ନିର୍ବାଚନରେ ବିରୋଧୀଦଳ ପ୍ରାର୍ଥୀ ହାରିବା ସୁନିଶ୍ଚିତ ଜାଣି ସୁଦ୍ଧା 'ଇଣ୍ଡି'ମେଣ୍ଟ ପ୍ରାର୍ଥୀ ଦେବା ପଛରେ ରାହୁଲ ଗାନ୍ଧୀଙ୍କ ଜିଦ୍‌ଖୋର ରାଜନୀତି ଓ ମୂଳଚାଲ ନୀତି ଦାୟୀ। ଏହା ଏକ ପରମ୍ପରା ଓ ବିଧି ଯେ ଶାସକଦଳ ବା ମେଣ୍ଟର ପ୍ରାର୍ଥୀ ବାଚସ୍ପତି ନିର୍ବାଚିତ ହୁଅନ୍ତି। ସେହି ଦଳ ବା ମେଣ୍ଟର ପ୍ରାର୍ଥୀ ମଧ୍ୟ ଉପବାଚସ୍ପତି ହୋଇଥା'ନ୍ତି। ଏଥର 'ଇଣ୍ଡି' ମେଣ୍ଟର ଲୋକସଭାରେ ସ୍ଥିତିରେ ଉନ୍ନତି ଘଟିବାରୁ କଂଗ୍ରେସ ଓ ଡିଏମ୍‌କେ ଆଦି ଘଟକ ଦଳ ଉପବାଚସ୍ପତି ପଦ ବିରୋଧୀ ଦଳଙ୍କୁ ଦେବାକୁ ପ୍ରସ୍ତାବ ରଖି ଶାସକ ପକ୍ଷଙ୍କ ସହିତ ଏକ ମୂଳଚାଲ ଆରମ୍ଭ କରିଥିଲେ। ଏହି ସର୍ତ୍ତ ଯୋଗୁଁ ବାଚସ୍ପତିଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରିବାକୁ ବିଜେପି ଦେଇଥିବା ପ୍ରସ୍ତାବକୁ କଂଗ୍ରେସ ଓ ଡିଏମ୍‌କେ ଆଦି 'ଇଣ୍ଡି'ମେଣ୍ଟର ପ୍ରମୁଖ ଦଳ ବିରୋଧ କରି ସହଯୋଗ ଦେଲେ ନାହିଁ। ତେବେ 'ଇଣ୍ଡି'ମେଣ୍ଟରେ ଏହି ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ମତୈକ୍ୟ ନାହିଁ ଏବଂ ମମତାଙ୍କ ତୃଣମୂଳ କଂଗ୍ରେସ ଏହାକୁ ବିରୋଧ କରି ଏଥିରେ କଂଗ୍ରେସର ଏକତରଫା ନୀତି ପ୍ରଦର୍ଶିତ ହୋଇଛି ବୋଲି କହିଛି। ସେହିଭଳି ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ କହିଛନ୍ତି ଯେ ଏ ବିଷୟରେ କାହା ସାଙ୍ଗରେ ଆଲୋଚନା କରିନାହାନ୍ତି।

ବାଚସ୍ପତି ଏକ ସାମ୍ବିଧାନିକ ପଦ, ଯାହାଙ୍କ ଉପରେ ଗୃହ ପରିଚାଳନା ଏବଂ ଉଭୟ ଶାସକ ଓ ବିରୋଧୀ ଦଳଙ୍କୁ ଉପଯୁକ୍ତ ସୁଯୋଗ ଓ ମର୍ଯ୍ୟାଦା ପ୍ରଦାନ କରିବାର ସାମ୍ବିଧାନିକ ଦାୟିତ୍ୱ ନ୍ୟସ୍ତ। ସେଥିପାଇଁ ବାଚସ୍ପତି ନିର୍ବାଚିତ ବା ମନୋନୀତ ହେବା ପରେ ସେ ଆଉ କୌଣସି ଦଳର ପ୍ରତିନିଧି ଭାବେ ବିବେଚିତ ନ ହୋଇ ସ୍ୱାଧୀନ ବା ସବୁଦଳର ପ୍ରତିନିଧି ଭାବେ ବିବେଚିତ ହୋଇଥା'ନ୍ତି। ଏଥର ନିର୍ବାଚନରେ ଲୋକସଭାରେ ସାମାନ୍ୟ ଦୁର୍ବଳ ହୋଇଥିବା ଏନ୍‌ଡିଏକୁ କଂଗ୍ରେସ 'ଇଣ୍ଡି' ମେଣ୍ଟ ଜରିଆରେ ଏକ ରାଜନୈତିକ ପ୍ରତିରୋଧ କରି ନିଜର ଗୁରୁତ୍ୱ ବଢ଼ାଇବାକୁ ଚେଷ୍ଟା କରିଥିବା ମନେହୁଏ। କେତେକ କହିପାରନ୍ତି ଯେ ଉପବାଚସ୍ପତି ପଦ ବିରୋଧୀଙ୍କୁ ଏନ୍‌ଡିଏ ଦେଇ ଦେଇଥିଲେ ଏହି ପ୍ରତିଦ୍ୱନ୍ଦ୍ୱିତା ପ୍ରକରଣକୁ ଦୂର କରାଯାଇ ପାରିଥା'ନ୍ତା। କଥାଟିରେ କିଛି ଯୁକ୍ତି ଅଛି। କିନ୍ତୁ ବିଜେପି ବାଚସ୍ପତି ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ପାଇଁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କୁ ତିନିଥର ଡାକିବା ପରେ ମଧ୍ୟ ସେ ଗଲେ ନାହିଁ ଏବଂ ବାର୍ତ୍ତା ପଠାଇଲେ ଯେ ତାଙ୍କ ଦଳ ଓ ମେଣ୍ଟ ଉପବାଚସ୍ପତି ପଦ ବିଷୟରେ ପ୍ରଥମେ ଏକ ରାଜିନାମା ଚାହେଁ। ଏଠି ପ୍ରଶ୍ନ ଉଠୁଛି ରାଜନୈତିକ ଶିଷ୍ଟାଚାରର। ସର୍ବସହମତି ନିର୍ମାଣ ପାଇଁ ପ୍ରଥମେ ଆଲୋଚନା ଓ ବୈଠକର ଆବଶ୍ୟକତା ଥାଏ। ଏହି ବୈଠକକୁ ଏଡ଼ାଇ ସର୍ତ୍ତଭିତ୍ତିରେ ମତୈକ୍ୟ ପ୍ରକାଶ କରାଯାଇ ପାରେ ନାହିଁ। ଆମକୁ ମନେ ରଖିବାକୁ ପଡ଼ିବ ଯେ ଗଣତନ୍ତ୍ର ସର୍ତ୍ତରେ ନୁହେଁ, ସମ୍ବିଧାନ ଅନୁସାରେ ଚାଲେ। ଉପବାଚସ୍ପତି ପଦ ବିରୋଧୀ ପକ୍ଷଙ୍କୁ ଯିବ, ଏହା ଭାରତୀୟ ସମ୍ବିଧାନରେ ଲେଖାଯାଇ ନାହିଁ। ଯଦି କେଉଁ ଶାସକ ଦଳ ନିଜର ଗଣତାନ୍ତ୍ରିକ ଉଦାରତା ଦୃଷ୍ଟିରୁ ଏହାକୁ ବିରୋଧୀଙ୍କୁ ଦେଇଥାଏ, ତା'ହେଲେ ତାହା ସେହି ଦଳର ଏକ ମହାନ ଗଣତାନ୍ତ୍ରିକ ଉଦାରତା।

ଏଠାରେ ସ୍ମରଣଯୋଗ୍ୟ ଯେ କଂଗ୍ରେସ, ଡିଏମ୍‌କେ, ବାମ ସାମ୍ମୁଖ୍ୟ, ଟିଏମ୍‌ସି ଆଦି ଏବେ ଭାରତର ଯେଉଁ ସବୁ ରାଜ୍ୟରେ କ୍ଷମତାରେ ଅଛନ୍ତି, ସେଠାରେ ଉପବାଚସ୍ପତି ପଦ ବିରୋଧୀ ଦଳଙ୍କୁ ଦିଆଯାଇଛି କି? ସେମାନେ ଯଦି ଏହି ପରମ୍ପରା ପାଳନ କରିଥା'ନ୍ତେ, ତେବେ ଲୋକସଭାରେ ଉପବାଚସ୍ପତି ପଦ ମାଗିଥିଲେ ଶୋଭା ପାଇଥା'ନ୍ତା। ତାହା ନ କରି ଭିନ୍ନ ମାନଦଣ୍ଡ ଆପଣାଇବାର ଉଦ୍ଦେଶ୍ୟ କେବଳ ତୁଚ୍ଛା ଅର୍ଥହୀନ ରାଜନୀତି, ଯାହା କେବଳ ବିରୋଧ ପାଇଁ ବିରୋଧ କରିବାକୁ ଉଦ୍ଦିଷ୍ଟ।

କେରଳର ଗୋଟିଏ ଆସନରୁ ରାହୁଲ ଗାନ୍ଧୀ ଇସ୍ତଫା ଦେଇଥିବାରୁ ଏବେ ଲୋକସଭାରେ ମୋଟ୍ ସଦସ୍ୟ ସଂଖ୍ୟା ୫୪୨ ଅଛି। ଏଥିରେ ବିଜୟ ପାଇଁ ଜଣେ ପ୍ରାର୍ଥୀଙ୍କୁ ୨୭୨ ଭୋଟ୍ ଦରକାର। ଏନ୍‌ଡିଏର ଏଥର ସଦସ୍ୟ ସଂଖ୍ୟା ଲୋକସଭାରେ ୨୯୩ ଥିବାରୁ ସେ ବିଜୟ ସୁନିଶ୍ଚିତ। 'ଇଣ୍ଡି' ମେଣ୍ଟର ମୋଟ୍ ସଦସ୍ୟ ସଂଖ୍ୟା ୨୩୩। ଏଥିରେ ରାହୁଲ ଗାନ୍ଧୀ ଓ ତାଙ୍କ ସମର୍ଥକମାନେ ଉତ୍ସାହିତ ହୋଇ କେ ସୁରେଶଙ୍କୁ ପ୍ରାର୍ଥୀ କରିଛନ୍ତି। ଏହି ଘଟଣା ମଧ୍ୟ ସ୍ପଷ୍ଟ କରି ଦେଇଛି ଯେ ଉପବାଚସ୍ପତି ପଦ ମଧ୍ୟ ଏନ୍‌ଡିଏ ହାତରେ ହିଁ ରହିବ। ଓମ୍ ବିର୍ଲା ସଫଳତାର ସହିତ ବାଚସ୍ପତି ଭାବେ ୨୦୧୯ ରୁ ୨୦୨୪ ଯାଏଁ ଗୃହ ପରିଚାଳନା କରି ତାଙ୍କର ଦକ୍ଷତା ପ୍ରମାଣିତ କରିଛନ୍ତି। ଏଥର ସେ ପୁଣି ତାଙ୍କ ଦାୟିତ୍ୱ ତୁଲାଇବା ଏକପ୍ରକାର ନିଶ୍ଚିତ ହୋଇସାରିଛି। ଗୃହରେ ବିରୋଧୀଙ୍କ ସଂଖ୍ୟା ବୃଦ୍ଧି ସଂସଦୀୟ ବିତର୍କକୁ ଶାଣିତ କରେ ଓ ଶାସକମେଣ୍ଟର ଏକଚାଟିଆ କାରବାରକୁ ରୋକେ। ଏଥର ପୂର୍ବାପେକ୍ଷା ଲୋକସଭାର ପରିବେଶ ଅଧିକ କୋଳାହଳପୂର୍ଣ୍ଣ ହେବ। ତେବେ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବଙ୍କ ନିଯୁକ୍ତିକୁ କଂଗ୍ରେସ ଓ ତାହାର ସହଯୋଗୀ ଯେପରି ବିରୋଧ କଲେ, ସେଥିରୁ ସେମାନଙ୍କ ଲୋକସଭା ଗଠନର ପ୍ରଥମ ପର୍ଯ୍ୟାୟରୁ ହିଁ ବିବାଦୀୟ ମନୋବୃତି ସ୍ପଷ୍ଟ ହୋଇଯାଇଥିଲା। ବାଚସ୍ପତି ନିର୍ବାଚନରେ ଆବଶ୍ୟକ ସଂଖ୍ୟା ନ ଥାଇ ପ୍ରାର୍ଥୀ ଦେଇ 'ଇଣ୍ଡି' ମେଣ୍ଟ ବାର୍ତ୍ତା ଦେବାକୁ ଚାହୁଁଛି ଯେ ଏନ୍‌ଡିଏକୁ ବିନା ବଳକଷାରେ ଏହା ଛାଡ଼ିବ ନାହିଁ। ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ଶାସକ ମେଣ୍ଟ ଓ ବିରୋଧୀ ଦଳର ମୋଟ ସଦସ୍ୟ ସଂଖ୍ୟା ହିଁ ଏକମାତ୍ର ସରଳ ଆଧାର। ଏହା ଜାଣି ସୁଦ୍ଧା କଂଗ୍ରେସ ନେତୃତ୍ୱରେ ବିରୋଧୀ ମେଣ୍ଟ ଯେଉଁ ରଣହୁଙ୍କାର ଦେଉଛି ତାହାର ପରିଣାମ ସମସ୍ତଙ୍କୁ ଜଣା। ଅଷ୍ଟାଦଶ ଲୋକସଭାର ପ୍ରଥମ ଦିନରୁ ହିଁ ବିରୋଧୀଙ୍କର ଏଭଳି ଆସ୍ଫାଳନ ପରବର୍ତ୍ତୀ ଦିନମାନଙ୍କରେ ଲୋକସଭାର ଗୋଳମାଳିଆ ପରିସ୍ଥିତିର ସୂଚକ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ସବୁଦଳର ପ୍ରତିନିଧିତ୍ୱ କରୁଥିବା ବାଚସ୍ପତି ଭଳି ଉଚ୍ଚ ସାମ୍ବିଧାନିକ ପଦକୁ ଆରମ୍ଭରୁ ବିବାଦୀୟ କରିବା ଦ୍ୱାରା ସଂସଦୀୟ ଗଣତାନ୍ତ୍ରିକ ମୂଲ୍ୟବୋଧ ଯେଭଳି ଆଘାତ ପ୍ରାପ୍ତ ହେଉଛି ସେଥିପାଇଁ ବିପକ୍ଷ ଦଳର ସାମ୍ବିଧାନିକ ଦାୟିତ୍ୱବୋଧର ଅଭାବକୁ ଦର୍ଶାଉଛି।

# ଏନ୍‌ସିଇଆରଟି ପାଠ୍ୟକ୍ରମ ବିତର୍କ

ଡକ୍ଟର ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

କିଛିଦିନ ତଳେ ନବମଠାରୁ ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକର ମୁଖ୍ୟ ଉପଦେଷ୍ଟା ପଦରୁ ନିଜ ନାମ ହଟାଇବାକୁ ସୁଭାଷ ପାଲଶିକର ଓ ଯୋଗେନ୍ଦ୍ର ଯାଦବ ଏନସିଇଆରଟିକୁ ପୁର୍ନବାର ଏକ ଚିଠି ଲେଖିଛନ୍ତି। ଯାଦବଙ୍କ ଚିଠି ସହ 'ରାଜନୀତି ବିଜ୍ଞାନର ପାଠ୍ୟପୁସ୍ତକ ବିକାଶ ଦଳ'ର ୩୩ ଜଣ ସଦସ୍ୟ ନିଜ ନାମ ବାଦ୍ ଦେବାକୁ ସାମୂହିକ ଅନୁରୋଧ କରିବା ପରେ ପରିସ୍ଥିତି ଆହୁରି ବିବାଦୀୟ ହୋଇଯାଇଛି। ପାଠ୍ୟପୁସ୍ତକରୁ ସେମାନଙ୍କ ନାମ ବାଦ୍ ଦେବାକୁ ବୁଦ୍ଧିଜୀବୀମାନେ ଯେଉଁ ଅଭିଯୋଗ କରିଛନ୍ତି ତାହା ହେଉଛି ଯେ ଐତିହାସିକ ତଥ୍ୟକୁ ଯୋଡ଼ିବା କିମ୍ବା ବାଦ୍ ଦେବା ପାଇଁ ଏନସିଇଆରଟି ସେମାନଙ୍କଠାରୁ କୌଣସି ପରାମର୍ଶ ନେଇ ନାହିଁ। ଏହାବ୍ୟତୀତ ପଠାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଏନସିଇଆରଟି ଦ୍ୱାରା କରାଯାଇଥିବା ପାଠ୍ୟକ୍ରମରେ ପରିବର୍ତ୍ତନ ହେଉଛି ଏକ ଅହେତୁକ ବିକୃତି, ଶିକ୍ଷାଗତ ଭାବେ ଅଚଳ ଏବଂ ରାଜନୈତିକ ପକ୍ଷପାତିତା ଦ୍ୱାରା ପ୍ରଭାବିତ ପରିବର୍ତ୍ତନ। ଏହି ଗମ୍ଭୀର ଅଭିଯୋଗ ଦେଶର ଶିକ୍ଷା ବ୍ୟବସ୍ଥା ଓ ଏହାର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ।

ଏଠାରେ ମନେରଖିବାକୁ ହେବ ଯେ ଏନସିଇଆରଟି ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ପୁସ୍ତକ ସହିତ ୨୧ଟି ପୁସ୍ତକ ସଂଶୋଧନ କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ଗୁଜରାଟ ଦଙ୍ଗା, ଜାତି ପ୍ରଥା, ପ୍ରତିବାଦ ଓ ଆନ୍ଦୋଳନ, ଶିଳ୍ପ ବିପ୍ଳବ, ବିଶ୍ୱ ଇତିହାସ ବିଷୟବସ୍ତୁ ଏବଂ କେନ୍ଦ୍ରୀୟ ଇସଲାମିକ୍ ଭୂମି ଭଳି ଦଶମ ଓ ଏକାଦଶ ସାମାଜିକ ବିଜ୍ଞାନ ପୁସ୍ତକର ଅଧ୍ୟାୟଗୁଡ଼ିକୁ ଉଚ୍ଛେଦ କରିବା ପରେ ଏହାକୁ ନେଇ ଅନେକ ବିବାଦୀୟ ମନ୍ତବ୍ୟ ମିଳିଛି। ସେହିପରି ଗଣତନ୍ତ୍ର ଓ ବିବିଧତା, ଲୋକସଂଘର୍ଷ, ସାମାଜିକ ଆନ୍ଦୋଳନ ଏବଂ ଗଣତନ୍ତ୍ରର ଆହ୍ୱାନ ଭଳି ଅଧ୍ୟାୟଗୁଡ଼ିକ ରାଜନୀତି ଓ ସାମାଜିକ ବିଜ୍ଞାନ ପୁସ୍ତକରୁ ଉଚ୍ଛେଦ ହେଇଥିବାରୁ ବିରୋଧୀ ରାଜନୈତିକ ଦଳଗୁଡ଼ିକ ଭାରତୀୟ ଗଣତନ୍ତ୍ର ପ୍ରତି ବର୍ତ୍ତମାନର ରାଜନୈତିକ ଶାସନର ଆଭିମୁଖ୍ୟକୁ ସମାଲୋଚନା କରୁଛନ୍ତି। ଏହାବ୍ୟତୀତ କଂଗ୍ରେସ, ସମାଜବାଦୀ ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ, ଭାରତୀୟ ଜନସଂଘ ଏବଂ ମୋଗଲ ଦରବାର ଓ ସାମ୍ରାଜ୍ୟର ଆଧିପତ୍ୟ ଉପରେ କିଛି ଅଧ୍ୟାୟକୁ ହଟାଇ ଦିଆଯାଇଥିବାରୁ ଅନେକ ବିରୋଧୀ ଦଳ ନେତା ହୋ-ହାଲ୍ଲା ଆରମ୍ଭ କରିଛନ୍ତି।

ଏକ ସାଧାରଣ ଅଭିଯୋଗ ହୁଏ ଯେ ଯେତେବେଳେ ଭାରତରେ ସରକାର ପରିବର୍ତ୍ତନ ହୁଏ, ଆମ ପାଠ୍ୟପୁସ୍ତକରେ ଥିବା ଇତିହାସକୁ ବଦଳାଇବାକୁ ଚେଷ୍ଟା କରାଯାଏ ଏବଂ ଇତିହାସର ପୁନଃମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୁଏ। ଏହା ସହ ଐତିହାସିକ ତଥ୍ୟ, ଐତିହାସିକ ବ୍ୟକ୍ତିତ୍ୱ ଓ ପ୍ରାଚୀନ ସଂସ୍କୃତିକୁ ସମସାମୟିକ ରାଜନୈତିକ ବିଚାରଧାରା ସହ ଯୋଡ଼ାଯାଏ। ଏହାକୁ ଆଧାର କରି ଆମ ମନରେ କିଛି ପ୍ରଶ୍ନ ଆସିଥାଏ, ଆସିବା ମଧ୍ୟ ସ୍ୱାଭାବିକ। ଏଗୁଡ଼ିକ ହେଉଛି, ବିଦ୍ୟାଳୟ ପାଠ୍ୟକ୍ରମ ଇତିହାସର ରାଜନୀତିକରଣର ଏକ୍ତିଆରଶାଳ ନୁହେଁ ତ? ଭାରତୀୟ ବିଦ୍ୟାଳୟ ପାଠ୍ୟକ୍ରମ ରାଜନୈତିକ ବିଚାରଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଆଧାର ପ୍ରଦାନ କରୁଛି କି? ସରକାରମାନେ ଇତିହାସର ପୁନଃମୂଲ୍ୟାୟନ କାହିଁକି କରୁଛନ୍ତି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ସବୁବେଳେ ପକ୍ଷପାତିତାରେ ଭରି ରହିଥାଏ।

୧୯୪୭ ମସିହା ବା ଭାରତ ଓ ପାକିସ୍ତାନ ବିଭାଜନ ପରଠାରୁ ଉଭୟ ଦେଶରେ ଇତିହାସର ରାଜନୀତିକରଣର ଧାରଣା ଜୋର ଧରିଥିଲା। ଉଭୟ ଦେଶର ସମାନ ସଂସ୍କୃତିକ ସମ୍ପର୍କ ଥିବା ସତ୍ତ୍ୱେ ପାକିସ୍ତାନ କେବେ ବି ନିଜର ଐତିହାସିକ ବିଷୟବସ୍ତୁକୁ ଭାରତୀୟ ସଂସ୍କୃତି ଓ ପରମ୍ପରା ସହିତ ଯୋଡ଼ିବାକୁ ଅନୁମତି ଦିଏ ନାହିଁ। ବରଂ ପାକିସ୍ତାନ ନିଜକୁ ଆରବୀ ସଂସ୍କୃତି ସହ ଜଡ଼ିତ ହେବାକୁ ଅଧିକ ପସନ୍ଦ କରେ। ସେହିପରି ଭାରତରେ ମଧ୍ୟ ଦକ୍ଷିଣପନ୍ଥୀ ଐତିହାସିକମାନେ ଭାରତୀୟ ମୁସଲମାନ ସଂସ୍କୃତିକୁ ପ୍ରାଚୀନ ଭାରତୀୟ ସଂସ୍କୃତିଠାରୁ ଦୂରେଇ ରଖିବାକୁ ପସନ୍ଦ କରନ୍ତି।

ଭାରତୀୟ ଇତିହାସରେ ଦୁଇଟି ଚିନ୍ତାଧାରା ରହିଛି। ଗୋଟିଏ ଚିନ୍ତାଧାରା ନିଜକୁ ଉଦାରବାଦୀ ବା ମାର୍କ୍ସବାଦୀ ବୋଲି ଦାବି କରୁଥିବା ବେଳେ ଅନ୍ୟ ଚିନ୍ତାଧାରା ନିଜକୁ କଠୋର ଏବଂ ମୂଳ ଐତିହାସିକ ଭାବେ ବର୍ଣ୍ଣନା କରନ୍ତି। ଏନସିଇଆରଟି ପାଠ୍ୟକ୍ରମ ଏବଂ ଅଧ୍ୟାୟଗୁଡ଼ିକୁ ମାର୍କ୍ସବାଦୀ ଏବଂ ଦେଶ ବିରୋଧୀ ବୋଲି ସମାଲୋଚନା କରି ୨୦୦୨ରୁ ୨୦୦୪ ମଧ୍ୟରେ ଏନଡିଏ ସରକାର ଏନ୍‌ସିଇଆରଟି ପାଠ୍ୟକ୍ରମରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ। ଏନସିଇଆରଟି ପାଠ୍ୟକ୍ରମରେ ଏନଡିଏ ସରକାର କରିଥିବା ଏହି ପରିବର୍ତ୍ତନକୁ ପରବର୍ତ୍ତୀ ସମୟରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ୨୦୦୫ରେ ଏକ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (ଏନସିଏଫ) ସ୍ଥିର କରି ହଟାଇ ଦେଇଥିଲେ। ପୁନଶ୍ଚ, ୨୦୧୭ ମସିହାରୁ ଏନ୍‌ସିଇଆରଟି ପାଠ୍ୟକ୍ରମରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ୧୮୨ଟି ଅପଡେଟ୍ ପାଠ୍ୟପୁସ୍ତକ ଓ ବିଷୟକୁ ନେଇ ପାଖାପାଖି ୧୩୩୪ଟି ପରିବର୍ତ୍ତନ କରାଯାଇଥିବା ସୂଚନା ମିଳିଛି। ସ୍ୱଚ୍ଛ ଭାରତ, ଜିଏସଟି, ଡିଜିଟାଲ ଇଣ୍ଡିଆ ଭଳି ନୂଆ ବିଷୟ ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ଏନସିଇଆରଟି କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ ଅନୁଯାୟୀ, ନୂତନ ଅଧ୍ୟାୟ ଇତିହାସର ସ୍ପଷ୍ଟ ଚିତ୍ର ପ୍ରଦାନ କରିବ ଏବଂ ଛାତ୍ରଛାତ୍ରୀଙ୍କୁ ସାମ୍ପ୍ରତିକ ବିଷୟ ଉପରେ ଏକ ନିରପେକ୍ଷ ଦୃଶ୍ୟ ପ୍ରଦାନ କରିବ।

ଅପରପକ୍ଷରେ ଅଭିଯୋଗ ହୁଏ ଯେ ପ୍ରତିଦ୍ୱନ୍ଦ୍ୱିତା ଭିତରେ ଫସିଯାଇଛି ଆମ ଇତିହାସ। ୟୁପିଏସସି ବା ଲୋକସେବା ଆୟୋଗ ଓ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଭାରତରେ ଲକ୍ଷ ଲକ୍ଷ ଆଶାୟୀ ଏନସିଇଆରଟି ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଓ ଏହାର ଅଧ୍ୟୟନ ସାମଗ୍ରୀକୁ ଅନୁସରଣ କରନ୍ତି। ଏନସିଇଆରଟିର ପାଠ୍ୟକ୍ରମ ଓ ବିଦ୍ୟାଳୟଗୁଡ଼ିକରେ ପାଠ୍ୟକ୍ରମକୁ ପ୍ରାସଙ୍ଗିକ କରିବା ଦ୍ୱାରା ପ୍ରତିଯୋଗିତାମୂଳକ ପରୀକ୍ଷାର ବିଷୟବସ୍ତୁ ଓ ବିଦ୍ୟାଳୟ ପାଠ୍ୟକ୍ରମ ମଧ୍ୟରେ ବ୍ୟବଧାନ ସୃଷ୍ଟି ହେବ ବୋଲି ଅନେକ ଶିକ୍ଷକ ଓ ଶିକ୍ଷାବିତ୍ ମତ ରଖୁଛନ୍ତି। ଏହି 'ଜ୍ଞାନ ବ୍ୟବଧାନ' ବା 'ନଲେଜ ଗ୍ୟାପ୍' ଛାତ୍ରଛାତ୍ରୀଙ୍କୁ କୋଚିଂ, ଇଣ୍ଟିଗ୍ରେଟେଡ୍ ସ୍କୁଲ୍ ଓ ପ୍ରାଇଭେଟ୍ ଟ୍ୟୁସନ୍ ଭଳି ଅନ୍ୟ ବିକଳ୍ପ ବାଛିବାକୁ ବାଧ୍ୟ କରିବ। ଉକ୍ତ ବ୍ୟବଧାନକୁ ବିଦ୍ୟାଳୟଗୁଡ଼ିକ ପୂରଣ କରିବେ ନାହିଁ ବୋଲି ମଧ୍ୟ ସୂଚନା ମିଳିଛି। କାରଣ ବିଦ୍ୟାଳୟଗୁଡ଼ିକ କେବଳ ବୋର୍ଡ ଦ୍ୱାରା ଦିଆଯାଇଥିବା ପାଠ୍ୟକ୍ରମକୁ ହିଁ ଅନ୍ତର୍ଭୁକ୍ତ କରିବେ।

କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ସିବିଏସଇ ବୋର୍ଡ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏନସିଇଆରଟି ପାଠ୍ୟକ୍ରମ ଅନୁସରଣ କରେ। ଭାରତରେ ୧୧୩୮ ଟି କେନ୍ଦ୍ରୀୟ ବିଦ୍ୟାଳୟ, ୩୦୧୧ଟି ସରକାରୀ ବିଦ୍ୟାଳୟ, ୧୬୭୪୧ଟି ସ୍ୱାଧୀନ ବିଦ୍ୟାଳୟ, ୫୯୫ଟି ଜବାହର ନବୋଦୟ ବିଦ୍ୟାଳୟ ରହିଛି। ଏହି ସମସ୍ତ ବିଦ୍ୟାଳୟଗୁଡ଼ିକ ଏନସିଇଆରଟି ପାଠ୍ୟକ୍ରମ ସହିତ ସିବିଏସଇ ବୋର୍ଡକୁ ଅନୁସରଣ କରନ୍ତି। ତେଣୁ ଏନସିଇଆରଟି ପାଠ୍ୟକ୍ରମରେ ଅଧ୍ୟାୟକୁ ହଟାଇବା ଦ୍ୱାରା ସୃଷ୍ଟି ହୋଇଥିବା ଜ୍ଞାନ ବ୍ୟବଧାନରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଉଛି। ଏହାବ୍ୟତୀତ ପାଠ୍ୟକ୍ରମରେ ଜ୍ଞାନ-ବ୍ୟବଧାନ ଜାଣିବା ସତ୍ତ୍ୱେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଉପରେ ଅଭିଭାବକଙ୍କ ଚାପ ରହିବ। ପୂର୍ବରୁ କୁହାଯାଇଛି ଯେ ଏହା ଅନ୍ୟ ବିକଳ୍ପ ବା ଘରୋଇ କୋଚିଂ କିମ୍ବା ଟ୍ୟୁସନ ପ୍ରତି ଆକୃଷ୍ଟ କରିବା ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଉଦାହରଣ ସ୍ୱରୂପ, ଏକାଦଶ ଶ୍ରେଣୀ ଗଣିତରେ ସେଟ୍, ତ୍ରିକୋଣମିତିକ କାର୍ଯ୍ୟ, ଗଣନା ସଂଖ୍ୟା, କ୍ରମ ଓ ଶୃଙ୍ଖଳା, ପରିସଂଖ୍ୟାନ ଓ ସମ୍ଭାବ୍ୟତା ଭଳି ୧୩ଟି ଅଧ୍ୟାୟକୁ ବାଦ୍ ଦିଆଯାଇଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଏଗୁଡ଼ିକ ଅତ୍ୟାବଶ୍ୟକ ଉପାଦାନ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏନସିଇଆରଟିରେ କଟା ହୋଇଥିବା ଅଧ୍ୟାୟ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷାର ବିଷୟବସ୍ତୁ ବିଷୟରେ କୌଣସି ସ୍ପଷ୍ଟତା ନାହିଁ।

୧୯୬୧ ମସିହାରେ ଭାରତରେ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକତା ସହିତ ଏକ ସାମଗ୍ରିକ ଶୈକ୍ଷିକ ପରିବେଶ ପ୍ରଦାନ କରିବା ପାଇଁ ଏନସିଇଆରଟି ଏକ ମହତ ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିଲା। ଭାରତର ଧର୍ମନିରପେକ୍ଷ ଦୃଷ୍ଟିକୋଣକୁ ନୀତି ଭାବରେ ବିଚାର କରି ଏନସିଇଆରଟି ଏହାର ପ୍ରାରମ୍ଭିକ ସମୟରେ ଭାରତର ଉପନିବେଶ ବିରୋଧୀ ଏବଂ ଧର୍ମନିରପେକ୍ଷ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇଥିଲା। ବିବାଦ ଅନେକ ସମୟରେ ସଂସ୍କାର ପାଇଁ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିଥାଏ। ସମ୍ପ୍ରତି ଏନସିଇଆରଟି ପାଠ୍ୟକ୍ରମର ପରିବର୍ତ୍ତନ ଦ୍ୱାରା ଶିକ୍ଷାଗତ ବିଷୟବସ୍ତୁରେ ଉନ୍ନତି ଘଟିବ ଏବଂ ଏହା ଅଧିକ ପ୍ରାସଙ୍ଗିକ, ପ୍ରଗତିଶୀଳ ଓ ସମସାମୟିକ ପାଠ୍ୟକ୍ରମ ସୃଷ୍ଟି କରିବ ବୋଲି ଅନେକ ଯୁକ୍ତି କରନ୍ତି। ଏନସିଇଆରଟି ଅନୁଯାୟୀ ସାମ୍ପ୍ରତିକ ପାଠ୍ୟକ୍ରମରେ ଭାରତର ପରମ୍ପରା ସମ୍ପର୍କରେ ଜ୍ଞାନ ସହ ଶିବାଜୀ, ସୁବାସ ଚନ୍ଦ୍ର ବୋଷ ଓ ମହାରାଣା ପ୍ରତାପ ଅଧ୍ୟାୟ ଯୋଡ଼ା ଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (ଏନସିଏଫ) -୨୦୦୫କୁ ସଂଶୋଧନ କରାଯାଇଛି। ଏନସିଇଆରଟି ଏହା ମଧ୍ୟ ଦାବି କରିଛି ଯେ ପାଠ୍ୟକ୍ରମରେ ପରିବର୍ତ୍ତନ ଦ୍ୱାରା ପାଠ୍ୟକ୍ରମରୁ କିଛି 'ଅନ୍ତର୍ବ୍ୟାପୀ' ଓ 'ଅପ୍ରାସଙ୍ଗିକ' ଅଂଶକୁ ହଟାଯାଉଛି, ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ ପାଠ ବୋଝ ହ୍ରାସ ହେବ। ଏହି ଶୃଙ୍ଖଳିତ ଆଭିମୁଖ୍ୟ ଦ୍ୱାରା ଏକ ଗଭୀର ବୁଝାମଣା, ପ୍ରକୃତ ଇତିହାସ ଏବଂ ଦକ୍ଷ ଶିକ୍ଷାବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଭଳି ଶିକ୍ଷା ପରିବେଶ ସୃଷ୍ଟି ହେବ। ଚୁମ୍ବକରେ କହିବାକୁ ଗଲେ ଏନସିଇଆରଟି ପାଠ୍ୟକ୍ରମରେ ପରିବର୍ତ୍ତନ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ପରିଚାଳନାଯୋଗ୍ୟ ଏବଂ ସମୃଦ୍ଧ ଶିକ୍ଷଣ ଅନୁଭୂତି ସୃଷ୍ଟି କରିବାକୁ ଏକ ଲକ୍ଷ୍ୟ।

ଏନସିଇଆରଟି ପାଠ୍ୟକ୍ରମ ବିବାଦର ଦୁଇଟି ଦିଗ ରହିଛି। ପ୍ରଥମଟି ହେଉଛି ଏହା ସମାଲୋଚନାତ୍ମକ ଚିନ୍ତାଧାରା, ବିଭିନ୍ନ ଦୃଷ୍ଟିକୋଣ ଓ ଶିକ୍ଷାଗତ ସଂସ୍କାରକୁ ପ୍ରୋତ୍ସାହିତ କରିବା ସହ ଜନସାଧାରଣଙ୍କ ଭାଗିଦାରୀ ବୃଦ୍ଧି କରିବାର କ୍ଷମତା ରହିଛି। ବିପରୀତ ଦିଗରେ ଏହା ରାଜନୈତିକ ହସ୍ତକ୍ଷେପ, ଅସ୍ଥିରତା, ଶୈକ୍ଷିକ ଧ୍ୟାନ ହରାଇବା ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଅବହେଳା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ମଧ୍ୟ ଅଙ୍ଗୁଳି ଉଠିଛି। ତେଣୁ ଭାରତୀୟ ଅତୀତର ଜଟିଳତା ଏବଂ ବିବିଧତାକୁ ସମ୍ମାନ ଦେଉଥିବା ଇତିହାସ ଶିକ୍ଷାର ଯେତିକି ଆବଶ୍ୟକତା ଅଛି, ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଇ ପାଠ୍ୟକ୍ରମ ଯେପରି ନିରପେକ୍ଷ, ସ୍ଥିର ଏବଂ ଅନ୍ତର୍ଭୁକ୍ତ ହେବ, ତାହା ସୁନିଶ୍ଚିତ କରିବା ମଧ୍ୟ ସେତିକି ଜରୁରୀ।

# ରୁଷ-ଉତ୍ତରକୋରିଆ ଘନିଷ୍ଠତା

ଲଳିତେନ୍ଦୁ ପଲାଉରୀ
ଅସ୍ତରଙ୍ଗ, ମୋ: ୯୭୭୮୬୯୭୦୩୬

ଗୋଟିଏ ପଟେ ସ୍ୱିଜରଲ୍ୟାଣ୍ଡର ବର୍ଜେନଷ୍ଟକ୍ ରିସର୍ଟରେ ବିଶ୍ୱ ରାଷ୍ଟ୍ର ସଦସ୍ୟଙ୍କ ମଧ୍ୟରେ ଅସହମତି କାରଣରୁ ୟୁକ୍ରେନ୍ ଶାନ୍ତି ସମ୍ମିଳନୀ ବିଫଳ ହୋଇଛି। ଅନ୍ୟପଟେ ୨୪ବର୍ଷ ପରେ ଉତ୍ତର କୋରିଆ ଗସ୍ତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ବ୍ୟବଧାନରେ କାହିଁକି ଉତ୍ତର କୋରିଆ ଗସ୍ତ କଲେ ପୁଟିନ୍, ତାହା ମଧ୍ୟ ବିଶ୍ୱବାସୀଙ୍କ ପାଇଁ ଆଲୋଚନାର ବିଷୟ ହୋଇଛି। ଅନେକ କଟକଣାକୁ ବେଖାତିର କରୁଥିବା ଉଭୟ ରୁଷ ଓ ଉତ୍ତର କୋରିଆ ବର୍ତ୍ତମାନ ପଶ୍ଚିମ ବିଶ୍ୱର ରାଷ୍ଟ୍ର, ୟୁରୋପୀୟ ସଂଘ ସଦସ୍ୟ ଓ ନାଟୋ ଦେଶମାନଙ୍କ କୋପ ନଜରରେ ରହିଛନ୍ତି। ଏହି ଦୁଇରାଷ୍ଟ୍ର ଉପରେ ଆର୍ଥିକ, ସାମରିକ ଓ ଅନ୍ତର୍ଜାତୀୟ ସହଯୋଗ କ୍ଷେତ୍ରରେ ଅନେକ ବାସନ୍ଦ ଲାଗୁ ହୋଇଛି। ବାସନ୍ଦ ଓ ପ୍ରତିବନ୍ଧକର ପ୍ରମୁଖ କାରଣ ମଧ୍ୟରେ ୟୁକ୍ରେନ ଉପରେ ଅଯଥା ରୁଷର ଆକ୍ରମଣ, ଉତ୍ତର କୋରିଆର ଲଗାମ ଛଡ଼ା ଆଣବିକ ଯୁଦ୍ଧାସ୍ତ୍ର ପ୍ରସ୍ତୁତି ଇତ୍ୟାଦି ରହିଛି।

କେବଳ ଚୀନକୁ ଛାଡ଼ି ଦେଲେ ଆମେରିକା ସମେତ ଇଂଲଣ୍ଡ, ଫ୍ରାନ୍ସ, ଦକ୍ଷିଣ କୋରିଆ ଭଳି ରାଷ୍ଟ୍ର ରୁଷ ଓ ଉତ୍ତର କୋରିଆର ଆଭିମୁଖ୍ୟକୁ ବିଲକୁଲ ପସନ୍ଦ କରୁନାହାନ୍ତି। ତେବେ ଉତ୍ତର କୋରିଆ ରାଜଧାନୀ ପେଙ୍ଗୋୟଙ୍ଗରେ ୨୪ବର୍ଷ ପରେ ରୁଷ ରାଷ୍ଟ୍ରପତି ପହଞ୍ଚିବା ପରେ ସେମାନଙ୍କ ଶତ୍ରୁ ରାଷ୍ଟ୍ରମାନଙ୍କ ଚିନ୍ତା ବଢ଼ିଯାଇଛି। ପୁଟିନଙ୍କୁ ଉତ୍ତର କୋରିଆରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମଧ୍ୟ ବିଶ୍ୱ ଦେଖିଛି। ନିଜେ ରାଷ୍ଟ୍ରପତି କିମ-ଜଙ୍ଗ ଉନ୍ କୋରିଆର ସୁନାମ ବିମାନବନ୍ଦରରେ ଉପସ୍ଥିତ ରହି ପୁଟିନଙ୍କୁ ସ୍ୱାଗତ କରିଥିଲେ। ଗତ ୨୪ବର୍ଷ ଭିତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କର ଉତ୍ତର କୋରିଆକୁ ଏହା ଥିଲା ଦ୍ୱିତୀୟ ଗସ୍ତ। ପୁଟିନ୍ କିମ ଜଙ୍ଗ ଉନ୍‌ଙ୍କୁ ନିଜ ବିଳାସପୂର୍ଣ୍ଣ କାର ୱୈରସ ଲିମେଜିନ୍‌ରେ ବସାଇ ପେଙ୍ଗୋୟଙ୍ଗ ସହରର ରାଜରାସ୍ତାରେ ବୁଲିଛନ୍ତି। ଦୁହେଁ ହସଖୁସି କରୁଥିବାର ଚିତ୍ର ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ, ପୁଟିନଙ୍କ ସ୍ୱାଗତ ପାଇଁ ପେଙ୍ଗୋୟଙ୍ଗର ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକୁ ବିଭିନ୍ନ ଆଲୋକମାଳାରେ ଏବଂ ରାସ୍ତାର ଦୁଇପାର୍ଶ୍ୱକୁ ସୁନ୍ଦର ଫୁଲରେ ସଜାଯାଇଥିଲା। କିମ ଜଙ୍ଗ ଉନଙ୍କ ଆତିଥ୍ୟରେ ପୁଟିନ୍ ଅତ୍ୟନ୍ତ ଆନନ୍ଦିତ ହୋଇ ନିଜର ବିଳାସପୂର୍ଣ୍ଣ ସୌଖିନୀ କାରକୁ କିମ୍ ଜଙ୍ଗଙ୍କୁ ଉପହାର ସ୍ୱରୂପ ଦେଇଛନ୍ତି। ବିଳାସପୂର୍ଣ୍ଣ କାର ଚଢ଼ିବାରେ ବିଶେଷ ରୁଚି ରଖୁଥିବା କିମ ଜଙ୍ଗ ଉନଙ୍କୁ ଗତ ଫେବ୍ରୁଆରୀରେ ମଧ୍ୟ ପୁଟିନ ଏକ ବିଳାସପୂର୍ଣ୍ଣ କାର ଉପହାର ଦେଇଥିଲେ।



ତେବେ ବିଶ୍ୱ କୂଟନୀତିକୁ ବେଖାତିର କରି ଚାଲିଥିବା ଏହି ଦୁଇ ସମ୍ବେଦନଶୀଳ ରାଷ୍ଟ୍ରର ମନୁଆ ରାଷ୍ଟ୍ରମୁଖ୍ୟଙ୍କ ହଠାତ ଏତେ ଅନ୍ତରଙ୍ଗତା ପ୍ରକୃତରେ କ'ଣ ସନ୍ଦେଶ ଦେବାକୁ ଚାହୁଁଛି ତାହା ଏବେ ଆଲୋଚ୍ୟର ବିଷୟ ହୋଇ ରହିଛି। ପୁଟିନଙ୍କ ଉତ୍ତର କୋରିଆ ଗସ୍ତ ସହ ରୁଷ-ଉତ୍ତର କୋରିଆ ମଧ୍ୟରେ ଏକ ବୃହତ୍ ପ୍ରତିରକ୍ଷା ରାଜିନାମା ସ୍ୱାକ୍ଷର ହୋଇଛି। ୟୁକ୍ରେନ ବିରୋଧୀ ଯୁଦ୍ଧରେ ରୁଷକୁ ଅନବରତ ବିଭିନ୍ନ ଯୁଦ୍ଧାସ୍ତ୍ର ସହାୟତା ଜାରି ରଖିଛି ଉତ୍ତର କୋରିଆ। ଏହାସହ ମିତ୍ରରାଷ୍ଟ୍ର ଭାବେ ଉତ୍ତର କୋରିଆ ରାଷ୍ଟ୍ରପତି କିମ୍ ଜଙ୍ଗ ଉନ ପୁଟିନଙ୍କୁ ସବୁ କ୍ଷେତ୍ରରେ ଖୋଲା ସମର୍ଥନ ଜାରି ରଖିଛନ୍ତି। ପୁଟିନଙ୍କ ଉତ୍ତର କୋରିଆ ଗସ୍ତକୁ କ୍ରେମଲିନ୍ ପ୍ରଶାସନ କେବଳ ଏକ ବନ୍ଧୁତ୍ୱପୂର୍ଣ୍ଣ ରାଜକୀୟ ଯାତ୍ରା ବୋଲି ଅଭିହିତ କହିଥିବା ବେଳେ ଉଭୟ ରାଷ୍ଟ୍ରନେତା କିନ୍ତୁ ପରସ୍ପରର ବିପଦ ବେଳର ବନ୍ଧୁ ଭାବେ ତୁରନ୍ତ ସାମରିକ ସହାୟତା ଯୋଗାଇବା ପାଇଁ ନୂଆ ରାଜିନାମା ସ୍ୱାକ୍ଷର କରିଛନ୍ତି। ବିଶେଷକରି, ୟୁକ୍ରେନ ଯୁଦ୍ଧକୁ ଯଥାର୍ଥ ଦର୍ଶାଇଛନ୍ତି କିମ ଜଙ୍ଗ ଉନ୍। ତେଣୁ ସମର୍ଥନ ପାଇଁ ଉତ୍ତର କୋରିଆକୁ ଧନ୍ୟବାଦ ଜଣାଇଛନ୍ତି ପୁଟିନ୍।

ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ପଶ୍ଚିମ ବିଶ୍ୱର ଦେଶଗୁଡ଼ିକ ରୁଷ ଉପରେ ବିଭିନ୍ନ କଟକଣା ଲଗାଇଛନ୍ତି। କିନ୍ତୁ ଉଭୟ ପୁଟିନ ଓ କିମ ଜଙ୍ଗ ଉନ୍ ନିଜର ବନ୍ଧୁତା ଓ ସହଯୋଗ ଅକ୍ଷୁଣ୍ଣ ରଖିବାକୁ ସହମତ ହୋଇଛନ୍ତି। ୟୁକ୍ରେନ ଯୁଦ୍ଧ ଓ ଉତ୍ତର କୋରିଆଠାରୁ ଯୁଦ୍ଧାସ୍ତ୍ର ଆମଦାନି ପୁଟିନଙ୍କ ଗସ୍ତର ମୁଖ୍ୟ ଏଜେଣ୍ଡା ରହିଥିବା ବେଳେ ଉତ୍ତର କୋରିଆ ଯୁଦ୍ଧାସ୍ତ୍ର ରପ୍ତାନୀ ବଦଳରେ ରୁଷଠାରୁ ଉନ୍ନତ ପ୍ରଯୁକ୍ତିବିଦ୍ୟା, ମିଶାଇଲ ଡିଫେନ୍ ସିଷ୍ଟମ, ଉନ୍ନତ ବୈଜ୍ଞାନିକ ଉପକରଣ, ଅର୍ଥନୈତିକ ବିକାଶ ପାଇଁ ନୂଆକୌଶଳ ଶିକ୍ଷା ଆବଶ୍ୟକ କରିଛି। ଏହାସହ ଆର୍ଥିକ କଟକଣା ଯୋଗୁଁ ଦେବାଳିଆ ଅର୍ଥନୀତିକୁ ନେଇ ଗତି କରୁଥିବା ଉତ୍ତର କୋରିଆ ସ୍ଥିତି ସୁଧାରିବାକୁ ରୁଷ ମଧ୍ୟ ପ୍ରତିଶ୍ରୁତି ଦେଇଛି। ବିଶ୍ୱରେ ଯୁଦ୍ଧାସ୍ତ୍ର ପ୍ରସ୍ତୁତି କ୍ଷେତ୍ରରେ ଥିବା ଅନେକ କଟକଣାକୁ ବେଖାତିର କରି ଯୁଦ୍ଧରେ ବ୍ୟବହାର ହେବା ଲାଗି ଆବଶ୍ୟକ ହତିଆର ଉତ୍ତର କୋରିଆ ପାଖରେ ବହୁ ପରିମାଣରେ ମହଜୁଦ ରହିଛି। ତେଣୁ ଏହି ସବୁ ହତିଆର ରୁଷକୁ ବିକ୍ରି କରିବାକୁ ଚାହୁଁଛି ଉତ୍ତର କୋରିଆ।

୨୦୧୧ ମସିହାରୁ ରୁଷ ଓ ଉତ୍ତର କୋରିଆ ମଧ୍ୟରେ ସମ୍ପର୍କ ଅଧିକ ଘନିଷ୍ଠ ହୋଇଥିବା ବେଳେ ୨୦୧୨ରେ ରୁଷ ଉତ୍ତର କୋରିଆ ଉପରେ ଥିବା ସମସ୍ତ ଋଣ ଛାଡ଼ କରିଦେଇଛି। ତେବେ ରୁଷ ରାଷ୍ଟ୍ରପତିଙ୍କର ଉତ୍ତର କୋରିଆ ଗସ୍ତ ପଛର ଆଉ କିଛି ରଣନୀତି ମଧ୍ୟ ଚର୍ଚ୍ଚା ହେଉଛି। ରୁଷ ରାଷ୍ଟ୍ରପତି ଓ ଉତ୍ତର କୋରିଆ ରାଷ୍ଟ୍ରପତି ଏକାଠି ହେବା ଘଟଣାକୁ ନେଇ ଦକ୍ଷିଣ କୋରିଆ ଓ ଆମେରିକା ଚିନ୍ତାପ୍ରକଟ କରିଛନ୍ତି। କାରଣ ଦକ୍ଷିଣ କୋରିଆ ରୁଷ ବିରୋଧୀ ରହି ଆସିବା ସହ ୟୁକ୍ରେନକୁ ବିନା ସର୍ତ୍ତରେ ଯୁଦ୍ଧାସ୍ତ୍ର ପ୍ରଦାନ କରି ଆସୁଛି। ତେଣୁ ଏଭଳି ଛକାପଞ୍ଝା ଭିତରେ ଉତ୍ତର କୋରିଆ ରୁଷକୁ ବିସ୍ଫୋରକ ସାମଗ୍ରୀ, କ୍ଷେପଣାସ୍ତ୍ର ଯୋଗାଣ ରାଜିନାମା ବୃଦ୍ଧି କରିଥିବା ବେଳେ ଏହା ବିଶ୍ୱ ପାଇଁ ଅଧିକ ବିପଦ ଆଣିପାରେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଉତ୍ତର କୋରିଆ ୫୦ଲକ୍ଷ ଆର୍ଟିଲାରି ସେଲ୍‌ଫ ରୁଷକୁ ପଠାଇଥିବା ଦକ୍ଷିଣ କୋରିଆ ଅଭିଯୋଗ କରିଥିଲା। ତେବେ ଏଭଳି ଅଭିଯୋଗକୁ ଖଣ୍ଡନ କରିଥିଲା ଉତ୍ତରକୋରିଆ।

ପୁଟିନ-କିମ ଜଙ୍ଗ ଉନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ସହ ଉତ୍ତର କୋରିଆର ଅର୍ଥତନ୍ତ୍ର ଚର୍ଚ୍ଚ ବୁଲି ଦେଖିଛନ୍ତି। ତେବେ ବିଶ୍ୱ ନୀତିନିୟମର ସ୍ରୋତରେ ସାମିଲ ନହୋଇ ଏକପ୍ରକାର ବିପରିତ ଦିଗରେ ଗତି କରୁଥିବା ଉଭୟ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଘନିଷ୍ଠତା କେବଳ ହତିଆର ରାଜିନାମା ସ୍ୱାକ୍ଷର ନା ମିଳିତ ଭାବେ ବିଶ୍ୱରେ ନିଜର ପତିଆରା ସୃଷ୍ଟି ପାଇଁ ଏକ ନୂଆ ଯୋଜନା, ତାହା ଏବେ ବଡ଼ ପ୍ରସଙ୍ଗ ହୋଇଛି। ସେପଟେ ଚୀନ-ରୁଷ- ଉତ୍ତର କୋରିଆର ମିଳିତ ରଣନୀତି ଆମେରିକାର ଦବଦବା ହ୍ରାସ ପାଇଁ ବାରମ୍ବାର ପ୍ରୟାସ, ଦିନକୁ ଦିନ ଜାତିସଂଘର ପ୍ରଭାବହୀନତା ବର୍ତ୍ତମାନ ବିଶ୍ୱବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଉଭୟ କିମ୍ ଜଙ୍ଗ ଉନ୍ ଓ ପୁଟିନ ମିଳିତ ହୋଇ ସାମିରିକ ଓ ଆଣବିକ ଯୁଦ୍ଧାସ୍ତ୍ର ପ୍ରୋତ୍ସାହନ ହେଉ କି ରୁଷ-ୟୁକ୍ରେନ ଯୁଦ୍ଧ କିମ୍ବା ମଧ୍ୟପାଚ୍ୟରେ ହମାସ-ପାଲେଷ୍ଟାଇନ- ଇସ୍ରାଏଲ ଯୁଦ୍ଧ ବିଶ୍ୱ ପାଣିପାଗକୁ ଅଧିକ ଅସ୍ଥିରତା ଓ ଅଶାନ୍ତି ଭିତରକୁ ଠେଲି ଦେଇଛି।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ୨୦୨୩ରେ ପୁଞ୍ଜି ନିବେଶ ପାଇଁ ଦେଶରେ ଓଡ଼ିଶା ଏକ ନମ୍ବର

**ଭୁବନେଶ୍ୱର,୨୫।୬(ସମିସ):** କେବଳ ଶିଳ୍ପ ଅଭିବୃଦ୍ଧି ନୁହେଁ, ନିବେଶ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସାରା ଦେଶରେ ଏକ ନମ୍ବର ସ୍ଥାନ ଦଖଲ କରିଛି। ୨୦୨୩ ମସିହାରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମସ୍ଥାନ ଅଧିକାର କରିଛି। ୨୦୨୩ ବର୍ଷରେ ସାରା ଦେଶର ବିଭିନ୍ନ ରାଜ୍ୟକୁ ନ୍ୟୁଜ୍ ବଜ୍ ରିପୋର୍ଟରେ ପ୍ରକାଶ ପାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରିପୋର୍ଟକୁ ନେଇ ଆନନ୍ଦ ପ୍ରକାଶ କରିଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ 'ଏକ୍ସ'ରେ ନବୀନ ଟ୍ୱିଟ୍ କରି କହିଛନ୍ତି ଯେ ସାରା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ପୁଞ୍ଜି ନିବେଶ ପ୍ରସ୍ତାବ (୨୦୨୩ ମସିହା)

- ଦେଶକୁ ୫.୧୦ ଲକ୍ଷ କୋଟିରୁ କେବଳ ଓଡ଼ିଶାକୁ ୨.୧୧ ଲକ୍ଷ କୋଟି
- ସାରା ଦେଶରେ ନିବେଶ ପ୍ରସ୍ତାବ ମଧ୍ୟରୁ ରାଜ୍ୟକୁ ମିଳିଛି ୪୦ ପ୍ରତିଶତ
- ଆନନ୍ଦ ପ୍ରକାଶ ସହ ସାମାଜିକ ଗଣମାଧ୍ୟମରେ ଟ୍ୱିଟ୍ କଲେ ନବୀନ

୫ ଲକ୍ଷ ୧୦ ହଜାର ୮୫୨ କୋଟି ନିବେଶ ପ୍ରସ୍ତାବ ଆସିଥିବା ବେଳେ ଏଥିରୁ ଓଡ଼ିଶାକୁ ସର୍ବାଧିକ ୨ ଲକ୍ଷ ୧୦ ହଜାର ୮୩୭ କୋଟି ଟଙ୍କାର ପ୍ରସ୍ତାବ ମିଳିଛି। ଯାହା ମୋଟ ନିବେଶ ପ୍ରସ୍ତାବର ପ୍ରାୟ ୪୦%। ଯାହା ମୋଟ ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କ୍ଷେତ୍ରରେ ସିଂହଭାଗ ହୋଇଥିବା ବେଳେ ଅନ୍ୟ ରାଜ୍ୟମାନେ ଏହାଠାରୁ ବହୁ ପଛରେ ରହିଥିବା କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନ ହାସଲ କରିବା ଗୌରବର ବିଷୟ। ନିବେଶକମାନେ ଅଭିବୃଦ୍ଧିର ସମ୍ଭାବନାକୁ ଆହୁରି ବ୍ୟାପକ କରି ପୁଞ୍ଜି ନିବେଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଓଡ଼ିଶା ଉପରେ ନିରନ୍ତର ବିଶ୍ୱାସ ରଖି ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଏବଂ ସମ୍ମାନ ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ନ୍ୟୁଜ୍ ବଜ୍ ରିପୋର୍ଟ ଅନୁଯାୟୀ ଓଡ଼ିଶା ପରେ ନିବେଶ କ୍ଷେତ୍ରରେ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଛି ଏବଂ ସାରା ଦେଶର ମୋଟ ନିବେଶ ପ୍ରସ୍ତାବର ୧୨% ଗୁଜରାଟ ଭାଗରେ ପଡ଼ିଛି। ଏହି ରାଜ୍ୟକୁ ୨୦୨୩ରେ ମୋଟ ୬୨୫୩୫ କୋଟି





ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ମିଳିଛି। ସେହିପରି ତୃତୀୟ ସ୍ଥାନରେ ଥିବା ମହାରାଷ୍ଟ୍ରକୁ ୫୯୫୫୧ କୋଟି ଟଙ୍କାର ପ୍ରସ୍ତାବ ମିଳିଥିବା ବେଳେ ମଧ୍ୟପ୍ରଦେଶକୁ ୨୨୧୬୩ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଅନୁରୂପ ଭାବରେ ୨୦୨୩ରେ ତେଲେଙ୍ଗାନାକୁ ୧୩୨୪୨ କୋଟି, ଆନ୍ଧ୍ରପ୍ରଦେଶକୁ ୧୨୨୩୮ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପ୍ରାପ୍ତ ହୋଇଛି।

ସୂଚନାଯୋଗ୍ୟ ଯେ ୨୦୨୩ ମସିହାରେ ନିବେଶ ସଂକ୍ରାନ୍ତ ମୋଟ ୧୨୬୭ଟି ଇଣ୍ଡଷ୍ଟ୍ରିଆଲ ଏଣ୍ଟ୍ରିପ୍ରିନର ମେମୋରେଣ୍ଡମ୍(ଆଇଇଏମଏସ) ଦାଖଲ ହୋଇଥିବା ବେଳେ ଏଥିରୁ ଅଧିକାଂଶ ଓଡ଼ିଶା ପାଇଁ ଥିଲା। ସେହିପରି ୨୦୨୩ ମସିହା ଡିସେମ୍ବର ମାସରେ ଦେଶକୁ ମୋଟ ୧୨୨୭୪ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିବା ବେଳେ ଓଡ଼ିଶାକୁ ଏଥିରୁ ସର୍ବାଧିକ ୪୦% ପ୍ରତିଶତ ଅର୍ଥାତ୍ ୫୦୮୧ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିବା ଜଣାପଡ଼ିଛି।

# ନିଶାମୁକ୍ତ ଜୀବନ

ସ୍ୱାଭାବିକ ଶାରୀରିକ ତଥା ମାନସିକ ସ୍ଥିତିକୁ ଅସ୍ୱାଭାବିକ ଭାବରେ ପରିବର୍ତ୍ତନ କରୁଥିବା ପଦାର୍ଥଗୁଡ଼ିକୁ ନିଶାଦ୍ରବ୍ୟ କୁହାଯାଏ । ନିକୋଟିନ୍ (ଗୁଟ୍‌ଖା, ସିଗାରେଟ୍), ମଦ, ଭାଙ୍ଗ, ଗଞ୍ଜେଇ, ହିରୋଇନ୍, ଉତ୍ତେଜକ ଦ୍ରବ୍ୟ (ଚା', କଫି) ଅପବ୍ରମ କରାଯାଉଥିବା ନିଶାଦ୍ରବ୍ୟ, ଶୁଙ୍ଘିବା ନିଶାଦ୍ରବ୍ୟ ଯଥା- ଡେନ୍‌ଡ୍ରାଇଟ୍ (ଅଠା) ଓ ଅକ୍ଷର ଲିଭାଉଥିବା ଧଳା କାଳି ଆଦି ସାଧାରଣତଃ ବହୁଳ ଭାବରେ ବ୍ୟବହୃତ ହୁଏ।



ଡା. ଶୁଭେନ୍ଦୁ ନାରାୟଣ ମିଶ୍ର
ସ୍ନାୟୁ ମାନସିକ ରୋଗ ଓ ନିଶା ନିବାରଣ ବିଶେଷଜ୍ଞ
ସମ୍ ହସ୍ପିଟାଲ, ଭୁବନେଶ୍ୱର

**■ ଭାରତକୁ ନିଶାଦ୍ରବ୍ୟ ଆମଦାନି ହୁଏ କିପରି :**
ମ୍ୟାଁମାର, ଲାଓସ ଏବଂ ଥାଇଲାଣ୍ଡକୁ ସୁବର୍ଣ୍ଣ ତ୍ରିଭୁଜ ଏବଂ ଆଫଗାନିସ୍ତାନ, ଇରାନ ଓ ପାକିସ୍ତାନକୁ ନେଇ ସୁବର୍ଣ୍ଣ ଚାପ କୁହାଯାଏ। ଏହି ସ୍ଥାନ ଦେଇ ଭାରତକୁ ନିଶାଦ୍ରବ୍ୟ ଚୋରା ଚାଲାଣ ହୁଏ ।

**■ କିଛି ବ୍ୟକ୍ତି ନିଶାଦ୍ରବ୍ୟ ବ୍ୟବହାର କାହିଁକି କରନ୍ତି :**
ପ୍ରଚାର ପ୍ରସାରଣ, ବିରକ୍ତି ଭାବକୁ ଦୂର କରିବାର ଇଚ୍ଛା, ଉତ୍ସବ, ମଉଜ ସମୟରେ ଅତି ନିକଟତମ ବ୍ୟକ୍ତିଙ୍କର ପ୍ରରୋଚନା ତଥା ମନ୍ଦ ଅଭ୍ୟାସ ହେତୁ ନିଶାଦ୍ରବ୍ୟର ବ୍ୟବହାର ହୁଏ ।

**■ କେଉଁମାନେ ବିପଦପୂର୍ଣ୍ଣ:**
ଘର ଲୋକମାନଙ୍କ ଅଭ୍ୟାସ, ଅତ୍ୟଧିକ ମାନସିକ ଧକ୍କା, ଅପମାନ ଅଥବା ଛୋଟବେଳେ ଭର୍ତ୍ସନା ବା ଅବହେଳିତ ହୋଇଥିବା ବ୍ୟକ୍ତି, ବିଷାଦ, ଉଦ୍‌ବେଗ ଓ ଶିକ୍ଷା କ୍ଷେତ୍ରରେ ବିଫଳତା, ପ୍ରେମ ବିଫଳତା ।

**■ ନିଶାଦ୍ରବ୍ୟ ବ୍ୟବହାର କଲେ କ'ଣ କ୍ଷତି ହୁଏ :**
ବ୍ୟକ୍ତିଗତ ସୁରକ୍ଷା ଜନିତ ବିପଦ ତଥା ମାତ୍ରାଧିକ ସେବନ ହେତୁ ମୃତ୍ୟୁ, ଦୁର୍ଘଟଣା, ଅଥବା ଆକ୍ରମଣାତ୍ମକ ଆଚରଣ। ଏହାଛଡ଼ା ମସ୍ତିଷ୍କ ବିକୃତି, ଯକୃତ୍ ଖରାପ ହେବା, ମାନସିକ ବିକାରଗ୍ରସ୍ତ ହେବା, ଜେଲଦଣ୍ଡ, ଜୋରିମାନା, ଅପରାଧ, ହେବାର ଆଶଙ୍କା ମଧ୍ୟ ରହିଛି ।

**■ ବିପଦପୂର୍ଣ୍ଣ ଲକ୍ଷଣ :**
ସୁପରିଚିତ କାର୍ଯ୍ୟ ଯଥା- ଖେଳ, ପାଠପଢ଼ିବା, ନିଜ ସଉକରୁ ନିବୃତ୍ତ ରହିବା । ହଠାତ୍ କାର୍ଯ୍ୟକ୍ଷେତ୍ର ବା ଶିକ୍ଷାକ୍ଷେତ୍ରରେ ଉପସ୍ଥାନ ଏବଂ କାର୍ଯ୍ୟକ୍ଷମତାରେ ହ୍ରାସ ଘଟିବା। ଦ୍ରୁତ ଗତିରେ ଗାଡ଼ିଚାଳନା, କାମୁକତା, ଅତ୍ୟଧିକ କ୍ରୋଧିତ ହେବା। ମୋଟାମୋଟି ଭାବେ ବ୍ୟବହାରରେ ପରିବର୍ତ୍ତନ ତଥା ଶାରୀରିକ ଏବଂ ଚେହେରାରେ ଅବନତି ଘଟିବା ।

**■ ଜଣେ ନିଶାଗ୍ରସ୍ତ ବ୍ୟକ୍ତି କିପରି ନିଶାଛାଡ଼ି ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରିବ :**
ଦୃଢ଼ ଇଚ୍ଛାଶକ୍ତି ଏକ ପ୍ରତିଜ୍ଞାବଦ୍ଧ ଏବଂ ସ୍ୱେଚ୍ଛାକୃତ ବ୍ୟକ୍ତି ପାଖରେ ହିଁ ସମାଧାନର ପଥ ପରିଷ୍କାର ଥାଏ । ସ୍ୱୟଂ ସହାୟକ ଦଳର ସାହାଯ୍ୟ ନେବା, ପାରିବାରିକ ସାହାଯ୍ୟ, ଉତ୍ତମ ବନ୍ଧୁମାନଙ୍କ ସାହାଯ୍ୟ, ନିଶା କବଳରୁ ମୁକୁଳି ଆସିଥିବା ବ୍ୟକ୍ତିମାନଙ୍କ ସହାୟତା କିମ୍ବା ସର୍ବଶେଷରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ନିଶାରୁ ଦୂରେଇ ରହିହେବ ।

**■ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ କିପରି ସାହାଯ୍ୟ କରିବା :**
କୌଣସି ନିଶା ବ୍ୟବହାର ନକରିବା, ଏହା ଆଲୋଚନାର ମୂଳମନ୍ତ୍ର ହେବା ଦରକାର । ଘନିଷ୍ଠ ସମ୍ପର୍କୀୟମାନଙ୍କ ଦ୍ୱାରା ମାନସିକ ଚାପ ଦେବା ଉଚିତ । କିଶୋର ପିଲାମାନଙ୍କୁ ସ୍ୱାସ୍ଥ୍ୟକର ପରିବେଶରେ ନିଜର ରୁଚି ଓ ଖେଳକୁଦରେ ସାମିଲ କରିବା ଉଚିତ । ଏହାଛଡ଼ା ନାଚ, ଗୀତ, ଚିତ୍ର ଆଦି କଳାରେ ମନୋନିବେଶ କରାଯିବା ଉଚିତ ।

ଅଭିଭାବକମାନେ ଏହାଜାଣି ରଖିବା ଉଚିତ ଯେ ପ୍ରତ୍ୟେକ ଶିଶୁ ଏକ ଭିନ୍ନ ମଣିଷ, ଏକ ଭିନ୍ନ ପ୍ରତିଭାର ଅଧିକାରୀ । ଏହାକୁ ଅନୁଭବ କରିବା ତଥା ଶିଶୁମାନଙ୍କ ଆକାଂକ୍ଷାକୁ ସୁଯୋଗ ଦେବା ଦ୍ୱାରା ନିଶାଦ୍ରବ୍ୟ ସେବନର ଆଶଙ୍କା ବହୁମାତ୍ରାରେ ପ୍ରତିରୋଧ କରିହେବ।

## ପୂଜା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ!

**ଭୁବନେଶ୍ୱର,୨୫।୬(ସମିସ):** ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପୁଣି ହେବ ଛାତ୍ରସଂସଦ ନିର୍ବାଚନ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ କାର୍ଯ୍ୟକ୍ରମରେ ଏନେଇ ସକାରାତ୍ମକ ମନ୍ତବ୍ୟ ଦେବା ପରେ ନିର୍ବାଚନ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ବିଧିବଦ୍ଧ ଭାବେ ସରକାର ଏନେଇ କୌଣସି ଘୋଷଣା କରି ନଥିବା ବେଳେ ଆସନ୍ତା ଦୁର୍ଗାପୂଜା ଛୁଟି ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହୋଇପାରେ ବୋଲି ଜଣାପଡ଼ିଛି। ୨୦୧୭- ୧୮ ଶିକ୍ଷାବର୍ଷରେ ଶେଷଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। କରୋନା ମହାମାରୀ ଏବଂ ଶିକ୍ଷାନୁଷ୍ଠାନରେ ହିଂସାକାଣ୍ଡ ହେଉଥିବା ଦର୍ଶାଇ ୬ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଥିଲା। ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ପୂର୍ବରୁ ବିଭିନ୍ନ ଛାତ୍ର ସଂଗଠନ ଦାବି କରିଛନ୍ତି। ନିକଟରେ ଭୁବନେଶ୍ୱରର ଏକ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଯୋଗଦେଇ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନରୁ ଯୁବ ନେତୃତ୍ୱ ସୃଷ୍ଟି ହୁଅନ୍ତି। ଏଣୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିର୍ବାଚନର ଆବଶ୍ୟକତା ରହିଛି। ସରକାର ଏହାକୁ ଗୁରୁତ୍ୱର ସହ ବିଚାର କରୁଥିବା ମଧ୍ୟ ସେ କହିବା ପରେ ପୁଣିଥରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ଆଶା ଦୃଢ଼ୀଭୂତ ହୋଇଛି। ନିର୍ବାଚନ ପାଇଁ ମଧ୍ୟ ସମସ୍ତ ଛାତ୍ର ସଂଗଠନ ପାଗ ଭିଡ଼ିଲେଣି। ନାମଲେଖା ଆରମ୍ଭ ପୂର୍ବରୁ ହେଲ୍ପ-ଡେସ୍କ ଖୋଲି ନବାଗତ ବିଦ୍ୟାର୍ଥୀଙ୍କୁ ସହଯୋଗ କରିବାକୁ ଯୋଜନା କରିଛନ୍ତି।

**ପ୍ରସ୍ତୁତି ଆରମ୍ଭ କଲେଣି ଛାତ୍ର ସଂଗଠନ**

## ହାତୀ ପାଦ ତଳେ ଗଲା ୨ ବୃଦ୍ଧାଙ୍କ ଜୀବନ

**ତେଲକୋଇ/ନୀଳଗିରି, ୨୫।୬ (ସମିସ):** ହାତୀ ଆକ୍ରମଣରେ ଆଜି ରାଜ୍ୟରେ ୨ଜଣଙ୍କ ଜୀବନ ଯାଇଛି। କେନ୍ଦୁଝର ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲାରେ ଜଣେ ଲେଖାଏଁ ବୃଦ୍ଧା ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି।

କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ଦୋବଳାପାଳ ଫରେଷ୍ଟ ବିଟ୍ କଳାପୋଖରୀ ଗାଁର ମୁନି କିଶାନ(୫୫) ଶୌଚ ହେବା ପାଇଁ ଘର ନିକଟ ଜମିକୁ ଯାଇଥିଲେ। ଅନ୍ଧାର ଥିବାରୁ ପାଖିରେ ଥିବା ଗୋଟିଏ ହାତୀପଲ ଥିବା ସଂପର୍କରେ ସେ ଜାଣି ପାରିନଥିଲେ। ତିନିଟିକିଆ ହାତୀପଲରେ ଥିବା ଏକ ଦନ୍ତା ହଠାତ୍ ଆସି ମୁନିଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ତାଙ୍କୁ ପାଦରେ ଦଳି ଦେଇଥିଲା। ଫଳରେ ମୁନିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୁନିଙ୍କ ମୃତ୍ୟୁ ପରେ ମଧ୍ୟ ଦନ୍ତା ଶବକୁ ଛାଡ଼ି ଯାଇନଥିଲା। ଗ୍ରାମବାସୀ ଏକାଠି ହୋଇ ହୋ-ହାଲ୍ଲା କରିବା ପରେ ପ୍ରାୟ ବିଳମ୍ବିତ ରାତିରେ ଦନ୍ତାଟି ଅନ୍ୟତ୍ର ପଳାଇଥିଲା। ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତେଲକୋଇ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଆଜି ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୬୦ ହଜାର ଟଙ୍କାର ଚେକ୍ ବିଧାୟକ ଡା. ଫକୀର ମୋହନ ନାଏକ ପ୍ରଦାନ କରିଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀଦେଇପୁର (କାଇଁଶପାଳ) ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ସ୍ତ୍ରୀ ପୁଣ୍ଟି (୬୧)ଙ୍କୁ ଏକ ହାତୀ କଚାଡ଼ି ମାରି ଦେଇଛି। ଗତକାଲି ରାତି ପ୍ରାୟ ୧୨ଟା ୩୦ରେ ପୁଣ୍ଟି ଘର ବାହାରକୁ ପରିସ୍ରା କରିବାକୁ ଆସିଥିବା ବେଳେ ନିକଟ କୁଲଡିହା ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଆସିଥିବା ଏକ ଜଙ୍ଗଲୀ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ଏକ ହାତୀ ପୁଣ୍ଟିଙ୍କୁ ଶୁଣ୍ଢରେ କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୁଅ ରଘୁନାଥ ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ବାଲେଶ୍ୱର ଓ କେନ୍ଦୁଝରରେ ଜଣେ ଲେଖାଏଁ ମୃତ**

**■ ଟ୍ରେଡିଂ ଆପ୍ ଜରିଆରେ ସାଇବର୍ ଠକେଇ**

## ଡାକ୍ତରଙ୍କ ଆକାଉଣ୍ଟରୁ ଲୁଟିନେଲେ ୩୪ ଲକ୍ଷ

**ବାରିପଦା, ୨୫।୬ (ସମିସ):** ଅନଲାଇନ୍ ଟ୍ରେଡିଂ ଆପ୍ ଜରିଆରେ ଜଣେ ଡାକ୍ତର ସାଇବର୍ ଠକେଇର ଶିକାର ହୋଇଛନ୍ତି। ଠକ ତାଙ୍କ ଆକାଉଣ୍ଟରୁ ୩୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଠକେଇର ଶିକାର ଡାକ୍ତରଜଣଙ୍କ ହେଲେ, ବାରିପଦା ଜିଲ୍ଲା ମୁଖ୍ୟ ହସ୍‌ପିଟାଲର ଡାକ୍ତର ବିଶ୍ୱନାଥ ଦାସ। ଏ ସଂପର୍କରେ ଡାକ୍ତର ଦାସ ବାରିପଦାସ୍ଥିତ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ବାରିପଦାସ୍ଥିତ ମଧୁବନରେ ରହୁଥିବା ଡାକ୍ତର ବିଶ୍ୱନାଥଙ୍କ ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ମାସରେ ସେ ଏକ ଟ୍ରେଡିଂ କମ୍ପାନୀର ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ଉକ୍ତ ଗ୍ରୁପ୍‌ରେ ଥିବା କମ୍ପାନୀ ମୁଖ୍ୟମାନେ ତାଙ୍କୁ ଟ୍ରେଡିଂର ପ୍ରଲୋଭନ ଦେଖାଇଥିଲେ। କମ୍ ସମୟରେ ସେ କୋଟିପତି ହୋଇଯିବେ ବୋଲି ତାଙ୍କୁ ପ୍ରଲୋଭିତ କରିଥିଲେ। ତେବେ ଆଗପଛ ବିଚାର ନ କରି ଡାକ୍ତର ବିଶ୍ୱନାଥ ପ୍ରଥମ ପର୍ଯ୍ୟାୟରେ ୧୮ ଲକ୍ଷ ୨୦ ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୩ ଲକ୍ଷ ୫୦ ହଜାର ଏବଂ ତୃତୀୟ ପର୍ଯ୍ୟାୟରେ ୧୨ ଲକ୍ଷ ୭୪ ହଜାର ଟଙ୍କା ଉକ୍ତ ଟ୍ରେଡିଂ ଆପ୍‌ରେ ନିବେଶ କରିଦେଇଥିଲେ। ବିଭିନ୍ନ କମ୍ପାନୀର ସେୟାର୍ କିଣିବା ପାଇଁ ଗତ ୩.୫.୨୦୨୪ରୁ ୭.୬.୨୦୨୪ ମଧ୍ୟରେ ସେ ଠକମାନଙ୍କ ଦ୍ୱାରା ପ୍ରଦତ୍ତ ୯ଟି ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଏହାର ସପ୍ତାହକ ପରେ ସେ ଏକ କମ୍ପାନୀର ସେୟାର ଆଇପିଓ ୪୧ଲକ୍ଷ ୭୦ ହଜାର ଟଙ୍କାରେ କିଣିବା ଏବଂ ୩୦ ହଜାର ସେୟାର ବିକିବା ପାଇଁ ଉଦ୍ୟମ କରିଥିଲେ। ସେତେବେଳେ ତାଙ୍କ ଆକାଉଣ୍ଟରେ ଆଉ ସେୟାର୍ ନ ଥିବା ସେ ଦେଖିବାକୁ ପାଇଥିଲେ। ଏହାପରେ ସେ ସଂସ୍ଥାକୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇବା ପରେ ସାଇବର୍ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

**ବିଦ୍ୟାଳୟ ପାଇଖାନା କାନ୍ଥ ପଡ଼ି ଛାତ୍ରଙ୍କ ମୃତ୍ୟୁ ଘଟଣା**

## ୧୦ ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୨୫।୬(ସମିସ):** ଗଞ୍ଜାମ ଜିଲ୍ଲା ରାଣିକିଆରି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ପାଇଖାନା କାନ୍ଥ ପଡ଼ିଯିବାରୁ ଜଣେ ଛାତ୍ରର ମୃତ୍ୟୁ ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ସମ୍ପୃକ୍ତ ମୃତ ଛାତ୍ରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସନିଆ ପ୍ରଧାନଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାସ୍ତରୀୟ ଶିକ୍ଷା ଭିତ୍ତିଭୂମି ଅଡିଟ୍ କମିଟି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରତି ଜିଲ୍ଲାରେ ଗଠନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ବ୍ଲକ-ମ୍ୟୁନସିପାଲଟିର ନିର୍ବାହୀ ଅଧିକାରୀ ଓ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଦି ସଦସ୍ୟ ରହିବେ। ଏହି କମିଟି ପ୍ରତିବର୍ଷ ବିଦ୍ୟାଳୟର ସୁରକ୍ଷା ଯାଞ୍ଚ କରି ଜୁନ ମାସରେ ପ୍ରତି ବିଦ୍ୟାଳୟକୁ ସୁରକ୍ଷା ପ୍ରମାଣପତ୍ର ପ୍ରଦାନ କରିବ। ପ୍ରତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଜ ବିଦ୍ୟାଳୟର ବିପଜ୍ଜନକ ଗୃହ ଅବା କାନ୍ଥ ଆଦି ସମ୍ପର୍କରେ ବିଡିଓଙ୍କୁ ରିପୋର୍ଟ କରିବେ। ବିଡିଓ ଏହାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ। ଜିଲ୍ଲାପାଳ ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସମ୍ବନ୍ଧରେ ମନିଟରିଂ କରିବେ। କାନ୍ଥ ଅବା ଛାତ ଭୁଶୁଡିବା ଭଳି କୌଣସି ପ୍ରକାର ଅଘଟଣ କ୍ଷେତ୍ରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ସମ୍ପୃକ୍ତ ବ୍ଲକର ବିଡିଓ ଉତ୍ତରଦାୟୀ ହେବେ ବୋଲି ହାଇକୋର୍ଟ କହିଛନ୍ତି।

- ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବ ଅଡିଟ କମିଟି
- ଅଘଟଣ ପାଇଁ ଉତ୍ତରଦାୟୀ ରହିବେ ପ୍ରଧାନ ଶିକ୍ଷକ ଓ ବିଡିଓ

**■ ମାୟାଧର ହତ୍ୟା ମାମଲା**

## ୪ ହତ୍ୟାକାରୀଙ୍କୁ ଆଜୀବନ

**ଢେଙ୍କାନାଳ, ୨୫।୬ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ବରଦାପାଟଣା ଗ୍ରାମରେ ୨୦୧୭ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣତି ସାହା ଏହି ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ସେମାନେ ହେଲେ, ବରଦାପାଟଣା ଗ୍ରାମର ଲଳିତ ଦାସ, ରଞ୍ଜନ କୁମାର ବେହେରା, ମଙ୍ଗରାଜ ବେହେରା ଓ ଅମ୍ବୁଜ ଦାଶ। ରାଜନୈତିକ ଶତ୍ରୁତା କାରଣରୁ ଏମାନେ ଗାଁର ମାୟାଧର ପ୍ରଧାନଙ୍କୁ ହତ୍ୟା କରିଥିଲେ। ସୂଚନାନୁଯାୟୀ, ଉକ୍ତ ଦିନ ଗଁଦିଆ ଥାନା ବରଦାପାଟଣା ଗ୍ରାମର ମାୟାଧର ପ୍ରଧାନ ଓ ବିଚିତ୍ର ପ୍ରଧାନ ଏକ ବାଇକ୍ ଯୋଗେ ଗ୍ରାମରୁ ଆସୁଥିବା ବେଳେ କୃଷିଦା ବସଷ୍ଟାଣ୍ଡ ଛକରେ ଏହି ଅଭିଯୁକ୍ତମାନେ ମାୟାଧରଙ୍କୁ ଅଟକାଇ ସଙ୍ଘବଦ୍ଧ ଭାବେ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ମାୟାଧରଙ୍କୁ ପ୍ରଥମେ ବରପଦା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାୟାଧରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗଁଦିଆ ପୁଲିସ୍ ନମ୍ବର ୩୮/୧୭ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ଅକ୍ଷୟ କୁମାର ଭୋଇ ମାମଲା ପରିଚାଳନା କରିଥିଲେ।

## ନିର୍ବନ୍ଧ ପରେ ଯୁବତୀଙ୍କୁ ବିବାହ ପାଇଁ ପ୍ରତ୍ୟାଖାନ ଆତ୍ମହତ୍ୟା ନିମନ୍ତେ ପ୍ରରୋଚିତ ନୁହେଁ: ହାଇକୋର୍ଟ

**କଟକ,୨୫।୬(ସମିସ):** ନିର୍ବନ୍ଧ ପରେ ଜଣେ ଯୁବତୀଙ୍କୁ ବିବାହ ପାଇଁ ପ୍ରତ୍ୟାଖାନ କରିବା ଆତ୍ମହତ୍ୟା ନିମନ୍ତେ ପ୍ରରୋଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଆଇପିସିର ଧାରା ୩୦୬ରେ ମଧ୍ୟ ଏହାକୁ ବାଖ୍ୟା କରାଯାଇଛି। ଆବେଦନକାରୀଙ୍କ ବିରୋଧରେ ଥିବା କ୍ରିମିନାଲ ପ୍ରୋସିଡିଂକୁ ରଦ୍ଦ କରିବା ସହ ହାଇକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଡା. ପ୍ରିୟଙ୍କ ଟପୁରିଆଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ମୃତ ପୀଡ଼ିତାଙ୍କୁ ବିବାହ ପାଇଁ ଅନିଚ୍ଛା ପ୍ରକାଶ କରିବା ଦଣ୍ଡନୀୟ ଅପରାଧ ନୁହେଁ ବୋଲି ଅଦାଲତ କହିଛନ୍ତି।

୨୦୧୯ରେ ଜଣେ ମେଡିକାଲ ଛାତ୍ରଙ୍କ ସହ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଯୁବତୀଙ୍କ ବିବାହ ସ୍ଥିର ହୋଇଥିଲା। ଦୁହିଁଙ୍କ ନିର୍ବନ୍ଧ ମଧ୍ୟ ସରିଥିଲା। ପରେ ଯୁବକଜଣଙ୍କ ବିବାହ କରିବାକୁ ମନା କରିଦେବାରୁ ଯୁବତୀଜଣଙ୍କ ଆତ୍ମହତ୍ୟା କରିଥିଲେ। ମୃତ ଯୁବତୀଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ଯୁବକ ତଥା ଆବେଦନକାରୀଙ୍କ ନାମରେ ଢେଙ୍କାନାଳ ଟାଉନ୍ ଥାନାରେ ଏତଲା ଦିଆଯାଇଥିଲା। ୨୦୨୨ ନଭେମ୍ବର ୨୩ରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା ବେଳେ ନଭେମ୍ବର ୨୮ରେ ଢେଙ୍କାନାଳ ଏସ୍‌ଡିଜେଏମ୍ ତାଙ୍କ ବିରୋଧରେ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ଏହା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ।

**● ଶ୍ରୀମନ୍ଦିର ଜମିରେ ବେଆଇନ ଗ୍ରାନାଇଟ ପଥର ଖନନ ପ୍ରସଙ୍ଗ**

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

**କଟକ,୨୫।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ମୌଜାରେ ଥିବା ପୁରୀ ଶ୍ରୀମନ୍ଦିରର ଜମିରେ ବେଆଇନ ଭାବେ ମାଙ୍କଡ଼ା ପଥର ତଥା ଗ୍ରାନାଇଟ ଖଣି ଖନନ ପାଇଁ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଏହି ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାର, ଖୋର୍ଦ୍ଧା ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଓ ତହସିଲଦାରଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କାହ୍ନୁଚରଣ ଛୁଆଳସିଂହ ଓ ଅନ୍ୟ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନିଜିଗଡ଼, ତାପଙ୍ଗ, ଅନ୍ଧ, ଝିଙ୍କିଝରି ଆଦି ଅଞ୍ଚଳର ପ୍ରାୟ ୫୦୦ ଏକର ପରିମିତ ପୁରୀ ଶ୍ରୀମନ୍ଦିର ଜମିରେ ୭୨ଟି ବେଆଇନ ମାଙ୍କଡ଼ା ପଥର ଖଣି ଚାଲିବା ସହ ପରିବେଶ ପ୍ରଦୂଷିତ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏପରିକି ଜମିଗୁଡ଼ିକରୁ ପଥର ଖନନ ପାଇଁ କୌଣସି ଲିଜ୍ ମିଳି ନଥିଲେ ସୁଦ୍ଧା ମୂଲ୍ୟବାନ ଗ୍ରାନାଇଟ ପଥର ବ୍ଲାଷ୍ଟିଂ କରାଯାଇ ଉତ୍ତୋଳନ କରାଯାଉଛି। ଏ ସଂକ୍ରାନ୍ତରେ ଚିଠି କରାଯାଇଥିଲେ ସୁଦ୍ଧା ବେଆଇନ ପଥର ଖଣି ବନ୍ଦ ପାଇଁ ପଦକ୍ଷେପ ନିଆଯାଇନି।

**ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା**

## ଜୁଲାଇ ୨୭ରେ ହେବ ସାକ୍ଷ୍ୟ ଗ୍ରହଣ

**କଟକ, ୨୫।୬ (ସମିସ):** ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଅଭିଯୋଗରେ ରୁଜୁ ଏତଲା ଆଧାରରେ ଚାଲିଥିବା ମାମଲାର ଶୁଣାଣି ଆସନ୍ତା ଜୁଲାଇ ୨୭ରେ ହେବ ବୋଲି ଧାର୍ଯ୍ୟ ହୋଇଛି। ଆଜି ଏହି ମାମଲାରେ ସାକ୍ଷ୍ୟ ଗ୍ରହଣ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲେ ମଧ୍ୟ କେହି ସାକ୍ଷୀ ଉପସ୍ଥିତ ନ ହେବାରୁ ସାକ୍ଷ୍ୟ ଗ୍ରହଣ ହୋଇପାରିନାହିଁ। ତେବେ ପୂର୍ବତନ ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତି ଆଜି ଅଦାଲତରେ ଉପସ୍ଥିତ ଥିଲେ। ଜୁନ୍ ୨୦ରେ ଏହି ମାମଲାରେ ଅଦାଲତରେ ଅନୁଭବ, ତାଙ୍କ ଦୁଇ ସହଯୋଗୀ ସୁଜିତ ଦଲାଇ ଓ ଖଗେନ୍ଦ୍ର ସାହୁଙ୍କ ବିରୋଧରେ ଜେଏମ୍‌ଏଫ୍‌ସି ତଥା ବିଧାୟକ ସାଂସଦଙ୍କ ମାମଲା ଶୁଣାଣି କରୁଥିବା ସ୍ୱତନ୍ତ୍ର ଅଦାଲତ ଚାର୍ଜଫ୍ରେମ କରିଥିଲେ। ପ୍ରକାଶ ଯେ ଗତ ୨୦୨୦ରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ପୁରୀଘାଟ ଥାନାରେ ଅନୁଭବ ଓ ଅନ୍ୟ ଦୁଇଜଣଙ୍କ ବିରୋଧରେ ଆଇପିସିର ଦଫା ୪୯୮-କ, ୩୪୧, ୫୦୬ ଓ ୩୪ରେ ଏତଲା ହୋଇଥିଲା। ତଦନ୍ତ ପରେ ଅନୁଭବ ଓ ଅନ୍ୟମାନଙ୍କ ବିରୋଧରେ ୨୦୨୩, ଡିସେମ୍ବର ୧୮ରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଫ୍ରୋଜ୍ ଅହମ୍ମଦ ମାମଲା ପରିଚାଳନା କରୁଛନ୍ତି।

# ବାହାରିଲା +୩ ପ୍ରଥମ ମେଧା ତାଲିକା: ରେଭେନ୍ସା ପ୍ରଥମ ପସନ୍ଦ

**ଭୁବନେଶ୍ୱର, ୨୫।୬(ସମିସ):** ମଙ୍ଗଳବାର ଯୁକ୍ତ ୩ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଚଳିତବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସର୍ବାଧିକ କଟ୍-ଅଫ୍ ମାର୍କ ରହିଛି। ଚଳିତବର୍ଷ ଜୀବ ବିଜ୍ଞାନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କଟ-ଅଫ୍ ମାର୍କ ସର୍ବାଧିକ ୯୩.୨୦% (ପ୍ରାଣୀ ବିଜ୍ଞାନ) ରହିଛି। ସେହିପରି ଭୌତିକ ବିଜ୍ଞାନରେ ୯୧.୧୭%(ପଦାର୍ଥ ବିଜ୍ଞାନ) ମାର୍କ, କଳାରେ ୮୯.୬୭% (ଭୂଗୋଳ) ମାର୍କ ଏବଂ ବାଣିଜ୍ୟରେ ୮୮.୬୦% ସର୍ବାଧିକ କଟ୍-ଅଫ୍ ମାର୍କ ରହି ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି।

ସେହିପରି ସେଲ୍‌ଫ ଫାଇନାନ୍ସରେ ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟ ୮୭.୪୦% ମାର୍କ, ଆଇନ ପାଠ୍ୟକ୍ରମରେ କଟକସ୍ଥିତ ମଧୁସୁଦନ ଆଇନ ବିଶ୍ୱବିଦ୍ୟାଳୟ ୮୧% ମାର୍କ ଏବଂ ଶାସ୍ତ୍ରୀ ବିଭାଗରେ ଶ୍ରୀ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟ ୬୮.୫୭% ମାର୍କ କଟ-ଅଫ୍ ଯାଇଛି।

- କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଆଗରେ
- ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ଚୟନ ହେଲେ ୧, ୬୮, ୯୭୬ ଜଣ
- ଆଜିଠୁ ଆରମ୍ଭ ହେବ ନାମଲେଖା ପ୍ରକ୍ରିୟା

ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ସମୁଦାୟ ୧ ଲକ୍ଷ ୬୮ ହଜାର ୯୭୬ ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୭୨ ହଜାର ୫୫୬ଜଣ ଛାତ୍ର ଥିବା ବେଳେ ୧ଲକ୍ଷ ୬ହଜାର ୪୧୪ଜଣ ଛାତ୍ରୀ ଓ ୬ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ନାମଲେଖା ପାଇଁ ୪୫ ହଜାର ୬୧୪ଜଣ ଚୟନ ହୋଇଥିବା ବେଳେ କଳାରେ ୧ଲକ୍ଷ ୯ ହଜାର ୮୫୪ ଜଣ, ବାଣିଜ୍ୟରେ ୧୭ ହଜାର ୧୫୬ଜଣ, ଶାସ୍ତ୍ରୀରେ ୩ହଜାର ୫୭୪ ଜଣ, ସେଲ୍‌ଫ ଫାଇନାନ୍ସରେ ୨ହଜାର ୬୨୬ଜଣ ଓ ଆଇନ୍‌ରେ ୧୫୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି। ଚଳିତ ବର୍ଷ ନାମଲେଖା ପାଇଁ ମୋଟ ୨ ଲକ୍ଷ ୭୪ ହଜାର ୩୩୧ଟି ସିଟ୍ ଉପଲବ୍ଧ ରହିଛି। ଏଥିପାଇଁ ୨ ଲକ୍ଷ ୩୭ ହଜାର ୭୯୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ସାମ୍ସ ୱେବସାଇଟ୍ www.samsodisha.gov.inରେ ଛାତ୍ରଛାତ୍ରୀମାନେ ନିଜର ମେଧା ତାଲିକା ଯାଞ୍ଚ କରିପାରିବେ। ମେଧା ତାଲିକାରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀମାନେ ଆସନ୍ତାକାଲି ବା ବୁଧବାରଠାରୁ ୨୯ ତାରିଖ ଅପରାହ୍ଣ ୫ଟା ମଧ୍ୟରେ ନାମ ଲେଖାଇ ପାରିବେ। ଚୟନ ହୋଇଥିବା ଉଚ୍ଚ ଶିକ୍ଷାନୁଷ୍ଠାନ ଓ ବିଷୟରେ ପଢ଼ିବାକୁ ଆଗ୍ରହୀ ଥିଲେ ଫ୍ରିଜ୍-ଅପସନ୍ ଦେବେ। ଅନ୍ୟଥା ସ୍ଲାଇଡ୍ ଅପସନ୍ ଦେଇ ଅନ୍ୟ ଶିକ୍ଷାନୁଷ୍ଠାନ ପାଇଁ ପୁନଃ ନାମଲେଖା ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଫ୍ରିଜ୍ ବା ସ୍ଲାଇଡ୍ ଅପସନ୍ ଦେଇସାରିବା ପରେ ଛାତ୍ରଛାତ୍ରୀମାନେ ଆବଶ୍ୟକ ଫି' ପୈଠ କରିବେ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୫ତାରିଖରେ ପ୍ରକାଶ ପାଇବ। ଯୋଗ୍ୟ ଛାତ୍ରଛାତ୍ରୀ ଜୁଲାଇ ୬ରୁ ୯ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ଜୁଲାଇ ୧୫ ତାରିଖରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ।

# ବେଆଇନ କରତକଳରେ ବନ ବିଭାଗର ଚଢ଼ଉ

● ବହୁ ପରିମାଣର ଶାଗୁଆନ କାଠ ଜବତ



**ଆଠଗଡ,୨୫।୬(ସମିସ):** ଆଠଗଡ ବନାଞ୍ଚଳ ଅନ୍ତର୍ଗତ ମେଘା କଣ୍ଡରାସାହିରୁ ମଙ୍ଗଳବାର ଗୋଟିଏ ଟ୍ରାକ୍ଟର ସହ ଲାଗିଥିବା କରତକଳ ସହିତ ବହୁ ପରିମାଣର ଶାଗୁଆନ କାଠ ଜବତ କରାଯାଇଛି। ନିକଟସ୍ଥ ସୁକାଶନ ଏବଂ ବୌଦା-ବନଖଣ୍ଡି ସଂରକ୍ଷିତରୁ ଧୁରୁକୁଡିଆ ଓ ମେଘା ଗ୍ରାମର କେତେକ ଚୋରା କାଠ ମାଫିଆ ନିୟମିତ ଗଛ କାଟି କାଠ ବିକ୍ରି କରୁଥିବାର ଅଭିଯୋଗ ହୋଇଥିଲା।

ମଙ୍ଗଳବାର ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଡିଏଫଓ ଡାକ୍ତର ଯଜ୍ଞଦତ୍ତ ପତିଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ଏହି ଚଢଉରେ ଆଠଗଡ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଓ ବନପାଳ ସୁଶୀଳ କୁମାର ଜେନାଙ୍କ ସମେତ ବନବିଭାଗ ସ୍ୱତନ୍ତ୍ର ସ୍କ୍ୱାର୍ଡର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଚଢଉ ସମୟରେ ଘଟଣାସ୍ଥଳରୁ ଏକ ପୁରୁଣା ଟ୍ରାକ୍ଟର ମାଧ୍ୟମରେ ଚଳାଯାଉଥିବା ଓ ଟ୍ରାକ୍ଟର ପଛପଟେ ଲାଗିଥିବା କରତକଳ ସହିତ ସେଠାରେ କଟା ଯାଇ ଚିରଟ ପାଇଁ ରଖାଯାଇଥିବା ୮ଟି ବଡ ଶାଗୁଆନ ଲଗ୍ ଜବତ କରାଯାଇଥିଲା। ଜବତ ପ୍ରାୟ ୪୦ ଘନଫୁଟ ଶାଗୁଆନ କାଠ ଏବଂ ଟ୍ରାକ୍ଟର ସହ କରତକଳର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ଚଢଉ ପୂର୍ବରୁ ଚୋରା କାଠ ମାଫିଆ ସେଠାରୁ ଫେରାର ହୋଇଯାଇଥିବାରୁ କାହାରିକୁ ଗିରଫ କରାଯାଇ ପାରି ନ ଥିଲା। ତେବେ ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ଏବଂ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ



**ଟାଙ୍ଗୀ,୨୫।୬(ସମିସ):** କୃଷକମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଓଡିଶା ସରକାରଙ୍କ ତରଫରୁ ପଞ୍ଚାୟତ ମାନଙ୍କରେ ସେବା ସମବାୟ ସମିତି ସ୍ଥାପନ କରାଯାଇଛି। କିଛି ଅସାଧୁ କର୍ମଚାରୀଙ୍କ ପାଇଁ ସେବା ସମବାୟ ସମିତି ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ ହୋଇଥିବା ଜାଣିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ସେବା ସମବାୟ ସମିତିରେ। ସରକାରଙ୍କ ତରଫରୁ ଧାନ ମଣ୍ଡିରେ କଟନି ଛଟନି ନ କରିବାକୁ ବାରମ୍ବାର ତାଗିଦ କରିବା ସତ୍ତ୍ୱେ ଉକ୍ତ ସମିତିରେ ଧାନ କୁଇଣ୍ଟାଲ ପିଛା ପାଞ୍ଚ କିଲୋ ଧାନ କାଟିବା, ୫୦୦ଗ୍ରାମରୁ କମ୍ ହେଲେ ହିସାବକୁ ନ ନେବା, ଅଖା ବାବଦରେ ଅର୍ଥକୁ ହରିଲୁଟ କରିବା, ସିଧାସଳଖ ଚାଷୀ ଗାଡ଼ି ମାଧ୍ୟମରେ ସମ୍ପୃକ୍ତ ମିଲରଙ୍କ ନିକଟରେ ପହଞ୍ଚାଇଥିବା ଗାଡ଼ି ଭଡ଼ା ଅର୍ଥ ଚାଷୀଙ୍କୁ ନ ଦେଇ ସମିତି ନିଜେ ରଖିବା ଭଳି ଦୁର୍ନୀତି ବିରୋଧରେ ଜିଲ୍ଲାପାଳ, ବିଡିଓଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ଉତ୍ତର ନ ମିଳିବାରୁ ପୂର୍ବତନ ସରପଞ୍ଚ ତଥା ଉକ୍ତ ସମିତିର ସଦସ୍ୟ ଅମୂଲ୍ୟ କୁମାର ସାହୁ ପୁନର୍ବାର ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଯଦି ଏହି ସମସ୍ୟାର ସମାଧାନ ସାତଦିନ ମଧ୍ୟରେ ନ କରନ୍ତି ବ୍ଲକ ଆଗରେ ଅନଶନରେ ବସିବେ ବୋଲି ଏବିଡିଓ ଶାଶ୍ୱତ କୁମାର ଜେନାଙ୍କ ନିକଟରେ ଦାବିପତ୍ର ଦେଇଥିବା ଜଣାପଡିଛି।

## ରୋଗୀ କଲ୍ୟାଣ ସମିତି ବୈଠକ

# ୨୪ ଘଣ୍ଟିଆ ରୋଗୀସେବା ଓ ପରୀକ୍ଷାକୁ ଗୁରୁତ୍ୱ

**ନିଶ୍ଚିନ୍ତକୋଇଲି,୨୫।୬(ସମିସ)**



ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ନବନିର୍ବାଚିତ ବିଧାୟକ ଶାରଦା ପ୍ରଧାନ ଯୋଗଦେଇ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷ ଅମିତ ଜେନା ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ପଦ ଖାଲି ପଡ଼ିଥିବା ବେଳେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନର ସୁବିଧା ନ ଥିବା, ପଛପଟର ପାଚେରି ନ ଥିବା, ଥଣ୍ଡା ଓ ଗରମ ପାଣିର ବ୍ୟବସ୍ଥା ନ ଥିବା, ସଠିକ୍ ଜେନେରେଟରର ବ୍ୟବସ୍ଥା ନ ଥିବା, ପଛ ଭାଗରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ନ ଥିବା ଆଦି ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ମୁଖ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ହୋଇଥିବାରୁ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ସେବା ପାଇଁ ଏହା ଉପରେ ହାରାହାରି ୫ଟି ଜିଲ୍ଲାର ଲୋକମାନେ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ କିଭଳି ୨୪ ଘଣ୍ଟିଆ ତଥା ରାତି ୮ଟାରୁ ପରଦିନ ସକାଳ ପର୍ଯ୍ୟନ୍ତ ଡାକ୍ତର, ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ କର୍ମଚାରୀମାନେ ରହି ଲୋକମାନଙ୍କୁ ସେବା ଦେବା ପାଇଁ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କର ବିଭିନ୍ନ ରୋଗ ସଂକ୍ରାନ୍ତ ପରୀକ୍ଷା ନିରୀକ୍ଷା ପାଇଁ ଯନ୍ତ୍ରପାତି ନ ଥିବାରୁ ରୋଗୀମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାଦ୍ୱାରା ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଉଛି, ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ଦେଖାଦେଇଛି। ବର୍ତ୍ତମାନ ସ୍ଥିତିରେ ଯେତିକି ପରୀକ୍ଷା ନିରୀକ୍ଷା ପାଇଁ ସୁବିଧା ଅଛି ତାହା ଉପରେ ଗୁରୁତ୍ୱ ଦିଆଯାଇ ରୋଗୀମାନଙ୍କୁ ଉପକୃତ ସେବା ଯୋଗାଇଦେବା ଓ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ନ କରିବାକୁ ଉଦ୍ୟମ କରିବା ନିମନ୍ତେ ଡ଼ାକ୍ତରମାନଙ୍କୁ ବିଧାୟକ କହିଥିଲେ। ଏହାଛଡ଼ା ବର୍ତ୍ତମାନ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ୧୬ ଶଯ୍ୟାକୁ ବଢାଯାଇ ୩୦ଶଯ୍ୟା ବିଶିଷ୍ଟ କରାଯିବ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ଟି ବିଶେଷଜ୍ଞ ଡ଼ାକ୍ତର ପଦ ମଧ୍ୟରୁ ୩ଟି ଖାଲି ରହିଥିବା ବେଳେ ୧୫ଜଣ ଏମବିବିଏସ ଡାକ୍ତର ଓ ଜଣେ ଆୟୁଷ ଡ଼ାକ୍ତର ପଦ ମଧ୍ୟ ଖାଲି ରହିଛି। ଖୁବ୍ ଶୀଘ୍ର ସରକାରଙ୍କ ସହିତ ଆଲୋଚନା କରାଯାଇ ସମସ୍ତ ପଦ ପୂରଣ କରାଯିବା ସହ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ଦୂର କରାଯିବା ଏବଂ ଅଲଟ୍ରାସାଉଣ୍ଡ, ଏକ୍ସରେ ଓ ଇସିଜି ମେସିନ୍ ଦ୍ୱାରା ଯେଭଳି ରୋଗୀଙ୍କର ପରୀକ୍ଷା ନିରୀକ୍ଷା କରାଯିବ ତାହା ମଧ୍ୟ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହାଛଡ଼ା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ୬ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୪୪ଟି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଯେଭଳି ଲୋକମାନଙ୍କୁ ମୌଳିକ ସେବା ଯୋଗାଇ ଦିଆଯିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅଧିକ୍ଷ ଶ୍ରୀ ଜେନାଙ୍କ ପୌରହିତ୍ୟରେ ଆୟୁଷ ମେଡ଼ିକାଲ ଅଫିସର ଜାପାନୀ ମହାପାତ୍ର, ଫାର୍ମାସିଷ୍ଟ ଉମାକାନ୍ତ ସାହୁ, ବ୍ଲକ ପୋଗ୍ରାମ ଅଧିକାରୀ ସୌମ୍ୟରଞ୍ଜନ ପାତ୍ରଙ୍କ ସମେତ ସମସ୍ତ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଧାୟକଙ୍କ ଜନଶୁଣାଣି ଓ କୃତଜ୍ଞତା ସଭା

**ନିଶ୍ଚିନ୍ତକୋଇଲି,୨୫।୬(ସମିସ)**

ନିଶ୍ଚିନ୍ତକୋଇଲି ପଞ୍ଚାୟତ କଲ୍ୟାଣୀ ମଣ୍ଡପରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ପକ୍ଷରୁ ଏକ ଜନ ଅଭିଯୋଗ ଶୁଣାଣି ଏବଂ ନିର୍ବାଚନରେ ବିଜୟୀ ହୋଇଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ ଏଥର ନିର୍ବାଚନରେ ସ୍ୱାଭିମାନୀ ମାହାଙ୍ଗାବାସୀ ତାଙ୍କୁ ଜୟଯୁକ୍ତ କରାଇଥିବାରୁ ଲୋକମାନଙ୍କୁ କୃତଜ୍ଞତା ଜଣାଇବା ସହ ଆର୍ଶୀବାଦ କାମନା କରିଥିଲେ। ବହୁ ଲୋକମାନେ ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କ ନିକଟରେ ଯେଉଁ ଅଭିଯୋଗ କରିଛନ୍ତି ତାହାକୁ ଖୁବ୍ ଶୀଘ୍ର ସମାଧାନ କରିବା ପାଇଁ ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ମଧୁସ୍ମିତା ରାଉତ, ସମିତିସଭ୍ୟା ସବିତା ସିଂ, ରାଜନେତା ରମେଶଚନ୍ଦ୍ର ସ୍ୱାଇଁ, ଯୁବନେତା ଜାନକୀବଲ୍ଲଭ ଦାସ, ପିତାମ୍ବର ମହାନ୍ତି ପ୍ରମୁଖ ଯୋଗଦେଇ ବିଧାୟକଙ୍କ ମାହାଙ୍ଗାବାସୀଙ୍କ ବିଭିନ୍ନ ସେବାମୂଳକ ଓ ବିକଶିତ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋକପାତ କରିଥିଲେ।




# ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ ଶ୍ରାଦ୍ଧବାର୍ଷିକୀ

**ନିଆଳି,୨୫।୬(ସମିସ):** ଗାଁ ମାଟିକୁ ଭଲ ପାଉଥିବା ନିଆଳି ଅଞ୍ଚଳର ସୁଯୋଗ୍ୟ ସନ୍ତାନ ଓଡ଼ିଶାର ବିଖ୍ୟାତ ଯଶସ୍ୱୀ ସାହିତ୍ୟିକ ତଥା କଥାକାର ମହାପାତ୍ର ନୀଳମଣି ସାହୁଙ୍କ ଅଷ୍ଟମ ବାର୍ଷିକୀ ଶ୍ରାଦ୍ଧ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ନିଆଳି ପ୍ରାଚୀ ସାହିତ୍ୟ ସମିତି ପକ୍ଷରୁ ଏହି ଅବସରରେ ପ୍ରାତଃ କାଳରେ ପବିତ୍ର ପ୍ରାଚୀ ଜଳରେ ତିଳତର୍ପଣ କରାଯିବା ପରେ ଦିନ ନୀଳମଣିଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ପରେ ସମିତିର ସଭାପତି ସାହିତ୍ୟିକ ଡ. ତ୍ରିନାଥ ପଟ୍ଟନାୟକଙ୍କର ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସମିତିର ସମ୍ପାଦକ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, କଥାକାର ନୀଳମଣି ସାହିତ୍ୟ ଓ ଜୀବନୀ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ ସ୍ମୃତି ସଭାରେ ଗାଳ୍ପିକା ପୁଷ୍ପା ପରିଡ଼ା, ସମାଜସେବୀ ଅବଦୁଲ ବାରି, କବି ଦିଲ୍ଲୀପ ମହାନ୍ତି, ପ୍ରଫେସର ସସ୍ମିତା ନାୟକ, ଡାକ୍ତର ଅଧିରାଜ ପରିଡ଼ା, ଉତ୍କଳ ପଦ୍ମ କବି ରବି ନାରାୟଣ ରାୟ, ପଣ୍ଡିତ ମୁରଲୀଧର ସାହୁ, ଶିକ୍ଷାବିତ ଅଶୋକ ରାୟ, ଛାୟା ପୂରବୀ, ଗୁଣ ମଞ୍ଜରୀ ସିଂହ, ବନମାଳୀ ସିଂହ, ଶିଶୁ ସାହିତ୍ୟିକ ଅର୍ଜ୍ଜୁନ ଦାସ, ପଲ୍ଲୀ କବି ସର୍ବେଶ୍ୱର ପରିଡ଼ା, ସଂଗଠକ ଦେବେନ୍ଦ୍ର ସେନାପତି ଓ ଶିକ୍ଷାବିତ ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ନିଆଳି ଅଞ୍ଚଳର ବହୁ ସାମାଜିକ ସତ କଥାକୁ ପାଥେୟ କରି 'ଅଭିଶପ୍ତ ଗନ୍ଧର୍ବ' ଭଳି ଗଳ୍ପ ପୁସ୍ତକ ଲେଖି ଯାଇଛନ୍ତି। ଯାହା କି କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ଲାଭ କରିଛି। ନୀଳମଣି ବାବୁ ତାଙ୍କର ଯୁଗାନ୍ତକାରୀ ସାହିତ୍ୟ ସୃଷ୍ଟି ମାଧ୍ୟମରେ ଗୋଟିଏ କଥା କହିଛନ୍ତି ମୁଁ ଜୀବନରେ କିଛି ମିଛ କହିପାରିଥାଏ, ମାତ୍ର ମୋ ଲେଖନୀ କେବେ ମିଛ କହି ନାହିଁ ବୋଲି ଆଲୋଚନା ହୋଇଥିଲା।



# ରକ୍ତଦାନ ଶିବିର: ୩୬ ୟୁନିଟ୍ ସଂଗ୍ରହ



**ଚୌଦ୍ୱାର,୨୫।୬(ସମିସ):** ସାଇ ସ୍ପୋର୍ଟସ କ୍ଲବ ଓ ଚୌଦ୍ୱାର ବ୍ଲଡ ଡୋନର ଆସୋସିଏସନର ମିଳିତ ଆନୁକୂଲ୍ୟରେ ଚୌଦ୍ୱାର ପୌରପାଳିକା ୧୬ନଂ ୱାର୍ଡସ୍ଥିତ ଟିପିଏମ ଖେଳ ପଡିଆରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଅଜୟ ବେହେରା, ଆଶୁତୋଷ ଦାସ, ବିମଳ କୁମାର ବେଉରା ପ୍ରମୁଖ ଏଥିରେ ଅତିଥି ଭାବେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଟକ ରେଡକ୍ରସର ଭ୍ରାମ୍ୟମାଣ ରକ୍ତ ସଂଗ୍ରହକାରୀ ଦଳ ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। କ୍ଲବର ସଦସ୍ୟ ଦୀପକ ନାୟକ, ସୌଭାଗ୍ୟ ରଞ୍ଜନ ଭୂୟାଁ, ପିୟୁଷ ରଞ୍ଜନ ସୁବୁଦ୍ଧିରାୟ, ସୌମ୍ୟରଞ୍ଜନ ବେଉରା, ରଞ୍ଜନ ସ୍ୱାଇଁ, ମଧୁସ୍ମିତା ତ୍ରିପାଠୀ ଓ ଡୋନର ଆସୋସିଏସନର ପଞ୍ଚାନନ ନାୟକ, ରାଜକିଶୋର ମହାନ୍ତି, ଅଶୋକ ରାଉତରାୟଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାହାଙ୍ଗା ବ୍ଲକ ଓଷ୍ଟା ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ମାହାଙ୍ଗା,୨୫।୬(ସମିସ):** ମାହାଙ୍ଗା ବ୍ଲକ ଓଷ୍ଟା ତରଫରୁ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ କିପରି ଶିକ୍ଷକମାନଙ୍କର ସମସ୍ୟା ସମାଧାନ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ପ୍ରଣବ କିଶୋର ନାୟକ, ବ୍ଲକ ସମ୍ପାଦକ ପ୍ରମୋଦ ସିଂହ, ବ୍ଲକ ସଭାପତି ଅନନ୍ତ କିଶୋର ସାହୁ, ବ୍ଲକ ଉପସଭାପତି ଚକ୍ରଧର ନାୟକ, ପରୀକ୍ଷିତ ବାରିକ, ଗଣେଶ୍ୱର ସାହୁ, ସନ୍ତୋଷ ମହାନ୍ତି, ଅଚ୍ୟୁତାନନ୍ଦ ସାହୁ, ଶରତ ସାହୁ, ପ୍ରଣବ କିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବଡମ୍ବା ବ୍ଲକ୍ ପ୍ରଶାସନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ବଡମ୍ବା,୨୫।୬(ସମିସ):** ବଡମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ମଣ୍ଡଳ ଉର୍ନ୍ନୟନ ଅଧିକାରୀ ରମେଶ କୁମାର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ବିଧାୟକ ଶ୍ରୀ ଦଳବେହେରା, ମୁଖ୍ୟ ଅତିଥିଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ସମ୍ମାନୀୟ ଅତିଥିଭାବେ ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା ଉପସ୍ଥିତ ଥିଲେ। ପ୍ରଥମେ ବିଧାୟକ ଶ୍ରୀ ଦଳବେହେରା ବ୍ଲକରେ ପହଞ୍ଚି ବ୍ଲକ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ମୁଣ୍ଡିଆ ମାରିଥିଲେ। ପରେ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜନ ସଭାରେ ଯୋଗଦେଇଥିଲେ। ବଡମ୍ବା ବ୍ଲକର ସମସ୍ତ ବିଭାଗ ପକ୍ଷରୁ ଅଧିକାରୀମାନେ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ନିଜ ନିଜ ପରିଚୟ ପ୍ରଦାନ କରିଥିଲେ। ବିଧାୟକ ଉକ୍ତ ସଭାରେ ସମସ୍ତ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ଅବ୍ୟବସ୍ଥା ମଧ୍ୟରେ ସାଲେପୁର ସାପ୍ତାହିକ ହାଟ

**ସାଲେପୁର,୨୫।୬(ସମିସ)**



କଟକ ଜିଲ୍ଲାର ସାଲେପୁର ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବାବେଳେ ଏଠାରେ ସାପ୍ତାହିକ ପରିବା ହାଟର ସ୍ୱତନ୍ତ୍ର ପରିଚୟ ରହିଛି। କିନ୍ତୁ ଦୁଃଖର ବିଷୟ ପ୍ରାୟ ୩୦ବର୍ଷ ହେବ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଏହି ସାପ୍ତାହିକ ହାଟକୁ ହାତକୁ ନେବା ପରେ ହାଟର ଉନ୍ନତିକରଣ ତ ଦୂରର କଥା ଚାଷୀଙ୍କ ପାଇଁ ଯେଉଁ ଘର ନିର୍ମାଣ ହୋଇଥିଲା, ସେହି ଘର ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି। ଏହି ହାଟର ଉନ୍ନତିକରଣ ପାଇଁ ପ୍ରତି ସପ୍ତାହରେ ହାଟକୁ ବିଭିନ୍ନ ପ୍ରକାର ପନିପରିବା ନେଇ ଆସୁଥିବା ପ୍ରାୟ ୩ଶହରୁ ୪ଶହ ଚାଷୀ ଓ ବ୍ୟବସାୟୀଙ୍କ ଠାରୁ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପ୍ରତି ବ୍ୟବସାୟୀ ପିଛା ୨୦ରୁ ୨୫ଟଙ୍କା ଲେଖାଁ ଆଦାୟ କରୁଥିବାବେଳେ ବାହାର ଅଞ୍ଚଳରୁ ଆସୁଥିବା ବ୍ୟବସାୟୀଙ୍କ ଠାରୁ ୧ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛି। ଏହି ଟଙ୍କା ହାଟର ଉନ୍ନତିକରଣ ପାଇଁ ଆଦାୟ କରାଯାଉଥିଲେ ମଧ୍ୟ ତାହା ହାଟର ଉନ୍ନତିରେ ବିନିଯୋଗ କରାଯାଉନାହିଁ। ଏହି ହାଟ କଟକ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରୁ ଚାଷୀ ଓ ବ୍ୟବସାୟୀମାନେ ନିଜର ବ୍ୟବସାୟ କରିବା ପାଇଁ ଆସିଥାନ୍ତି। କିନ୍ତୁ ଦୁଃଖର ବିଷୟ ବର୍ଷାଦିନେ ଏହି ହାଟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥାଏ। ବର୍ଷା ପାଣି ହାଟ ମଧ୍ୟରୁ ନିଷ୍କାସନ ହୋଇ ନ ପାରି ହାଟ ମଧ୍ୟରେ ଆଣ୍ଠୁଏ ଲେଖାଁ ପାଣି ଜମି ରହିଥାଏ। ଅଧିକାଂଶ ସ୍ଥାନ କାଦୁଅ ପଚ ପଚ ହୋଇପଡିଥାଏ। ସେହିପରି ହାଟର ଆଲୋକୀକରଣ ଠାରୁ ଆରମ୍ଭ କରି ପାନୀୟ ଜଳ, ଶୌଚାଳୟ ଆଦିର କୌଣସି ବ୍ୟବସ୍ଥା ନାହିଁ। ଅପର ପକ୍ଷରେ ହାଟର ପରିଷ୍କାର ପରିଚ୍ଛନ୍ନ ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏହି ହାଟର ଅବ୍ୟବସ୍ଥା ଯୋଗୁ ବାହାର ଅଞ୍ଚଳର ଚାଷୀମାନେ ଆସ୍ତେ ଆସ୍ତେ ଏହି ହାଟକୁ ଆସିବାକୁ ଇଚ୍ଛା ପ୍ରକାଶ କରୁନାହିଁ। ପ୍ରତିବର୍ଷ ଚାଷୀଙ୍କ ସଂଖ୍ୟା ଅବ୍ୟବସ୍ଥା କାରଣରୁ କମିବାରେ ଲାଗିଛି। ଫଳରେ ପରିବା ଦର ଆକାଶଛୁଆଁ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ଓ କେନ୍ଦ୍ର ସରକାର କୃଷି ଓ କୃଷକର ଉନ୍ନତି ପାଇଁ ବ୍ୟାପକ ପଦକ୍ଷେପ ହାତକୁ ନେଉଥିବାବେଳେ ବ୍ରିଟିଶ ଅମଳର ସାଲେପୁର ସାପ୍ତାହିକ ହାଟ ସରକାରଙ୍କ ସାବତ ପୁଅ ପାଲଟିଛି। ଏଠାକୁ ଆସୁଥିବା ଚାଷୀଙ୍କ ଠାରୁ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଅର୍ଥ ଆଦାୟ କରୁଥିଲେ ମଧ୍ୟ ଏହି ଅର୍ଥ ହାଟର ଉନ୍ନତିକରଣରେ ବ୍ୟବହୃତ ହେଉ ନ ଥିବା ବହୁ ଚାଷୀ ଓ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବର୍ଷାଦିନେ ହାଟ ମଝିରେ ପାଣି ଜମି ରହୁଥିବାରୁ ହାଟକୁ ଆସୁଥିବା ଚାଷୀମାନେ ବାଧ୍ୟ ହୋଇ କୁଆଁପାଳ ରାସ୍ତାର ଉଭୟ ପାର୍ଶ୍ୱରେ ନିଜର ବ୍ୟବସାୟ ପସରା ମେଲାଉଛନ୍ତି। ଫଳରେ ରାସ୍ତାରେ ଗହଳି ସୃଷ୍ଟି ହୋଇ ବହୁ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନୀ ହେଉଛି। ଆଗକୁ ବର୍ଷାଦିନ ଆସୁଥିବାରୁ ସାଲେପୁର ସାପ୍ତାହିକ ହାଟରୁ ବର୍ଷା ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରିବା ସହ ସାଲେପୁର ସାପ୍ତାହିକ ହାଟର ସମସ୍ୟାକୁ ତୁରନ୍ତ ସମାଧାନ କରିବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଅପର ପକ୍ଷରେ ଏ ସଂପର୍କରେ ଆମ ପ୍ରତିନିଧି କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ସଂପାଦକ ତୁଷାରକାନ୍ତ ସେଠୀଙ୍କୁ ପଚାରିବାରୁ ହାଟର ଉନ୍ନତିକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ ପ୍ରକାଶ କରିଛନ୍ତି।

# ଶିକ୍ଷୟିତ୍ରୀ କ୍ଷଣପ୍ରଭା ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ମାହାଙ୍ଗା,୨୫।୬(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଖର୍ତାଙ୍ଗ ସ୍ଥିତ କସ୍ତୁରବା ଉଚ୍ଚବିଦ୍ୟାଳୟ ପରିସରରେ ଦିବଙ୍ଗତ କ୍ରୀଡା ଶିକ୍ଷୟିତ୍ରୀ କ୍ଷଣାପ୍ରଭା ଦାସଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ମାଧବଚନ୍ଦ୍ର ପଣ୍ଡା, ଅଭୟ ଚରଣ ପଣ୍ଡା, ଅଜୟ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଲଳିତ ମହାପାତ୍ର, ପ୍ରମୋଦ ବେହେରା, ଓଷ୍ଟା ପ୍ରତିନିଧି ପ୍ରଣବକିଶୋର ରାଉତ, ଚକ୍ରଧର ନାୟକ, ପ୍ରମୋଦ ସିଂହ, ପରୀକ୍ଷିତ ଦାସ, ଶିକ୍ଷକ ପ୍ରତିନିଧି କବିତାଞ୍ଜଳି ମିଶ୍ର, ମମତା ମଞ୍ଜରି ରାଉତରାୟ, ପ୍ରଣବ କିଶୋର ସ୍ୱାଇଁ, ତାପସ ମହାନ୍ତି, ମମତା ଷଡ଼ଙ୍ଗୀ, ଭାଗ୍ୟଧର ବାରିକ, ବିଜୟ ସ୍ୱାଇଁ, ଡମ୍ବରୁଧର ମଲିକ, ବୁଧିରାମ ସିଂ, ବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରମୁଖ ସ୍ୱର୍ଗୀୟ ଶିକ୍ଷୟିତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।



### ଲୋକଙ୍କ ବିକାଶରେ ପରିବେଶର ବିନାଶ

# ରାସ୍ତା ପାଇଁ ବଳି ପଡ଼ିବ ୧୧୦୦ରୁ ଊର୍ଦ୍ଧ୍ୱ ଗଛ





**ଟାଙ୍ଗୀ,୨୫।୬(ସମିସ)**

ଗମନାଗମନର ସୁବିଧା ଓ ସାମାଜିକ ଅର୍ଥନୈତିକ ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନରେ ରାସ୍ତାର ବିକାଶ କରାଯାଉଛି। ରାସ୍ତା ସମ୍ପ୍ରସାରଣ ନିମନ୍ତେ ରାସ୍ତାକଡରେ ଥିବା ବହୁତ ପୁରୁଣା ଓ ବଡ ବଡ଼ ଗଛ କଟାଯାଉଥିବାରୁ ବୁଦ୍ଧିଜୀବୀ ଓ ପରିବେଶବିତମାନଙ୍କୁ ବ୍ୟଥିତ କରୁଥିବାର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଟାଙ୍ଗୀ ହରିପୁର ରାସ୍ତାର ସମ୍ପ୍ରସାରଣ ଓ ନବୀକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଅଧିନସ୍ଥ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ତରଫରୁ ୨୦କିଲୋମିଟର ରାସ୍ତା ନିମନ୍ତେ ୨୨କୋଟି ଟଙ୍କାର ଅନୁଦାନର ବ୍ୟୟବରାଦ କରାଯାଇ ଏକ ଘରୋଇ ଠିକାଦାର ମାଧ୍ୟମରେ ରାସ୍ତା ନିର୍ମାଣର କାର୍ଯ୍ୟକ୍ରମ ଚାଲୁ ରହିଛି। ରାସ୍ତା କଡରେ ଥିବା ୧୧୦୦ରୁ ଊର୍ଦ୍ଧ୍ୱ ଗଛ କାଟିବା ପାଇଁ ଓଡିଶା ବନ୍ୟ ବିକାଶ ନିଗମ ଜିଲ୍ଲା ବନ୍ୟ ଅଧିକାରୀଙ୍କ ଠାରୁ ଅନୁମତି ନେଇ ଗଛ କାଟିବାରେ ଲାଗିଛନ୍ତି। ଉକ୍ତ ରାସ୍ତା ୧୬ନମ୍ବର ଜାତୀୟ ରାଜପଥରୁ ଆରମ୍ଭ ହୋଇ କପିଳାସକୁ ସଂଯୋଗ କରିଛି। ଉକ୍ତ ରାସ୍ତାରେ ଦୈନିକ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯିବା ଆସିବା କରନ୍ତି। ରାସ୍ତା କଡରେ ଗଛ ଥିବାରୁ ବାଟୋଇ ଗ୍ରୀଷ୍ମଦାଉରୁ ରକ୍ଷା ନିମନ୍ତେ ଆଶ୍ରୟ ନିଅନ୍ତି। ଏବେ ଗଛ କାଟିବା ଦ୍ୱାରା ରାସ୍ତା ପଦା ହେବାରେ ଲାଗିଛି। ଏଠାରେ ପ୍ରଶ୍ନ ଉଠୁଛି ରାସ୍ତାକୁ ଲାଗିଥିଲା ଗଛ କାଟିବା ସହିତ ରାସ୍ତା ପାଇଁ ଅନାବଶ୍ୟକ ସ୍ଥାନରେ ଥିବା ବହୁତ ପୁରୁଣା ଗଛ ମଧ କାଟୁଥିବାର ଦେଖାଯାଇଛି। ଏଥି ନିମନ୍ତେ ଜଙ୍ଗଲ ବିଭାଗ ସବୁ ଦେଖୁଥିଲେ ମଧ ଚୁପ୍ ହୋଇ ବସିଛି। ରାସ୍ତାର ବିକାଶ ହେଉ କିନ୍ତୁ ପରିବେଶ ବିନାଶ ନ ହେଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଯଦି ସମ୍ପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପରିବେଶବିତ ମାନେ ଦାବି କରିଥିବା ଜଣାପଡିଛି।

### ମହିଳା ଘରୋଇ ହିଂସା ସଂପର୍କିତ ଆଲୋଚନାଚକ୍ର

# 'ମହିଳାମାନେ ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରନ୍ତୁ'




**ଭୁବନେଶ୍ୱର, ୨୫।୬(ସମିସ):** ମହିଳାମାନେ ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଘରୋଇ ହିଂସାର ଶିକାର ହେଉଥିବା ପ୍ରତିଟି ମହିଳା ଚୁପ୍ ନରହି ଏହାର ବିରୋଧ କରିବା ଉଚିତ। ମହିଳାମାନେ ପାରିବାରିକ ହିଂସାକୁ ମୁକାବିଲା କରିବାରେ ସମ୍ପୃକ୍ତ ଅଧିକାର ଏବଂ ଆଇନ ବ୍ୟବସ୍ଥାର ସମର୍ଥନ ଲୋଡ଼ିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରତ୍ୟେକ ମହିଳାମାନେ ଘରୋଇ ହିଂସା ବିରୋଧରେ ସକ୍ରିୟ ପଦକ୍ଷେପ ନେବାକୁ ଜ୍ଞାନ ଏବଂ ସଚେତନତା ନିତାନ୍ତ ଆବଶ୍ୟକ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଫିକି ଫ୍ଲୋ, ଭୁବନେଶ୍ୱର କଳିଙ୍ଗ ସ୍ୱରାଜର ମିଳିତ ସହଯୋଗରେ ମହିଳାଙ୍କ ପ୍ରତି ହେଉଥିବା ଘରୋଇ ହିଂସାକୁ ସମାଧାନ କରିବା ଉପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି।

ମଙ୍ଗଳବାର ଭୁବନେଶ୍ୱର କ୍ଲବଠାରେ ଆୟୋଜିତ ଏହି ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା 'ଡୋମେଷ୍ଟିକ ଭାଓଲେନ୍ସ ଏଗେନଷ୍ଟ ଓମେନ୍: ଅପବ୍ୟବହାରର ଶିକାର ହୁଅନ୍ତୁ ନାହିଁ, ସୁରକ୍ଷା ଶିଖନ୍ତୁ'। ଏଥିରେ ଏଥିରେ ଷ୍ଟ୍ରେସ କାଉନସିଲର ବେଲା ଅମିତ ଗାନ୍ଧୀ, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଓକିଲ ସୁଜାତା ଦାଶ ଏବଂ ଫିକି ଫ୍ଲୋ ଭୁବନେଶ୍ୱରର ଇସି ମେମ୍ବର ବିୟତ୍ପ୍ରଜ୍ଞା ତ୍ରିପାଠୀ ପ୍ରମୁଖ ଯୋଗଦେଇ ମହିଳାଙ୍କ ଅଧିକାରକୁ ସଶକ୍ତ କରିବା ଏବଂ ସମାଜରେ ମହିଳାମାନଙ୍କର ଦୃଢ଼ ପ୍ରତିନିଧିତ୍ୱର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ମହିଳାମାନଙ୍କ ମଧ୍ୟରେ ସଚେତନତା ଏବଂ ସଶକ୍ତୀକରଣର ଭାବନା ବଢ଼ାଇବା, ଘରୋଇ ହିଂସା ବିରୋଧରେ ସକ୍ରିୟ ପଦକ୍ଷେପ ନେବାକୁ ନିଜକୁ ସାମର୍ଥ୍ୟ କରାଇବାକୁ ସଚେତନ କରିବା। କାର୍ଯ୍ୟକ୍ରମରେ ଫିକି ଫ୍ଲୋ ଭୁବନେଶ୍ୱର ସଦସ୍ୟଙ୍କଜ ସମେତ ଏବଂ ଅନ୍ୟାନ୍ୟ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ସାଲେପୁର ବିଜେପି ପକ୍ଷରୁ କଳା ଦିବସ ପାଳିତ

**ସାଲେପୁର,୨୫।୬(ସମିସ):** ୧୯୭୫ ମସିହାରେ ଇନ୍ଦିରା ଗାନ୍ଧୀ ସରକାର ଜରୁରୀକାଳୀନ ପରିସ୍ଥିତି ଲଗାଇ ଗଣତନ୍ତ୍ରକୁ ଅବମାନନା କରିଥିବା ଆଜିର ଦିନକୁ କଳାଦିବସ ଭାବେ ସମଗ୍ର ଦେଶରେ ବିଜେପି ଦଳ ପକ୍ଷରୁ ପାଳନ କରାଯାଉଛି। ସାଲେପୁର ମଧୁମଣ୍ଡପଠାରେ କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ଉପସଭାପତି ଗୋଲଖ ମହାପାତ୍ର ଯୋଗଦେଇଥିଲେ। କଟକ ସଦର ବିଧାୟକ ପ୍ରକାଶ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିଭା ଶତପଥି, କଟକ ଜିଲ୍ଲାର ପୂର୍ବତନ ବିଜେପି ସଭାପତି ଚୌଧୁରୀ ହେମନ୍ତ ସାହୁ, ସାଂସଦ ପ୍ରତିନିଧି ପ୍ରଫୁଲ୍ଲ ସ୍ୱାଇଁ, ସାଲେପୁର ବିଜେପି ନେତା କୁଞ୍ଜମୋହନ ସେଠୀ, କଟକ ଜିଲ୍ଲା କୋଷାଧ୍ୟକ୍ଷ ସ୍ମୃତିରଂଜନ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟାଳୟ ସଂପାଦକ ସତ୍ୟବାଦୀ ଚଇନି ପ୍ରମୁଖ ଯୋଗଦେଇ ଆଜିର ଦିବସକୁ କଳା ଦିବସ ପାଳନ କରିବା ଉପରେ ଆଲୋଚନା କରିଥିଲେ। ଜରୁରିକାଳୀନ ସ୍ଥିତିରେ ଜେଲ ଯାଇଥିବା ଟାଙ୍ଗୀ ଅଞ୍ଚଳର ବିଜେପି ନେତା ସୁରେନ୍ଦ୍ର ବେହେରା ଉକ୍ତ ସମୟରେ ଘଟଣାବଳୀ ସଂପର୍କରେ ବର୍ଣ୍ଣନା କରିଥିଲେ। ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ କଟକ ଜିଲ୍ଲା ଉପସଭାପତି ଧନେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ। ସାଲେପୁର ମଣ୍ଡଳ ସଭାପତି ବିକ୍ରମ କେଶରୀ ବଳ, ଅଲେଖ ମହାନ୍ତି, ପ୍ରସନ୍ନ ଚୌଧୁରୀ, ସନ୍ତୋଷ କୁମାର



ସାହୁ, ତାପସ କୁମାର ଜେନା, ରମେଶ ନାୟକ, ମାହାଙ୍ଗା ପ୍ରଭାରୀ ଅସିତ୍ ମହାନ୍ତି, ରାଜୀବ ଷଡ଼ଙ୍ଗୀ, ଦେବାଶିଷ ପଣ୍ଡା, ଜଗାଶିଷ କର, ରାମନାରାୟଣ ପଣ୍ଡା, ସନ୍ତୋଷ ଭୂୟାଁ, ବିଜୟ କେତନ ଜେନା, ଦିଲ୍ଲୀପ ଦାଶ, ଦିଲ୍ଲୀପ ରାଉତ, ପ୍ରତ୍ୟୁଷ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ନରସିଂହପୁର ମେଡିକାଲ ପରିଦର୍ଶନ କଲେ ବିଧାୟକ

**ନରସିଂହପୁର,୨୫।୬(ସମିସ):** ବିଭିନ୍ନ ଗଣମାଧ୍ୟମରେ ନରସିଂହପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାମୂଳକ ଖବର ପ୍ରକାଶ ହେବା ପରେ ମଙ୍ଗଳବାର ରାତିରେ ମେଡିକାଲ ଗସ୍ତ କରିଛନ୍ତି ବିଧାୟକ ବିଜୟ ଦଳବେହେରା। ନରସିଂହପୁର ମେଡିକାଲରେ ପାଣି ପଶିବା, ମେଡିକାଲରେ ପାନୀୟଜଳ ନ ମିଳିବା, ଆବଶ୍ୟକ ଇଂଜେକସନ ଆଦି ମିଳୁ ନ ଥିବା ପ୍ରକାଶ ପାଇଥିଲା। ଏନେଇ ମଙ୍ଗଳବାର ରାତିରେ ବିଧାୟକ ଶ୍ରୀ ଦଳବେହେରା ମେଡିକାଲରେ ପହଞ୍ଚି ବିଭିନ୍ନ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ନରସିଂହପୁର ସଦର ମହାକୁମାରେ ମେଡିକାଲ ରହୁଥିବାରୁ ଡାକ୍ତରଙ୍କ ସମେତ ଅନେକ କର୍ମଚାରୀ ସବୁବେଳେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜକୁ ବାର ଦିନ ହେବ ମେଡିକାଲରେ ଡାକ୍ତର ରହୁ ନ ଥିବା ବେଳେ ମାତ୍ର ଜଣେ ଡାକ୍ତରରେ ମେଡିକାଲ ଚାଲୁଥିବା ସ୍ଥାନୀୟ ବାସିନ୍ଦା ବିଧାୟକଙ୍କୁ ଅଭିଯୋଗ କରିଥିଲେ। ଏନେଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ବିଧାୟକ। ମେଡିକାଲରେ ସମସ୍ତଙ୍କୁ ମାଗଣାରେ ସମସ୍ତ ସେବା ଯୋଗାଇବା ପାଇଁ



ଆଲୋଚନା କରିଥିଲେ ବିଧାୟକ। ୫-ଟି କାର୍ଯ୍ୟ ବୁଲି ଦେଖିଥିଲେ। ବିଧାୟକ ବିଜୟ ଦଳବେହେରାଙ୍କ ସମେତ କାନପୁର ଇନଚାର୍ଜ ଡ. ଦେବାଶିଷ ଜେଠୀ, ନରସିଂହପୁର ମେଡିକାଲ ଇନଚାର୍ଜ ଡ଼ ପ୍ରକାଶ ମିଶ୍ର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳାଙ୍କ ଆତ୍ମହତ୍ୟା

**କଟକ,୨୫।୬(ସମିସ):** ଖାନନଗର ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଅନୁପମା ବାରିକ(୨୮)। ଅନୁପମା ଆତ୍ମହତ୍ୟା କରିଥିବା ନେଇ ତାଙ୍କ ସ୍ୱାମୀ କହୁଥିବା ବେଳେ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅନୁପମାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ମଧୁପାଟଣା ଥାନା ପୁଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ ଯେ, ଭଦ୍ରକ ଜିଲ୍ଲାର ଅନୁପମାଙ୍କ ସହିତ ଖାନନଗର ଅଞ୍ଚଳର ଚକ୍ରଧର ବାରିକଙ୍କ ବିବାହ ହୋଇଥିଲା। ଚକ୍ରଧର ଅଟୋ ଚଳାନ୍ତି। ତାଙ୍କର ଏକ ଶିଶୁପୁତ୍ର ଅଛି। ବିବାହ ପରଠାରୁ ଟଙ୍କା ପଇସାକୁ ନେଇ ଦମ୍ପତିଙ୍କ ମଧ୍ୟରେ ମତାନ୍ତର ହେଉଥିଲା। ଏନେଇ ଅନୁପମା ତାଙ୍କ ବାପଘର ଲୋକଙ୍କୁ ଫୋନ କରି ଜଣାଉଥିଲେ। ସୋମବାର ରାତିରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତି ପ୍ରାୟ ସାଢେ ୨ଟାରେ ଅନୁପମା ନିଜ ରୁମ ଫ୍ୟାନରେ ଲୁଗା ବାନ୍ଧି ଝୁଲିପଡିଥିଲେ। କିଛି ସମୟ ପରେ ତାଙ୍କ ପୁଅ କାନ୍ଦିବାରୁ ଚକ୍ରଧର ଉଠି ଅନୁପମାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଲେ।

# ସୁକାଟ କ୍ରିକେଟ ମ୍ୟାଚ ଉଦ୍ଯାପିତ

**ନରସିଂହପୁର,୨୫।୬(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ସୁକାଟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଦିବସରେ ବାଲିସାହି ଏବଂ ଓଡିଶିଙ୍ଗା ମଧ୍ୟରେ କ୍ରିକେଟ୍ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଲିସାହି କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୦ ୱିକେଟ୍ ହରାଇ ୬୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଓଡିଶିଙ୍ଗା କ୍ରିକେଟ୍ କ୍ଲବ ୧୧ ଓଭର ୫ଟା ବଲରେ ସମସ୍ତ ୱିକେଟ୍ ହରାଇ ୩୫ ରନ କରି ପରାଜିତ ହୋଇଥିଲା। ଆଜିର ଏହି କ୍ରିକେଟ୍ ପ୍ରଦର୍ଶନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ସରଧାପୁର ସରପଞ୍ଚ ନିରଞ୍ଜନ ବରାଡ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ସରଧାପୁର ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ ସାହୁ ଏବଂ ସୁକାଟ ଗ୍ରାମର ସଭାପତି ରାଜାରାମ ସାମଲ, ସମାଜସେବୀ ସୁବାସ ସେଠୀ ଏବଂ ଆୟୋଜିତ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇ ଖେଳକୁ ପରିଚାଳନା କରିଥିଲେ। ବିଜେତା ଦଳକୁ ଉପହାର ରାଶି ସରଧାପୁର ସରପଞ୍ଚ ନିରଞ୍ଜନ ବରାଡ଼ ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ।



# ଗୋ-ମାଂସ ଓ ଚମଡ଼ା ଚାଲାଣ ଅଭିଯୋଗ

**ସାଲେପୁର,୨୫।୬(ସମିସ):** ସାଲେପୁର ଅଞ୍ଚଳ ଦେଇ ଦିନକୁ ଦିନ ବିପୁଳ ମାତ୍ରାରେ ବେଆଇନ୍ ଭାବେ ଗୋମାଂସ ଓ ଗୋ ଚମଡ଼ା ଚାଲାଣ ହେଉଥିଲେ ମଧ ପୁଲିସ ପ୍ରଶାସନ ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିୟମିତ ବ୍ୟବଧାନରେ ସାଲେପୁର ସହର ଦେଇ ଟାଟା ଏସି ଓ ପିକଅପ୍ ଭ୍ୟାନ୍‌ରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାବୁଜଙ୍ଗ, କିଶୋରନଗର, କାଜିହାଟ ସମେତ ବିଭିନ୍ନ ସ୍ଥାନରୁ ରାତିଅଧିଆ ଓ ଦିନ ଦ୍ୱିପ୍ରହରରେ ଗୋ-ମାଂସ ଏବଂ ଗୋ ଚମଡ଼ା ସାଲେପୁର ଅଞ୍ଚଳର କଟକ ଚାନ୍ଦବାଲି ରାସ୍ତା ଦେଇ କଲିକତା ସମେତ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିଲେ ମଧ ପୁଲିସ ପ୍ରଶାସନ ସବୁ ଜାଣିଶୁଣି ନ ଜାଣିଲା ଭଳି ଏହି ଗୋମାଂସ ଓ ଚମଡ଼ା ଚାଲାଣ କରୁଥିବା ରାକେଟକୁ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହେଉଛି। ବାରମ୍ବାର ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଗୋମାଂସ ଚାଲାଣ ସମୟରେ ସ୍ଥାନୀୟ ଯୁବକ ଓ ଜନସାଧାରଣ ଗୋମାଂସ ବୋଝେଇ ଗାଡ଼ିକୁ ଜବତ କରି ପୁଲିସ ଜିମା ଦେଉଥିବାବେଳେ ନିୟମିତ ବ୍ୟବଧାନରେ ଏହି ଅଞ୍ଚଳ ଦେଇ ଗୋମାଂସ ଚାଲାଣ ହେଉଥିଲେ ମଧ କିପରି ପୁଲିସ ନଜରକୁ ଆସୁନାହିଁ, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଗତସିଂହପୁର ଅଞ୍ଚଳରୁ ଏକ ଟାଟା ଏସି ନଂ-ଓ.ଡି.୨୧ସି. ୪୬୮୮ରେ ଗୋ ଚମଡ଼ା କିଶୋରନଗର ଥାନା ଦେଇ ସାଲେପୁର ବ୍ଲକ୍‌ର ମୁର୍କୁଣ୍ଡି ଅଞ୍ଚଳ ଦେଇ କଟକ ଅଭିମୁଖେ ଯାଉଥିବାବେଳେ ସ୍ଥାନୀୟ ଲୋକେ ସନ୍ଦେହ କରି ଗାଡ଼ିଟିକୁ ଅଟକ ରଖିବା ସହ ଗାଡ଼ି ଚାଳକ ଓ ବେଆଇନ୍ ଚମଡ଼ା ସପ୍ଲାୟ କରୁଥବା ବ୍ୟକ୍ତିଙ୍କୁ ଧରି କିଶୋରନଗର ପୁଲିସ ଜିମା ଦେଇଥିବା ଜଣାଯାଇଛି। ସେହିପରି ସାଲେପୁର ଥାନାଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାପକ ଗୋ-ହତ୍ୟା କରାଯାଇ ବାହାର ଅଞ୍ଚଳକୁ ମାଂସ ଚାଲାଣ କରାଯାଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ବେଆଇନ୍ ଭାବେ ବାହାର ଅଞ୍ଚଳରୁ ସାଲେପୁର ଅଞ୍ଚଳ ଦେଇ କଲିକତା ସମେତ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଗୋମାଂସ ଓ ଚମଡ଼ା ସପ୍ଲାଇ କରୁଥିବା ରାକେଟ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି।

# ନିଆଳିରେ କଂଗ୍ରେସ କର୍ମୀ ସମ୍ମିଳନୀ

**ନିଆଳି,୨୫।୬(ସମିସ):** ନିଆଳି ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ନିଆଳି ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ସୌଭାଗ୍ୟ ରଞ୍ଜନ ବସ୍ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସଂଯୋଜକ ଡ. କେଦାରନାଥ ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ରବିନ୍ଦ୍ର ମଲ୍ଲିକ ଯୋଗଦେଇ ନିଆଳି ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ କଂଗ୍ରେସ ସେତେଟା ଭଲ କରି ନ ଥିଲେ ମଧ ଏବେବି କଂଗ୍ରେସ କର୍ମୀମାନେ ରହିଛନ୍ତି ଏବଂ ଆଗାମୀ ଦିନରେ ସେମାନଙ୍କୁ ଏକାଠି କରି କଂଗ୍ରେସ ପ୍ରତ୍ୟେକ ୱାର୍ଡସ୍ତରକୁ ଯିବ ଏବଂ ସଂଗଠନକୁ ମଜଭୁତ କରାଯିବ ବୋଲି କହିଥିଲେ। ଗତ ନିର୍ବାଚନରେ ଦେଶରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଉତ୍ସାହଜନକ ପ୍ରଦର୍ଶନ କରିଥିବା ବେଳେ ରାଜ୍ୟରେ ମଧ କଂଗ୍ରେସ ଭଲ କରିଛି। ଆଗାମୀ ଦିନରେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ସେ କହିଥିଲେ। ସେହିପରି ଶିକ୍ଷାବିତ୍ ଅଶୋକ କୁମାର ରାୟ, ବ୍ଲକ୍ କଂଗ୍ରେସର ମହିଳା ସଭାନେତ୍ରୀ ମଧୁସ୍ମିତା ମହାପାତ୍ର, ନିଆଳି ବ୍ଲକ୍ ପୂର୍ବତନ ଯୁବ କଂଗ୍ରେସ ସଭାପତି ମଲ୍ଲିକ ଇସ୍‌ମାଇଲ୍, ପୂର୍ବତନ ସରପଞ୍ଚ ବିଭୂତି ମହାପାତ୍ର, ଚାନୁ ଚୌଧୁରୀ, ବଂଶିଧର ବେହେରା, ନିର୍ମଳ ସିଂହ, ମିହିର ସେନାପତି, ଅବଦୁଲ୍ ରେହେମାନ୍, ସେଖ୍ ବବୁଲ, ସେଖ୍ ରହୁଫ, ମୀନକେତନ ସାହୁ, ସେଖ୍ ଝରି, ସେଖ୍ ବେଲ ପ୍ରମୁଖ ଯୋଗଦେଇ ବିଗତ ନିର୍ବାଚନରେ ନିଆଳିରେ କଂଗ୍ରେସର ପରାଜୟ ନେଇ ସମୀକ୍ଷା କରିଥିଲେ। ନିଆଳିରେ ତୃଣମୂଳସ୍ତରରୁ କଂଗ୍ରେସ ସଂଗଠନକୁ ମଜଭୁତ କରାଯିବ ବୋଲି ସଂକଳ୍ପ ନେଇଥିଲେ।

### ● ବଡ଼ ମେଡିକାଲରେ ଅବ୍ୟବସ୍ଥା

# ୬ ମାସ ଅପେକ୍ଷା ପରେ ହେଲା ଅଲଟ୍ରାସାଉଣ୍ଡ

**କଟକ,୨୫।୬(ସମିସ):** ୬ ମାସ ଧରି ଅପେକ୍ଷା କରିବା ପରେ ଜଣେ ରୋଗୀର ଅଲଟ୍ରାସାଉଣ୍ଡ କରାଯାଇଛି। ଏମିତିକି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବା ପରେ ତାଙ୍କୁ ସେବା ମିଳିଥିଲା। ଏସ୍‌ସିବି ମେଡିକାଲରେ ଏଭଳି ଘଟଣା ମଙ୍ଗଳବାର ସାମ୍ନାକୁ ଆସିଥିଲା। ଯାଜପୁର ଅଞ୍ଚଳର ରଶ୍ମିରେଖା ପ୍ରଧାନଙ୍କ କହିବା ଅନୁସାରେ, ଏଗାର ବର୍ଷର ପୁଅ ଓମ୍ ପ୍ରକାଶ ନାୟକକୁ ଧରି ଚିକିତ୍ସା ପାଇଁ ସେ ୬ ମାସ ହେବ ଏସ୍‌ସିବି ମେଡିକାଲକୁ ଧାଉଁଛନ୍ତି। ସାଇକେଲ ଚଳାଉଥିବା ସମୟରେ ଓମ୍ ପ୍ରକାଶର ପାଦରେ ଆଘାତ ଲାଗିଥିଲା। ଫଳରେ ସେ ଠିକ୍‌ରେ ଚଲାବୁଲା କରି ପାରୁନଥିଲା। ଏଠାରୁ ଆସିବା ପରେ ଏକାଧିକ ୱାର୍ଡକୁ ଯାଇ ଡାକ୍ତରଙ୍କୁ ଭେଟିଥିଲେ ସୁଦ୍ଧା ସଠିକ ଚିକିତ୍ସା ମିଳି ପାରୁ ନଥିଲା। ଉପଲର ଅଲଟ୍ରାସାଉଣ୍ଡ କରାଇବା ପାଇଁ ସର୍ଜରୀ ବିଭାଗ ଡାକ୍ତର ପରାମର୍ଶ ଦେଇଥିଲେ। ରଞ୍ଜନରଶ୍ମୀ ବିଭାଗରେ ଏହି ଅଲଟ୍ରା ସାଉଣ୍ଡ ପାଇଁ ଟୁକନ କରାଇବା ପରେ ମଧ ଛଅ ମାସ ହେବ ଅଲଟ୍ରାସାଉଣ୍ଡ ହୋଇ ପାରିନଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ସେ ଏହି ସମସ୍ୟା ବିଷୟରେ ଜଣାଇଥିଲେ। ଭେଟିବା ସମୟରେ ସେଠାରେ ଉପସ୍ଥିତ ଥିଲେ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା। ତେବେ ପ୍ରଫେସର ଡାକ୍ତର ପଣ୍ଡାଙ୍କ ସହଯୋଗରେ ଓମ୍ ପ୍ରକାଶଙ୍କ ପାଦର ଅଲଟ୍ରାସାଉଣ୍ଡ ଓ ଚିକିତ୍ସା ନିମନ୍ତେ ସମସ୍ତ ବ୍ୟବସ୍ଥା ହୋଇଛି।

# ଜିଲ୍ଲା ଜୁନିୟର ରେଡ୍‌କ୍ରସ୍‌ର ସାମାଜିକ ସେବା ଶିବିର

**ନିଶ୍ଚିନ୍ତକୋଇଲି, ୨୫।୬(ସମିସ):** କଟକ ଜିଲ୍ଲା ଜୁନିୟର ରେଡ଼କ୍ରସ ପକ୍ଷରୁ ନେମାଳ ଠାରେ ଥିବା ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ଜ୍ୟେଷ୍ଠ ପୂର୍ଣ୍ଣିମା ମହୋତ୍ସବରେ ଏକ ସାମାଜିକ ସେବା ଶିବିର ଅନୁଷ୍ଠିତ ହୋଇଛି। ଅଚ୍ୟୁତାନନ୍ଦ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାଶଙ୍କ ସଂଯୋଜନାରେ ରାଜ୍ୟ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଜିଲ୍ଲା ରେଡ଼କ୍ରସ ଅଧିକାରୀ ମିହିର କୁମାର ପରିଡ଼ା, ଉପଦେଷ୍ଟା ଅକ୍ଷୟ କୁମାର ଷଡଙ୍ଗୀ, ପାର୍ଥସାରଥୀ ମଲିକ, ପରେଶ କୁମାର ମଲ୍ଲ, ହିରଣ୍ମୟୀ ସାମଲ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ରେଡକ୍ରସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ରେଡ଼କ୍ରସର ରାଜ୍ୟ କୋଷାଧ୍ୟକ୍ଷ ସୁରେନ୍ଦ୍ର ସାମଲ ଏଥିରେ ଯୋଗଦେଇ ଜୁନିୟର ରେଡକ୍ରସ ଶାଖାକୁ ବିଦ୍ୟାଳୟସ୍ତରରେ ବ୍ୟାପକ କରି ଏଥିରେ ଅଧିକ ଛାତ୍ରଛାତ୍ରୀଙ୍କୁ ସାମିଲ କରି ସେବାରେ ନିୟୋଜିତ କରିବା ପାଇଁ ଏକ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାଉନସିଲର ବବିନୀ କୁମାର ଲେଙ୍କା, ସନାତନ ସାହୁ, ସାବିତ୍ରୀ ଆଗୁଆନ, ମମତାମଞ୍ଜରୀ ପାଇକରାୟ, ସୁଚିସ୍ମିତା ନନ୍ଦୀ, ନମିତା ଦାସ, ଉର୍ମିଳା ଷଡଙ୍ଗୀ, ମନୋରଂଜନ ବେହେରା, ବିରଜା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରେଡ଼କ୍ରସ ପକ୍ଷରୁ ଯାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଓ ଜଳଦାନ କରାଯାଇଥିବା ବେଳେ ଶୃଙ୍ଖଳା ରକ୍ଷା କରିବା ଓ ସଫେଇ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କ ପ୍ରତ୍ୟେକ୍ଷ ମାର୍ଗଦର୍ଶନରେ ଏହି ଶିବିର ସଫଳ ରୂପାୟନ ହୋଇଥିଲା।




# ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ

### ବର୍ଷା ଦିନ ପୂର୍ବରୁ ଡ୍ରେନ୍ ସଫେଇ ପାଇଁ ଜାତୀୟ ରାଜପଥ ଅଧିକାରୀ ତତ୍ପର

**ଫୁଲନଖରା,୨୫।୬(ସମିସ)**

କଟକ ମହାନଗର ନିଗମ ଅନ୍ତର୍ଗତ ୫୯ନଂ ୱାର୍ଡ ଫୁଲନଖରା ଅଞ୍ଚଳରେ କଟକ ମ୍ୟୁନିସିପାଲିଟି ଦ୍ୱାରା ନିର୍ମିତ ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ କରିଛି ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ। ଫୁଲନଖରା ଅଞ୍ଚଳରେ ବର୍ଷା ଦିନେ ଜାତୀୟ ରାଜପଥ ଓ ଓଭରବ୍ରିଜ୍ ଉପରୁ ବର୍ଷା ଜଳ ସର୍ଭିସ୍ ରୋଡ୍‌ରେ ଜମା ହୋଇ ରହିବା ସହ ରାସ୍ତା ପାର୍ଶ୍ୱସ୍ଥ ଘରଗୁଡିକରେ ପ୍ରବେଶ କରିଥାଏ। ଯାହାଦ୍ୱାରା ସାଧାରଣ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ। ଜାତୀୟ ରାଜପଥ କଡରେ ଡ୍ରେନ୍ ନିର୍ମାଣ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଗତ ୨୦ ତାରିଖରେ କଟକ ମେୟର ସୁବାସ ସିଂଙ୍କ




ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ କଟକ ସାଂସଦ ଓ ଜାତୀୟ ରାଜପଥ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ମଙ୍ଗଳବାର ଦିନ ସର୍ଭିସ୍ ରୋଡ୍ କଡରେ ଥିବା ଡ୍ରେନ୍ ଉପରେ ଜବର ଦଖଲକୁ ଉଚ୍ଛେଦ କରିବା ସହ ଡ୍ରେନ୍ ସଫା କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ମୌସୁମୀ ବର୍ଷା ଓଡ଼ିଶାରେ ଆରମ୍ଭ ହୋଇ ସାରିଛି। ଏ ସମୟରେ ଡ୍ରେନ୍ କାର୍ଯ୍ୟ ସଫେଇ ବା ମରାମତି କେତେଦୂର ସଫଳ ହେବ ତାହା ସମୟ କହିବ। କେବଳ ସେତିକି ନୁହେଁ ଏହି ଡ୍ରେନ୍‌ଟି ୧୬ନଂ ଜାତୀୟ ରାଜପଥର କଡରୁ ଆସି ୬୦ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଯାଇଥିବା ଡ୍ରେନ୍‌ରେ ସଂଯୋଗ ହୋଇଛି। ମାତ୍ର ସଂଯୋଗ ସ୍ଥାନରେ ରାସ୍ତାର ଅବସ୍ଥା କହିଲେ ନ ସରେ। ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଛି। କଟକ ଭୁବନେଶ୍ୱରୁ ଆସୁଥିବା ଗାଡି ଗୁଡିକ ନିଆଳି ରାସ୍ତାରେ ପ୍ରବେଶ କରିବା ସମୟରେ ଏହି ବର୍ଷା ପାଣି ଛିଟିକି ଯାତ୍ରୀ ମାନଙ୍କ ଉପରେ ପଡିବାର ମଧ ଦେଖିବାକୁ ମିଳୁଛି। ଜାତୀୟ ରାଜପଥର ଅଧିକାରୀମାନେ କେବଳ ଡ୍ରେନ୍ ନୁହେଁ ଜାତୀୟ ରାଜପଥରୁ ରାଜ୍ୟ ରାଜପଥର ପବେଶ ପଥ ରାସ୍ତାକୁ ଉନ୍ନତିକରଣ ନ କଲେ ଆଗାମୀ ଦିନରେ ବହୁ ଦୁର୍ଘଟଣା ଘଟିବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ ବୋଲି ଜନସାଧାରଣରେ ଆଲୋଚନା ହେଉଛି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୫ ● ପାଉଣ୍ଡ ୧୦୫.୨୫
- ୟୁରୋ ୮୯.୦୯ ● ୟେନ୍ ୦.୫୨

### ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୫,୦୫୫ (ଭୁବନେଶ୍ୱର)
- ରୁପା : ୯୩,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୦୫୩.୦୦
- ନିଫ୍ଟି ୨୩,୭୨୧.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ସର୍ବକାଳୀନ ରେକର୍ଡ ସ୍ତରରେ ଷ୍ଟକ୍ ବଜାର

**ମୁମ୍ବଇ, ୨୫।୬(ଏଜେନ୍ସି)**

ଘରୋଇ ପୁଞ୍ଜି ବଜାର ପାଇଁ ମଙ୍ଗଳବାର ଥିଲା ଉତ୍ସାହର ଦିନ। କାରଣ ଜବରଦସ୍ତ ପ୍ରଦର୍ଶନ ସହ ଟ୍ରାକ୍‌କୁ ଫେରିଛି ଘରୋଇ ପୁଞ୍ଜିବଜାର। ଏଥିଯୋଗୁ ବଜାର କାରବାରରେ ପ୍ରତିଷ୍ଠା ହୋଇଛି ନୂଆ ରେକର୍ଡ। କ୍ରମାଗତ ଅସ୍ଥିର ବଜାର କାରବାର ମଧ୍ୟରେ ଆଜି ଭାରତୀୟଶେୟାର ବଜାରରେ ଲାଗିଛି ନୂଆ ଡେଣା। ଏଥିଯୋଗୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ସେନ୍‌ସେକ୍ସ ଶୁକ୍ରବାର ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ପ୍ରଥମ ଥର ପାଇଁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ସେନ୍‌ସେକ୍ସ ମଙ୍ଗଳବାର ୭୮,୦୦୦ ପଏଣ୍ଟ ସ୍ତର ଅତିକ୍ରମ କରିଛି। ଫଳରେ ସର୍ବକାଳୀନ ରେକର୍ଡ ସ୍ତର ସହ ଷ୍ଟକ୍ ବଜାରରେ ପ୍ରତିଷ୍ଠା ହୋଇଛି ନୂଆ ମାଇଲ୍‌ଖୁଣ୍ଟ। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୨୩,୭୨୦ ପଏଣ୍ଟ ଟପି ନୂଆ ଇତିହାସ ରଚିଛି।

ମଙ୍ଗଳବାର ଦିନର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୭୧୨ ପଏଣ୍ଟ ବା ୦.୯୨ ପ୍ରତିଶତ ବୃଦ୍ଧି ଘଟି ୭୮,୦୫୩.୫୨ ପଏଣ୍ଟର ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୧୮୩.୪୫ ପଏଣ୍ଟ ବୃଦ୍ଧି ଘଟି ୨୩,୭୨୧.୩୦ ପଏଣ୍ଟ ସ୍ତରରେ କାରବାର ଶେଷ କରିଛି। ଦିନକର କାରବାର ମଧ୍ୟରେ ସେନ୍‌ସେକ୍ସ ସର୍ବାଧିକ ୭୮,୧୬୪.୭୧ ପଏଣ୍ଟ ଏବଂ ନିଫ୍ଟି ସର୍ବାଧିକ ୨୩,୭୫୪.୧୫ ପଏଣ୍ଟ ଛୁଇଁଥିଲା। ବ୍ୟାଙ୍କ ନିଫ୍ଟିରେ ୯୦୦ ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଛି। ବ୍ୟାଙ୍କ ନିଫ୍ଟି ପ୍ରଥମ ଥର ୫୨,୦୦୦ ପଏଣ୍ଟ ପାର କରିଛି। ଶେଷ ପର୍ଯ୍ୟନ୍ତ ବ୍ୟାଙ୍କ ନିଫ୍ଟି ଦ୍ରୁତ ଗତିରେ ଏହାର ସ୍ଥିତି ବଜାୟ ରଖିବାରେ ସଫଳ ହୋଇଛି। ବ୍ୟାଙ୍କ ନିଫ୍ଟି ୫୨,୦୦୦ ପଏଣ୍ଟ ପାର କରିବା ପରେ ବନ୍ଦ ହୋଇଛି। ବ୍ୟାଙ୍କ ନିଫ୍ଟିରେ ଦ୍ରୁତ ଗତିରେ ବୃଦ୍ଧି ପଛରେ ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କର ଶେୟାରରେ ବୃଦ୍ଧି ମୁଖ୍ୟ କାରଣ। ମଙ୍ଗଳବାର ଏହି ଘରୋଇ ବ୍ୟାଙ୍କଗୁଡିକର ଶେୟାର ମୂଲ୍ୟରେ ୨%ରୁ ଅଧିକ ବୃଦ୍ଧି ସହିତ ବନ୍ଦ ହୋଇଛି।



**ସେନସେକ୍ସ ୭୮,୦୦୦ ପଏଣ୍ଟ ଟପିଲା**

**ବ୍ୟାଙ୍କ ନିଫ୍ଟିରେ ୯୦୦ ପଏଣ୍ଟ ବୃଦ୍ଧି**

ଆଜି ଘରୋଇ ପୁଞ୍ଜି ବଜାରରେ ଏଭଳି ଉତ୍ସାହ ଯୋଗୁ ଦେଶର ଶ୍ରେଷ୍ଠ ୧୦ଟି କମ୍ପାନୀ ମଧ୍ୟରୁ ୩ଟିର ମୋଟ ବଜାର ପୁଞ୍ଜି ୧,୦୬,୧୨୫.୯୮ କୋଟି (୧.୦୬ ଲକ୍ଷ କୋଟି) ବୃଦ୍ଧି ପାଇଛି। ବିଶେଷ କରି ବ୍ୟାଙ୍କିଙ୍ଗ କ୍ଷେତ୍ରର ଷ୍ଟକ୍‌ଗୁଡିକ ଭଲ ପ୍ରଦର୍ଶନ କରିଛନ୍ତି। ଗତସପ୍ତାହରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବଜାରର ସର୍ବାଧିକ ଲାଭକାରୀ କମ୍ପାନୀ ହୋଇଥିଲା।

ବର୍ତ୍ତମାନ ଏଚଡିଏଫସିର ବଜାର ପୁଞ୍ଜି ୧୨.୬୭ ଲକ୍ଷ କୋଟିରେ ପହଞ୍ଚିଛି। ଏହାବ୍ୟତୀତ ଆଇସିଆଇସିଆଇ ବ୍ୟାଙ୍କର ବଜାର ପୁଞ୍ଜିରେ ୩୬,୧୧୯ କୋଟି ବୃଦ୍ଧି ଦେଖାଦେଇ ମୋଟ ବଜାର ପୁଞ୍ଜି୮.୧୪ ଲକ୍ଷ କୋଟି ହୋଇଥିବାବେଳେ ଇନଫୋସିସ୍‌ର ୧୭,୯୧୫ କୋଟିରୁ ୬.୩୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ବ୍ୟତୀତ ଟାଟା କନ୍ସଲଟାନ୍ସ ସର୍ଭିସେସ୍ (ଟିସିଏସ୍), ଭାରତୀ ଏୟାରଟେଲ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ), ଏଲଆଇସି, ହିନ୍ଦୁସ୍ତାନ ୟୁନିଲିଭର (ଏଚ୍‌ୟୁଏଲ୍) ଏବଂ ଆଇଟିସିର ବଜାର ମୂଲ୍ୟ ହ୍ରାସ ପାଇଛି।

## ପ୍ରତି ଘଣ୍ଟାଏରେ ୪୫ କୋଟି ରୋଜଗାର କରୁଛନ୍ତି ଗୌତମ ଆଦାନୀ

**ମୁମ୍ବଇ,୨୫।୬(ଏଜେନ୍ସି):** ଆଦାନୀ ଗ୍ରୁପର ଅଧକ୍ଷ ଗୌତମ ଆଦାନୀଙ୍କ ପାଇଁ ଗତ ବର୍ଷ ବହୁତ ଭଲ ରହିଥିଲା। ହିଡେନ୍‌ବର୍ଗ ରିପୋର୍ଟର ଝଟ୍‌କା ପାଇଥିବା ଆଦାନୀ ଗ୍ରୁପର କମ୍ପାନୀଗୁଡିକ ବର୍ତ୍ତମାନ ଶେୟାର ବଜାରରେ ଜବରଦସ୍ତ ପ୍ରଦର୍ଶନ କରିଛି। ଏ ଫଳରେ ଗୌତମ ଆଦାନୀଙ୍କ ସମ୍ପତ୍ତିରେ ଅହେତୁକ ବୃଦ୍ଧି ଦେଖିବାକୁ




ମିଳିଛି। ଦେଖିବାକୁ ଗଲେ ଏକ ବର୍ଷ ପୂର୍ବେ ଗୌତମ ଅଦାନୀଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୫୮.୨ ବିଲିୟନ ଡଲାର ରହିଥିଲା, ଯାହା ବର୍ତ୍ତମାନ ୧୦୬ ବିଲିୟନ ଡଲାରରେ ପହଞ୍ଚିଛି।

**ବର୍ଷକରେ ସମ୍ପତ୍ତି ଦୁଇଗୁଣା**

ଆଦାନୀ ସେ ପ୍ରତି ଘଣ୍ଟାରେ ପ୍ରାୟ ୪୫ କୋଟି ଟଙ୍କା ରୋଜଗାର କରୁଛନ୍ତି। ଗତ ବର୍ଷ ଅଦାନୀ ଗ୍ରୁପ ଭଲ ପ୍ରଦର୍ଶନ କରିଛି। କମ୍ପାନୀଗୁଡିକ ଶେୟାର ବଢିବା ସହ ଗୌତମ ଆଦାନୀଙ୍କ କମ୍ପାନୀର ଷ୍ଟକ୍‌ଗୁଡିକର ମୂଲ୍ୟ ମଧ୍ୟ ବଢିଯାଇଛି। ଗୌତମ ଅଦାନୀଙ୍କ ୬୧ତମ ଜନ୍ମଦିନ ପର୍ଯ୍ୟନ୍ତ ତାଙ୍କ ସଂପତ୍ତିରେ ୮୨ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟ ଆସିବା ପରେ ଗୌତମ ଅଦାନୀଙ୍କ ସମୁଦାୟ ସମ୍ପତ୍ତି ୪୦ ବିଲିୟନ ଡଲାର ତଳକୁ ରହିଥିଲା। ଏହାପରେ ତାଙ୍କ ସମ୍ପତ୍ତି ମୂଲ୍ୟରେ କ୍ରମାଗତ ଭାବେ ବୃଦ୍ଧି ଘଟିଛି। ଚଳିତ ବର୍ଷ ଗୌତମ ଅଦାନୀଙ୍କ ସମ୍ପତ୍ତିରେ ପାଖାପାଖି ୨୫ ପ୍ରତିଶତଅଭିବୃଦ୍ଧି ଘଟିଛି।

## ମନ ଜିଣୁଛି ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

**ଭୁବନେଶ୍ୱର,୨୫।୬(ସମିସ)**




ଚଳିତମାସ ୨୧ରୁ ଜନତା ମଇଦାନଠାରେ ଆରମ୍ଭ ହୋଇଛି '୯ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪'। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ, ଏମ୍‌ଏସ୍‌ଏମ୍‌ଇ ଏବଂ ଟ୍ରାଇବ୍ସ ଇଣ୍ଡିଆ ସହଯୋଗରେ ହୋଇଥିବା ଏହି ମେଳା ଜୁଲାଇ ପହିଲା ଯାଏ ଚାଲିବ। ଚଳିତଥର ଏଥିରେ ୨୦ଟି ରାଜ୍ୟ ଏବଂ ୧୨ଟି ଦେଶରୁ ଅଂଶଗ୍ରହଣକାରୀମାନେ ଯୋଗଦେଉଛନ୍ତି। ମେଳାରେ ହ୍ୟାଙ୍ଗର୍ ଷ୍ଟ୍ରକଚର, ଏସି ପ୍ୟାଭିଲିୟନ୍ ସହିତ ବିଭିନ୍ନ ବିଭାଗ ଯେପରିକି ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍, ଉତ୍ପାଦକ, ଡେଭଲପର, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା ଆଦି କ୍ଷେତ୍ରରୁ ଅଂଶଗ୍ରହଣକାରୀ ରହିଛନ୍ତି। ଆହୁରିମଧ୍ୟ ମେଳାରେ ଘର ଓ ଅଫିସ ସାଜସଜ୍ଜା, ଗୃହ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ ଏବଂ କ୍ରାଫ୍ଟ ସେରାମିକ୍ସ, ଇଲେକ୍ଟ୍ରିକାଲ୍, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ହର୍ବାଲ୍ ଆୟୁର୍ବେଦିକ, କ୍ଲିନିକ୍, ଡାକ୍ତରଖାନା, ଅଟୋମୋବାଇଲ୍, ନିର୍ମାଣ ଉପକରଣ, ଲାଇଫ ଷ୍ଟାଇଲ, ପ୍ରସାଧନ ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଯନ୍ତ୍ର, ପ୍ୟାକେଜିଂ ଯନ୍ତ୍ର ଆଦି ପ୍ରଦର୍ଶିତ ହେଉଛି। ମେଳାରେ ଥାଇଲ୍ୟାଣ୍ଡ ଫୁଲ ଏବଂ ପୋଷାକ, ରାଜସ୍ଥାନୀ ମାର୍ବଲ୍ସ, ଆଫଗାନିସ୍ତାର ଡ୍ରାଏ ଫ୍ରୁଟ୍ସ, ବାଂଲାଦେଶ ଉତ୍ପାଦ ସହ ଭାରତୀୟ ହସ୍ତତନ୍ତ ଏବଂ ହ୍ୟାଣ୍ଡଲୁମ୍ ଉତ୍ପାଦ ଦର୍ଶକଙ୍କ ମନ ଜିଣୁଥିବା ଜେମ୍ ଟିମ୍‌ର ଏମ୍‌ଡି ସୁଜିତ କୁମାର ଗୁପ୍ତା ସୂଚନା ଦେଇଛନ୍ତି।

## ଜେଫ୍‌ରିଜ୍ ରିପୋର୍ଟ | ବାହାଘରରେ ଧୂମ୍ ଟଙ୍କା ଉଡାଉଛନ୍ତି ଭାରତୀୟ

**ନୂଆଦିଲ୍ଲୀ,୨୫।୬(ଏଜେନ୍ସି)**




ବିବାହ ଏବେ ଦେଶରେ ଏକ ବଡ ବଜାରରେ ପରିଣତ ହେଉଛି। ଭାରତୀୟ ବିବାହ ଶିଳ୍ପର ବ୍ୟବସାୟ ଦ୍ରୁତ ଗତିରେ ବଢୁଛି। ଏହା ଏବେ ୧୩୦ ବିଲିୟନ ଡଲାରର ଏକ ଶିଳ୍ପରେ ପରିଣତ ହୋଇଛି। ଖାଦ୍ୟ ଏବଂ ଖାଦ୍ୟ ସାମଗ୍ରୀ ପରେ ଏହା ବର୍ତ୍ତମାନ ଦେଶର ଦ୍ୱିତୀୟ ବୃହତ୍ ଶିଳ୍ପ। ଆଗାମୀ ଦିନରେ ଏହି ଶିଳ୍ପରେ ବୃଦ୍ଧି ଘଟିବାର ସମସ୍ତ ସମ୍ଭାବନା ରହିଛି। ନିବେଶ ବ୍ୟାଙ୍କିଙ୍ଗ ଏବଂ ପୁଞ୍ଜି ବଜାର ସଂସ୍ଥା ଜେଫେରିଜ୍‌ର ଏକ ରିପୋର୍ଟରେ ଏହା କୁହାଯାଇଛି। ଯେ ଭାରତୀୟ ବିବାହ ବଜାର ଆମେରିକାର ବଜାରର ଦୁଇଗୁଣ, କିନ୍ତୁ ଚୀନ୍ ତୁଳନାରେ ଛୋଟ। ବାହାଘରରେ ଭାରତୀୟମାନେ ଧୂମ୍ ଟଙ୍କା ଉଡାଉଛନ୍ତି। ଦେଶରେ ପ୍ରତି ବିବାହ କାର୍ଯ୍ୟମରେ ପ୍ରାୟ ସାଢ଼େ ବାର ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ।

ଅନୁମାନ କରାଯାଉଛି ଯେ ଭାରତରେ ବିବାହ କାର୍ଯ୍ୟକ୍ରମଗୁଡିକରେ ହାରାହାରି ଖର୍ଚ୍ଚ ପ୍ରାୟ ୧୫ ହଜାର ଡଲାର କିମ୍ବା ୧୨.୫ ଲକ୍ଷ ଟଙ୍କା ହୋଇଥାଏ। ଯେତେବେଳେ ଜଣେ ହାରାହାରି ଭାରତୀୟ ଦମ୍ପତି ବିବାହ (ପ୍ରାଥମିକ ଶିକ୍ଷାଠାରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ) ତୁଳନାରେ ପ୍ରାୟ ଦୁଇଗୁଣ ଅର୍ଥ ଖର୍ଚ୍ଚ କରିଥାନ୍ତି। ଆମେରିକା ଭଳି ଦେଶଗୁଡିକ ତୁଳନାରେ ଏହା ସମ୍ପୂର୍ଣ୍ଣ ଭାବେ ବିପରୀତ, ଯେଉଁଠାରେ ଶିକ୍ଷା ପାଇଁ ଖର୍ଚ୍ଚ ଅଧାରୁ କମ୍ ରହିଛି। ପରିସଂଖ୍ୟାନରୁ ଜଣାପଡିଛି ଯେ ବିବାହରେ ହାରାହାରି ବ୍ୟୟ ଭାରତର ମୁଣ୍ଡପିଛା ଜିଡିପିର ୨୯୦୦ ଡଲାର (୨.୪ ଲକ୍ଷରୁ ଅଧିକ) ଏବଂ ହାରାହାରି ବାର୍ଷିକ ଆୟର ପ୍ରାୟ ୪ ଲକ୍ଷ ଟଙ୍କାରୁ ଅଧିକ। ରିପୋର୍ଟରେ ଦର୍ଶାଯାଇଛି ଯେ ଜିଡିପି ଅନୁପାତରେ ଭାରତର ବିବାହ ଖର୍ଚ୍ଚ ଅନ୍ୟ ଦେଶ ତୁଳନାରେ ୫ ଗୁଣ ଅଧିକ।

- **୧୩୦ ବିଲିୟନ ଡଲାରର ବାହା ବଜାର**
- **ଆକାର ଆମେରିକାର ବଜାରର ଦୁଇଗୁଣ, ଚୀନ୍ ତୁଳନାରେ ଛୋଟ**

## ଅର୍ଥମନ୍ତ୍ରୀଙ୍କୁ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୮୫୭କୋଟିର ଲାଭାଂଶ ପ୍ରଦାନ

**ମୁମ୍ବଇ,୨୫।୬:** ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଆର୍ଥିକବର୍ଷ ୨୦୨୩-୨୪ ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ୮୫୭.୧୬ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିଧୁ ସକ୍ସେନା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ପାଣ୍ଡେ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏନ୍‌ବିସିଏ ଇନ୍‌ଚାର୍ଜ



ସନ୍ତୋଷ ଦୁଲାର, ଭାରତ ସରକାରଙ୍କ ବିତ୍ତୀୟ ସେବା ବିଭାଗର ସଚିବ ବିବେକ ଯୋଶୀଙ୍କ ଉପସ୍ଥିତିରେ ଏହି ଲାଭାଂଶ ବାବଦ ଚେକ୍ ପ୍ରଦାନ କରିଛନ୍ତି। ଆର୍ଥିକବର୍ଷ ୨୦୨୪ରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପ୍ରତି ଇକ୍ୟୁଟି ସେୟାର ପିଛା ଟ.୧.୪୦ (୧୪ ପ୍ରତିଶତ) ର ଲାଭାଂଶ ଘୋଷଣା କରିଅଛି। ଏହି ଲାଭାଂଶ ପ୍ରଦାନ ବ୍ୟାଙ୍କର ପ୍ରଭାବଶାଳୀ ଆର୍ଥିକ ପ୍ରଦର୍ଶନକୁ ପ୍ରତିଫଳିତ କରୁଛି। ଆର୍ଥିକବର୍ଷ ୨୦୨୩-୨୪ରେ ବ୍ୟାଙ୍କର ନିଟ୍ ଲାଭ ଶତକଡା ୫୫.୮୪ ପ୍ରତିଶତ ବୃଦ୍ଧି ପାଇ ୪,୦୫୫ କୋଟି ଟଙ୍କାରେ ପହଞ୍ଚିଛି ଯାହା ପୂର୍ବ ଆର୍ଥିକ ବର୍ଷରେ ୨,୬୦୨ କୋଟି ଟଙ୍କା ରହିଥିଲା।

## ମହିଳାଙ୍କ ପାଇଁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍‌ର ସ୍ୱତନ୍ତ୍ର ରିଆତି

**ଭୁବନେଶ୍ୱର, ୨୫।୬ (ସମିସ)**

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ପକ୍ଷରୁ ମହିଳାମାନଙ୍କ ପାଇଁ ଏହାର ସର୍ବାଧିକ ବିକ୍ରି ହେଉଥିବା ଟର୍ମ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ ଆଇପ୍ରୋଟେକ୍ଟ ସ୍ମାର୍ଟ ପାଇଁ ପଇଠ କରାଯାଉଥିବା ସମସ୍ତ ପ୍ରିମିୟମ ଉପରେ ୧୫%ର ଲାଇଫ୍‌ଟାଇମ ରିଆତି ଘୋଷଣା କରାଯାଇଛି। ଏଥିସହିତ ବେତନଭୋଗୀ ମହିଳାମାନେ ପ୍ରଥମ ବର୍ଷର ପ୍ରିମିୟମ ଉପରେ ଅତିରିକ୍ତ ୧୫%ର ରିହାତି ପାଇଁ ଯୋଗ୍ୟ ବିବେଚିତ ହେବେ, ଯାହା ସେମାନଙ୍କୁ ନିଜକୁ ଓ ନିଜ ପ୍ରିୟଜନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ସକ୍ଷମ କରିବ। ଗମ୍ଭୀର ଅସୁସ୍ଥତା ଉପରେ ଲାଭ ସହିତ ମିଳିତ ଥିବା ଆଇପ୍ରୋଟେକ୍ଟ ସ୍ମାର୍ଟ ବ୍ରେଷ୍ଟ, ଓଭାରିଆନ, ୟୁଟେରାଇନ ଓ ସର୍ଭିକାଲ କ୍ୟାନ୍‌ସର ଭଳି ରୋଗଗୁଡିକ ସମେତ ୩୪ଟି ଜଟିଳ ଅସୁସ୍ଥତା ବିରୋଧରେ କଭର ପ୍ରଦାନ କରୁଛି। ଏହି ମିଶ୍ରଣ ଉଭୟ ସ୍ୱାସ୍ଥ୍ୟ ଓ ଜୀବନ ବୀମାର ଲାଭ ପ୍ରଦାନ କରୁଛି। ଏହା ୯୯ ବର୍ଷ ପର୍ଯ୍ୟନ୍ତ ଲାଇଫ୍ କଭର ଦେଇଥାଏ। ଗୁରୁତ୍ୱପୂର୍ଣ୍ଣ ଭାବେ ନିଦାନ ଉପରେ ପଇଠ କରାଯାଉଥିବା ଗୁରୁତର ଅସୁସ୍ଥତା କଭର ରାଶି, ପରିବାରର ସଂଚୟକୁ ପ୍ରଭାବିତ ନକରି ଜରୁରୀ ଚିକିତ୍ସା ପାଇଁ ତୁରନ୍ତ ଆର୍ଥିକ ସହଯୋଗ ପ୍ରଦାନ କରିଥାଏ।

## ଏସି, ଫ୍ରିଜ୍, ଟିଭିର ୱାରେଣ୍ଟିକୁ ନେଇ ଆସୁଛି ନୂଆ ନିୟମ

**ନୂଆଦିଲ୍ଲୀ,୨୫।୬(ଏଜେନ୍ସି)**

କେବେ କେବେ ଗ୍ରାହକମାନେ ଫ୍ରିଜ୍, ଟିଭି ଏବଂ ଏସି ସହିତ ଘରେ ବ୍ୟବହାର କରାଯାଉଥିବା ସମସ୍ତ ଇଲେକ୍ଟ୍ରୋନିକ୍ ଉପକରଣର ୱାରେଣ୍ଟିକୁ ନେଇ ଚିନ୍ତିତ ଥାନ୍ତି। ତେବେ ଏହି ଖବର ଆପଣଙ୍କ ପାଇଁ ଉପଯୋଗୀ। ବାସ୍ତବରେ ଏହି ସାମଗ୍ରୀଗୁଡିକର ୱାରେଣ୍ଟି ପାଇଁ ସରକାର ନୂତନ ନିୟମ ପ୍ରସ୍ତୁତ କରିବାକୁ ସଜବାଜ ହେଉଛନ୍ତି। ବିଭିନ୍ନ ସାମଗ୍ରୀର ୱାରେଣ୍ଟି ତାରିଖକୁ ନେଇ ବଢୁଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ସରକାର କମ୍ପାନୀଗୁଡିକ ଉପରେ କଡା ନଜର ଦେବା ଆରମ୍ଭ କରିଛନ୍ତି। ନିୟମକୁ ସରଳ କରି ଉତ୍ପାଦ କ୍ରୟ କରାଯିବା ଦିନ ବଦଳରେ ତାହାର ସଂସ୍ଥାପନ କରାଯିବା ଦିନଠାରୁ ୱାରେଣ୍ଟି ଆରମ୍ଭ କରିବାକୁ କେନ୍ଦ୍ର ଉପଭୋକ୍ତା ମନ୍ତ୍ରଣାଳୟ କମ୍ପାନୀଗୁଡିକୁ ପରାମର୍ଶ ଦେଇଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରଣାଳୟ କମ୍ପାନୀଗୁଡ଼ିକୁ ୧୫ ଦିନ ମଧ୍ୟରେ ସେମାନଙ୍କ ମତାମତ ପଠାଇବାକୁ କହିଛି।





ଉପଭୋକ୍ତା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ମଧ୍ୟ କମ୍ପାନୀଗୁଡିକ ସହିତ ଏହି ପ୍ରସଙ୍ଗରେ ଏକ ବୈଠକ କରିଛି। ଗ୍ରାହକ ବ୍ୟାପାର ସଚିବ ତଥା ସିସିପିଏ ମୁଖ୍ୟ କମିଶନର ନିଧି ଖାରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରିଲାଏନ୍ସ ରିଟେଲ, ଏଲ୍‌ଜି, ପାନାସୋନିକ୍, ହାୟର୍, କ୍ରୋମା ଏବଂ ବୋସ୍ ସମେତ ପ୍ରମୁଖ ବୈଦ୍ୟୁତିକ ଉପକରଣ କମ୍ପାନୀଗୁଡିକର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା ଯେ, ଗ୍ରାହକଙ୍କ ଘରେ ଉତ୍ପାଦ ସଂସ୍ଥାପନ ପରେ ମଧ୍ୟ କମ୍ପାନୀ କ୍ରୟ ତାରିଖରୁ ୱାରେଣ୍ଟି ଅବଧି ଆରମ୍ଭ କରିବାକୁ ବିଚାର କରୁଛି। ମନ୍ତ୍ରଣାଳୟର କହିବାନୁଯାୟୀ,ଯନ୍ତ୍ରପାତି ବ୍ୟବହାର ଆରମ୍ଭ ହେବା ଦିନଠାରୁ ୱାରେଣ୍ଟି ଅବଧି ଗଣାଯିବା ଉଚିତ, କାରଣ ଏହାକୁ ସଂସ୍ଥାପନ କରାଯିବା ପରେ ହିଁ ବ୍ୟବହାର କରାଯାଇଥାଏ। ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକ ସାଧାରଣତଃ ଦୁଇ ପ୍ରକାରର। ଆଇରନ୍, ଓ ମାଇକ୍ରୋୱେଭ୍ ଭଳି ବୈଦ୍ୟୁତିକ ଉପକରଣ ଯାହାର କି ସଂସ୍ଥାପନ ଆବଶ୍ୟକ ହୁଏ ନାହିଁ। ଗ୍ରାହକମାନେ ଏହାକୁ କିଣିବା ପରେ ପରେ ବ୍ୟବହାର କରିବା ଆରମ୍ଭ କିଥାରନ୍ତି। ତେବେ ଏସି କିମ୍ବା ଫ୍ରିଜ୍ ପରି ଉପକରଣଗୁଡ଼ିକ ସଂସ୍ଥାପନ ଆବଶ୍ୟକ କରିଥାଏ। ଏପରି ପରିସ୍ଥିତିରେ, ଏସି ଏବଂ ରେଫ୍ରିଜରେଟର ପାଇଁ ୱାରେଣ୍ଟି ଅବଧି ଏହାର ସଂସ୍ଥାପନ ଦିନଠାରୁ ଆରମ୍ଭ କରାଯିବା ଉଚିତ୍। ଗ୍ରାହକ ସୁରକ୍ଷା ଆଇନର ଧାରା ୨ ଅନୁଯାୟୀ, ଉତ୍ପାଦ କିମ୍ବା ସେବାଗୁଡ଼ିକର ଗୁଣବତ୍ତା, ପରିମାଣ, ଶୁଦ୍ଧତା, ମାନକ ଏବଂ ମୂଲ୍ୟ ବିଷୟରେ ଗ୍ରାହକଙ୍କୁ ସୂଚନା ଦେବାର ଅଧିକାର ରହିଛି।

- **କିଣା ହେବା ଦିନ ବଦଳରେ ସଂସ୍ଥାପନଠାରୁ ୱାରେଣ୍ଟି ଆରମ୍ଭ ଉପରେ ଗୁରୁତ୍ୱ**
- **ମତାମତ ଦେବାକୁ କମ୍ପାନୀଙ୍କୁ ୧୫ ଦିନ ମହଲତ**

## ଟିପିସିଓଡିଏଲ୍ ପକ୍ଷରୁ ନୂଆ ୩୩ କେଭି ଫିଡର ଲାଇନ୍

**ଭୁବନେଶ୍ୱର,୨୫।୬(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ ପକ୍ଷରୁ ବର୍ତ୍ତମାନ ଜାରି ରହିଥିବା ଗ୍ରୀଷ୍ମପ୍ରବାହ ଯୋଗୁଁ ବିଦ୍ୟୁତ ଚାହିଦାରେ ହୋଇଥିବା ବୃଦ୍ଧିର ମୁକାବିଲା ପାଇଁ ଭିତିଭୂମିରେ ବ୍ୟାପକ ଉନ୍ନତି ଅଣାଯାଇଛି। ଟିପିସିଓଡିଏଲ୍ ଏହାର ଗ୍ରାହକମାନଙ୍କ ପାଇଁ ଭରସାଯୋଗ୍ୟ ଓ ଗୁଣାତ୍ମକ ମାନର ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଲାଗି ନୂଆ ୩୩ କେଭି ଓ ୧୧ କେଭି ଫିଡର ନିର୍ମାଣ କରିଛି। ଏକ ଉଲ୍ଲେଖନୀୟ ସଫଳତା କ୍ରମେ, ଢେଙ୍କାନାଳର ଡିଷ୍ଟ୍ରିବ୍ୟୁସନ ଇଞ୍ଜିନିୟର ଡିଭିଜନର ନେତୃତ୍ୱରେ ଟିପିସିଓଡିଏଲ୍ର



ଗଁଦିଆ ସବ୍‌ଡିଭିଜନ୍ର ଟିମ୍ ପକ୍ଷରୁ ଏକ ୩୩ କେଭି ଫିଡର୍ ଲାଇନ୍‌କୁ ସମ୍ପୂର୍ଣ୍ଣ ଓ ଚାର୍ଜିଂ କରାଯାଇଛି। ଢେଙ୍କାନାଳ ଜିଲ୍ଲାରେ ଗଁଦିଆ ୧୩୨/୩୩ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍‌କୁ ୬ କିମି ବ୍ୟାପ୍ତ ଏହି ଲାଇନ୍ ବିଦ୍ୟୁତ ବଣ୍ଟନ ଭିତିଭୂମିରେ ଉନ୍ନତି ଆଣିପାରିଛି। ଭିତ୍ତିଭୂମିରେ ଏହି ଉନ୍ନତୀକରଣ ଯୋଗୁଁ ଗଁଦିଆ, ନିହାଲପ୍ରସାଦ ଓ ଯୋରନ୍ଦାର ପ୍ରାୟ ୩୬,୦୦୦ ଗ୍ରାହକ ଉପକୃତ ହେବେ। ନୂଆ ଫିଡର୍ ଲାଇନ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏହି ଅଂଚଳରେ ବିଦ୍ୟୁତ ବିଭ୍ରାଟ ଅନେକାଂଶରେ ହ୍ରାସ ପାଇଥିବା ସହ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣରେ ଉନ୍ନତି ଘଟିଛି। ଏହି ଅବସରରେ କୃତଜ୍ଞତା ଜ୍ଞାପନ କରି ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ଏହି ପଦକ୍ଷେପ ଆମ ଗ୍ରାହକମାନଙ୍କୁ ଗ୍ରୀଷ୍ମପ୍ରବାହ ଭଳି ଆହ୍ୱାନପୂର୍ଣ୍ଣ ସମୟରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଲାଗି ରହିଥିବା ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ମହିଳା ଗଲ୍ଫ: ଅଦିତି ଓ ଦୀକ୍ଷାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା


ଅଦିତି ଅଶୋକ


ଦୀକ୍ଷା ସାଗର

**ନୂଆଦିଲ୍ଲୀ, ୨୫।୬(ଏଜେନ୍ସି):** ଭାରତୀୟ ମହିଳା ଗଲ୍ଫ ତାରକା ଅଦିତି ଅଶୋକ ଓ ଦୀକ୍ଷା ସାଗର ପ୍ୟାରିସ୍ ଅଲିମ୍ପିକ୍ସରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତକାଲି ଅନ୍ତର୍ଜାତୀୟ ଗଲ୍ଫ ମହାସଂଘ ଦ୍ୱାରା ଅଲିମ୍ପିକ୍ସ ଲାଗି ଯୋଗ୍ୟ ଖେଳାଳିଙ୍କ ତାଲିକା ପ୍ରକାଶ କରିବା ପରେ ଏହା ଜଣାପଡ଼ିଛି। ଏହା ଫଳରେ ଅଲିମ୍ପିକ୍ସରେ ଭାରତରୁ ୪ଜଣ ଭାଗ ନେବା ସ୍ପଷ୍ଟ ହୋଇଛି। ପୂର୍ବରୁ ପୁରୁଷ ବିଭାଗରେ ଶୁଭଙ୍କର ଶର୍ମା ଓ ଗଗନଜିତ ଭୂଲାର ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସରେ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବ।

ଅଲିମ୍ପିକ୍ସରେ ଭାଗନେବାକୁ କିଛି ନିୟମ ରହିଛି। ଏହା ମଧ୍ୟରେ ପ୍ରତ୍ୟେକ ଦେଶରୁ ସର୍ବାଧିକ ୪ଜଣ ଲେଖାଏଁ ଖେଳାଳି ଭାଗନେଇପାରିବେ। ଏବେ ବିଶ୍ୱମାନ୍ୟତାରେ ଅଦିତି ୬୦ ଓ ଦୀକ୍ଷା ୧୬୭ ସ୍ଥାନରେ ରହିଛି। କିନ୍ତୁ ଗଲ୍ଫ ମହାସଂଘ ପକ୍ଷରୁ ପ୍ରକାଶିତ ମାନ୍ୟତାରେ ଅଦିତିଙ୍କ ର୍ୟାଙ୍କ ହେଉଛି ୨୫ ଓ ଦୀକ୍ଷାଙ୍କର ୪୧। ଏଥିରେ ମୋଟ ୬୦ଜଣ ପ୍ରତିଯୋଗୀ ଭାଗ ନେବାକୁ ଥିବାରୁ ଅଲିମ୍ପିକ ର୍ୟାଙ୍କ ଅନୁଯାୟୀ ଦୁଇ ଭାରତୀୟଙ୍କୁ ଭାଗ ନେବାର ଟିକଟ ମିଳିଯାଇଥିଲା। ସମାନ ପରିସ୍ଥିତିରେ ପୂର୍ବରୁ ଦୁଇ ପୁରୁଷ ପ୍ରତିଯୋଗୀଙ୍କୁ ମଧ୍ୟ ଅଲିମ୍ପିକ ଟିକଟ ମିଳିଥିଲା। ଅଲିମ୍ପିକ ଗଲ୍ଫରେ ପୁରୁଷ ଇଭେଣ୍ଟ ଅଗଷ୍ଟ ୧ରୁ ୪ ଓ ମହିଳା ଇଭେଣ୍ଟ ଅଗଷ୍ଟ ୭ରୁ ୧୦ ତାରିଖ ମଧ୍ୟରେ ଖେଳାଯିବ।

ଭାରତର ନଂ-୧ ମହିଳା ଗଲ୍ଫ ଖେଳାଳି ଅଦିତି ତୃତୀୟଥର ଓ ଦୀକ୍ଷା ଦ୍ୱିତୀୟଥର ଲାଗି ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଛନ୍ତି। ଗତଥର ଟୋକିଓ ଅଲିମ୍ପିକ୍ସରେ ଅଦିତି ଚତୁର୍ଥ ସ୍ଥାନରେ ରହିଥିଲେ। ଅଲିମ୍ପିକ୍ ଗଲ୍ଫ ଇତିହାସରେ ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି। ଅନ୍ୟପକ୍ଷରେ ମିଳିତ ଭାବେ ୫୦ତମ ସ୍ଥାନରେ ରହିଥିବା ଦୀକ୍ଷା ଏକମାତ୍ର ଗଲ୍ଫର ଭାବେ ଉଭୟ ଅଲିମ୍ପିକ୍ସ ଓ ବଧୀର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଛନ୍ତି। ବଧୀର ଅଲିମ୍ପିକ୍ସରେ ଦୀକ୍ଷା ଦୁଇଥର ପଦକ ଜିତିବାର ସମର୍ଥ ହୋଇଛନ୍ତି।

## ଅଶ୍ୱଚାଳନାରେ ଅନୁଷ ଅଗରୱାଲା

ଅଶ୍ୱଚାଳନାର ଡ୍ରେସେଜ ଇଭେଣ୍ଟରେ ଅନୁଷ ଅଗରୱାଲାଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଭାରତୀୟ ଅଶ୍ୱଚାଳନା ମହାସଂଘ ଅନୁମତି ଦେଇଛି। ନିକଟ ଅତୀତର ପ୍ରଦର୍ଶନକୁ ଭିତ୍ତିକରି ଅନୁଷଙ୍କୁ ସୁଯୋଗ ମିଳିଛି। ସେ ଶ୍ରୁତି ଭୋରାଙ୍କୁ ପଛରେ ପକାଇ ଏହି ଯୋଗ୍ୟତା ହାସଲ କରିଛନ୍ତି। ଭେଟେରାନ ଶ୍ରୁତି ଭୋରା ଗତ ଅଲିମ୍ପିକ୍ସରେ ଭାଗନେଇ ବିଶେଷ ସଫଳ ହୋଇନଥିଲେ। ଚଳିତ ବର୍ଷ ସେ ମଧ୍ୟ ୪ଟି ମଧ୍ୟରୁ ୨ଟିରେ ଭାଗନେଇ ପ୍ରଥମ ତିନିଟି ସ୍ଥାନରେ ରହିପାରିନଥିଲେ। ଏହି ଇଭେଣ୍ଟରେ ମଧ୍ୟ ଭାରତ ପଦକ ଆଶା ରଖିନାହିଁ। କେବଳ ଅଂଶଗ୍ରହଣକରିବାକୁ ଗୌରବ ମନେକରୁଛି।

## ଜୁଡୋରେ ତୁଳିକା ମାନ୍

ଅନ୍ତର୍ଜାତୀୟ ଜୁଡୋ ମହାସଂଘ ସର୍ବଶେଷ ର୍ୟାଙ୍କିଙ୍ଗ ପ୍ରକାଶ କରିବା ପରେ ଭାରତର ମହିଳା ଜୁଡୋକା ତୁଳିକା ମାନ୍ ପ୍ୟାରିସ୍ ଅଲିମ୍ପିକ୍ସ ଟିକଟ ହାସଲ କରିବାରେ ସମର୍ଥ ହୋଇଛନ୍ତି। ତୁଳିମା ୭୮ କେଜିରୁ ଊର୍ଦ୍ଧ୍ୱ କାଟାଗୋରୀରେ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲେ। ଏହା ପରେ ତାଙ୍କଠାରୁ ଆଉ କୌଣସି ଅନ୍ତର୍ଜାତୀୟ ପଦକ ମିଳିନାହିଁ। କିନ୍ତୁ ମହାଦେଶୀୟ କୋଟା ଅନୁଯାୟୀ ତାଙ୍କୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି। ଗଲ୍ଫ ମହାସଂଘ ପକ୍ଷରୁ ଅଲିମ୍ପିକ୍ସ ଲାଗି ପ୍ରକାଶ କରାଯାଇଥିବା ର୍ୟାଙ୍କିଙ୍ଗ୍‌ରେ ତୁଳିକା ୩୬ତମ ସ୍ଥାନରେ ରହିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ୧୪ଟି ଜୁଡୋ କାଟାଗୋରୀରେ ପ୍ରତିଯୋଗିତା ହେବ। ପ୍ରତ୍ୟେକ ଦେଶରୁ ଜଣେ ଲେଖାଏଁ ଶ୍ରେଷ୍ଠ ଖେଳାଳିଙ୍କୁ ଏଥିରେ ଭାଗ ନେବାକୁ ସୁଯୋଗ ମିଳିବ। ଅଲିମ୍ପିକ୍ ଜୁଡୋରେ ଭାରତ ଏଯାଏ କୌଣସି ପଦକ ଜିତିପାରିନାହିଁ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତକୁ ସୁଶୀଳା ଦେବୀ ପ୍ରତିନିଧିତ୍ୱ କରିଥିଲେ। ସେ ପ୍ରଥମ ରାଉଣ୍ଡରୁ ହିଁ ବିଦାୟ ନେଇଥିଲେ। ଏଥର ମଧ୍ୟ ସମାନ ପ୍ରଦର୍ଶନ ଆଶା କରାଯାଉଛି। ଜୁଲାଇ ୨୭ରୁ ଅଗଷ୍ଟ ୩ ତାରିଖ ମଧ୍ୟରେ ଅଲିମ୍ପିକ୍ ଜୁଡୋ ଇଭେଣ୍ଟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ପୁରୁଷ ଓ ମହିଳା ବିଭାଗରେ ୧୮୬ ଜଣ ଲେଖାଏଁ ୩୭୨ ଜଣ ଜୁଡୋକା ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ।



# ସରେକୁ ଫେରିଲେ ସାଇ ସୁଦର୍ଶନ



**ଲଣ୍ଡନ, ୨୫।୬(ଏଜେନ୍ସି):** ଇଂଲଣ୍ଡ କାଉଣ୍ଟି କ୍ରିକେଟ ଖେଳିବାକୁ ତାମିଲନାଡୁର ୨୨ ବର୍ଷୀୟ ଯୁବ ଖେଳାଳି ସାଇ ସୁଦର୍ଶନ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତବର୍ଷ ସେ ୨ଟି ମ୍ୟାଚ୍ ଖେଳି ୧୧୬ ରନ୍ କରିଥିଲେ। ଏହି ପାଳି ବଳରେ ସେ ସରେକୁ ୨୨ତମ ଟାଇଟଲ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଦଳକୁ ଫେରାଇ ଅଣାଯାଇଛି। ସରେକୁ ଫେରିଥିବାରୁ ସୁଦର୍ଶନ ବେଶ ଆନନ୍ଦ ପ୍ରକାଶ କରିଛନ୍ତି ଓ ଏହି ଦଳ ପକ୍ଷରୁ ଖେଳି ଅଭିଜ୍ଞତା ହାସଲ କରିବେ ବୋଲି କହିଛନ୍ତି। ସରେ ନିର୍ଦ୍ଦେଶକ ଆଲେକ ଷ୍ଟିୱାର୍ଟଙ୍କ ମତରେ ସାଇ ଜଣେ ଭଲ ଖେଳାଳି ଓ ତାଙ୍କ ଉପସ୍ଥିତି ଦଳକୁ ଫାଇଦାରେ ରଖିବ। ଆମେ ତାଙ୍କୁ ସ୍ୱାଗତ କରୁଛୁ ବୋଲି ଷ୍ଟିୱାର୍ଟ କହିଥିଲେ।

ଚଳିତବର୍ଷ ଆଇପିଏଲ୍‌ରେ ଚମତ୍କାର ଫର୍ମରେ ଥିଲେ ସୁଦର୍ଶନ। ସେ ତାଙ୍କ ଟିମ୍ ଗୁଜରାଟ ଟାଇଟାନ୍ସ ଲାଗି ୧୨ଟି ମ୍ୟାଚ୍ ଖେଳି ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ସହ ୫୨୭ ରନ୍ କରି ଦଳ ପକ୍ଷରୁ ଟପ୍ ସ୍କୋରର ହୋଇଥିଲେ। ଏହାଛଡ଼ା ଗତବର୍ଷ ସେ ଭାରତ ପକ୍ଷରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ କ୍ରିକେଟ ଜୀବନ ଆରମ୍ଭ କରିଥିଲେ। ଏହି ସିରିଜ୍‌ରେ ସେ ୩ଟି ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକ ସହ ୧୨୭ ରନ୍ କରିଥିଲେ। ସେ ମଧ୍ୟ ତାମିଲନାଡୁ ପକ୍ଷରୁ ୨୯ଟି ପ୍ରଥମଶ୍ରେଣୀ କ୍ରିକେଟ ଖେଳି ୧,୧୧୮ ରନ୍ ସଂଗ୍ରହ କରିଛନ୍ତି।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# କେନ୍ଦୁଝରକୁ ଜିତାଇଲେ ଅର୍ପିତ ଓ ଚନ୍ଦ୍ର


ଅର୍ପିତ ମହାନ୍ତ


ଦିଲୀପ ବିଶୋଇ


ହେମନ୍ତ ରଥୀ


ପ୍ରଧାନ ସାମଲ


ରାଜେଶ ମହାକୁଡ଼

**କଟକ,୨୫।୬(ସମିସ):** ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ କେନ୍ଦୁଝର ୧୬୯ରନ୍‌ରେ ଢେଙ୍କାନାଳକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଏହି ମ୍ୟାଚ ଖେଳାଯାଉଥିଲା। ଅଧିନାୟକ ସାର୍ଥକ ସ୍ୱୟଂପ୍ରକାଶଙ୍କ ୮୧ରନ ଏବଂ ଶୁଭମ ଜେନାଙ୍କ ୫୩ରନ ବଳରେ କେନ୍ଦୁଝର ସମସ୍ତ ୱିକେଟ ହରାଇ ୨୩୨ରନ କରିଥିଲା। ଢେଙ୍କାନାଳର ପ୍ରଜ୍ଞା ସାମଲ ୫ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଢେଙ୍କାନାଳ ମାତ୍ର ୬୩ରନରେ ଅଲଆଉଟ ହୋଇଥିଲା। ଅର୍ପିତ ମହାନ୍ତ ଏବଂ ଚନ୍ଦ୍ର ଶେଖର ସାହୁ ୫ଟି ଲେଖାଏଁ ୱିକେଟ ବାଣ୍ଟି ନେଇଥିଲେ। ୫ ରନ୍ ବିନିମୟରେ ୫ଟି ୱିକେଟ ଦଖଲ କରିଥିବା ଅର୍ପିତ ଶ୍ରେଷ୍ଠ ବିବେଚିତ ହୋଇଥିଲେ।

ବିଡାନାସୀ ଗ୍ରାଉଣ୍ଡରେ ଖୋର୍ଦ୍ଧା ଡିଏଲଏସ୍ ପଦ୍ଧତି ବଳରେ ୮୨ରନରେ ବାଲେଶ୍ୱରକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ୮ ୱିକେଟ ହରାଇ ୩୫୦ରନ ସଂଗ୍ରହ କରିଥିଲା। ହେମନ୍ତ ରଥୀ ୧୧୭ବଲରୁ ୧୬୭ରନ୍‌ର ପାଳି ଖେଳିଥିଲେ। ଜବାବରେ ବାଲେଶ୍ୱର ୪୫.୩ ଓଭର ସୁଦ୍ଧା ୫ ୱିକେଟ ହରାଇ ୨୨୮ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ବନ୍ଦ ହୋଇଥିଲା। ଏଣୁ ଡିଏଲଏସ୍ ପଦ୍ଧତିରେ ଖୋର୍ଦ୍ଧା ୮୨ରନ୍‌ରେ ବିଜୟ ଲାଭ କରିଥିଲା। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକରେ ରାଉରକେଲା ୫ ୱିକେଟରେ ବରଗଡକୁ, ନବରଙ୍ଗପୁର ୪ ୱିକେଟରେ ପାରାଦ୍ୱୀପକୁ, ପୁରୀ ୫୮ରନ୍‌ରେ ସମ୍ବଲପୁର-ଏକୁ, କଟକ-ବି ୭ ୱିକେଟରେ କନ୍ଧମାଳକୁ ହରାଇଛି।

### ମହିଳା ଟି-୨୦ ଏସିଆକପ୍


# ୧୯ରେ ପାକିସ୍ତାନ ବିପକ୍ଷରୁ ଭାରତର ଅଭିଯାନ



**ନୂଆଦିଲ୍ଲୀ,୨୫।୬(ଏଜେନ୍ସି):** ଶ୍ରୀଲଙ୍କାରେ ଜୁଲାଇ ୧୯ରେ ମହିଳା ଟି-୨୦ ଏସିଆ କପ୍‌ର ୯ମ ସଂସ୍କରଣ ଆରମ୍ଭ ହେବ। ଏସିଆନ୍ କ୍ରିକେଟ ପରିଷଦ (ଏସିସିସି) ମଙ୍ଗଳବାର ଏହି ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ଘୋଷଣା କରିଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ୧୯ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ତା'ର ପ୍ରଥମ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଏହି ଦିନ ଉଦ୍‌ଘାଟନୀ ମୁକାବିଲାରେ ୟୁନାଇଟେ ଆରବ ଏମିରେଟ୍ସ (ୟୁଏଇ) ଓ ନେପାଳ ପରସ୍ପରକୁ ଭେଟିବେ। ୧୯ରେ ପାକିସ୍ତାନକୁ ଭେଟିବା ପରେ ୨୧ରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୟୁଏଇକୁ, ୨୩ରେ ନେପାଳକୁ ଭେଟିବ। ୨୬ରେ ଦୁଇଟି ଯାକ ସେମିଫାଇନାଲ ଓ ଶେଷରେ ୨୮ରେ ଫାଇନାଲ ଖେଳାଯିବ।

ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ବି'ରେ ଭାରତ ସମେତ ପାକିସ୍ତାନ, ୟୁଏଇ ଓ ନେପାଳ ସାମିଲ ରହିଛନ୍ତି। ସେହିପରି ଗ୍ରୁପ୍ ଏ'ରେ ଆୟୋଜକ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ ଓ ମାଲେସିଆ ସାମିଲ ରହିଛନ୍ତି। ଦୁଇଟି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଜୁଲାଇ ୨୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୭ଥର ଟାଇଟଲ ଜିତି ସଫଳତମ ଦଳ ବିବେଚିତ ହେଉଛି। ଗତ ୨୦୨୨ ସଂସ୍କରଣରେ ଭାରତ ୮ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା। ଏହି ସଂସ୍କରଣରେ ପାକିସ୍ତାନ ଏକମାତ୍ର ଦଳ ଭାବେ ଭାରତକୁ ପରାସ୍ତ କରିଥିଲା। ଆସନ୍ତା ଅକ୍ଟୋବରରେ ବାଂଲାଦେଶରେ ମହିଳା ଟି-୨୦ ବିଶ୍ୱକପ୍ ଖେଳାଯିବ। ତେଣୁ ଏସିଆ କପ୍‌କୁ ବିଶ୍ୱକପ୍‌ର ୱାର୍ମଅପ୍ ଟୁର୍ଣ୍ଣାମେଣ୍ଟ ବିବେଚନା କରାଯାଉଛି।


# ପ୍ରି-କ୍ୱାର୍ଟରରେ ରାଡୁକାନୁ, ଓଷ୍ଟାପେଙ୍କୋ: ରିବାକିନା ଓହରିଲେ


ଇଷ୍ଟବର୍ଣ୍ଣ ଟେନିସ୍

**ଇଷ୍ଟବର୍ଣ୍ଣ,୨୫।୬(ଏଜେନ୍ସି):** ଇଂଲଣ୍ଡର ଇଷ୍ଟବର୍ଣ୍ଣରେ ଚାଲିଥିବା ଇଷ୍ଟବର୍ଣ୍ଣ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ବିଭାଗରେ ବ୍ରିଟେନର ଇମା ରାଡୁକାନୁ, ଲାଟଭିଆର ଜେଲେନା ଓଷ୍ଟାପେଙ୍କୋ ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଶ୍ରେଷ୍ଠ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ଏହି ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ଆସନ୍ତା ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ୱର୍ମଅପ୍ ବିବେଚିତ ହେଉଛି। ମହଳା ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ରାଡୁକାନୁ ୬-୪, ୬-୦ ସିଧାସଳଖ ସେଟ୍‌ରେ ଆମେରିକାର ସ୍ଲୋଆନ ଷ୍ଟିଫେନ୍ସଙ୍କୁ, ୫ମ ସିଡ୍ ଓଷ୍ଟାପେଙ୍କୋ ୭-୬, ୬-୧ ସେଟ୍‌ରେ ବେଲଜିଅମର ଗ୍ରୀଟ୍ ମିନେନ୍‌ଙ୍କୁ, ବେଲଜିୟମର ଏଲିସ ମେର୍ଟେନ୍ସ ୬-୧, ୬-୨ସେଟ୍‌ରେ ୟୁରିକୋ ମିୟାଜାକିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

### କୋପା ଆମେରିକା ଫୁଟବଲ

# ଅମୀମାଂସିତ ମୁକାବିଲାରୁ ବ୍ରାଜିଲର ଅଭିଯାନ



**ଇଙ୍ଗଲଉଡ୍, ୨୫।୬(ଏଜେନ୍ସି):** କୋଷ୍ଟାରିକା ସହ ଗୋଲଶୂନ୍ୟ ମ୍ୟାଚ୍‌ରୁ ୯ ଥରର ଚାମ୍ପିଅନ ବ୍ରାଜିଲ ତାହାର କୋପା ଆମେରିକା କପ୍ ଫୁଟବଲ ପ୍ରତିଯୋଗିତାର ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ବ୍ରାଜିଲ ଯେତେ ଚେଷ୍ଟାକରିଥିଲେ ମଧ୍ୟ କୋଷ୍ଟାରିକାର ଶୃଙ୍ଖଳିତ ରକ୍ଷଣଭାଗକୁ ଭେଦ କରିବା କଷ୍ଟକର ହୋଇଥିଲା। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ହୋଇଥିଲେ ମଧ୍ୟ ବ୍ରାଜିଲ ପଏଣ୍ଟ ଭାଗକରି ଅଭିଯାନ ଆରମ୍ଭ କରିଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା କଲମ୍ବିଆ ୨-୧ ଗୋଲରେ ପାରାଗୁଏକୁ ପରାସ୍ତ କରି ଶୀର୍ଷସ୍ଥାନରେ ପହଞ୍ଚିଛି।

ଏହି ପ୍ରତିଯୋଗିତାରେ କୋଷ୍ଟାରିକା ଖେଳିଥିବା ମ୍ୟାଚ୍ ଚର୍ଚ୍ଚାରେ ରହିଛି। ବ୍ରାଜିଲ ବିପକ୍ଷରେ ଦଳର ରକ୍ଷଣଭାଗ ଯେପରି ଖେଳ ପ୍ରଦର୍ଶନ କରିଥିଲା, ତାହା ସମସ୍ତଙ୍କୁ ଆକୃଷ୍ଟ କରିଛି। ଖେଳର ୭୫ ଭାଗ ସମୟ ବ୍ରାଜିଲ ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ଦଳ ମ୍ୟାଚ୍ ଜିତିବାରେ ସମର୍ଥ ହୋଇପାରି ନାହିଁ। କୋଷ୍ଟାରିକାର ଗୋଲରକ୍ଷକ ପ୍ୟାଟ୍ରିକ୍ ସିକ୍ୱେରାଙ୍କ ନେତୃତ୍ୱରେ ଦଳର ରକ୍ଷଣଭାଗ ବେଶ ଚମତ୍କାର ଖେଳିଥିଲା। ସିକ୍ୱେରା ବ୍ୟକ୍ତିଗତ ଭାବେ ୩ଟି ନିଶ୍ଚିତ ଗୋଲକୁ ଅଟକାଇ କୋଷ୍ଟାରିକାକୁ ଅପରାଜେୟ ରଖିଥିଲେ। ତାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ କୋଷ୍ଟାରିକା କ୍ରମାଗତ ଚତୁର୍ଥ ମ୍ୟାଚ୍‌ରେ ଅପରାଜେୟ ରହିଛି। ଅନ୍ୟପକ୍ଷରେ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ବ୍ରାଜିଲ ପକ୍ଷରୁ ମାକ୍ୱିର୍ନୋସ୍ ଥରେ ବଲ୍‌କୁ ପୋଷ୍ଟ ମଧ୍ୟକୁ ପ୍ରବେଶ କରାଇବାରେ ସମର୍ଥ ହୋଇଥିଲେ। କିନ୍ତୁ ଭିଏଆର (ଭିଡିଓ ଆସିଷ୍ଟାଣ୍ଟ ରେଫରି) ଦୀର୍ଘ ସମୟ ପରୀକ୍ଷା ନୀରିକ୍ଷା କରିବା ପରେ ଏହି ଗୋଲକୁ ନାକଚ କରିଦେଇଥିଲେ। ଏହାକୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଥିଲା। କେବଳ ଏହି ଗୋଲ ନୁହେଁ ମ୍ୟାଚରେ ରେଫରୀ ଅନେକ ସନ୍ଦେହଜନକ ନିଷ୍ପତ୍ତି ନେଇଥିଲେ। ମ୍ୟାଚ୍ ଖେଳାଯାଉଥିବା ସୋଫି ଷ୍ଟାଡିୟମ୍‌ରେ ୬୭ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲାବେଳେ ରେଫରୀଙ୍କୁ ନିଷ୍ପତ୍ତିକୁ ବିରୋଧ କରିଥିଲେ। ବ୍ରାଜିଲରେ ଏବେ ନୂଆ ଖେଳାଳିଙ୍କୁ ନେଇ ଦଳ ଗଠନ କରାଯାଉଛି। ରିଅଲ ମାଦ୍ରିଦ୍ ଷ୍ଟାର ଭିନିଅସ ଜୁନିଅର ଓ ରୋଡ୍ରିଗୋଙ୍କ ନେତୃତ୍ୱରେ ଦଳ ଖେଳୁଥିବାବେଳେ ନିରାଶାଜନକ ପ୍ରଦର୍ଶନରୁ ଅଭିଯାନ ଆରମ୍ଭ କରିଛି। ଭିନିଅସ, ରୋଡ୍ରିଗୋ ଓ ରାଫିନାଙ୍କୁ ନେଇ ଗଠିତ ବ୍ରାଜିଲର ଅଗ୍ରଭାଗ ଖେଳାଳି ଅନେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ ଦେଇ ପାରି ନ ଥିଲେ। ଯାହା ଫଳରେ ନବାଗତ ଖେଳାଳିଙ୍କୁ ନେଇ ଗଠିତ ବ୍ରାଜିଲ ଟିମ୍ ନିରାଶ ହୋଇଥିଲା। ଦଳର ଅନେକ ବରିଷ୍ଠ ଖେଳାଳିଙ୍କୁ ବାଦ୍ ଦିଆଯାଇଥିଲାବେଳେ ଆଘାତ ଯୋଗୁଁ ନେମାର ଏହି ଟୁର୍ଣ୍ଣାମେଣ୍ଟରେ ଖେଳୁନାହାନ୍ତି। ବ୍ରାଜିଲ ଦଳ କୋଷ୍ଟାରିକା ଗୋଲପୋଷ୍ଟ ଉପରେ ୧୮ ଥର ଆକ୍ରମଣ କରିଥିଲେ ମଧ୍ୟ ପ୍ରତିପକ୍ଷ ଗୋଲରକ୍ଷକ ପ୍ୟାଟ୍ରିକଙ୍କୁ ଥରେ ହେଲେ ପରାସ୍ତ କରିପାରି ନଥିଲେ। ଅନ୍ୟପକ୍ଷରେ କୋଷ୍ଟାରିକା ବ୍ରାଜିଲ ପୋଷ୍ଟ ଉପରେ ମାତ୍ର ୨ଥର ଆକ୍ରମଣ କରିଥିଲା।

## ପାରାଗୁଏକୁ ହରାଇଲା କଲମ୍ବିଆ

ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ କଲମ୍ବିଆ ୨-୧ ଗୋଲରେ ପାରାଗୁଏକୁ ପରାସ୍ତ କରି ପୂରା ପଏଣ୍ଟ ପାଇଛି। ଦଳ ପକ୍ଷରୁ ୨ଟି ଯାକ ଗୋଲ ପ୍ରଥମାର୍ଦ୍ଧରେ ହୋଇଥିଲା। ଖେଳର ୩୨ତମ ମିନିଟ୍‌ରେ ଡାନିଏଲ ମୁରିଓଜ୍ ଓ ୪୨ତମ ମିନିଟ୍‌ରେ ଜେଫରସନ ଲେରମା ଏହି ଗୋଲ ଦେଇଥିଲେ। ଗୋଲ ଶୁଝାଇବାକୁ ପାରାଗୁଏ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧ ଶେଷ ଭାଗକୁ ଗୋଟିଏ ଗୋଲ ଦେଇଥିଲା। ଜୁଲିଓ ଏନସିସ୍କୋ ଖେଳର ୬୯ତମ ମିନିଟ୍‌ରେ ଏହି ଗୋଲଟି ଶୁଝାଇଥିଲେ। ଉଭୟ ପୋଷ୍ଟ ଉପରେ ୧୧ଥର ଲେଖାଏଁ ଆକ୍ରମଣ କରିଥିଲେ। କଲମ୍ବିଆ ନିୟନ୍ତ୍ରଣରେ ୬୮ ଭାଗ ଓ ପାରାଗୁଏ ନିୟନ୍ତ୍ରଣରେ ୩୨ ଭାଗ ଖେଳ ରହିଥିଲା।





# ଇସ୍ତଫା ଦେବା ପୂର୍ବରୁ...

**ନୂଆ ଚାକିରି କରିବା ପାଇଁ ପୁରୁଣା ଚାକିରିରୁ ଇସ୍ତଫା ଦେବାକୁ ପଡ଼ିଥାଏ । ତେବେ ତରବରିଆ ଭାବେ ଇସ୍ତଫା ଦେବାର ନିର୍ଣ୍ଣୟ ନେବା ଅନୁଚିତ । ଏହି ପଦକ୍ଷେପ ପ୍ରତ୍ୟେକ କର୍ମଚାରୀଙ୍କୁ ସୁସ୍ଥ ମସ୍ତିଷ୍କରେ ଭାବିଚିନ୍ତି ନେବା ଉଚିତ । ଏଣୁ ଇସ୍ତଫା ଦେବା ପୂର୍ବରୁ କେଉଁ ସବୁ ଦିଗ ଉପରେ ଧ୍ୟାନ ଦେବେ, ସେ ସମ୍ପର୍କରେ ଜାଣିବା ଦରକାର ।**

- ଇସ୍ତଫା ଦେବା ପୂର୍ବରୁ ଅର୍ଥ ପୁଞ୍ଜି ଉପରେ ଗୁରୁତ୍ୱ ଦେବା ଜରୁରି । ତା'ସହ ସ୍ୱାସ୍ଥ୍ୟ ବୀମା, ରିଟାୟାର୍‌ମେଣ୍ଟ୍ ଫଣ୍ଡ ଏବଂ ଯେଉଁ କମ୍ପାନିରେ ଅଛନ୍ତି, ସେଥିରୁ କେଉଁ ସବୁ ଲାଭ ମିଳୁଛି ସେ ଉପରେ ଚିନ୍ତା କରିବା ଆବଶ୍ୟକ ।
- ସେହିପରି ଜବ୍ ମାର୍କେଟ୍‌ର ସ୍ଥିତି ସବୁବେଳେ ସମାନ ନ ଥାଏ । ତେଣୁ ନୂଆ ଚାକରି ନ ମିଳିବା ଯାଏଁ ପୁରୁଣା ଚାକିରରୁ ଇସ୍ତଫା ଦେବା ଅନୁଚିତ ।
- ଜବ୍ ପ୍ରୋଫାଇଲ୍ ଅନୁସାରେ ମାର୍କେଟ୍‌ରେ ପାରିଶ୍ରମିକ ଏବେ କେତେ ମିଳିବ ଏବଂ ଚାକିରି କରିଥିବା କମ୍ପାନିରୁ କେତେ ଦରମା ପାଉଛନ୍ତି, ତାହାକୁ ତର୍ଜମା କରନ୍ତୁ ।
- ବର୍ତ୍ତମାନ ଯେଉଁ ଚାକିରିରେ ଅଛନ୍ତି, ତାହା ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଉଛି, ଇସ୍ତଫା ଦେବା ପୂର୍ବରୁ ସେକଥା ଚିନ୍ତା କରିବା ଦରକାର । ଯଦି ବର୍ତ୍ତମାନର ଚାକିରି ଦ୍ୱାରା ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି, ତେବେ ଇସ୍ତଫା ଦେବାର ନିଷ୍ପତ୍ତିକୁ ପୁନର୍ବିଚାର କରିବା ଦରକାର ନାହିଁ ।
- ଅନ୍ୟପଟେ ନୂଆ ଚାକିରି ଦ୍ୱାରା ଯଦି ସ୍ୱାସ୍ଥ୍ୟ ଅଧିକ ପ୍ରଭାବିତ ହେବ, ତେବେ ଇସ୍ତଫା ଦେବା ପୂର୍ବରୁ ଭାବିଚିନ୍ତି ନିଷ୍ପତ୍ତି ନେବା ଜରୁରି ।



# ଡାର୍କ ନେଟ୍

**ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେଇଥାନ୍ତି । ଏ ଲାଗି ସେମାନଙ୍କୁ ମାସ ମାସ ଧରି ପ୍ରସ୍ତୁତି କରିବାକୁ ପଡ଼ିଥାଏ । ତେବେ କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ କିଛି ଘଣ୍ଟା ମଧ୍ୟରେ ଏହି ପରୀକ୍ଷା ପେପର୍‌କୁ ଲିକ୍ କରିଥାନ୍ତି । ଫଳରେ ମେଧାବୀ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ପାଣିରେ ପଡ଼ିଥାଏ । ଏବେ ୟୁଜିସି ନେଟ୍ ପେପର୍ ଲିକ୍ ହୋଇଛି, ଯାହାକୁ ନେଇ ଦେଶସାରା ଚର୍ଚ୍ଚା ଲାଗି ରହିଛି । ଯଦ୍ଦ୍ୱାରା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି । ଏହି ପରୀକ୍ଷା ପେପର୍ ଡାର୍କ ନେଟ୍‌ରେ ଲିକ୍ ହୋଇଥିବା କୁହାଯାଇଛି । ତେବେ ପ୍ରଶ୍ନ ଉଠୁଛି, ଏ ଡାର୍କ ନେଟ୍ କ'ଣ? ଆଉ ପିଲାଙ୍କ ଭବିଷ୍ୟତକୁ ନେଇ ଖେଳୁଥିବା ଅପରାଧୀ କେମିତି ଧରାପଡ଼ି ନ ଥାନ୍ତି ।**

ଇଣ୍ଟରନେଟ୍‌ର ୯୬ ପ୍ରତିଶତ ଭାଗ ଡାର୍କ ୱେବ୍ ଇଣ୍ଟରନେଟ୍‌ର ଏହା ହେଉଛି ଏମିତି ଏକ ଅଂଶ, ଯେଉଁଠି ବୈଧ ତଥା ଅବୈଧ ଭାବେ ପ୍ରତ୍ୟେକ କାମ କରାଯାଏ । ସେହିପରି ଇଣ୍ଟରନେଟ୍‌ର ଯେତିକି ଭାଗ ଆମେ ବ୍ୟବହାର କରୁଛୁ, ତାହା ହେଉଛି କେବଳ ୪ ପ୍ରତିଶତ । ଯାହାକୁ 'ସରଫେସ୍ ୱେବ୍' କୁହାଯାଏ । ଅନ୍ୟପଟେ ଇଣ୍ଟରନେଟ୍‌ର ଅବଶିଷ୍ଟ ୯୬ ପ୍ରତିଶତ ଭାଗ 'ଡାର୍କ ୱେବ୍' ବା ଡିପ୍ ୱେବ୍ ଅଧୀନରେ ଆସେ । ଏଥିରେ ମହଜୁଦ୍ ଥିବା କୌଣସି କଣ୍ଟେଣ୍ଟକୁ ଆସେସ୍ ବା ଉପଯୋଗ କରିବା ପାଇଁ ପାସ୍‌ୱାର୍ଡ ଦରକାର ପଡ଼ିଥାଏ ।


### ଶସ୍ତାରେ ବିକନ୍ତି କଣ୍ଟେଣ୍ଟ

ସାଇବର୍ ଏକ୍ସପର୍ଟ ଡାର୍କ ୱେବ୍‌କୁ ଓପନ୍ କରିବା ପାଇଁ ଟର୍ ବ୍ରାଉଜରର ଉପଯୋଗ କରିଥାନ୍ତି । ଡାର୍କ ୱେବ୍‌ର ବିଶେଷ ଉପଯୋଗ ଅବୈଧ କାମ ପାଇଁ କରାଯାଏ । ଏଥିରେ କେବଳ ପେପର୍ ଲିକ୍ କାମ ହୋଇ ନ ଥାଏ, ବରଂ ଡ୍ରଗ୍ସ, ଅସ୍ତ୍ରଶସ୍ତ୍ର ତସ୍କରି, ସୁପାରି ଦେବା, କନ୍‌ଫିଡେନ୍ସ ପାସ୍‌ୱାର୍ଡ ଓ ଡକ୍ୟୁମେଣ୍ଟ ସେୟାର୍ କରିବା ଭଳି ଅନ୍ୟାନ୍ୟ କାମ କରାଯାଏ । ଡାର୍କ ୱେବ୍‌ରେ ମହଜୁଦ୍ କୌଣସି କଣ୍ଟେଣ୍ଟକୁ ଠକ ଖୁବ୍ ଶସ୍ତାରେ ବିକ୍ରି କରନ୍ତି, ଯାହା ସବୁ ଓପନ ମାର୍କେଟରେ ତିଆରି ହୋଇଥାଏ ।

### ଡିଲିଂ ପାଇଁ ବିଟ୍ କଏନ୍ ବ୍ୟବହାର

ସେହିପରି ଅବୈଧ କାମ କରୁଥିବା ଏହି ଲୋକମାନେ କିଭଳି ଧରାପଡ଼ି ନ ଥାନ୍ତି, ପ୍ରଶ୍ନ ଆସିବା ସ୍ୱାଭାବିକ । ଏହା ପଛରେ ସବୁଠୁ ବଡ଼ କାରଣ ହେଉଛି ଟେକ୍ନୋଲୋଜି । ଯେଉଁଥିରେ ପୂରା ଡାର୍କ ୱେବ୍ କାମ କରିଥାଏ । ଏହି ଟେକ୍ନୋଲୋଜି ବ୍ୟବହାରକାରୀଙ୍କୁ ଟ୍ରାକିଂ ଏବଂ ସର୍ଭେଲାନ୍ସରୁ ରକ୍ଷା କରିଥାଏ । ଏହାବାଦ୍ ଏହି ଟେକ୍ନୋଲୋଜି ବ୍ୟବହାରକାରୀଙ୍କ ଗୋପନୀୟତାକୁ ବଜାୟ ରଖିବା ପାଇଁ ରୁଟ୍ ଏବଂ ରି-ରୁଟ୍ କରିଥାଏ । ସରଳ ଭାଷାରେ କହିଲେ, ଡାର୍କ ୱେବ୍ ବହୁତ ଆଇପି ଠିକଣାରେ ସଂଯୋଗ ଓ ବିଚ୍ଛେଦ ହୋଇଥାଏ । ଯଦ୍ଦ୍ୱାରା ବ୍ୟବହାରକାରୀଙ୍କୁ ଟ୍ରାକ୍ କରିବା ସହଜ ହୋଇ ନ ଥାଏ । ଏହାବାଦ୍ ଏଠାରେ ଡିଲିଂ କରିବା ପାଇଁ ବିଟ୍ କଏନ୍‌କୁ ବ୍ୟବହାର କରାଯାଏ । ତେଣୁ ଅପରାଧୀଙ୍କୁ ଧରିବା କଷ୍ଟକର ହୋଇଥାଏ ।

# କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**
2. Third-year college student.
5. standardized test used for college admissions, first introduced in November 1959
6. A form of financial aid from a non-profit organization that you do not have to repay.
8. Second-year college student.
10. A form of financial aid that you must repay.
11. the period of the year during which students attend an educational institution, usually from September to June
12. The process to get into college

**Down**
1. First-year college student.
3. Since it was debuted by the College Board in 1926, its name and scoring have changed several times
4. They often have specific student housing options for their members.
7. number representing the average value of the accumulated final grades earned in courses over time.
9. A class you can take that is not specifically required by your major or minor.




# ହ୍ୱାଟ୍ସଆପ୍‌ର ନୂଆ 'ଇନ୍ ଆପ୍ ଡାଏଲର୍' ଫିଚର୍

ହ୍ୱାଟ୍ସଆପ୍ ଦିନକୁ ଦିନ ଏହାର ବ୍ୟବହାରକାରୀଙ୍କ ପାଇଁ ନୂଆ ଫିଚର୍‌ମାନ ସାମ୍ନାକୁ ଆଣୁଛି । ଏହି କ୍ରମରେ ଏଥିରେ ଯୋଡ଼ି ହୋଇଛି 'ଇନ୍-ଆପ୍ ଡାଏଲର୍' ଫିଚର୍ । ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ନମ୍ବରକୁ ସେଭ୍ ନ କରି କଲ୍ କରିପାରିବେ । ଏହା ଏବେ ବିଟା ଭର୍ସନ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ଅଛି । ଏବେ ସୁଦ୍ଧା ବ୍ୟବହାରକାରୀଙ୍କୁ ନମ୍ବର ସେଭ୍ କରି କଲ୍ କରିବାକୁ ପଡୁଥିଲା । ଏଣିକି ଏହି ଫିଚର୍ ମାଧ୍ୟମରେ ଏଭଳି କରିବାକୁ ପଡ଼ିବ ନାହିଁ । ଏ ଲାଗି କମ୍ପାନି ଏକ ଫ୍ଲୋଟିଂ ନମ୍ବର ପ୍ୟାଡ୍‌କୁ ପରିଚିତ କରାଇବ । ହ୍ୱାଟ୍ସଆପ୍ ଏହାର ବ୍ୟବହାର କଲ୍ ପାଇଁ କରିବ । ଏହା ସାଧାରଣ ଫୋନ୍‌ର ଡାଏଲ୍ ପ୍ୟାଡ୍ ସଦୃଶ ଭଳି ହିଁ ହେବ । ପରବର୍ତ୍ତୀ ସମୟରେ ଏହାକୁ ଅପଡେଟ୍ କରିବା ସମ୍ଭବ ହେବ । ବିଟା ୟୁଜର୍‌ଙ୍କ ପାଇଁ ଏବେ ଏହା ଉଦ୍ଦିଷ୍ଟ ଥିବା ବେଳେ ଏହାକୁ ବ୍ୟବହାର କରିବା ପାଇଁ ବ୍ୟବହାରକାରୀଙ୍କୁ ହ୍ୱାଟ୍ସଆପ୍‌କୁ ଅପଡେଟ୍ କରିବାକୁ ପଡ଼ିବ । ଏହା ମାଧ୍ୟମରେ ତୁରନ୍ତ କାହା ସହ ଯୋଡ଼ି ହୋଇପାରିବେ । ଉଦାହରଣ ସ୍ୱରୂପ ବୋର୍ଡ ତଥା ଭିଜିଟିଂ କାର୍ଡରେ କୌଣସି ନମ୍ବର ଦେଖିଲେ, ସେହି ନମ୍ବରକୁ ସେଭ୍ ନ କରି ସିଧା କଲ୍ କରିବା ସମ୍ଭବ ।

# ପରୀକ୍ଷା ପ୍ରଶ୍ନପତ୍ର ସମାଧାନ କଲା କୃତ୍ରିମ ବୁଦ୍ଧିମତ୍ତା

ଆଜିକାଲି ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା, ବିଜ୍ଞାନ ସବୁ କ୍ଷେତ୍ରରେ ଏଆଇର ଉପଯୋଗ କରାଯାଉଛି । ଏବେ ଆହୁରି ଦୁଇ ପାଦ ଆଗକୁ ଯାଇଛି କୃତ୍ରିମ ବୁଦ୍ଧିମତ୍ତା । ପରୀକ୍ଷାର୍ଥୀଙ୍କ ଭଳି ପ୍ରଶ୍ନର ଉତ୍ତର ସମାଧାନ କରିଛି । ତାହା ପୁଣି ୟୁପିଏସ୍‌ସି ପରୀକ୍ଷା ପେପର୍ । ଏଆଇ ଉପରେ ଆଧାରିତ 'ପଢ଼ଏଆଇ' (PADHAI) ମାତ୍ର ୭ ମିନିଟ୍‌ରେ ୟୁପିଏସ୍‌ସି ପରୀକ୍ଷା ୨୦୨୪ର ପ୍ରିଲିମିନାରୀ ପେପର୍ ସମାଧାନ କରିଛି । ୟୁପିଏସ୍‌ସି ପ୍ରିଲିମିନାରୀ ପରୀକ୍ଷା ପ୍ରଶ୍ନକୁ ସମାଧାନ କରି ୨୦୦ରୁ ୧୭୦ ମାର୍କ ରଖିଛି ଏହି ଆପ୍ । ତେବେ ଏହି ପଢ଼ ଆପ୍‌କୁ ଯେଉଁ ନମ୍ବର ମିଳିଛି, ତାହା ଜାତୀୟ ସ୍ତରରେ ଟପ୍ କରିବାରେ ସାମିଲ ହୋଇଛି । ଅବଶ୍ୟ ଏଆଇର ଏହି ସାମର୍ଥ୍ୟ ସମସ୍ତଙ୍କୁ ଚକିତ କରିଛି ।

ଏହି ଆପ୍‌କୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ର ଗୋଟିଏ ଛାତ୍ରଛାତ୍ରୀ ଦଳ ତିଆରି କରିଛନ୍ତି । ୟୁପିଏସ୍‌ସିର ପ୍ରାରମ୍ଭିକ ପରୀକ୍ଷା ଅନୁଷ୍ଠିତ ହେବା ପରେ ପରୀକ୍ଷା ପେପର୍ ସମାଧାନ କରିବା ପାଇଁ ଏକ କାର୍ଯ୍ୟକ୍ରମ ଏଆଇ ପାଇଁ ଆୟୋଜନ କରାଯାଇଥିଲା । ଏଆଇକୁ ଉକ୍ତ ପ୍ରଶ୍ନକୁ ସମାଧାନ କରିବା ପାଇଁ ୭ ମିନିଟ୍ ଲାଗିଛି । କାର୍ଯ୍ୟକ୍ରମର ଲାଇଭ୍ ଟେଲିକାଷ୍ଟ ୟୁଟ୍ୟୁବ୍ ଏବଂ ଆପ୍ ସହ ଜଡ଼ିତ ୱେବ୍‌ସାଇଟ୍‌ରେ କରାଯାଇଛି ।




# ଇଞ୍ଜିନିୟରିଂ ଛାତ୍ରଙ୍କ 'ୱାଇଣ୍ଡ ଟ୍ରି' ମଡେଲ୍

କର୍ଣ୍ଣାଟକର ଜେଏସ୍‌ଏସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ୟୁନିଭର୍ସିଟିର ଶ୍ରୀଜୟଚାମାରାଜେନ୍ଦ୍ର କଲେଜ ଅଫ୍ ଇଞ୍ଜିନିୟରିଂର ଚାରି ଜଣ ମେକାନିକାଲ ଇଞ୍ଜିନିୟରିଂ ଛାତ୍ର ବିକଶିତ କରିଛନ୍ତି 'ୱାଇଣ୍ଡ ଟ୍ରି' ମଡେଲ୍ । ଏହା ହେଉଛି ଏମିତି ଏକ ଉପକରଣ, ଯାହାକି ଇଲେକ୍ଟ୍ରିକ୍ ଗାଡ଼ି, ମୋବାଇଲ ଏବଂ ଏଲଇଡି ବଲ୍‌ବକୁ ଚାର୍ଜ କରିବା ପାଇଁ ପବନ ଶକ୍ତିକୁ ଉପଯୋଗ କରିଥାଏ । ଏହି ମଡେଲ ମାଧ୍ୟମରେ ସେମାନେ ଗ୍ରୀନ୍ ହାଉସ୍ ଗ୍ୟାସ୍ ଉତ୍ସର୍ଜନ କମ୍ କରିବା ଏବଂ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାରେ ସାହାଯ୍ୟ କରିବା ଆଶା ରଖିଛନ୍ତି ।

ଏହାର ପ୍ରୋଟୋଟାଇପ୍‌କୁ ଶେଷବର୍ଷର ଛାତ୍ର ମହମ୍ମଦ ରସିଦ୍, ମହମ୍ମଦ ଅଦନନ, ମହମ୍ମଦ ଅଜିବ ଏବଂ ମହମ୍ମଦ ତଲ୍‌ହା ନିର୍ମାଣ କରିଛନ୍ତି । ବିଜୁଳି ଉତ୍ପନ୍ନ କରିବା ପାଇଁ ୱାଇଣ୍ଡ ଟ୍ରି ମଡେଲ୍ ଧାରୁଆ ବ୍ଲେଡ୍‌କୁ ବ୍ୟବହାର କରିଥାଏ । ଅବଶ୍ୟ ଏହା ହେଉଛି ପାରମ୍ପରିକ ପବନ ଟର୍ବାଇନ୍‌ର ବିପରୀତ । ଏହା କୃତ୍ରିମ ଗଛକୁ ଉପଯୋଗ କରିଥାଏ । ଯେଉଁଠି ପତ୍ର ବିଜୁଳି ଉତ୍ପନ୍ନ କରିବା ପାଇଁ ଟର୍ବାଇନ୍ ଭାବେ କାର୍ଯ୍ୟ କରେ ।

ଏହି ଛାତ୍ର ଦଳ ପ୍ରୋଟୋଟାଇପ୍ ମଡେଲ୍‌କୁ ବିକଶିତ କରିବା ପାଇଁ ୧୫ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି । ସେହିପରି ସର୍ବସାଧାରଣ ସ୍ଥାନରେ ବିଜୁଳି ଉତ୍ପନ୍ନ କରିବା ପାଇଁ ଏରୋ-ଲିଫ୍ ୱାଇଣ୍ଡ ଟର୍ବାନକୁ ବିକଶିତ କରିଥିବା ସେମାନେ କହିଛନ୍ତି ।

ଟର୍ବାଇନକୁ ଆର୍ଟିଫିସିଆଲ ଗଛ ଭଳି ଡିଜାଇନ କରାଯାଇଛି । ଏଭଳି କରିବା ପଛର ଏକ ଉଦ୍ଦେଶ୍ୟ ହେଉଛି, ଆର୍ଟିଫିସିଆଲ ଏରୋ ପତ୍ର ମାଇକ୍ରୋ ଟର୍ବାଇନ ଭାବେ କାର୍ଯ୍ୟ କରିଥାଏ । ସେହିପରି ପ୍ରତ୍ୟେକ ପତ୍ର ଏକ ମିନି ପବନ ଟର୍ବାଇନ ଭାବେ କାର୍ଯ୍ୟ କରେ । ଅନ୍ୟପଟେ ଦିନକୁ ଦିନ ବିଦ୍ୟୁତ୍ ଶକ୍ତିର ବହୁଳ ବ୍ୟବହାର କରାଯାଉଥିବାରୁ ଏଭଳି ଏକ ପରିକଳ୍ପନା ସେମାନେ କରିଥିବା କହିଛନ୍ତି ।



# ଚୁପ୍ ରହିବେ କେଉଁଠି

ଜୀବନରେ ଅନେକ ପରିସ୍ଥିତି ଏଭଳି ଥାଏ, ଯେଉଁଠି ଚୁପ୍ ରହିବା ଶ୍ରେୟସ୍କର । କିନ୍ତୁ ଆଜିର ଯୁବପିଢ଼ି କେଉଁଠି ଚୁପ୍ ରହିବେ ଏବଂ କେଉଁ ସ୍ଥାନରେ ନିଜ ମତ ରଖିବେ, ସେନେଇ ଦ୍ୱନ୍ଦ୍ୱରେ ରହୁଛନ୍ତି । ଅବଶ୍ୟ କେତେବେଳେ ଚୁପ୍ ରହିବା, ଦରକାର ତା'ର ନିଷ୍ପତ୍ତି ନେବା ସହଜ ହୋଇ ନ ଥାଏ । ବେଳେବେଳେ ମଣିଷଙ୍କୁ ଜଣଙ୍କ କଥା ଏତେ ବେଶି ଖରାପ ଲାଗିଥାଏ ଯେ, ସେ କାନ୍ଦିଥାଏ । ଏଭଳି ସ୍ଥିତିରେ ସେହି ଲୋକ କିଛି ନ କହି ଚୁପ୍ ରହିବା ଠିକ୍ । ସେହିପରି ଯେତେବେଳେ କୌଣସି ଅନ୍ତରଙ୍ଗ ବ୍ୟକ୍ତି କ୍ରୋଧ ପ୍ରକଟ କରନ୍ତି କିମ୍ବା ତା' ମନ କଥା କହନ୍ତି, ଏଥିରୁ ଅନୁମାନ କରାଯାଏ ଯେ, ତା'କୁ ବୁଝାଇବା ସମ୍ଭବପର । ତେବେ ମନୋବିଜ୍ଞାନ ଅନୁସାରେ, ଏଭଳି ସ୍ଥିତିରେ ଚୁପ୍ ରହି ସାମ୍ନାବାଲାଙ୍କ କଥା ଶୁଣିବା ଉପଯୁକ୍ତ ।

ଅନ୍ୟପଟେ ମୂଲଚାଲ କରିବା ସମୟରେ ମଝିରେ ଚୁପ୍ ରହିବା ଭଲ । ଯଦି ଜଣେ ଠିକ୍ ଦାମ୍ ପାଇଁ ଯୁକ୍ତି କରୁଥାନ୍ତି, ତେବେ ଠିକ୍ । କିନ୍ତୁ ଏହା ଫଳବତୀ ନ ହେବ, ଜାଣି ଯୁକ୍ତି କରିବା,ବୋକାମିର ପରିଚୟ । ଏଣୁ ଏଭଳି କଥାବାର୍ତ୍ତା ମଝିରେ ଚୁପ୍ ରହିବା ଭଲ । ସେହିପରି କେହି ଦୁଃଖରେ ଥିଲେ, ତାଙ୍କ ପାଖରେ ଚୁପ୍ ରହିବା ଦରକାର । ଏଭଳି ପରିସ୍ଥିତିରେ କିଛି କହି ଦେଲେ ସମ୍ପୃକ୍ତ ଲୋକଙ୍କୁ ଖରାପ ନଚେତ୍ କିଛି କଥା ଏଭଳି ଥାଏ, ଯାହାକୁ ସେହି ସମୟରେ ଅଜାଣତରେ କଷ୍ଟ ପହଞ୍ଚାଏ । ସେଥିପାଇଁ ଦୁଃଖଦ ସ୍ଥିତିରେ ନିରବତା ଅବଲମ୍ବନ କରିବାକୁ କୁହାଯାଏ । ଶେଷରେ ଯୁକ୍ତିତର୍କ ସମୟରେ ନିଜ ପକ୍ଷରେ ପ୍ରମାଣ ନ ଥିଲେ, ଏଭଳି ସ୍ଥିତିରେ ଅଯଥା ଯୁକ୍ତି ନ କରି ଚୁପ୍ ରହିବା ଉଚିତ ।





ଆଫଗାନ ସମର୍ଥକ ଜଲାଲାବାଦ୍‌ରେ ଖେଳ ଦେଖୁଛନ୍ତି



ବିଜୟ ପରେ ସମର୍ଥକଙ୍କ ଆନନ୍ଦ ଉତ୍ସବ

### ପ୍ରଥମଥର ଖେଳିବ ବିଶ୍ୱକପ୍ ସେମିଫାଇନାଲ

# ଇତିହାସ ରଚିଲା ଆଫଗାନିସ୍ତାନ

**ସେଣ୍ଟ ଭିନ୍‌ସେଣ୍ଟ, ୨୫।୬(ଏଜେନ୍ସି):** ବିଶ୍ୱକ୍ରିକେଟରେ ଇତିହାସ ରଚିଛି ଆଫଗାନିସ୍ତାନ। ଏଠାରେ ମଙ୍ଗଳବାର ଖେଳାଯାଇଥିବା ସୁପର-୮' ଗ୍ରୁପ୍-୧'ର ଶେଷ ମ୍ୟାଚ୍‌ରେ ବାଂଲାଦେଶକୁ ୮ ରନ୍‌ରେ ପରାସ୍ତ କରି ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ଏହି ବିଜୟ ପରେ ଗ୍ରୁପ୍-୧'ରେ ଦକ୍ଷିଣ ଆଫ୍ରିକା ପ୍ରଥମ ଓ ଆଫଗାନିସ୍ତାନ ଦ୍ୱିତୀୟ ସ୍ଥାନ ଅଧିକାର କରି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ପୂର୍ବ ଚାମ୍ପିଅନ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନ ଅଧିକାର କରି ସେମିଫାଇନାଲକୁ ବାଦ୍ ପଡ଼ିବା ସହ ବିଶ୍ୱକପ୍‌ରୁ ବିଦାୟ ନେଇଛି। ଗତକାଲି ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆକୁ ୨୧ ରନ୍‌ରେ ପରାସ୍ତ କରି ଭାରତ ବିଦାୟର ରାସ୍ତା ଦେଖାଇଦେଇଥିଲା। ପୂର୍ବରୁ ଗ୍ରୁପ୍-୨'ରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହା ଫଳରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି।



**ସେମିରେ ଦ.ଆଫ୍ରିକା ସହ ମୁକାବିଲା**
**ରହମାନୁଲ୍ଲା ଗୁରବାଜ୍‌ଙ୍କ ଲଢୁଆ ବ୍ୟାଟିଂ**
**ନବୀନ ଓ ରଶିଦ୍‌ଙ୍କୁ ୪ଟି ଲେଖାଏଁ ୱିକେଟ**

ଗୁରୁବାର ଦୁଇଟିଯାକ ସେମିଫାଇନାଲ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ଆଫଗାନିସ୍ତାନର ଭାରତୀୟ ସମୟ ସକାଳ ୬ଟାରେ ତ୍ରିନିଦାଦ୍‌ର ତରୌବାରେ ଖେଳାଯିବ। ସେହିପରି ଏହି ଦିନ ରାତି ୮ଟାରେ ଦ୍ୱିତୀୟ ସେମିଫାଇନାଲ ଭାରତ ଓ ଇଂଲଣ୍ଡ ମଧ୍ୟରେ ରାତି ୮ଟାରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତାଦ୍ୱୟଙ୍କ ମଧ୍ୟରେ ଫାଇନାଲ ମୁକାବିଲା ବାର୍ବାଡୋସ୍‌ର ବ୍ରିଜଟାଉନ୍‌ରେ ଥିବା କେନସିଙ୍ଗଟନ ଓଭାଲ ଷ୍ଟାଡିୟମ୍‌ରେ ଶନିବାର ରାତି ୮ଟାରେ ଅନୁଷ୍ଠିତ ହେବ।

### ଐତିହାସିକ ପ୍ରଦର୍ଶନ

ଭାରତ ନିକଟରୁ ଅଷ୍ଟ୍ରେଲିଆ ହାରିଯିବା ପରେ ଆଫଗାନିସ୍ତାନକୁ ସେମିଫାଇନାଲରେ ପ୍ରବେଶ କରିବା ସୁଯୋଗ ସୃଷ୍ଟି ହୋଇଥିଲା। ଏଥିଲାଗି ଆଫଗାନିସ୍ତାନକୁ ଆଜି ସକାଳେ ଖେଳାଯିବାକୁ ଥିବା ଶେଷ ଲିଗ୍ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇବା ଆବଶ୍ୟକ ଥିଲା। ବାଂଲାଦେଶକୁ ହରାଇ ଆଫଗାନିସ୍ତାନ ଚଳିତ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଥିଲା। ଯେ କୌଣସି ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିବାରେ ଆଫଗାନିସ୍ତାନର ଏହା ପ୍ରଥମ। ଏଣୁ ଏହି ସଫଳତାକୁ ନେଇ ଦେଶରେ ଆନନ୍ଦ ଉତ୍ସବ ଲାଗି ରହିଛି।

### ବୋଲରଙ୍କ କବ୍‌ଜାରେ ବିଶ୍ୱକପ୍

ଚଳିତ ବିଶ୍ୱକପ୍‌ରେ ବୋଲରଙ୍କ ଦବ୍‌ଦବା ରହିଛି। ଏହି ମ୍ୟାଚ୍‌ରେ ମଧ୍ୟ ତାହା ଦେଖିବାକୁ ମିଳିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପ୍ରଥମ ୱିକେଟ ଭାଗୀଦାରିରୁ ୫୯ ରନ୍ ଉଠାଇଥିଲେ ମଧ୍ୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୧୫ ରନ୍ କରିଥିଲା। ରହମନୁଲ୍ଲା ଗୁରବାଜ୍ ସର୍ବାଧିକ ୪୩ ଓ ଶେଷରେ ବ୍ୟାଟିଂ କରିଥିବା ରଶିଦ୍ ଖାନ୍ ୧୦ ବଲ୍‌ରେ ୩ ଛକା ସହ ଅପରାଜିତ ୧୯ ରନ୍ କରିଥିଲେ। ଏହା ବାଂଲାଦେଶ ପକ୍ଷରୁ ଫାଷ୍ଟ ବୋଲର ତସ୍କିନ ଅହମ୍ମଦ୍ ଓ ମୁସ୍ତାଫିଜୁର ରହମନ ୪ ଓଭରରେ ଯଥାକ୍ରମେ ୧୨ ଓ ୧୭ ରନ୍ ଦେଇ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। କିନ୍ତୁ ନବାଗତ ରିଷାଦ ହୋସେନ ୨୬ ରନ୍‌ରେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ବାଂଲାଦେଶକୁ ମ୍ୟାଚ୍ ଜିତିବା ଲାଗି ୧୧୬ ରନର ଲକ୍ଷ୍ୟ ରହିଥିଲା। ଦଳ ଯଦି ଏହି ଲକ୍ଷ୍ୟକୁ ୧୨.୧ ଓଭରରେ ହାସଲ କରିନେଇଥାନ୍ତା, ତେବେ ଦଳ ମଧ୍ୟ ସେମିଫାଇନାଲରେ ପହଞ୍ଚିପାରିଥାନ୍ତା। ୧୨.୧ ଓଭରରେ ଲକ୍ଷ୍ୟ ହାସଲ କରିବାକୁ ଯାଇ ବାଂଲାଦେଶ ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ହରାଇଥିଲା। ୧୧ ଓଭର ଖେଳ ଶେଷ ବେଳକୁ ଦଳ ୭ଟି ୱିକେଟ ହରାଇସାରିଥିବାରୁ ଲକ୍ଷ୍ୟ ଆଉ ସମ୍ଭବ ହୋଇ ନ ଥିଲା। ଏହା ମଧ୍ୟରେ ବର୍ଷା ଯୋଗୁଁ ଦୁଇଥର ଖେଳ ବନ୍ଦ ରହିଥିଲା ଓ ୧୯ ଓଭରରରେ ୧୧୪ ରନ୍‌ର ବିଜୟ ଲକ୍ଷ୍ୟ ରଖାଯାଇଥିଲା। ଦଳ ୧୭.୫ ଓଭରରେ ୧୦୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ବାଂଲାଦେଶ ପକ୍ଷରୁ ଲିଟନ ଦାସ ଏକାକୀ ତିଷ୍ଠି ରହିବା ସହ ୫୪ ରନ୍‌ରେ ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଆଫଗାନ ପକ୍ଷରୁ ପେସ ବୋଲର ନବୀନ ଉଲ ହକ୍ ଓ ଲେଗ୍ ସ୍ପିନର ରଶିଦ୍ ଖାନ୍ ୪ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରି ଦଳକୁ ଜିତାଇବା ସହ ପ୍ରଥମଥର ଯେ କୌଣସି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରାଇବାରେ ସମର୍ଥ ହୋଇଥିଲେ।

## ବିଦା ହେଲା ଅଷ୍ଟ୍ରେଲିଆ, ଅବସର ନେଲେ ୱାର୍ଣ୍ଣର



**ସେଣ୍ଟ ଭିନ୍‌ସେଣ୍ଟ, ୨୫।୬(ଏଜେନ୍ସି):** ବାଂଲାଦେଶକୁ ହରାଇବା ପରେ ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକା ସୁପର-୮ ଗ୍ରୁପ୍-୨'ରୁ ଚଳିତ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରି ଅଷ୍ଟ୍ରେଲିଆ ଚଳିତ ବିଶ୍ୱକପ୍‌ରୁ ବିଦାୟ ନେଇଛି। ଟି-୨୦ ବିଶ୍ୱକପ୍‌ରେ ୨୦୨୧ରେ ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆର ରେକର୍ଡ ଭଲ ନୁହେଁ। ୯ମ ସଂସ୍କରଣରୁ ଦଳ ଥରେ ଟାଇଟଲ ଜିତିଥିବା ବେଳେ ଚଳିତଥରକୁ ମିଶାଇ ୫ମଥର ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନାହିଁ। ୨୦୦୯ରେ ପ୍ରଥମ ରାଉଣ୍ଡରୁ ବିଦା ହୋଇଥିବା ଅଷ୍ଟ୍ରେଲିଆ ୪ଥର ସେମିଫାଇନାଲ ଓ ଏହା ମଧ୍ୟରୁ ଦୁଇଥର ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ବିଦାୟ ସହ ଏହାର ଅନ୍ୟତମ ୩ ଫର୍ମାଟ ଓପନର ଡେଭିଡ୍ ୱାର୍ଣ୍ଣରଙ୍କ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟର ଶେଷ ହୋଇଯାଇଛି। ୧୫ ବର୍ଷଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳିଆସୁଥିବା ୱାର୍ଣ୍ଣରଙ୍କର କିନ୍ତୁ ଦୁଃଖଦ ବିଦାୟ ହୋଇଛି। ୨୦୦୯ରେ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ କରିଥିବା ଏହି ୩୭ ବର୍ଷୀୟ ବାମହାତୀ ଓପନର ଟି-୨୦ରେ ୧୧୦ଟି ମ୍ୟାଚ୍ ଖେଳି ୩,୨୭୭ ରନ୍ କରିଥିଲେ। ଟେଷ୍ଟ କ୍ରିକେଟରେ ୧୧୨ଟି ମ୍ୟାଚ୍ ଖେଳି ୪୪.୬୦ ହାରରେ ୮,୭୮୬ ରନ୍ କରିଥିଲାବେଳେ ଗତ ଜାନୁଆରୀ ମାସରେ ଏହି ଫର୍ମାଟରୁ ଅବସର ନେଇଥିଲେ। ଦିନିକିଆ କ୍ରିକେଟରେ ମଧ୍ୟ ୱାର୍ଣ୍ଣର ଜଣେ ସଫଳ ଖେଳାଳି। ନିକଟରେ ସେ ବିଶ୍ୱଚାମ୍ପିଅନ ଅଷ୍ଟ୍ରେଲିଆ ଦଳର ସଦସ୍ୟ ହୋଇଥିଲାବେଳେ ୧୬୧ଟି ମ୍ୟାଚ୍‌ରୁ ୬,୯୩୨ ରନ୍ କରିଥିଲେ। ସେ ମଧ୍ୟ ଜଣେ ଶ୍ରେଷ୍ଠ ସ୍ଲିପ୍ ଫିଲ୍ଡର ଭାବେ ନିଜକୁ ପ୍ରତିଷ୍ଠା କରିଥିଲେ।

କ୍ରିକେଟରେ ଅନେକ ସଫଳତା ଓ ରେକର୍ଡର ଅଧିକାରୀ ୱାର୍ଣ୍ଣର ବିବାଦରୁ ମୁକୁଳିପାରି ନାହାନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ସ୍ୟାଣ୍ଡପେପର ସ୍କାଣ୍ଡାଲ ୱାର୍ଣ୍ଣର ଓ ଅଷ୍ଟ୍ରେଲିଆକୁ ସବୁଦିନେ ନିନ୍ଦିତ କରିବ। ଏହି ସ୍କାଣ୍ଡାଲରେ କେବଳ ମୋତେ ଜଡ଼ିତ କରାଇଥିବାରୁ ମୁଁ ମର୍ମାହତ ବୋଲି ୱାର୍ଣ୍ଣର ବାରମ୍ବାର କହିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିବା ପରେ ୱାର୍ଣ୍ଣର ଏବେ ବିଭିନ୍ନ ଦେଶରେ ଚାଲୁଥିବା ଫ୍ରାଞ୍ଚାଇଜ୍‌ଭିତ୍ତିକ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ।

### ସେମିଫାଇନାଲ ଖେଳସୂଚୀ

- ୨୭।୬ । ଦ.ଆଫ୍ରିକା-ଆଫଗାନିସ୍ତାନ । ତ୍ରିନିଦାଦ । ସକାଳ ୬ଟା
- ୨୭।୬ । ଭାରତ-ଇଂଲଣ୍ଡ । ଗୁଏନା । ରାତି ୮ଟା
- ୨୯।୬ । ଫାଇନାଲ (ସେମିର ବିଜେତା) । ବାର୍ବାଡୋସ୍ । ରାତି ୭ଟା ୩୦

ପ୍ରସାରଣ -: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ହଟଷ୍ଟାର

## ଡିଏଲ୍‌ଏସ୍‌ର ସହ ଆବିଷ୍କାରକ ଫ୍ରାଙ୍କ୍ ଡକ୍‌ୱର୍ଥଙ୍କ ପରଲୋକ

**ଲଣ୍ଡନ,୨୫।୬(ଏଜେନ୍ସି):** ଇଂଲଣ୍ଡର ଜଣାଶୁଣା ଷ୍ଟାଟିସିଆନ ତଥା ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ରେ ବ୍ୟବହୃତ ହେଉଥିବା ଡକୱର୍ଥ-ଲୁଇସ୍-ଷ୍ଟର୍ଣ୍ଣ (ଡିଏଲ୍‌ଏସ୍) ନିୟମର ସହ ଆବିଷ୍କାରକ ଫ୍ରାଙ୍କ ଡକ୍‌ୱର୍ଥ ୮୪ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ଅନ୍ୟତମ ଷ୍ଟାଟିସିଆନ ଟୋନି ଲୁଇସ୍‌ଙ୍କ ସହ ସେ ଡକୱର୍ଥ ଲୁଇସ୍ ମେଥଡ ବା ନିୟମର ଆବିଷ୍କାର କରିଥିଲେ। ବର୍ଷା ପ୍ରଭାବିତ ମ୍ୟାଚ୍‌ରେ ଫଳାଫଳ ପାଇବାକୁ ଏହି ନିୟମକୁ ବ୍ୟବହାର କରାଯାଇଥାଏ। ଏହି ନିୟମ ୧୯୯୭ରେ ପ୍ରଥମଥର ପାଇଁ ବ୍ୟବହୃତ ହୋଇଥିଲା। ତେବେ ୨୦୦୧ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଔପଚାରିକ ଭାବେ କାଣ୍ଟଛାଣ୍ଟ ହୋଇଥିବା ମ୍ୟାଚ୍ ଅର୍ଥାତ ଯେଉଁ ମ୍ୟାଚ୍‌ର ଓଭର ସଂଖ୍ୟା ବିଭିନ୍ନ କାରଣରୁ କମାଇ ଦିଆଯାଇଥାଏ ସେହି ମ୍ୟାଚ୍‌ରେ ବ୍ୟବହାର କରିଥିଲା। ଟୋନି ଲୁଇସ୍ ମଧ୍ୟ ୨୦୦୦ରେ ୭୮ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ଡକ୍‌ୱର୍ଥ ଓ ଲୁଇସ୍ ଅବସର ନେବା ପରେ ଅଷ୍ଟ୍ରେଲୀୟ ଷ୍ଟାଟିସିଆନ ଷ୍ଟିଭେନ ଷ୍ଟର୍ଣ୍ଣ ଏହି ନିୟମରେ କିଛିଟା ସଂଶୋଧନ କରିଥିଲେ ଓ ୨୦୧୫ଠାରୁ ଏହାକୁ ଡକୱର୍ଥ- ଲୁଇସ- ଷ୍ଟର୍ଣ୍ଣ (ଡିଏଲ୍‌ଏସ୍) ନିୟମ ଭାବେ ବ୍ୟବହୃତ ହେଉଛି। ଏହି ନିୟମ ବେଶ୍ ଜଟିଳ ବୋଲି କ୍ରିକେଟ ପ୍ରଶଂସକ ବିବେଚନା କରନ୍ତି। ୨୦୧୦ରେ ଡକୱର୍ଥ ଓ ଲୁଇସ୍‌ଙ୍କୁ ଏମ୍‌ବିଇଏସ୍ (ମେମ୍ବର ଅଫ୍ ଦି ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟର)ରେ ସମ୍ମାନିତ କରାଯାଇଥିଲା।



● ଆଇସିସି ମହିଳା ଦିନିକିଆ ମାନ୍ୟତା

## ଶ୍ରେଷ୍ଠ-୧୦ରେ ମନ୍ଧାନା, ହରମନପ୍ରୀତ

**ନୂଆଦିଲ୍ଲୀ,୨୫।୬(ଏଜେନ୍ସି):** ମଙ୍ଗଳବାର ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଦିନିକିଆ ମାନ୍ୟତାରେ ଭାରତୀୟ ଉପ- ଅଧିନାୟିକା ହରମନପ୍ରୀତ ସ୍ମୃତି ମନ୍ଧାନା ଓ ଅଧିନାୟିକା ହରମନପ୍ରୀତ କୌର ଶ୍ରେଷ୍ଠ-୧୦ରେ ସ୍ଥାନ ପାଇଛନ୍ତି। ମନ୍ଧାନା ଚତୁର୍ଥ ସ୍ଥାନ ବଜାୟ ରଖିଥିବା ବେଳେ ହରମନପ୍ରୀତ ଦୁଇଟି ସ୍ଥାନ ଉପରକୁ ଉଠି ୯ମ ସ୍ଥାନ ଅଧିକାର କରିଛନ୍ତି। ମନ୍ଧାନା ୮୩୮ ଓ ହରମନପ୍ରୀତ ୬୪୮ ପଏଣ୍ଟ ହାସଲ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ମନ୍ଧାନା ୩୪୩ ରନ ସଂଗ୍ରହ କରି ବ୍ୟାଟିଂ ତାଲିକାରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ଏହି ସିରିଜରେ ଭାରତଠାରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୦-୩ରେ ପରାସ୍ତ ହୋଇ ହ୍ୱାଇଟ୍‌ୱାସର ସମ୍ମୁଖୀନ ହୋଇଥିଲା। ଦକ୍ଷିଣ ଆଫ୍ରିକା ଅଧିନାୟିକା ଲାଉରା ଉଲଭାର୍ଡ଼ଟ ୩ଟି ପାହାଚ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବୋଲିଂ ତାଲିକାରେ ଭାରତର ଦୀପ୍ତି ଶର୍ମା ୬୭୧ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ସ୍ଥିର ରହିଛନ୍ତି।

### ଦ୍ୱିତୀୟ ସେମିଫାଇନାଲରେ ୮୮% ବର୍ଷା ଆଶଙ୍କା

## ମ୍ୟାଚ୍ ବାତିଲ ହେଲେ ଭାରତ ଖେଳିବ ଫାଇନାଲ

**ନୂଆଦିଲ୍ଲୀ, ୨୫।୬(ଏଜେନ୍ସି):** ୱେଷ୍ଟଇଣ୍ଡିଜ୍‌ରେ ଚାଲିଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ଟି ଗୁଏନାର ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଜୁନ୍ ୨୭ ତାରିଖ ଗୁରୁବାର ଭାରତୀୟ ସମୟ ଅନୁଯାୟୀ ରାତି ୮ଟା ଓ ସ୍ଥାନୀୟ ସମୟଅନୁସାରେ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। କିନ୍ତୁ ଆକ୍ୱୱେଦର.କମ୍‌ର ପୂର୍ବାନୁମାନଅନୁଯାୟୀ ଗୁରୁବାର ବା ମ୍ୟାଚ୍ ଦିନ ସକାଳେ ବର୍ଷା ହେବାର ସମ୍ଭାବନା ୮୮ ଶତକଡ଼ା ଓ ଘୂର୍ଣ୍ଣିବାତ୍ୟା ହେବାର ୧୮ ଶତକଡ଼ା ଆଶଙ୍କା ରହିଛି। ଏହା ଯଦି ସତ୍ୟ ହୁଏ ତେବେ ମ୍ୟାଚ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିଛି। ଏହି ମ୍ୟାଚ୍ ବାଧାପ୍ରାପ୍ତ ହେଲେ ପ୍ରଥମ ସେମିଫାଇନାଲ ପରି ଏହାର ରିଜର୍ଭ ଦିବସ ନାହିଁ। କିନ୍ତୁ ଖେଳ ବାଧାପ୍ରାପ୍ତ ହେଲେ ଏହି ମ୍ୟାଚ୍‌କୁ ଅଧିକ ୨୫୦ ମିନିଟ୍‌ଯାଏ ଖେଳ ଆୟୋଜନ କରାଯାଇପାରିବ। ଏହି ଅତିରିକ୍ତ ୨୫୦ ମିନିଟ୍ ମଧ୍ୟରେ ଯଦି ଗୋଟିଏ ବଲ ବୋଲିଂ ହେବା ପୂର୍ବରୁ ଖେଳକୁ ବାତିଲ କରିଦିଆଯାଏ ତେବେ ନିୟମ ଅନୁଯାୟୀ ଭାରତକୁ ବିଜୟୀ ଘୋଷିତ କରାଯିବ। ଚଳିତ ବିଶ୍ୱକପ୍‌ରେ ବାତିଲ ମ୍ୟାଚ୍ ଲାଗି ରହିଥିବା ନିୟମ ଅନୁଯାୟୀ ଅଧିକ ମ୍ୟାଚ୍ ଜିତିଥିବା ଦଳ ବିଜୟୀ ହେବ। ଏହାର ଅର୍ଥ ସୁପର-୮' ପର୍ଯ୍ୟାୟରେ ଇଂଲଣ୍ଡ ୨ଟିରେ ଓ ଭାରତ ଗୋଟିଏ ଅଧିକ ବା ୩ଟି ମ୍ୟାଚ୍ ଜିତିଥିବାରୁ ସେମିଫାଇନାଲ ମୁକାବିଲାରେ ବିଜୟୀ ଘୋଷିତ କରାଯିବ। ଏହା ଯଦି ହୁଏ ତେବେ ଭାରତ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।

### ୟୁରୋକପ୍ ଫୁଟବଲ୍

# ପ୍ରି-କ୍ୱାର୍ଟରରେ ସ୍ପେନ୍, ଇଟାଲୀ

**ଡୁସେଲଡୋର୍ଫ,୨୫।୬(ଏଜେନ୍ସି):** ଜର୍ମାନୀରେ ଚାଲିଥିବା ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗ୍ରୁପ୍ ବି'ରେ ପୂର୍ବତନ ଚାମ୍ପିଅନ ସ୍ପେନ୍ ଓ ଇଟାଲୀ ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ପେନ୍ ଏହି ଗ୍ରୁପ୍‌ରେ ୩ଟି ମ୍ୟାଚ୍ ଖେଳି ୩ଟି ବିଜୟ ସହ ୯ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ନକ୍‌ଆଉଟ ପର୍ଯ୍ୟାୟକୁ ଉଠିଛି। ସେହିପରି ଇଟାଲୀ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ପ୍ରି- କ୍ୱାର୍ଟରକୁ ଉଠିଛି। ପ୍ରି-କ୍ୱାର୍ଟରରେ ଇଟାଲୀ ଗ୍ରୁପ୍ ଏ'ର ଦ୍ୱିତୀୟ ସ୍ଥାନରେ ରହିଥିବା ସ୍ୱିଜରଲାଣ୍ଡକୁ ଭେଟିବ। ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମୁକାବିଲାରେ ସ୍ପେନ୍ ୧-୦ ଗୋଲରେ ଆଲବାନିଆକୁ ପରାସ୍ତ କରି କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ସ୍ପେନ୍ ତରଫରୁ ତ୍ରୟୋଦଶ ମିନିଟ୍‌ରେ ଫେରାନ ଟୋରେସ୍ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ସ୍ପେନ୍ ମଧ୍ୟ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲା।

ଗ୍ରୁପ୍ ବି'ର ଅନ୍ୟଏକ ମ୍ୟାଚ୍‌ରେ କ୍ରୋଏସିଆ ଓ ଇଟାଲୀ ପରସ୍ପରକୁ ଭେଟିଥିଲେ। ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ୫୫ତମ ମିନିଟ୍‌ରେ ଲୁକା ମୋଡ୍ରିକ୍ ଗୋଲ ଦେଇ କ୍ରୋଏସିଆକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ମ୍ୟାଚ୍‌ର ଅନ୍ତିମ ମୂହୁର୍ତ୍ତରେ ଅର୍ଥାତ୍ ଇଞ୍ଜୁରି ଟାଇମ୍‌ର ୮ମ ମିନିଟ୍‌ରେ ଇଟାଲୀର ମାଟିଆ ଜାକାଗ୍ନୀ ଗୋଲ ସ୍କୋର କରି ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ଫଳରେ ଉଭୟ ଗୋଟିଏ ଲେଖାଏ ପଏଣ୍ଟ ବାଣ୍ଟ କରିଥିଲେ। ମୋଡ୍ରିକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଇଟାଲୀ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ନକ୍ ଆଉଟକୁ ଉଠିଥିବା ବେଳେ ଅଲବାନିଆ ୨ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଇଟାଲୀ ଏହା ପୂର୍ବରୁ ତା'ର ପ୍ରଥମ ମ୍ୟାଚ୍‌ରେ ଆଲବାନିଆକୁ ୨-୧ ଗୋଲରେ ପରାସ୍ତ କରିଥିବା ବେଳେ ସ୍ପେନ୍‌ଠାରୁ ୦-୧ ଗୋଲରେ ପରାସ୍ତ ହୋଇଥିଲା।

### ଫ୍ରାନ୍ସ, ଅଷ୍ଟ୍ରିଆ ପରବର୍ତ୍ତୀ ରାଉଣ୍ଡରେ

ଗ୍ରୁପ୍ ଡି'ରେ ଅଷ୍ଟ୍ରିଆ ଓ ଫ୍ରାନ୍ସ ଯଥାକ୍ରମେ ୬ ଓ ୫ ପଏଣ୍ଟ ହାସଲ କରି ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଫ୍ରାନ୍ସ ଓ ପୋଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଫ୍ରାନ୍ସ ତରଫରୁ କିଲିଆନ ଏମ୍‌ବାପ୍ପେ ୫୬ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେଇଥିଲେ। ତେବେ ପୋଲାଣ୍ଡର ରବର୍ଟ ଲେୱାଣ୍ଡୋସ୍କି ୭୯ତମ ମିନିଟ ପେନାଲ୍ଟି ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ ଓ ଶେଷରେ ଏହି ମ୍ୟାଚ୍ ଅମୀମାଂସିତ ରହିଥିଲା।

ଗ୍ରୁପ୍ ଡି'ରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଅଷ୍ଟ୍ରିଆ ୩-୨ ଗୋଲରେ ନେଦରଲାଣ୍ଡସକୁ ପରାସ୍ତ କରି ପ୍ରି-କ୍ୱାର୍ଟରକୁ ଉଠିଛି। ନେଦରଲାଣ୍ଡସର ଡୋନୟେଲ ମାଲେନ୍ ଷଷ୍ଠ ମିନିଟ୍ ଆତ୍ମଘାତୀ ଗୋଲ ସ୍କୋର କରି ଅଷ୍ଟ୍ରିଆକୁ ଅଗ୍ରଣୀ କରାଇଥିଲେ। ଏହାପରେ ରେମାନୋ ସମିଦ ୫୯ତମ ଓ ମାର୍ସେଲ ସାବିଜେର ୮୦ତମ ମିନିଟ୍‌ରେ ଅଷ୍ଟ୍ରିଆ ପାଇଁ ଗୋଲ ଦେଇଥିଲେ। ଅନ୍ୟପଟେ ନେଦରଲାଣ୍ଡସ ପାଇଁ କୋଡି ଗାକ୍‌ପୋ ୪୭ ଓ ମେମ୍‌ଫିସ ଡେପେ ୭୫ତମ ମିନିଟ୍ ଗୋଲ ସ୍କୋର କରିଥିଲେ। ଏଥିସହ ସହ ନେଦରଲାଣ୍ଡସ ୪ ଓ ପୋଲାଣ୍ଡ ୧ ପଏଣ୍ଟ ସହ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

### ବୟସ୍କ ଗୋଲ ସ୍କୋରର

**ଲୁକା ମୋଡ୍ରିକ୍**

**ବର୍ଲିନ,୨୫।୬(ଏଜେନ୍ସି):** ଇଟାଲୀ ବିପକ୍ଷରେ ଅଭିଜ୍ଞ କ୍ରୋଏସିଆ ମିଡ୍‌ଫିଲ୍ଡର ଲୁକା ମୋଡ୍ରିକ୍ ଗୋଲ ସ୍କୋର କରି ଏକ ବିରଳ ଉପଲବ୍ଧୀ ହାସଲ କରିଛନ୍ତି। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ସେ ୟୁରୋକପ୍ ଇତିହାସରେ ବୟୋଜ୍ୟୋଷ୍ଠ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ୩୮ ବର୍ଷ ୨୮୯ ଦିନରେ ପଦାର୍ପଣ କରିଥିବା ଅଭିଜ୍ଞ ମିଡ୍‌ଫିଲ୍ଡର ମୋଡ୍ରିକ୍ କ୍ରୋଏସିଆ ତରଫରୁ ପ୍ରତିନିଧିତ୍ୱ କରି ୧୭୮ଟି ମ୍ୟାଚ୍ ଖେଳିବା ସହ ୨୬ଟି ଗୋଲ ସ୍କୋର କରିଛନ୍ତି। ମୋଡ୍ରିକ ଏହିକ୍ରମରେ ଅଷ୍ଟ୍ରିଆର ଇଭିକା ଭାଷ୍ଟିକ୍‌ଙ୍କୁ ପଛରେ ପକାଇଛନ୍ତି। ପୂର୍ବରୁ ଇଭିକା ଭାଷ୍ଟିକ୍ ୩୮ ବର୍ଷ ୨୫୭ ଦିନ ବୟସରେ ୨୦୦୮ ପୋଲାଣ୍ଡ ବିପକ୍ଷରେ ଗୋଲ ସ୍କୋର କରି ୟୁରୋକପ୍‌ର ସବୁଠାରୁ ବୟସ୍କ ଗୋଲ ସ୍କୋରର ବିବେଚିତ ହୋଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA